

ନେମାର ଯୁଗର ଅନ୍ତ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-36 •THURSDAY •30 JULY 2026 •PAGE-12 •₹ 7.00

BHUBANESWAR

•ବର୍ଷ-୪୪ •ସଂଖ୍ୟା-୩୬ •ଗୁରୁବାର •୩୦ ଜୁଲାଇ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# ଓଃ ! କି ବଢ଼ି

## ଗାଁରୁ ସହର ଜଳବନ୍ଦି; ଗଲାଣି ୭ ଜୀବନ



■ ଭୁବନେଶ୍ୱର, ୨୯।୭ (ସମିସ): ଉତ୍ତର ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଯୋଗୁଁ ୫ ଜିଲ୍ଲାର ୫ ଲକ୍ଷ ୨୬ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଏହାସହିତ ଏବେ ସୁଦ୍ଧା ବନ୍ୟାରେ ଜଣେ ଅଗ୍ନିଶମ ବାହିନୀ ଯବାନଙ୍କ ସହ ମୋଟ ୭ ଜଣ ଲୋକଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ କେନ୍ଦୁଝରରୁ ୫, ରେଙ୍ଗାଲିରୁ ୧, ମୟୂରଭଞ୍ଜରୁ ଜଣେ ରହିଛନ୍ତି।ଏହା ବ୍ୟତୀତ ଆଉ ୨ଜଣ ନିଖୋଜ ଅଛନ୍ତି।

କେନ୍ଦୁଝରରେ ବନ୍ୟା ଜଳରେ ଭାସିଯାଇ ମା-ଝିଅ ପ୍ରାଣ ହରାଇଥିବା ବେଳେ ଅନ୍ୟ ଏକ ଘଟଣାରେ କାଣ୍ଟପଡ଼ି ଜଣେ ବୃଦ୍ଧ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଜଣେ ଅଗ୍ନିଶମ ଯବାନ ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଉତ୍ତର ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଓ କେନ୍ଦୁଝର ଜିଲ୍ଲା ସବୁଠୁ ଅଧିକ ପ୍ରଭାବିତ ହୋଇଥିବା ବେଳେ ୧୫୯୧ ଗାଁ କ୍ଷତିଗ୍ରସ୍ତ ହୋଇଛି। ଏଥିମଧ୍ୟରୁ ୩ ଜିଲ୍ଲାରେ ୧୦୬୭ ଘର ଭାଙ୍ଗିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ୩୨୫୪ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। ଏହାବ୍ୟତୀତ ବାଲେଶ୍ୱର ଜିଲ୍ଲାରେ ୯ଟି ଗୃହପାଳିତ ପ୍ରାଣୀଙ୍କର ମଧ୍ୟ ଜୀବନ ଯାଇଛି। ବନ୍ୟାରେ ଭଦ୍ରକରେ ସର୍ବାଧିକ ୩ ଲକ୍ଷ ୩୯ ହଜାର ୭୭୦ ଲୋକ ଓ ବାଲେଶ୍ୱରରେ ୧ ଲକ୍ଷ ୪୫ ହଜାର ୮୬୬ ଲୋକ ପ୍ରଭାବିତ ହୋଇଛନ୍ତି।

ବନ୍ୟା ପ୍ରଭାବିତ ଲୋକଙ୍କ ମଧ୍ୟରୁ ୮୮ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ଏହାସହିତ ସରକାରଙ୍କ ପକ୍ଷରୁ ରନ୍ଧାଖାଦ୍ୟ ସାଙ୍ଗକୁ ଶୁଖିଲା ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଉଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର ବନ୍ୟା ସ୍ଥିତି ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିବା ବେଳେ ଏଥିରେ ବନ୍ୟା ପରିସ୍ଥିତି, ଉଦ୍ଧାର ଓ ରିଲିଫ କାର୍ଯ୍ୟ, ସ୍ୱାସ୍ଥ୍ୟ ସେବାର ପ୍ରସ୍ତୁତି, ନଦୀଗୁଡ଼ିକର ଜଳସ୍ତର, ପାଣିପାଗ ପୂର୍ବାନୁମାନ ଏବଂ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ସମୟୋପଯୋଗୀ ପଦକ୍ଷେପ ନେବା ପାଇଁ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା ହୋଇଛି। ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟ ଓ ପରିବାର ▶ପୃଷ୍ଠା-୭



### ୫ ଜିଲ୍ଲାର ୫ ଲକ୍ଷ ପ୍ରଭାବିତ, ଭାଙ୍ଗିଲା ୧୦୬୭ ଘର

### କେବଳ ଭଦ୍ରକରେ ସର୍ବାଧିକ ୩.୫ ଲକ୍ଷ ଲୋକ ପ୍ରଭାବିତ

### ୧୦ ଜିଲ୍ଲାରେ ଶିକ୍ଷାନୁଷ୍ଠାନ ଛୁଟି

## ବୈତରଣୀ ବନ୍ୟାରେ ଭଦ୍ରକ, ଯାଜପୁର ଉବୁଟୁବୁ

### ଆଖୁଆ ପଦାରେ ଏବେ ବି ବିପଦ ସଙ୍କେତ ଉପରେ ବୈତରଣୀ

### ମହାନଦୀରେ ଆସୁଛି ବଡ଼ ବନ୍ୟା; ଆଜି ସନ୍ଧ୍ୟାରେ ମୁଣ୍ଡଳୀରେ ପହଞ୍ଚିବ ୯ ଲକ୍ଷ କ୍ୟୁସେକ ପାଣି

■ ଭୁବନେଶ୍ୱର, ୨୯।୭ (ସମିସ): ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ଜଟିଳ ହେବାରେ ଲାଗିଛି। ବୈତରଣୀରେ ଆସିଥିବା ବଡ଼ ଧରଣର ବନ୍ୟା ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ବ୍ୟାପକ ଅଞ୍ଚଳକୁ ଜଳାର୍ଣ୍ଣବ କରିଥିବା ବେଳେ ବାଲେଶ୍ୱରେ ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖାର ପାଣି ଓ ଜଳକାର ବନ୍ୟା ସ୍ଥିତି ଲୋକଙ୍କ ପାଇଁ ଚିନ୍ତା ବଢ଼ାଇଛି। ଅନ୍ୟପଟେ ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ଏବେ ଗୁରୁତର ରହିଥିବା ବେଳେ ମହାନଦୀର ଉଚ୍ଛୁଳା ପାଣି ଓ ବନ୍ୟା ସ୍ଥିତି କଟକ, ପୁରୀ, କେନ୍ଦ୍ରାପଡ଼ା, ଆଦି ଜିଲ୍ଲା ପାଇଁ ଡର ଆଣିଛି। ମହାନଦୀରେ ଏକ ମଧ୍ୟମ ଧରଣର ବନ୍ୟା ଆସିବା ଏକ ପ୍ରକାର ସ୍ପଷ୍ଟ ହୋଇସାରିଥିବା ବେଳେ ଛତିଶଗଡ଼ରେ ଭୀଷଣ ବର୍ଷା ଲାଗି ରହିଥିବାରୁ ବନ୍ୟା ବିପ୍ରାତ କେତେ ରହିବ ତାକୁ ନେଇ ଏବେ ଆଶଙ୍କା ସୃଷ୍ଟି ହୋଇଛି। ବୁଧବାର ସନ୍ଧ୍ୟା ୮ ଟା ସୁଦ୍ଧା ବୈତରଣୀ ନଦୀ ଯଦିଓ ଆନ୍ଦପୁରଠାରେ ବିପଦ ସଙ୍କେତ ତଳକୁ ଖସିଛି, ହେଲେ ▶ପୃଷ୍ଠା-୭

## ପ୍ରତ୍ୟେକ ଜୀବନ ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ



### ସହାୟତା ତ୍ୱରାନ୍ୱିତ କରିବାକୁ ୩ ମନ୍ତ୍ରୀଙ୍କୁ ଦାୟିତ୍ୱ

■ ଭୁବନେଶ୍ୱର, ୨୯।୭ (ସମିସ): ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ଜୀବନ ଓ ସୁରକ୍ଷା ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଲଗାଣ ବର୍ଷା ଓ କେତେକ ନଦୀରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଉପରେ ସରକାର ନଜର ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ଏକ୍ସ ଯୋଗେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ବନ୍ୟା ପରିସ୍ଥିତି ଓ ଏହାର ମୁକାବିଲା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସହିତ ଆଲୋଚନା କରିଛି। ପ୍ରଭାବିତ ଅଞ୍ଚଳରେ ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ପାଇଁ ସମଗ୍ର ପ୍ରଶାସନକୁ ମୁଁ ନିର୍ଦ୍ଦେଶ ଦେଇଛି। ତେବେ ଏହି ସମୟରେ ଆଦୌ ବିଚଳିତ କିମ୍ବା ଭୟଭୀତ ନ ହେବାକୁ ମୁଖ୍ୟମନ୍ତ୍ରୀ ଲୋକମାନଙ୍କୁ ନିବେଦନ କରିଛନ୍ତି। ସରକାର ପ୍ରତିଟି ▶ପୃଷ୍ଠା-୭

## ସରକାରୀ ବସ୍ ଡ୍ରାଇଭର ଘରୁ ମିଳିଲା ୨୦ କୋଟି ଟଙ୍କା ଓ ୧୫ କିଲୋ ସୁନା

■ କୋଲକାତା, ୨୯।୭ (ଏଜେନ୍ସି): ପଶ୍ଚିମବଙ୍ଗ ପୁଲିସ ଏକ ବଡ଼ ଧରଣର ଚଢ଼ାଉ କରି ଜଣେ ପୂର୍ବତନ ସରକାରୀ ବସ୍ ଡ୍ରାଇଭରଙ୍କ ବାସଭବନରୁ କୋଟି କୋଟି ଟଙ୍କାର ନଗଦ ଅର୍ଥ ଏବଂ ବିପୁଳ ପରିମାଣର ସୁନା ଜବତ କରିଛି। ପୂର୍ବରୁ ସରକାରୀ ବସ୍ ଚାଳକ ଭାବେ କାର୍ଯ୍ୟ କରୁଥିବା ଏହି ବ୍ୟକ୍ତିଜଣକ ପରବର୍ତ୍ତୀ ସମୟରେ ପଥର ବ୍ୟବସାୟରେ ନିୟୋଜିତ ହୋଇଥିଲେ। ପୁଲିସର ସୂଚନା ଅନୁଯାୟୀ, ଗୁପ୍ତ ଖବର ଆଧାରରେ ଅଭିଯୁକ୍ତ ବ୍ୟବସାୟୀଙ୍କ ସମ୍ପତ୍ତି ଓ ବାସଭବନରେ ଚଢ଼ାଉ କରାଯାଇଥିଲା। ପ୍ରାଥମିକ ତଦନ୍ତ ସମୟରେ ବିଭିନ୍ନ ବ୍ୟାଗ୍ ମଧ୍ୟରେ ଭର୍ତ୍ତି ହୋଇ ରହିଥିବା ପ୍ରାୟ ୨୦ କୋଟିରୁ ଅଧିକ ଟଙ୍କାର ନଗଦ ଅର୍ଥ ଏବଂ ୧୫ କିଲୋଗ୍ରାମ ଓଜନର ସୁନା ଜବତ କରାଯାଇଛି। ଖବର ଲେଖାଯିବା ସୁଦ୍ଧା ଟଙ୍କା ଗଣତି ପ୍ରକ୍ରିୟା ଜାରି ରହିଥିଲା। ଜଣେ ସାଧାରଣ ସରକାରୀ ବସ୍ ଚାଳକ ଭାବେ କାର୍ଯ୍ୟାରମ୍ଭ କରିଥିବା ଏହି ବ୍ୟକ୍ତି କିପରି ଏତେ ଶୀଘ୍ର ପଥର ବ୍ୟବସାୟ ମାଧ୍ୟମରେ ବିପୁଳ ସମ୍ପତ୍ତିର ମାଲିକ ହେଲେ, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏହି ବିପୁଳ ପରିମାଣର ଅର୍ଥରାଶି ଓ ସୁନା ସେ କେଉଁଠାରୁ ▶ପୃଷ୍ଠା-୭



## ଛାତ୍ରଛାତ୍ରୀଙ୍କୁ ପୁଲିସ୍‌ର ଗୁଳି

# ଗୃହ ତତାଇଲେ ରାହୁଲ



### ଅମିତ ଶାହ ଦେଇଥିଲେ ଗୁଳି ନିର୍ଦ୍ଦେଶ: ରାହୁଲ

### ମିଛ କହୁଛନ୍ତି ରାହୁଲ, କ୍ଷମା ମାଗନ୍ତୁ: ସରକାର

■ ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ଗତ ୨୦ ତାରିଖରେ କକ୍ରୋଚ୍ ଜନତା ପାର୍ଟିର ସଂସଦ ଚଲୋ ଅଭିଯାନ ବେଳେ ଆନ୍ଦୋଳନକାରୀଙ୍କ ଉପରେ ଦିଲ୍ଲୀ ପୁଲିସର କାର୍ଯ୍ୟାନୁଷ୍ଠାନ ନେଇ ସଂସଦରେ ଉତ୍ତେଜନା ଥମିନାହିଁ। ଆନ୍ଦୋଳନକାରୀଙ୍କୁ ଗୁଳି କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ନିର୍ଦ୍ଦେଶ ଦେଇଥିଲେ ବୋଲି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ଅଭିଯୋଗକୁ କେନ୍ଦ୍ର କରି ଲୋକସଭାରେ ଆଜି ପ୍ରବଳ ହଙ୍ଗାମା ହୋଇଛି। ସରକାର ରାହୁଲଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏବଂ କୌଣସି ଗୁଳିମାଡ଼ ହୋଇନାହିଁ ବୋଲି କହିଛନ୍ତି। ବିନା ତଥ୍ୟ ପ୍ରମାଣରେ ରାହୁଲ ଏଭଳି ଅଭିଯୋଗ ଆଣିଥିବାରୁ ଏହାକୁ ନେଇ ଶାସକ ଦଳ ଭୀଷଣ ପାଟିତୁଣ୍ଡ କରିଥିଲେ। ଏଭଳି ମନ୍ତବ୍ୟ ପାଇଁ ରାହୁଲ ▶ପୃଷ୍ଠା-୭

## ହଙ୍ଗାମା ମଧ୍ୟରେ ଲୋକସଭାରେ ପାରିତ ହେଲା ପ୍ରଶ୍ନପତ୍ର ଲିକ୍ ସଂଶୋଧନ ବିଲ୍

### ରାଜ୍ୟସଭାରେ 'ବନ୍ଦେ ମାତରମ୍' ବିଲ୍ ପାସ୍

■ ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ବିରୋଧୀ ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ଅମାନୁଷିକ ଓ ବର୍ବର କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ଦଳର ପ୍ରବଳ ହଙ୍ଗାମା ମଧ୍ୟରେ ଲୋକସଭାରେ ଆଜି ପାରିତ ହୋଇଛି ପ୍ରଶ୍ନପତ୍ର ଲିକ୍ ସଂଶୋଧନ ବିଲ୍। 'ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ପ୍ରତିରୋଧ) ସଂଶୋଧନ ବିଲ୍, ୨୦୨୬' ନାମକ ଏହି ବିଲ୍ ବାଚନିକ ଭୋଟରେ ଅନୁମୋଦନ ଲାଭ କରିଛି। ଦେଶବ୍ୟାପୀ ଚାଲିଥିବା ଛାତ୍ର ଆନ୍ଦୋଳନ ପରିପ୍ରେକ୍ଷୀରେ ପ୍ରଶ୍ନପତ୍ର ଲିକ୍ ପାଇଁ ଦଣ୍ଡକୁ ଆହୁରି କଠୋର କରିବାକୁ ଯାଇ ସରକାର ଏହି ବିଲ୍ ଆଗତ କରିଥିଲେ। ଏହି ବିଲକୁ ଏବେ ବିଚାର ପାଇଁ ରାଜ୍ୟସଭାକୁ ପଠାଯାଇଛି।

ଏହି ନୂତନ ଆଇନ ଅନୁଯାୟୀ ପ୍ରଶ୍ନପତ୍ର ବିଭ୍ରାଟ ସହ ଜଡ଼ିତ ମାମଲାର ତ୍ୱରିତ ବିଚାର ପାଇଁ ପ୍ରତ୍ୟେକ ରାଜ୍ୟରେ ସ୍ୱତନ୍ତ୍ର ଅଦାଲତ (ଫାଷ୍ଟ ଟ୍ରାକ କୋର୍ଟ) ପ୍ରତିଷ୍ଠା କରାଯିବ। ଦୁଇ ମାସ ମଧ୍ୟରେ ସମସ୍ତ ତଦନ୍ତ ପ୍ରକ୍ରିୟା ଶେଷ କରିବା ବାଧ୍ୟତାମୂଳକ କରାଯାଇଛି। ଦୋଷୀ ପ୍ରମାଣିତ ହେଲେ ଅଭିଯୁକ୍ତଙ୍କୁ ଦଶ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ପଚାଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କରାଯିବାର ମଧ୍ୟ ପ୍ରାବଧାନ ରହିଛି। ସେହିପରି ସଂଗଠିତ ଚୋରା କାରବାର ସଂସ୍ଥାଗୁଡ଼ିକ ପାଇଁ ଦଶ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ନିର୍ଦ୍ଧାରଣ କରାଯାଇଛି।

ଜାତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା 'ନିଟ୍' ବିଭ୍ରାଟକୁ ନେଇ କକ୍ରୋଚ୍ ଜନତା ପାର୍ଟି ପକ୍ଷରୁ ଦିଲ୍ଲୀ ▶ପୃଷ୍ଠା-୭

### ତଳାବିରା କୋଇଲା ବ୍ଲକ ଆବଣ୍ଟନ ମାମଲା

## ମନମୋହନଙ୍କୁ କ୍ଲିନ୍‌ଚିଟ୍



### ମାମଲା ବନ୍ଦକଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ତଳାବିରା କୋଇଲା ବ୍ଲକ ଆବଣ୍ଟନ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ମନମୋହନ ସିଂହଙ୍କ ବିରୋଧରେ ଚାଲିଥିବା ଅପରାଧିକ ମାମଲାକୁ ସୁପ୍ରିମ୍ କୋର୍ଟ ଆଜି ଆନୁଷ୍ଠାନିକ ଭାବେ ବନ୍ଦ କରିଛନ୍ତି। ୨୦୧୫ ମସିହାରେ ସିବିଆଇର ବନ୍ଦ ରିପୋର୍ଟ (କ୍ଲୋଜର ରିପୋର୍ଟ) କୁ ଖାରଜ କରି ବିଶେଷ ସିବିଆଇ ଅଦାଲତ ମନମୋହନ ସିଂହଙ୍କୁ ସମନ୍ ଜାରି କରିଥିଲେ। ସେତେବେଳେ ସୁପ୍ରିମକୋର୍ଟ ଏହା ଉପରେ ରୋକ୍ ଲଗାଇଥିବା ବେଳେ ଆଜି ଏହି ମାମଲା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ସିବିଆଇର ଦୁଇଟିଯାକ କ୍ଲୋଜର ରିପୋର୍ଟକୁ ନିମ୍ନ ଅଦାଲତ ଅଗ୍ରାହ୍ୟ କରିବାର କୌଣସି ବଳିଷ୍ଠ କାରଣ ନ ଥିଲା ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୨୪ ଡିସେମ୍ବରରେ ୯୨ ବର୍ଷ ବୟସରେ ମନମୋହନ ସିଂହଙ୍କ ଦେହାନ୍ତ ହୋଇସାରିଛି। ତଥାପି, ନିମ୍ନ ଆଦାଲତ ତାଙ୍କ ବିରୋଧରେ କେତେକ ପ୍ରତିକୂଳ ଟିପ୍ପଣୀ ଦେଇଥିବାରୁ ତାଙ୍କର ସମ୍ମାନ ରକ୍ଷା ପାଇଁ ସୁପ୍ରିମ୍ କୋର୍ଟ ଏହି ଆବେଦନର ଶୁଣାଣି କରି ନିଷ୍ପତ୍ତି ଶୁଣାଇଛନ୍ତି। ଏହି ରାୟ ପରେ, ତଳାବିରା କୋଇଲା ବ୍ଲକ ଆବଣ୍ଟନ ସମ୍ପର୍କିତ ଏହି ଚର୍ଚ୍ଚିତ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଉପରୁ ସମସ୍ତ ଅଭିଯୋଗ ଆନୁଷ୍ଠାନିକ ଭାବେ ହଟାଇ ▶ପୃଷ୍ଠା-୭

## ପୁରୀ ମେୟର ପଦ ସଂରକ୍ଷିତ

### ସ୍ୱପ୍ନ ହେଲା ଚୁନା ଚୁନା

■ ପୁରୀ, ୨୯।୭ (ସମିସ): ପ୍ରଥମଥର ପାଇଁ ମହାନଗର ନିଗମର ମାନ୍ୟତା ପାଇଥିବା ପୁରୀ ସହର ଏବେ ନୂଆ ମେୟର ପାଇବାକୁ ଅପେକ୍ଷା କରିଛି। ନିର୍ବାଚନ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ପ୍ରାୟ ୬ ମାସ ହେବ ପୁରୀ ରାଜନୀତିରେ ମେୟର ପଦବୀକୁ ନେଇ ଚର୍ଚ୍ଚା ସରଗରମ ଥିଲା। କିଏ ମେୟର ହେବେ ସେ ନେଇ ସାମାଜିକ ଗଣମାଧ୍ୟମରେ ଦୈନିକ ପୋଷ୍ଟ, ସର୍ଭେ ଆଉ ଚର୍ଚ୍ଚା ଚାଲିଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ଏକ ବିଜ୍ଞପ୍ତି ପରେ ପ୍ରାୟ ସମସ୍ତଙ୍କ ସ୍ୱପ୍ନ ଚୁନା ଚୁନା ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ୧୫ ତାରିଖରେ ପ୍ରକାଶ ପାଇଥିବା ଚିଠା (ଏସ୍‌ସି) ବିଜ୍ଞପ୍ତି ଅନୁଯାୟୀ, ପୁରୀ ମହାନଗର ନିଗମର ମେୟର ପଦବୀ ଅନୁସୂଚିତ ଜାତି ମହିଳା ବର୍ଗ ପାଇଁ ସଂରକ୍ଷିତ ରହିବ। ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ଆଇନ, ୨୦୦୩ର ଧାରା ୧୪ର ଉପଧାରା (୩) ଓ (୪) ଏବଂ ନିର୍ବାଚନ ନିୟମାବଳୀ, ୨୦୦୩ର ନିୟମ ୮୦ର ଉପନିୟମ (୮) ଅନୁଯାୟୀ ଏହି ଚିଠା ପ୍ରସ୍ତାବ ଓଡ଼ିଶା ଗେଜେଟ୍‌ରେ ପ୍ରକାଶ ପାଇଛି।

ପୁରୀ ସହରରେ ଗତ କିଛି ମାସ ହେବ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ନେତାଙ୍କ ନାଁ ମେୟର ପଦ ପାଇଁ ଚର୍ଚ୍ଚାରେ ଥିଲା। ଏଥିରେ ଅଧିକାଂଶ ସାଧାରଣ ବର୍ଗର ପୁରୁଷ ନେତା ଥିଲେ। କେହି କେହି ତ ନିଜ ଧର୍ମପତ୍ନୀଙ୍କୁ ଏହି ଆସନରେ ବସାଇବା ପାଇଁ ଭିତରେ ଭିତରେ ଲବି ମଧ୍ୟ ଆରମ୍ଭ କରିଦେଇଥିଲେ। ଏହି ଆଶାୟୀଙ୍କ ମଧ୍ୟରେ ଏକାଧିକ ସେବାୟତ ମଧ୍ୟ ରହିଥିଲେ। ସୋସିଆଲ ମିଡିଆରେ ବିଭିନ୍ନ ନେତାଙ୍କ ଫଟୋ ସହ "ମେୟର ପାଇଁ ଉପଯୁକ୍ତ' ବୋଲି ପୋଷ୍ଟ ମଧ୍ୟ ଭାଇରାଲ ହେଉଥିଲା। ଯଦିଓ ଏହା ପଛରେ କାହାର ପ୍ରତ୍ୟକ୍ଷ ହାତ ନ ଥିଲା, କିନ୍ତୁ ପ୍ରଚ୍ଛଦରେ ସମର୍ଥନ ଥିଲା ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଏବେ ସରକାର ମେୟର ପଦବୀକୁ ଏସ୍‌ସି ମହିଳାଙ୍କ ପାଇଁ ସଂରକ୍ଷିତ କରିଦେବା ପରେ ସେହି ସମସ୍ତ ନେତାଙ୍କ ଆଶାରେ ପାଣି ଭରିଯାଇଛି। ବର୍ଷ ବର୍ଷ ଧରି ଦେଖୁଥିବା ସ୍ୱପ୍ନ ଗୋଟିଏ ବିଜ୍ଞପ୍ତିରେ ଭାଙ୍ଗି ଚୂର୍‌ମାର ହୋଇଯାଇଛି।

ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ, ଏହି ଚିଠା ପ୍ରସ୍ତାବ ସମ୍ପର୍କରେ କୌଣସି ବ୍ୟକ୍ତିଙ୍କର ଆପତ୍ତି କିମ୍ବା ପରାମର୍ଶ ଥିଲେ ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ୧୫ ଦିନ ମଧ୍ୟରେ ମ୍ୟୁନିସିପାଲ୍ ପ୍ରଶାସନ ନିର୍ଦ୍ଦେଶକଙ୍କ ନିକଟରେ ଦାଖଲ କରିପାରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଆସିଥିବା ସମସ୍ତ ▶ପୃଷ୍ଠା-୭

# ନଥିରେ ଯୋଜନା; ପାଣ୍ଠି ଶୂନ

## ପିଏମ୍ ଜନମନ ଯୋଜନାରେ ୨ ବର୍ଷ ହେଲା ଓଡ଼ିଶାକୁ ମିଳିନାହିଁ ଟଙ୍କାଏ ଅନୁଦାନ

### ରାଜ୍ୟର ପିଭିଟିଜି ଛାତ୍ରଛାତ୍ରୀଙ୍କ ପାଇଁ ଅନୁମୋଦନ ହୋଇଛି ୭୬ ଛାତ୍ରାବାସ

### ଅନୁଦାନ ଅଭାବରୁ ୨ ବର୍ଷରେ ନିର୍ମାଣ ହୋଇ ନାହିଁ ଗୋଟିଏ ବି ଛାତ୍ରାବାସ

### ଛାତ୍ରାବାସ ବାବଦ ଅର୍ଥ ଅଧା ଅଧା ବହନ କରିବେ ରାଜ୍ୟ ଓ କେନ୍ଦ୍ର ସରକାର

■ ଭୁବନେଶ୍ୱର, ୨୯।୭ (ସମିସ): ଆଦିମ ଜନଜାତି ବା ପିଭିଟିଜି ସମ୍ପ୍ରଦାୟର ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ପ୍ରୋତ୍ସାହନ ଦେବା ନିମନ୍ତେ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ୍-ଜେଏଏନ୍‌ଏମ୍‌ଏମଏଏନ୍ ବା ପିଏମ୍-ଜନମନ ଯୋଜନା। ଏହି ଯୋଜନାରେ ସାରା ଦେଶର ୧୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବସବାସ କରୁଥିବା ୭୫ ପିଭିଟିଜି ବର୍ଗର ଛାତ୍ରଛାତ୍ରୀଙ୍କ ଆବାସିକ ଶିକ୍ଷା ପାଇଁ ଛାତ୍ରାବାସ ମଞ୍ଜୁର କରାଯାଇଛି ଏବଂ ଏଥିରୁ ଓଡ଼ିଶା ଭାଗରେ ପଡ଼ିଛି ୭୬ । ଗତ ଦୁଇ ବର୍ଷ ତଳେ ଏହି ଯୋଜନା ପ୍ରଣୟନ ହୋଇଥିଲା ଏବଂ ୭୬ଟି ଛାତ୍ରାବାସ ନିର୍ମାଣ ପାଇଁ ୨୦୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ୬୦:୪୦ ଅନୁପାତରେ କେନ୍ଦ୍ର ସରକାର ଏହି ଅର୍ଥର ୧୨୨.୪୩ କୋଟି ଟଙ୍କା ଅନୁଦାନ ଦେଇଥାଆନ୍ତେ ଓ ରାଜ୍ୟ ସରକାର ଅବଶିଷ୍ଟ ଅର୍ଥ ବହନ କରିବାର ବ୍ୟବସ୍ଥା ଥିଲା। ମାତ୍ର ୨ ବର୍ଷ ପରେ ମଧ୍ୟ ରାଜ୍ୟରେ ଗୋଟିଏ ବି ଛାତ୍ରାବାସ ନିର୍ମାଣ ହୋଇପାରି ନାହିଁ । ଲୋକସଭାରେ ଖୋଦ୍ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ ଏହାକୁ ସ୍ୱୀକାର କରିଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କ ସୂଚନା ଅନୁସାରେ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାକୁ ଏହି ଯୋଜନାରେ କୌଣସି ଅନୁଦାନ ପ୍ରଦାନ କରାଯାଇ ନାହିଁ। ତେଣୁ ଯୋଜନାକୁ ଅନୁମୋଦନ ମିଳିଥିଲେ ମଧ୍ୟ ଛାତ୍ରାବାସ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ଘଟିନାହିଁ ଓ ୭୬ଟି ଛାତ୍ରାବାସ ମଧ୍ୟରୁ ଗୋଟିଏ ବି ନିର୍ମାଣ ଶେଷ ହୋଇନାହିଁ।

ବିଡ଼ମ୍ବନା ହେଉଛି ଓଡ଼ିଶାରେ ୧୪ଟି ପିଭିଟିଜି ବର୍ଗ ବସବାସ କରୁଛନ୍ତି । ଅବହେଳିତ ଏହି ବର୍ଗର ପିଲାମାନେ ଶିକ୍ଷା କ୍ଷେତ୍ରରେ ପଛୁଆ ରହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ମୁଖ୍ୟ ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି ଓ ନିଜେ ମଧ୍ୟ ଆଦିବାସୀ ବର୍ଗର। ▶ପୃଷ୍ଠା-୭

# ପଞ୍ଜାବ ବିଶ୍ୱବିଦ୍ୟାଳୟରେ ବିଦ୍ୟୁତ୍ ଆଘାତରେ ପିଏଚ୍‌ଡି ଛାତ୍ରୀଙ୍କ ମୃତ୍ୟୁ

ଚଣ୍ଡୀଗଡ଼, ୨୯ ।୭(ଏଜେନ୍ସି): ପଞ୍ଜାବ ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ଘଟିଯାଇଛି । ବିଦ୍ୟୁତ୍ ଆଘାତ'ର ଶିକାର ହୋଇ ୨୮ ବର୍ଷୀୟା ପିଏଚଡି ଗବେଷିକା ଜ୍ୟୋତିଙ୍କର ମୃତ୍ୟୁ ଘଟିଛି । ଏହି ଘଟଣାକୁ ନେଇ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ହରିୟାଣାର ରେୱାଡ଼ି ନିବାସୀ ଜ୍ୟୋତି ମାଇକ୍ରୋବାୟୋଲୋଜି ବିଭାଗରେ ପିଏଚ୍‌ଡି କରୁଥିଲେ । ବର୍ଷା ଯୋଗୁଁ ରାସ୍ତାରେ ପାଣି ଜମିଥିବାରୁ ସେ କ୍ରସିଂ ବାଟ ଦେଇ ହଷ୍ଟେଲରୁ ବିଭାଗକୁ ଯାଉଥିବା ସମୟରେ, ନିକଟସ୍ଥ ଏକ ବିଦ୍ୟୁତ୍ ଜଙ୍କସନ୍ ବାକ୍ସରୁ ମାଡ଼ିଆସିଥିବା କରେଣ୍ଟ ସଂସ୍ପର୍ଶରେ ଆସି ଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଦୁର୍ଘଟଣା ପରେ ଶତାଧିକ ଛାତ୍ରଛାତ୍ରୀ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ଦାବି କରିଥିଲେ । ଉତ୍ତେଜନାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମୃତକଙ୍କ ପରିବାର ପାଇଁ ୧୬ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଏବଂ ତାଙ୍କ ଭାଇଙ୍କୁ ବିଶ୍ୱବିଦ୍ୟାଳୟରେ ଇଲେକ୍ଟ୍ରିସିଆନ୍ ଭାବେ ଚାକିରି ଦେବାକୁ ଘୋଷଣା କରିଛନ୍ତି । ପୋଲିସ ଏହି ମାମଲାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ମଧ୍ୟପ୍ରଦେଶରେ କଂଗ୍ରେସ ନେତାଙ୍କୁ ଛୁରାମାଡ଼ କରି ହତ୍ୟା

ରେୱା, ୨୯ ।୭(ଏଜେନ୍ସି): ମଧ୍ୟପ୍ରଦେଶର ରେୱା ଜିଲ୍ଲାରେ କଂଗ୍ରେସର ଜଣେ ସ୍ଥାନୀୟ ନେତାଙ୍କୁ ଛୁରାମାଡ଼ କରି ହତ୍ୟା କରାଯାଇଛି । ନିହତ ନେତା ଅମିତ କୋଲ୍ କଂଗ୍ରେସର ଅନୁସୂଚିତ ଜନଜାତି ମୋର୍ଚ୍ଚାର ରେୱା ଜିଲ୍ଲା ସଭାପତି ଥିଲେ । ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ପୁଲିସ ସୂଚନା ଅନୁସାରେ, ପରିବହନ ନଗର ସ୍ଥିତ ଶାନ୍ତି ବିହାର କଲୋନୀର ଏକ ପେଟ୍ରୋଲ ପମ୍ପ ନିକଟରେ ଅମିତ କୋଲ୍ କିଛି ସାଙ୍ଗଙ୍କ ସହ କଥାବାର୍ତ୍ତା କରୁଥିଲେ । ଏହି ସମୟରେ ଦୁଇରୁ ତିନୋଟି ଗାଡ଼ିରେ ଆସିଥିବା କିଛି ଦୁର୍ବୃତ୍ତ ତାଙ୍କୁ ଘେରି ଯାଇ ବାରମ୍ବାର ଛୁରିରେ ଆକ୍ରମଣ କରିଥିଲେ । ଗୁରୁତର ଆହତ ଅବସ୍ଥାରେ ଅମିତ କୋଲଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତରମାନେ ତାଙ୍କୁ ବଞ୍ଚାଇ ପାରିନଥିଲେ । ଘଟଣା ପରେ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ । ରେୱା ଜିଲ୍ଲା ପୁଲିସ ଅଧୀକ୍ଷକ ଗୁରୁକରଣ ସିଂହ କହିଛନ୍ତି, ଘଟଣାସ୍ଥଳର ଚାରିପାଖରେ ଲାଗିଥିବା ନିରୀକ୍ଷଣ କ୍ୟାମେରାର ଦୃଶ୍ୟ ଯାଞ୍ଚ କରାଯାଉଛି । ଘଟଣାସ୍ଥଳରୁ ଦୁଇଟି ମୋଟରସାଇକେଲ ଜବତ କରାଯାଇଥିଲା ।


## ଦୁର୍ଦାନ୍ତ ମାଓବାଦୀ ବେସରା ଗିରଫ



ରାଞ୍ଚି, ୨୯ ।୭(ଏଜେନ୍ସି): ଝାଡ଼ଖଣ୍ଡରେ ମାଓବାଦ ବିରୋଧୀ ଅଭିଯାନକୁ ବଡ଼ ସଫଳତା ମିଳିଛି । ନିଷିଦ୍ଧ ମାଓବାଦୀ ସଂଗଠନର ରାଜନୈତିକ ସର୍ବୋଚ୍ଚ କମିଟିର ସଦସ୍ୟ ତଥା ଏକ କୋଟି ଟଙ୍କା ପୁରସ୍କାର ଘୋଷିତ ମିସିର ବେସରାଙ୍କୁ ଧାନବାଦ ଜିଲ୍ଲାରୁ ଗିରଫ କରିଛି ଝାଡ଼ଖଣ୍ଡ ପୁଲିସ । ତାଙ୍କ ନାମରେ ୧୪୧ ଆପରାଧିକ ମାମଲା ରହିଥିବା ପୁଲିସ ସୂଚନା ଦେଇଛି । ପୁଲିସ ଅନୁସାରେ, ୬୫ ବର୍ଷୀୟ ମିସିର ବେସରାଙ୍କୁ ଧାନବାଦ ଜିଲ୍ଲାର ବରୱାଡ୍ଡା ଥାନା ଅନ୍ତର୍ଗତ ମଣିଆଡିହ ଅଞ୍ଚଳରୁ ଗତ ମଙ୍ଗଳବାର ସନ୍ଧ୍ୟାରେ ଗିରଫ କରାଯାଇଥିଲା । ସେ 'ସାଗର ଦା' ଏବଂ 'ଭାସ୍କର ଦା' ନାମରେ ମଧ୍ୟ ପରିଚିତ ଥିଲେ । ଏହି ଅଭିଯାନରେ ୧୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଜଣେ ମାଓବାଦୀଙ୍କ ସମେତ ଆଉ ଦୁଇଜଣଙ୍କୁ ମଧ୍ୟ ଗିରଫ କରାଯାଇଛି । ମିସିର ବେସରା ୧୯୮୦ରୁ ନିଷିଦ୍ଧ ସଂଗଠନ ସହ ଜଡ଼ିତ ଥିଲେ ଏବଂ ଦୁଇହଜାର ତିନି ମସିହାରେ କେନ୍ଦ୍ରୀୟ କମିଟିର ସଦସ୍ୟ ହୋଇଥିଲେ ।

# 'କୃତ୍ରିମ ସୂର୍ଯ୍ୟ' ତିଆରି କରୁଛି ଚୀନ୍

## ତିଆରି କଲା ୫୮୨ ଟନ୍‌ର ବିଶାଳ ସୁପରକଣ୍ଡକ୍ଟିଂ ମ୍ୟାଗ୍ନେଟ୍




ହେଫେଇ, ୨୯ ।୭ (ଏଜେନ୍ସି): କୃତ୍ରିମ ସୂର୍ଯ୍ୟ ତିଆରି କରିବାକୁ ଯାଉଛି ଚୀନ । ଏଥିପାଇଁ ଜୋରସୋର ପ୍ରସ୍ତୁତି ଚଳାଇଛି । ଚୀନ୍‌ର 'ବର୍ନିଂ ପ୍ଲାଜ୍ମା ଏକ୍ସପେରିମେଣ୍ଟାଲ ସୁପରକଣ୍ଡକ୍ଟିଂ ଟୋକାମାକ୍' (ବିଇଏସ୍‌ଟି) ପ୍ରକଳ୍ପ ପାଇଁ ଏକ ୫୮୨ ଟନ୍ ଓଜନର ବିଶାଳ ସୁପରକଣ୍ଡକ୍ଟିଂ ମ୍ୟାଗ୍ନେଟ୍ (ଚୁମ୍ବକ) ନିର୍ମାଣ ଓ ପରୀକ୍ଷଣ ଶେଷ ହୋଇଛି । ୨୧ ମିଟର ଲମ୍ବ ବିଶିଷ୍ଟ ଏହି ମ୍ୟାଗ୍ନେଟ୍‌ଟି ୧୦୦ ନିୟୁତ (୧୦ କୋଟି) ଡିଗ୍ରୀ ସେଲସିୟସରୁ ଅଧିକ ଉତ୍ତପ୍ତ ପ୍ଲାଜ୍ମାକୁ ନିୟନ୍ତ୍ରଣ କରି ରଖିବାରେ ସାହାଯ୍ୟ କରିବ, ଯାହା ସୂର୍ଯ୍ୟର କେନ୍ଦ୍ରଭାଗର ତାପମାତ୍ରା ଠାରୁ ପ୍ରାୟ ୬ ଗୁଣ ଅଧିକ । ଏତେ ଅଧିକ ତାପମାତ୍ରାରେ କୌଣସି ଭୌତିକ ବସ୍ତୁ ତିଷ୍ଠି ପାରିବ ନାହିଁ, ତେଣୁ ଏହି ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ର ପ୍ଲାଜ୍ମାକୁ ରିଆକ୍ଟରର କାନ୍ଥକୁ ସ୍ପର୍ଶ କରିବାକୁ ନଦେଇ ମହାକାଶରେ ଭାସମାନ ଅବସ୍ଥାରେ ରଖିବ । ଏହି ସୁପରକଣ୍ଡକ୍ଟିଂ ମ୍ୟାଗ୍ନେଟ୍‌ଟି ଫ୍ରାନ୍ସର ପ୍ରସିଦ୍ଧ 'ଆଇଟିଇଆର' ପ୍ରକଳ୍ପର ମ୍ୟାଗ୍ନେଟ୍ ଠାରୁ ୧.୩ ଗୁଣ ବଡ଼ ଏବଂ ୩ ଗୁଣ ଅଧିକ ଚୁମ୍ବକୀୟ ଶକ୍ତି ସଂରକ୍ଷଣ କରିପାରିବ । ଚୀନ୍‌ର 'ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍‌ସେସ୍' (ଏଏସ୍‌ଆଇପିପି) ଦ୍ୱାରା ନିର୍ମିତ ଏହି ଟେକ୍ନୋଲୋଜି ସାହାଯ୍ୟରେ ୨୦୨୭ ସୁଦ୍ଧା ରିଆକ୍ଟର ନିର୍ମାଣ ଶେଷ କରି ୨୦୩୦ ମସିହା ସୁଦ୍ଧା ପରମାଣୁ ସଂଲୟନରୁ ବାଣିଜ୍ୟିକ ବିଦ୍ୟୁତ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି ।

### ଦିଲ୍ଲୀରେ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ

# ଗୁଳି ନୁହେଁ, କେବଳ ଲୁହବୁହା ଗ୍ୟାସ୍: ମନ୍ତ୍ରୀ




ନୂଆଦିଲ୍ଲୀ, ୨୯ ।୭(ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଦିଲ୍ଲୀରେ ଗତ ୨୦ ତାରିଖରେ ଆନ୍ଦୋଳନକାରଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ସଂପର୍କରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଯେଉଁ ଅଭିଯୋଗ କରିଛନ୍ତି ତାହାକୁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି । ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନଙ୍କ ଉପରେ ପୁଲିସ କୌଣସି ଗୁଳିଚାଳନା କରିନାହିଁ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏପରି କୌଣସି ନିର୍ଦ୍ଦେଶ ଦେଇନଥିଲେ ବୋଲି କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ଲୋକସଭାରେ ସ୍ପଷ୍ଟ କରିଛନ୍ତି । ଲୋକସଭାରେ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ନିରୋଧୀ ସଂଶୋଧନ ବିଲ୍-୨୦୨୬ ଉପରେ ଚାଲିଥିବା ଆଲୋଚନାରେ ଭାଗ ନେଇ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଥିଲେ ଯେ ରାହୁଲ ଗାନ୍ଧୀଙ୍କ ଅଭିଯୋଗ ତଥ୍ୟଗତ ଭାବେ ସମ୍ପୂର୍ଣ୍ଣ ଭୁଲ । ପୁଲିସ କାର୍ଯ୍ୟାନୁଷ୍ଠାନ ସମୟରେ କେବଳ ଲୁହବୁହା ଗ୍ୟାସ ବ୍ୟବହାର କରାଯାଇଥିଲା । ସେ ଆହୁରି ମଧ୍ୟ ସ୍ପଷ୍ଟ କରିଥିଲେ ଯେ ଗୁଳିଚାଳନା ନିର୍ଦ୍ଦେଶ ଦେବାର ଅଧିକାର କେବଳ ମାଜିଷ୍ଟ୍ରେଟଙ୍କର ରହିଛି, ପୁଲିସ କିମ୍ବା ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କର ନୁହେଁ । ଏହାସହ ଅମିତ ଶାହ ୩୦ଟି ଗାଡ଼ି ସହ ଗସ୍ତ କରୁଥିବା ଅଭିଯୋଗକୁ ମଧ୍ୟ ସେ ଅସତ୍ୟ ବୋଲି କହିଥିଲେ ।

### ଛାତ୍ରଙ୍କ ଉପରେ ଗୁଳିମାଡ଼ ଅଭିଯୋଗକୁ ସରକାରଙ୍କ ଖଣ୍ଡନ

କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ବକ୍ତବ୍ୟକୁ ମଧ୍ୟ କେନ୍ଦ୍ର ମନ୍ତ୍ରୀ କଡ଼ା ସମାଲୋଚନା କରିଥିଲେ । ପ୍ରିୟଙ୍କା ଗାନ୍ଧୀ ଦେଶରେ ୧୫୨ ଥର ପ୍ରଶ୍ନପତ୍ର ଲିକ୍ ହୋଇଥିବା ଏବଂ ଏହାଦ୍ୱାରା ୭୫୦ ପିଲା ପ୍ରଭାବିତ ହୋଇଥିବା କହିଥିଲେ । ଏହି ତଥ୍ୟକୁ ହାସ୍ୟାସ୍ପଦ ଦର୍ଶାଇ ମନ୍ତ୍ରୀ କହିଥିଲେ ଯେ ସମଗ୍ର ବିଶ୍ୱର ଜନସଂଖ୍ୟା ପ୍ରାୟ ଆଠ ଶହ କୋଟି ହୋଇଥିବା ବେଳେ ଏହି ସଂଖ୍ୟା ସମ୍ପୂର୍ଣ୍ଣ ଭିତ୍ତିହୀନ । ଏଥିସହ ୨୦୨୪ ଆଇନ କାର୍ଯ୍ୟକାରୀ ହେବା ପରଠାରୁ ଦୁଇ ବର୍ଷ ମଧ୍ୟରେ ୫୨ଟି ଏଫଆଇଆର୍ ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସେ ଗୃହକୁ ଜଣାଇଥିଲେ । ରାହୁଲ ଗାନ୍ଧୀଙ୍କ ବି ।।କ୍ଷୋଭ ଆନ୍ଦୋଳନକୁ ନେଇ ମଧ୍ୟ ଡକ୍ଟର ଜିତେନ୍ଦ୍ର ସିଂହ ତୀବ୍ର ସମାଲୋଚନା କରିଥିଲେ । ଜୁଲାଇ ୨୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଆବାସ ବାହାରେ ରାହୁଲ ଧାରଣା ଦେବା ଘଟଣାକୁ ସେ ତାଙ୍କର ନିରାଶା ଏବଂ ପ୍ରଧାନମନ୍ତ୍ରୀ ହେବାର ଅପୂରଣୀୟ ଅଭିଳାଷର ପରିଣାମ ବୋଲି କହିଥିଲେ । ଆନ୍ଦୋଳନ ତୀବ୍ର ହେବା ପରେ ହିଁ ରାହୁଲ ଏଥିରେ ସାମିଲ ହୋଇଥିବାରୁ ସେ ତାଙ୍କୁ ସମାଲୋଚନା କରିଥିଲେ ।

# କାର୍ଯ୍ୟାନୁଷ୍ଠାନ ସପକ୍ଷରେ ନଡ୍ଡାଙ୍କ ଯୁକ୍ତି



ନୂଆଦିଲ୍ଲୀ, ୨୯ ।୭(ଏଜେନ୍ସି): ଛାତ୍ର ଆନ୍ଦୋଳନରେ ସକ୍ରିୟ ଥିବା ବ୍ୟକ୍ତିଙ୍କୁ ପୁଲିସ ଅଟକ ରଖିବା ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି କହିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା । ଛାତ୍ର ଆନ୍ଦୋଳନକାରୀଙ୍କ ବିରୋଧରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ଦଳର ଆକ୍ରମଣ ମଧ୍ୟରେ ସେ ଏହି ମନ୍ତବ୍ୟ ରଖିଛନ୍ତି । ରାଜ୍ୟସଭାରେ ବିରୋଧୀ ଦଳନେତା ମଲ୍ଲିକାର୍ଜୁନ ଖଡ଼ଗେ କେନ୍ଦ୍ର ସରକାର ଉପରେ ଗଣତନ୍ତ୍ରକୁ ଅସୁରକ୍ଷିତ କରିବା ଏବଂ ଛାତ୍ରଙ୍କ ବିରୋଧରେ ପୁଲିସର ଅତ୍ୟଧିକ ବଳପ୍ରୟୋଗ ପ୍ରତି ନୀରବ ରହିବାର ଅଭିଯୋଗ ଆଣିଥିଲେ । ଏହାର ଜବାବରେ ନଡ୍ଡା କହିଥିଲେ, ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ଆବଶ୍ୟକ ପଦକ୍ଷେପ ନେବା ସ୍ୱାଭାବିକ । ନଡ୍ଡା ନିଜ ଛାତ୍ରଜୀବନର ଅନୁଭୂତି ଉଲ୍ଲେଖ କରି କହିଥିଲେ ଯେ ଜରୁରୀକାଳୀନ ପରିସ୍ଥିତି ସମୟରେ ସେ ଜଣେ ଛାତ୍ର ଆନ୍ଦୋଳନକାରୀ ଭାବେ ଦୁଇଥର ଶ୍ରେଣୀଗୃହରୁ ଗିରଫ ହୋଇଥିଲେ । ତେଣୁ ଆନ୍ଦୋଳନରେ ସାମିଲ ହେଲେ ପୁଲିସ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି ସେ କହିଥିଲେ ।

ଅନ୍ୟପଟେ, ବିରୋଧୀ ଦଳ ପକ୍ଷରୁ ଜୁଲାଇ ୨୦ରେ ଦିଲ୍ଲୀରେ ଛାତ୍ର ଆନ୍ଦୋଳନ ସମୟରେ ପୁଲିସର ବଳପ୍ରୟୋଗକୁ ନେଇ କେନ୍ଦ୍ର ସରକାର ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ଜବାବ ଦାବି କରାଯାଇଛି । ପ୍ରଧାନମନ୍ତ୍ରୀଙ୍କଠାରୁ କ୍ଷମାପ୍ରାର୍ଥନା ଦାବି ମଧ୍ୟ ବିରୋଧୀ ଉଠାଇଛନ୍ତି । ରାଜ୍ୟସଭା ସଦସ୍ୟ ଜନ୍ ବ୍ରିଟାସ ଅଭିଯୋଗ କରିଥିଲେ ଯେ ଛାତ୍ରନେତ୍ରୀ ଐଶୀ ଘୋଷଙ୍କୁ ଗିରଫ କରିବା ପାଇଁ ପୁଲିସ ଏକ ଜାତୀୟ ରାଜନୈତିକ ଦଳର କାର୍ଯ୍ୟାଳୟରେ ପ୍ରବେଶ କରିଥିଲା । ଏହାକୁ ସେ ଗଣତାନ୍ତ୍ରିକ ଅଧିକାର ଉପରେ ଆଘାତ ବୋଲି ବର୍ଣ୍ଣନା କରିଥିଲେ । ଏହି ପ୍ରସଙ୍ଗକୁ ନେଇ ସଂସଦର ଉଭୟ ସଦନରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ତୀବ୍ର ବାକ୍‌ଯୁଦ୍ଧ ଦେଖିବାକୁ ମିଳିଛି । ଛାତ୍ର ଆନନ୍ଦୋଳନ, ପୁଲିସର ଭୂମିକା ଏବଂ ଗଣତାନ୍ତ୍ରିକ ଅଧିକାରକୁ ନେଇ ରାଜନୈତିକ ବିବାଦ ଆହୁରି ତୀବ୍ର ହେବାରେ ଲାଗିଛି ।

## ମୋଦୀଙ୍କ ବିରୋଧରେ ପୋଷ୍ଟ ହଟାଇବାକୁ 'ଏକ୍ସ'କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୯ ।୭(ଏଜେନ୍ସି):ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଏକ୍ସ' (ପୂର୍ବରୁ ଟ୍ୱିଟର)ରେ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଅପମାନଜନକ ଏବଂ ଆପତ୍ତିଜନକ ପୋଷ୍ଟ ।।ସେୟାର କରାଯାଉଥିବା ନେଇ ଦିଲ୍ଲୀ ପୁଲିସ କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ଏହିପରି ସମସ୍ତ ବିବାଦୀୟ ପୋଷ୍ଟ ଓ ଭିଡିଓଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ଦିଲ୍ଲୀ ପୋଲିସ ଏକ୍ସ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ଥିବା ଆପତ୍ତିଜନକ ପୋଷ୍ଟ ମଧ୍ୟ ହଟାଇବାକୁ କହିଛି । ଏହାସହିତ, ସମ୍ପୃକ୍ତ ଆକାଉଣ୍ଟଧାରୀଙ୍କ ପୂର୍ଣ୍ଣ ନାମ, ଠିକଣା, ଫୋନ ନମ୍ବର, ଇମେଲ ଆଇଡି ଏବଂ ଲଗଇନ୍-ଲଗଆଉଟ୍ ସମ୍ପର୍କିତ ସମସ୍ତ ତଥ୍ୟ ଯୋଗାଇଦେବାକୁ ପୋଲିସ କହିଛି । ଭାରତୀୟ ସାକ୍ଷ୍ୟ ଅଧିନିୟମର ଧାରା ୬୩(୪) ଅଧୀନରେ ପ୍ରମାଣପତ୍ର ସହ ଏହି ସମସ୍ତ ତଥ୍ୟକୁ ପରବର୍ତ୍ତୀ ତଦନ୍ତ ପାଇଁ ସୁରକ୍ଷିତ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୨୦ରେ ଯନ୍ତର ମନ୍ତରଠାରେ ଆୟୋଜିତ 'ସଂସଦ ଚାଲୋ' ନାମକ ଛାତ୍ର ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ କେତେକ ଅଶାଳୀନ ଓ ଆପତ୍ତିଜନକ ପୋଷ୍ଟ ସାମାଜିକ ଗଣମାଧ୍ୟମରେ ଅପଲୋଡ୍ ହୋଇଥିଲା । ଏହାପୂର୍ବରୁ ଜୁଲାଇ ୨୭ରେ ମଧ୍ୟ ପୋଲିସ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମଗୁଡ଼ିକୁ ଏପରି ପୋଷ୍ଟ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲା । ସାମାଜିକ ଗଣମାଧ୍ୟମ ଏହାକୁ ନେଇ ସତର୍କ ରହିବା ଲାଗି ପୁଲିସ ପରାମର୍ଶ ଦେଇଛି ।

# ଯୁଦ୍ଧକୁ ଓହ୍ଲାଇଲା ସାଉଦିଆରବ



■ ଇରାକ୍‌ରେ ଆମେରିକା ସହ ସାଉଦି ବିମାନ ଆକ୍ରମଣ
■ ୨୦ ମିଲିସିଆ କ୍ୟାଡରଙ୍କ ମୃତ୍ୟୁ

ବାଗଦାଦ, ୨୯ ।୭(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଆହୁରି ଭୟାନକ ରୂପ ନେବାକୁ ଯାଉଛି । ଏବେ ଏହି ଯୁଦ୍ଧରେ ସାଉଦି ଆରବ ପ୍ରତ୍ୟେକ୍ଷଭାବେ ଓହ୍ଲାଇଛି । ଇରାକ୍‌ରେ ଥିବା ଇରାନ-ସମର୍ଥିତ ସଶସ୍ତ୍ର ଗୋଷ୍ଠୀ (ମିଲିସିଆ)ର ବିଭିନ୍ନ ଠିକଣା ଉପରେ ଆମେରିକା ଏବଂ ସାଉଦି ଆରବ ଆରବ ମିଳିତ ଭାବେ ଶକ୍ତିଶାଳୀ ବିମାନ ଆକ୍ରମଣ କରିଛନ୍ତି । ଏହି କାର୍ଯ୍ୟାନୁଷ୍ଠାନରେ ଅତିକମରେ ୨୦ ଜଣ ମିଲିସିଆ କ୍ୟାଡର ମୃତ୍ୟୁବରଣ କରିଥିବା ବେଳେ ୩୨ ଜଣ ଗୁରୁତର ଆହତ ହୋଇଛନ୍ତି ।

ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଏବଂ ସାଉଦି ଆରବ ଆରବ ପ୍ରତିରକ୍ଷା ମନ୍ତ୍ରାଳୟ ସୂଚନା ଅନୁଯାୟୀ, ଗତ ୭୨ ଘଣ୍ଟା ମଧ୍ୟରେ ଇରାନର 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର' (ଆଇଆରଜିସି) ଦ୍ୱାରା ନିୟନ୍ତ୍ରିତ ସଂଗଠନଗୁଡ଼ିକ ଆମେରିକୀୟ ସେନା ଏବଂ ସାଉଦି ଆରବର ତୈଳ ପ୍ରତିଷ୍ଠାନଗୁଡ଼ିକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ । ଏହାର କଡ଼ା ଜବାବ ଦେଇ ଦକ୍ଷିଣ ଓ ପୂର୍ବ ଇରାକ୍‌ର ବାଗଦାଦ, ବସ୍‌ରା, ନିନେଭେ ଏବଂ ଦିୟାଲା ଭଳି ସ୍ଥାନରେ ଥିବା ଆତଙ୍କବାଦୀ କ୍ୟାମ୍ପଗୁଡ଼ିକୁ ବିମାନ ଆକ୍ରମଣ କରି ଧ୍ୱଂସ କରାଯାଇଛି । ଏହି ଏୟାରଷ୍ଟ୍ରାଇକ୍ ପୂର୍ବରୁ ଇରାନ ଜୋର୍ଡାନରେ ଥିବା ଆମେରିକାର ସାମରିକ ଘାଟି ଉପରକୁ କ୍ଷେପଣାସ୍ତ୍ର ମାଡ଼ କରିଥିଲା, ଯାହାକୁ ଆମେରିକା ଆକାଶମାର୍ଗରେ ହିଁ ନଷ୍ଟ କରିଦେଇଥିବା ଦାବି କରିଛି । ଏହାସହ ହୋରମୁଜ୍ ପ୍ରଣାଳୀରେ ଇରାନ ତିନୋଟି ତୈଳବାହୀ ଜାହାଜକୁ ଆକ୍ରମଣ କରିଥିବା ସୂଚନା ମିଳିଛି । ଇରାକ୍ ସରକାରୀ ସେନାର ଅଂଶବିଶେଷ 'ପପୁଲାର ମୋବିଲାଇଜେସନ ଫୋର୍ସ' (ପିଏମ୍‌ଏଫ୍) ଏହି ଆକ୍ରମଣକୁ ନିନ୍ଦା କରିବା ସହ ଏହା ଇରାକ୍‌ର ସାର୍ବଭୌମତ୍ୱ ଉପରେ କଠୋର ଆଘାତ ବୋଲି କହିଛି । ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇବା ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ପ୍ରାୟ ୪.୩ ପ୍ରତିଶତ ବୃଦ୍ଧି ଘଟିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ୱାସିଂଟନ୍‌ରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚାଲିଥିବା ସମୟରେ ଏହି ପ୍ରତିଶୋଧମୂଳକ ଆକ୍ରମଣ ମଧ୍ୟପ୍ରାଚ୍ୟର ପରିସ୍ଥିତିକୁ ଆହୁରି ସଙ୍କଟଜନକ କରିଦେଇଛି ।

### ଅହମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା

# ଇନ୍ଧନ ସ୍ୱିଚ୍‌ରେ ତ୍ରୁଟି ନାହିଁ: କେନ୍ଦ୍ର



ନୂଆଦିଲ୍ଲୀ, ୨୯ ।୭ (ଏଜେନ୍ସି): ଅହମଦାବାଦ୍‌ରେ ଗତବର୍ଷ ଘଟିଥିବା ଏଆଇ-୧୭୧ ବିମାନ ଦୁର୍ଘଟଣାର ତଦନ୍ତ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ବିମାନ ଦୁର୍ଘଟଣାରେ ୨୬୦ ଜଣ ଲୋକ ପ୍ରାଣ ହରାଇଥିଲେ । ଇନ୍ଧନ ନିୟନ୍ତ୍ରଣ ସ୍ୱିଚ୍ ଯୋଗୁଁ ଦୁର୍ଘଟଣା ଘଟିଲା ବୋଲି କୁହାଯାଇଥିବା ବେଳେ ଏହି ବ୍ୟବସ୍ଥାରେ କୌଣସି ତ୍ରୁଟି ମିଳିନଥିବା ସଂସଦରେ କେନ୍ଦ୍ର ସରକାର ଆଜି ସୂଚନା ଦେଇଛନ୍ତି । ରାଜ୍ୟସଭାରେ ପ୍ରଶ୍ନର ଉତ୍ତର ଦେଇ ବେସାମରିକ ବିମାନ ଚଳାଚଳ ରାଜ୍ୟମନ୍ତ୍ରୀ ମୁରଲୀଧର ମହୋଳ କହିଛନ୍ତି, ମୂଳ ଉପକରଣ ନିର୍ମାତା ସଂସ୍ଥା ପକ୍ଷରୁ କରାଯାଇଥିବା ଉନ୍ନତ ପରୀକ୍ଷଣରେ ଇନ୍ଧନ ନିୟନ୍ତ୍ରଣ ସ୍ୱିଚ୍ ଏବଂ ଏହାର ସୁରକ୍ଷା ବ୍ୟବସ୍ଥାରେ କୌଣସି ଅସ୍ୱାଭାବିକତା ଚିହ୍ନଟ ହୋଇନାହିଁ । ସେ କହିଛନ୍ତି, ସମ୍ପୂର୍ଣ୍ଣ ଥ୍ରଷ୍ଟ ନିୟନ୍ତ୍ରଣ ମଡ୍ୟୁଲର ପରୀକ୍ଷଣ ଆମେରିକାର ସିଆଟଲ୍‌ସ୍ଥିତ ନିର୍ମାତା ସଂସ୍ଥାର କାରଖାନାରେ ଏପର୍ଯ୍ୟନ୍ତ ଜାରି ରହିଛି । ଏହି ପରୀକ୍ଷଣର ଅନ୍ତିମ ରିପୋର୍ଟ ଆସିବା ପରେ ତଦନ୍ତର ସମସ୍ତ ଦିଗ ସ୍ପଷ୍ଟ ହେବ । କେନ୍ଦ୍ର ସରକାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋର ଅନ୍ତିମ ରିପୋର୍ଟ ପ୍ରକାଶରେ କୌଣସି ବିଳମ୍ବ ହୋଇନାହିଁ । ବଡ଼ ବିମାନ ଦୁର୍ଘଟଣାର ତଦନ୍ତରେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନଥାଏ ଏବଂ ସମ୍ଭାବ୍ୟ ସମସ୍ତ କାରଣ ଓ ସହାୟକ ପରିସ୍ଥିତିର ଗଭୀର ଯାଞ୍ଚ କରାଯାଉଛି । ସରକାରଙ୍କ କହିବା ଅନୁଯାୟୀ, ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ଅନ୍ତିମ ରିପୋର୍ଟ ସାର୍ବଜନୀନ କରାଯିବ ଏବଂ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋର ୱେବସାଇଟ୍‌ରେ ପ୍ରକାଶ କରାଯିବ । ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ତଦନ୍ତ ଅନ୍ତିମ ପର୍ଯ୍ୟାୟରେ ଥିବାବେଳେ ଇନ୍ଧନ ନିୟନ୍ତ୍ରଣ ସ୍ୱିଚ୍‌ରେ କୌଣସି ଯାନ୍ତ୍ରିକ ତ୍ରୁଟି ନ ମିଳିବା ତଦନ୍ତର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ତେବେ ଦୁର୍ଘଟଣାର ପ୍ରକୃତ କାରଣ ଅନ୍ତିମ ତଦନ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ହିଁ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି ।

# ଥାଇଲାଣ୍ଡରେ ୩ ଭାରତୀୟ ପର୍ଯ୍ୟଟକଙ୍କୁ ଅପହରଣ

■ କାଳ ହେଲା ଶସ୍ତା ଭ୍ରମଣର ଲୋଭ
■ ୫ ଭାରତୀୟ, ଅପହର୍ତ୍ତା ଗିରଫ



ବ୍ୟାଙ୍କକ, ୨୯ ।୭(ଏଜେନ୍ସି): ଶସ୍ତା ମୂଲ୍ୟରେ ଥାଇଲ୍ୟାଣ୍ଡ ଭ୍ରମଣ କରାଇବାର ପ୍ରଲୋଭନ ଦେଇ ତିନି ଭାରତୀୟ ଯୁବକଙ୍କୁ ଅପହରଣ କରାଯାଇଥିବା ଘଟଣା ସାମ୍ନାକୁ ଆସିଛି । ଥାଇ ପୁଲିସ ଅଭିଯୁକ୍ତମାନଙ୍କ କବଳରୁ ତିନିଜଣଙ୍କୁ ଉଦ୍ଧାର କରିଥିବାବେଳେ ଏହି ମାମଲାରେ ପାଞ୍ଚ ଭାରତୀୟଙ୍କୁ ଗିରଫ କରିଛି । ଏହି ଅପରାଧରେ କିଛି ପାକିସ୍ତାନୀ ନାଗରିକଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ମଧ୍ୟ ରହିଛି । ପୁଲିସ ସୂଚନା ଅନୁସାରେ, ତିନିଜଣ ଭାରତୀୟ ଯୁବକଙ୍କୁ ସାତ ଦିନିଆ ଶସ୍ତା ଭ୍ରମଣ ପ୍ୟାକେଜ୍‌ର ପ୍ରଲୋଭନ ଦେଇ ଥାଇଲ୍ୟାଣ୍ଡକୁ ଡକାଯାଇଥିଲା । ଜୁଲାଇ ୨୧ରେ ସେମାନେ ବ୍ୟାଙ୍କକରେ ପହଞ୍ଚିବା ପରେ ପଟ୍ଟାୟାକୁ ନିଆଯାଇଥିଲେ । ସେଠାରେ ଏକ ଭଡ଼ା ଘରକୁ ନେଇ ସେମାନଙ୍କୁ ବନ୍ଦୀ କରାଯାଇଥିଲା । ଅପହରଣକାରୀମାନେ ବନ୍ଦୀମାନଙ୍କୁ ପ୍ରତିଦିନ ନିର୍ଯାତନା ଦେବା ସହ ସେମାନଙ୍କ ପରିବାର ଲୋକଙ୍କଠାରୁ ମୁକ୍ତି ବଦଳରେ ପ୍ରାୟ ସତର ଲକ୍ଷ ଟଙ୍କା ଦାବି କରିଥିଲେ । ପରିବାର ସଦସ୍ୟଙ୍କ ସହ କଥା ହେବାକୁ ବାଧ୍ୟ କରାଯାଇ ଟଙ୍କା ପଠାଇବା ପାଇଁ ଚାପ ସୃଷ୍ଟି କରାଯାଉଥିଲା । ନିର୍ଯାତନାର ଦୃଶ୍ୟକୁ ଅଧିକ ଭୟଙ୍କର ଦେଖାଇବା ପାଇଁ ଜଣେ ପୀଡ଼ିତଙ୍କ ଶରୀରରେ ଲାଲ ରଙ୍ଗ ଲଗାଇ ଭିଡିଓ କଲ୍ କରାଯାଇଥିବା ତଦନ୍ତରେ ଜଣାପଡ଼ିଛି । ଭାରତରେ ଥିବା ପରିବାର ସଦସ୍ୟମାନେ ଥାଇ ପୁଲିସର ସହାୟତା ଲୋଡ଼ିବା ପରେ ତଦନ୍ତ ଆରମ୍ଭ ହୋଇଥିଲା । ଜୁଲାଇ ୨୭ରେ ପଟ୍ଟାୟାର ଏକ ଦୁଇମହଲା ଘର ଉପରେ ଚଢ଼ାଉ କରି ପୁଲିସ ତିନିଜଣଙ୍କୁ ଉଦ୍ଧାର କରିଥିଲା । ତେବେ ପୁଲିସ ପହଞ୍ଚିବା ପୂର୍ବରୁ କିଛି ଅଭିଯୁକ୍ତ ମୋଟରସାଇକେଲରେ ଫେରାର ହୋଇଯାଇଥିଲେ । ପରବର୍ତ୍ତୀ ଅଭିଯାନରେ ବ୍ୟାଙ୍କକର ଏକ ହୋଟେଲରୁ ପାଞ୍ଚ ଭାରତୀୟଙ୍କୁ ଗିରଫ କରାଯାଇଛି । ପୁଲିସ କହିଛି, ଦୁବାଇରୁ କାର୍ଯ୍ୟ କରୁଥିବା ଜଣେ ପାକିସ୍ତାନୀ ବ୍ୟକ୍ତିଙ୍କ ନିର୍ଦ୍ଦେଶରେ ଏହି ଅପହରଣ ଯୋଜନା କରାଯାଇଥିଲା । ମୁକ୍ତିପଣର ଟଙ୍କା ଡିଜିଟାଲ୍ ମୁଦ୍ରା ମାଧ୍ୟମରେ ନେବାର ଯୋଜନା ଥିବା ମଧ୍ୟ ତଦନ୍ତରେ ସାମ୍ନାକୁ ଆସିଛି । ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ସନ୍ଧାନ ଜାରି ରହିଛି ।

## ଯୌନ ଶୋଷଣ ପରେ ଗର୍ଭପାତ ପାଇଁ ବାଧ୍ୟ କରି ଥାନା ଅଧିକାରୀ ନିଲମ୍ବିତ



ହାଇଦରାବାଦ, ୨୯ ।୭(ଏଜେନ୍ସି): ଜଣେ ମହିଳାଙ୍କୁ ଯୌନ ଶୋଷଣ, ଗର୍ଭପାତ କରିବାକୁ ବାଧ୍ୟ କରିବା ଏବଂ ବ୍ଲାକମେଲ କରିବା ଅଭିଯୋଗରେ ହାଇଦରାବାଦର ଜୁବିଲି ହିଲ୍ସ ଥାନାର ଥାନା ଅଧିକାରୀ ଉ. ଶ୍ରୀନିବାସୁଲୁ ରେଡ୍ଡୀଙ୍କୁ ନିଲମ୍ବିତ କରାଯାଇଛି । ପ୍ରାଥମିକ ତଦନ୍ତ ପରେ ହାଇଦ୍ରାବାଦ ପୁଲିସ କମିଶନର ଏହି ପଦକ୍ଷେପ ନେଇଛନ୍ତି । ସଙ୍ଗାରେଡ୍ଡି ଜିଲ୍ଲାର ଜଣେ ଏକତିରିଶ ବର୍ଷୀୟା ମହିଳା ପୁଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ, ଶ୍ରୀନିବାସୁଲୁ ରେଡ୍ଡୀ ତାଙ୍କୁ ଯୌନ ନିର୍ଯାତନା ଦେବା ସହ ଗର୍ଭବତୀ ହେବା ପରେ ଗର୍ଭପାତ କରାଇବାକୁ ବାଧ୍ୟ କରିଥିଲେ । ଏହାଛଡ଼ା ତାଙ୍କୁ ମାଡ଼ ମାରିବା ଓ ଧମକ ଦେଇଥିବା ଅଭିଯୋଗ ମଧ୍ୟ ସେ କରିଛନ୍ତି । ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଘଟଣାର ଆରମ୍ଭ ୨୦୨୧ରେ ହୋଇଥିଲା । ପାରିବାରିକ ବିବାଦ ନେଇ ସେ ଆମିନପୁର ଥାନାକୁ ଯାଇଥିବାବେଳେ ସେତେବେଳେ ସେଠାରେ କାର୍ଯ୍ୟରତ ଥିବା ଶ୍ରୀନିବାସୁଲୁ ରେଡ୍ଡୀ ତାଙ୍କ ସହ ସମ୍ପର୍କ ସ୍ଥାପନ କରି ଧୀରେ ଧୀରେ ଯୌନ ସମ୍ପର୍କ ପାଇଁ ଚାପ ପକାଇଥିଲେ । ପରେ ନିଜ ଘରକୁ ଡାକି ସେଠାରେ ଯୌନ ନିର୍ଯାତନା କରିଥିବା ଅଭିଯୋଗ ହୋଇଛି । ଅଭିଯୋଗରେ ଆହୁରି କୁହାଯାଇଛି ଯେ, ଅଭିଯୁକ୍ତ ଅଧିକାରୀ ବ୍ୟକ୍ତିଗତ ଭିଡିଓ ସାମାଜିକ ମାଧ୍ୟମରେ ପ୍ରକାଶ କରିଦେବାର ଧମକ ଦେଇ ଦୁଇ କୋଟି ଟଙ୍କା ଦାବି କରିଥିଲେ । ଭୟଭୀତ ହୋଇ ସେ ବିଭିନ୍ନ ସମୟରେ ତାଙ୍କୁ ହଜାର ହଜାର ଟଙ୍କା ଦେଇଥିବା ମଧ୍ୟ ମହିଳା ଦାବି କରିଛନ୍ତି । ସେହିପରି ଜୁବିଲି ହିଲ୍ସ ଥାନାରେ ପୋଷ୍ଟିଂ ପାଇଁ ପାଇଁ ପଚିଶ ଲକ୍ଷ ଟଙ୍କା ଦିଆଯାଇଥିବା ଅଭିଯୋଗ ମଧ୍ୟ ସେ ଆଣିଛନ୍ତି ।

## ଭଦ୍ରକ ଜିଲ୍ଲାରେ ବନ୍ୟା ସ୍ଥିତି ଗମ୍ଭୀର; ସହର ଅବସ୍ଥା ବେହାଲ

# ବଢ଼ୁଛି ବୈତରଣୀ, ସାଳନ୍ଦୀ; ୩୨୨ ଗାଁରେ ପଶିଲା ପାଣି

ଭଦ୍ରକ,୨୯।୭(ସମିସ): ଲଗାଣ ବର୍ଷା ଓ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ଯୋଗୁଁ ଭଦ୍ରକ ଜିଲ୍ଲାରେ ବନ୍ୟା ପରିସ୍ଥିତି ଜାରି ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସନ୍ଧ୍ୟା ୫ଟା ସୁଦ୍ଧା ମିଳିଥିବା

**୫୪ ହଜାରରୁ ଅଧିକ ବିପନ୍ନଙ୍କୁ ସ୍ଥାନାନ୍ତର**

**୩ ଲକ୍ଷ ୩୯ ହଜାର ୭୭୦ ଲୋକ ପ୍ରଭାବିତ**



ଦୈନିକ ସ୍ଥିତି ରିପୋର୍ଟ ଅନୁଯାୟୀ, ଜିଲ୍ଲାର ତିହିଡ଼ି, ବାସୁଦେବପୁର, ଧାମନଗର, ଭଦ୍ରକ ଓ ଭଣ୍ଡାରିପୋଖରୀ ସମେତ ୫ଟି ବ୍ଲକ୍‌ର ୭୨ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୩୨୨ଟି ଗ୍ରାମ ବନ୍ୟାରେ ପ୍ରଭାବିତ ହୋଇଛି। ଏହା ସହ ଧାମନଗର ଏନ୍‌ଏସି, ଭଦ୍ରକ ପୌରପାଳିକା ଓ ଧୂଷୁରୀ ଏନ୍‌ଏସିର ୧୩ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି। ଜିଲ୍ଲାରେ ମୋଟ୍ ୩ ଲକ୍ଷ ୩୯ ହଜାର ୭୭୦ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଥିବାବେଳେ ୫୪ ହଜାର ୧୮୪ ଜଣଙ୍କୁ ସୁରକ୍ଷିତ ସ୍ଥାନ ଓ ଆଶ୍ରୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ପ୍ରଭାବିତ ଲୋକଙ୍କ ପାଇଁ ୧୯୫ଟି ମାଗଣା ରୋଷେଇ କେନ୍ଦ୍ର ଓ ରିଲିଫ୍ କେନ୍ଦ୍ର ଖୋଲାଯାଇଛି ଏବଂ ସମସ୍ତ ହିତାଧିକାରୀଙ୍କୁ ଖାଦ୍ୟ ସହାୟତା ପ୍ରଦାନ କରାଯାଉଛି।

ସୂଚନାନୁଯାୟୀ, ଏ ପର୍ଯ୍ୟନ୍ତ କୌଣସି ମାନବ ମୃତାହତ ଘଟଣା ଘଟିନାହିଁ। ପଶୁସମ୍ପଦ କ୍ଷେତ୍ରରେ ୧୮୫ଟି ବଡ଼ ପଶୁ ଓ ୨୨୭ଟି ଛୋଟ ପଶୁ ପ୍ରଭାବିତ ହୋଇଥିବାବେଳେ କୌଣସି ପଶୁ ମୃତ୍ୟୁର ବି ସୂଚନା ମିଳିନାହିଁ। ଫସଲ କ୍ଷୟକ୍ଷତିର ଆକଳନ ଚାଲିଥିବାବେଳେ ଘରବାରି କିମ୍ବା ଭିତ୍ତିଭୂମି କ୍ଷୟକ୍ଷତିର କୌଣସି ରିପୋର୍ଟ ମିଳିନାହିଁ। ରିଲିଫ୍ ସାମଗ୍ରୀ ଭାବେ ବୁଧବାର ୧୬୬.୩୩ କ୍ୱିଣ୍ଟାଲ ଚୁଡ଼ା ଓ ୧୭.୭୮ କ୍ୱିଣ୍ଟାଲ ଗୁଡ଼, ଚିନି ବଣ୍ଟନ କରାଯାଇଛି। ଜିଲ୍ଲାରେ ୧୪ଟି ମେଡିକାଲ ଟିମ୍ ଓ ୫ଟି ପଶୁ ଚିକିତ୍ସା ଟିମ୍ ନିୟୋଜିତ ରହିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୩ଟି ଏନ୍‌ଡିଆର୍‌ଏଫ୍ ଓ ୪ଟି ଓଡ୍ରାଫ୍ ଦଳ ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ମୁତୟନ ହୋଇ ରହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ କ୍ରମାଗତ ନଜର ରଖାଯାଇଥିବା ବେଳେ ଉଦ୍ଧାର, ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି ବୋଲି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ସୂଚନା ଦେବା ସହ ବନ୍ୟାଞ୍ଚଳ ଲୋକମାନେ ଭୟଭୀତ ନ ହୋଇ ସତର୍କତା ଅବଲମ୍ବନ କରି ସହଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଅନ୍ୟପକ୍ଷରେ ଲଗାଣ ବର୍ଷା ପରେ ଭଦ୍ରକ ସହର ସ୍ଥିତି ମଧ୍ୟ ବେହାଲ ହୋଇପଡ଼ିଛି। ଭଦ୍ରକ ପୌରାଞ୍ଚଳର ଅଧିକାଂଶ ୱାର୍ଡ ଜଳବନ୍ଦୀ ହୋଇପଡ଼ିଛି। ବିଶେଷକରି ୫, ୧୫, ୧୬, ୧୯, ୨୧, ୨୫, ୨୭, ୨୮, ୨୯ ନମ୍ବର ୱାର୍ଡ ଜଳବନ୍ଦୀ ହୋଇପଡ଼ିଛି। ବହୁ ଲୋକଙ୍କ ଘରେ ପାଣି ପଶିଥିବାବେଳେ ଅନେକ ରାସ୍ତାରେ ପାଣିର ସୁଅ ଛୁଟିଛି। ସେହିଭଳି ସହର ଉପକଣ୍ଠ ସାଳନ୍ଦୀ ନଦୀ ବାଉଦପୁର ବ୍ରିଜ୍ ଉପରେ ବନ୍ୟାପାଣିର ସୁଅ ଛୁଟିଛି। ଫଳରେ ପ୍ରଶାସନ ପକ୍ଷରୁ ଏହି ବ୍ରିଜ୍‌କୁ ବାଉଁଶ ଦେଇ ବନ୍ଦ କରାଯାଇଛି। ସେହିଭଳି ସହରାଞ୍ଚଳର ତଳିଆ ଅଞ୍ଚଳ ଓ ନଦୀକୂଳିଆ ଅଞ୍ଚଳବାସୀଙ୍କୁ ପୌରପାଳିକା ପକ୍ଷରୁ ମାଇକ୍ ଯୋଗେ ସତର୍କ ରହିବାକୁ ସୂଚନା ଦିଆଯାଇଛି।

## ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା; ଆନନ୍ଦପୁର ରିଙ୍ଗବନ୍ଧରେ ୫୦ ଫୁଟ୍‌ର ଘାଇ

# ଭାସିଗଲା କାର୍ ସହ ଭ୍ୟାନ୍; ପୁଅ ନିଖୋଜ, ବାପା ଗୁରୁତର





ଆନନ୍ଦପୁର, ୨୯।୭ (ସମିସ): ଆନନ୍ଦପୁର ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା ପାଇଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ରକ୍ଷଣାବେକ୍ଷଣ ଅଭାବରୁ ରିଙ୍ଗ ବନ୍ଧଠାରେ ଥିବା ଦୁର୍ବଳ ସ୍ଲୁଇସ ଭାଙ୍ଗିଯିବାରୁ ପ୍ରାୟ ୫୦ ଫୁଟ୍‌ର ଘାଇ ସୃଷ୍ଟି ହୋଇଛି। ଘାଇରେ ପଡି ଏକ ପିକଅପ ଭ୍ୟାନ ଓ ଅନ୍ୟ ଏକ କାର ଭାସି ଯାଇଥିଲା। ଗାଡିରେ ଥିବା ଫକୀରପୁର ଗ୍ରାମର ପ୍ରଦୀପ ମହାନ୍ତି ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର ହୋଇଥିବା ବେଳେ ପୁଅ ସଦାଶିବ ମହାନ୍ତି ନିଖୋଜ ଥିବା ସୂଚନା ମିଳିଛି। ଗତ ମଙ୍ଗଳବାର ରାତି ପ୍ରାୟ ୩ଟା ସମୟରେ ହଠାତ୍ ବନ୍ଧ ଭାଙ୍ଗି ଏହି ଘାଇ ସୃଷ୍ଟି ହେବାରୁ ବନ୍ଧ ନିଟରେ ରହୁଥିବା ତଳ ମୁଖୀସାହି, ଉପର ମୁଖୀସାହି ଓ ୫ନମ୍ବର ୱାର୍ଡର କେତେକ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଗୁହାଳରେ ଥିବା ଅନେକ ଗୃହପାଳିତ ପଶୁଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ଆନନ୍ଦପୁର ଅଗ୍ନିଶମ କର୍ମଚାରୀ ବନ୍ୟାଜଳରୁ ୩୭ ଜଣଙ୍କୁ ଉଦ୍ଧାର କରିଥିବା ଜଣାଯାଇଛି। ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ଅତିରିକ୍ତ ଜିଲ୍ଲପାଳ ରବିନ୍ଦ୍ର ନାରାୟଣ ପ୍ରଧାନ ଆନନ୍ଦପୁରଠାରେ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଆନନ୍ଦପୁର ପୌରପାଳିକା ପକ୍ଷରୁ ୪୦ ପରିବାରକୁ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ବନ୍ୟାପାଣି ପଶିଯିବାରୁ ୧୦ରୁ ଊର୍ଦ୍ଧ୍ୱ ପରିବାର ପ୍ରଭାବିତ ହୋଇଛନ୍ତି। ଏପଟେ ଫାପୁଡ଼ିଆ ନାଳରେ ପ୍ରବଳ ପାଣି ପଶିଆସିବାରୁ ଆନନ୍ଦପୁରରେ ୫୦ରୁ ଊର୍ଦ୍ଧ୍ୱ ପରିବାର ପ୍ରଭାବିତ ହୋଇଛନ୍ତି। ଆନନ୍ଦପୁର ପୌରାଞ୍ଚଳ ୧୩ନମ୍ବର ୱାର୍ଡ ଖପରାଖାଇ ସାଉଁତିସାହିରେ ବନ୍ୟାଜଳ ପ୍ରବେଶ କରିବାରୁ ଅନେକ ପରିବାରର ଘର କାନ୍ଥ ପଡ଼ିଯାଇଛି। ଅନେକ ଘରର ଆସବାବପତ୍ର ନଦୀରେ ଭାସିଯାଇଛି। ସେହିପରି ସୁଡୁମୁଡ଼ିଆ ଦେହୁରୀସାହିଓ ଆନନ୍ଦପୁର ବ୍ଲକର ଖଡ଼ିବିଲ (ବାଲିପଶି) ନିକଟରେ ପୋଲ ଭାଙ୍ଗିଯାଇଛି। ଘସିପୁରା ବ୍ଲକ୍‌କୁ ଯୋଗଯୋଗ ବିଚ୍ଛିନ୍ନ ହୋଇଛି। ସରେଇଁ, ଭଗାନଇ, ମଦନପୁର ଗ୍ରାମକୁ ଯାଉଥିବା ଲୋକେ ହସନପୁର ଓ ବଳରାମପୁର ଦେଇ ଯାଉଛନ୍ତି। ଆନନ୍ଦପୁର ବ୍ଲକ୍ ଟୁକୁଣାର କୁଣ୍ଡେଶ୍ୱର ମନ୍ଦିରରେ ବନ୍ୟାପାଣି ପଶିଛି। ପଞ୍ଚୁପଲ୍ଲୀ ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ବନ୍ୟାଜଳ ପଶିବା ଯୋଗୁଁ ପରିବା ଓ ଧାନଚାଷ କ୍ଷତିଗ୍ରସ୍ତ ହୋଇଛି। ପଞ୍ଚୁପଲ୍ଲୀ ପଞ୍ଚାୟତ ବେଡସାହିରେ ପାଣି ପଶିଯାଇଥିବାରୁ ୨୦ ପରିବାର ପାଣି ଘେରରେ ରହିଛନ୍ତି।

## ବାସୁଦେବପୁରର ବିଭିନ୍ନ ଅଞ୍ଚଳ ଜଳମଗ୍ନ

ବାସୁଦେବପୁର,୨୯।୭(ସମିସ): ଲଗାଣ ବର୍ଷା ଯୋଗୁଁ ବାସୁଦେବପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଓ ପୌରପାଳିକାର କେତୋଟି ୱାର୍ଡ ଜଳମଗ୍ନ ହୋଇପଡ଼ିଛି। ଦୁଇ ଦୁଇ ଥର ବନ୍ୟା ଲୋକମାନଙ୍କର ଚାଷ ଜମିର ତଳି ଓ ବୁଣା ଧାନକୁ ନଷ୍ଟ କରିଦେଇଛି। ଉପର ମୁଣ୍ଡର ବର୍ଷା ପାଣି ତଳକୁ ଗଡୁଛି। ସୁସୁ ହୋଇ ମାଡ଼ି ଆସୁଛି ବରଣ୍ଡୁଆ ପଞ୍ଚାୟତର ରତାଙ୍ଗ, ବରଣ୍ଡୁଆ, ଦୀକ୍ଷିତବିନ୍ଧା ଗ୍ରାମରେ ବନ୍ୟା ଜଳ। କିଛି ଲୋକଙ୍କ ଘରେ ପାଣି ପଶିଛି। ଯେଉଁ ପରିମାଣରେ ବନ୍ୟା ପାଣି ପଶୁଛି ବୁଧବାର ରାତି ସୁଦ୍ଧା ଅନେକ ଘର ବୁଡ଼ିଯିବାର ଆଶଙ୍କା ସୃଷ୍ଟି ହୋଇଛି। ସୁଦର୍ଶନପୁର ପଞ୍ଚାୟତର ସୁଦର୍ଶନପୁର (ଅଫୁଲା ଓ ମିରିଗା), ସୁଆଁ ଓ ଜଗନ୍ନାଥୀର ତଳିଆ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ନରସିଂହପୁର ପଞ୍ଚାୟତର ବଡ଼ଚନ୍ଦ୍ରଭାନୁପୁର ଓ କାଳିଦାସପୁର ଗ୍ରାମ ଜଳମଗ୍ନ ହୋଇ ପଡ଼ିଛି। ବଡ଼ଚନ୍ଦ୍ରଭାନୁପୁର ଗାଁ ଦାଣ୍ଡରେ ୩ ଫୁଟ୍ ଉଚ୍ଚରେ ବନ୍ୟା ପାଣି ଜମିରହିଛି। ଚୂଡ଼ାମଣୀ ପଞ୍ଚାୟତର ତଳସାହି ଓ ଅଢୁଆଁ ପଞ୍ଚାୟତର ନନ୍ଦପୁର ଗ୍ରାମର ଚାଷ ଜମିରେ ବନ୍ୟା ପାଣି ପ୍ରବାହିତ ହେଉଛି। ପୌରପାଳିକାର ବିଭିନ୍ନ ୱାର୍ଡରେ ହଜାର ହଜାର ଏକର ଚାଷ ଜମିରେ ବର୍ଷା ଜଳ ଜମି ରହିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଉପର ମୁଣ୍ଡରୁ ବର୍ଷା ପାଣି ଖସୁଥିବାବେଳେ ତଳ ମୁଣ୍ଡର ବନ୍ୟା ସୃଷ୍ଟି ହୋଇଛି। ଚାଷ ଜମିରେ ୮/୧୦ ଫୁଟ୍ ଉଚ୍ଚତାର ପାଣି ଲହଡ଼ି ଭାଙ୍ଗୁଛି। ବରଣ୍ଡୁଆ ଓ ସୁଦର୍ଶନପୁର ରାସ୍ତାରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। କିଛି ଘର ଜଳବନ୍ଦୀ ମଧ୍ୟରେ ରହିଛି। ଭୈରବପୁର ପୋଲ ନିକଟରେ ଗୋଟିଏ ପରିବାର ୪ ଦିନ ଧରି ଜଳ ବନ୍ଦୀରେ ଫସି ରହିଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉଦ୍ଧାର କରି ବାତ୍ୟା ଆଶ୍ରୟସ୍ଥଳୀରେ ଥଇଥାନ କରିଛନ୍ତି।

## ବର୍ଷାଜଳ ନିଷ୍କାସନ ବେଳେ ଲାଗିଲା ବିଦ୍ୟୁତ୍ କରେଣ୍ଟ

# ଅଗ୍ନିଶମ ଯବାନଙ୍କ ମୃତ୍ୟୁ

କେନ୍ଦୁଝର, ୨୯।୭(ସମିସ): ଲୋକଙ୍କ ଘର ଏବଂ ସେମାନଙ୍କ ଅଗଣାରେ ଜମି ରହିଥିବା ଜଳ ନିଷ୍କାସନ ବେଳେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବିଦ୍ୟୁତ ଆଘାତରେ ଜଣେ ଅଗ୍ନିଶମ ବାହିନୀ ଯବାନଙ୍କର ଦୁଃଖଦ ମୃତ୍ୟୁ ହୋଇଛି। ଉକ୍ତ ଯବାନ ହେଉଛନ୍ତି ଚନ୍ଦନ ପଟ୍ଟନାୟକ। ତାଙ୍କ ମୂଳ ଘର ଅନୁଗୋଳ ଜିଲ୍ଲାରେ ବୋଲି ଜଣାପଡ଼ିଥିଲା ବେଳେ କେନ୍ଦୁଝର ଟାଉନ ପୁଲିସ ଘଟଣାସ୍ଥଳରେ ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲାରେ ଶବ ବ୍ୟବଚ୍ଛେଦ କରାଇଛି। ଘଟଣାଟି ସାରା କେନ୍ଦୁଝରରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ମୃତଦେହକୁ ତାଙ୍କ ପୈତୃକ ବାସଗୃହକୁ ପଠାଇବାର ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ, ସମ୍ପୃକ୍ତ ଘର ମାଲିକ ବିଦ୍ୟୁତ ବିଭାଗର ବିନାନୁମତିରେ ନିଜ ଘରୁ ଖୋଲାମେଲା ତାରରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ବିଦ୍ୟୁତ ସଂଯୋଗ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଟାଟା ପାୱାର କମ୍ପାନୀ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ହେଉଛି।



ସୂଚନା ଅନୁସାରେ, ଦୁଇ ଦିନ ଧରି ଲଗାଣ ବର୍ଷାରେ କେନ୍ଦୁଝର ସହରର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ରାସ୍ତାଘାଟ ଘରଦ୍ୱାର ସବୁଆଡେ ପାଣି ଭରି ଯାଇଥିଲା। ମଙ୍ଗଳବାରଠାରୁ ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ କରିବା ପାଇଁ କେନ୍ଦୁଝରଗଡ ପୌରପାଳିକା ଓ ଅଗ୍ନିଶମବାହିନୀର ୧୦ଟି ଟିମ୍ ଦିନରାତ୍ରି କାମରେ ଲାଗିଥିଲେ। ବୁଧବାର ସକାଳେ ପାଳି ଥିଲା ଟାଉନ ଥାନା ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖ ପୁଲିସ କ୍ଲବ୍ ଏବଂ ପାଖରେ ଥିବା ବିଭିନ୍ନ ଘର। ଦୁଇଟି ଟିମ୍ ମଧ୍ୟରୁ ଗୋଟିଏ ଟିମ୍ ପୁଲିସ କ୍ଲବରେ ଜଳ ନିଷ୍କାସନ କରୁଥିବା ବେଳେ ଅନ୍ୟ ଟିମଟି ନିକଟସ୍ଥ ବିଜୟ ଦାଶଙ୍କ ଘର ଓ ଅଗଣାରୁ ପାଣି ନିଷ୍କାସନ କରୁଥିଲେ। ସେହି ଟିମରେ ସାମିଲ୍ ଥିଲେ ଚନ୍ଦନ। ଆଣ୍ଠୁଏ ପାଣିରେ ପଶି ଘର ଭିତରେ ପାଇପ୍ ପକାଇବା ସହ ଜଳ ନିଷ୍କାସନ କାର୍ଯ୍ୟ ଆରମ୍ଭ କରିଥିଲେ। ଲୁଗା ଶୁଖାଇବା ପାଇଁ ଏକ ଜିଆଇ ତାର ଘର ଅଗଣାରୁ ଅନ୍ୟ ଅଗଣାକୁ ବନ୍ଧା ହୋଇଥିଲା। ଉକ୍ତ ତାରରେ ଓଦା ଲୁଗା ମଧ୍ୟ ଶୁଖା ଯାଇଥିଲା। କୌଣସି କାରଣରୁ ସେହି ତାରଟିରେ ବିଜୁଳି କରେଣ୍ଟ ସଂଯୋଗ ହୋଇଯାଇଥିଲା। ସେହି ସମୟରେ ପାଣି ଭିତରେ ଥାଇ ଉକ୍ତ ଜିଆଇ ତାର ଉପରେ ଚନ୍ଦନଙ୍କ ହାତ ବାଜିଯାଇଥିଲା। ଫଳରେ ଶକ୍ତ କରେଣ୍ଟ ଖାଇ ସେ ତଳେ ପଡ଼ି ଯାଇଥିଲେ। ସହକର୍ମୀ ଅଗ୍ନିଶମ ଯବାନମାନେ ସଙ୍ଗେ ସଙ୍ଗେ ନିକଟରେ ଥିବା ଏକ ପ୍ଲାଷ୍ଟିକ ପାଇପ୍ ଯୋଗେ ଜିଆଇ ତାରଟିକୁ ଟାଣି ଛିଣ୍ଡାଇ ଯବାନ ଜଣଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଅଳ୍ପମାସ ହେବ କେନ୍ଦୁଝର ଅଗ୍ନିଶମ କାର୍ଯ୍ୟାଳୟରେ ନିୟୋଜିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏଥିରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ଶୋକ**

## ନାଳର ପ୍ରଖର ସ୍ରୋତରେ ଭାସିଯାଇ ମହିଳା ସହ ଶିଶୁ ମୃତ

ତେଲକୋଇ, ୨୯।୭(ସମିସ): ବନ୍ୟା ଜଳରେ ଭାସିଯାଇ ଦୁଇ ଜଣଙ୍କ ପ୍ରାଣହାନି ଘଟିଛି। ଦୁଇ ମୃତକ ମଧ୍ୟରୁ ଜଣେ ମହିଳା ହୋଇଥିବା ବେଳେ ଅନ୍ୟ ଜଣେ ଶିଶୁ। ମୃତ ମହିଳା ହେଲେ କନ୍ତଲେଇ ଡାଢିଆ ସାହିର ଆଖରି ଦେହୁରୀ(୫୮)। ମୃତକ ଶିଶୁକନ୍ୟା ହେଲା କାଳିଆହତା ଗ୍ରାମ ଘାସିଡ଼ାହି ସାହିର ସିଡୁମ୍ ମୁଣ୍ଡାଙ୍କ ବର୍ଷକର ଝିଅ ଏଲିନା ମୁଣ୍ଡା। ପୃଥକ ସ୍ଥାନରେ ବନ୍ୟାଜଳରେ ଭାସିଯାଇ ସେମାନଙ୍କ ମୃତ୍ୟୁ ହୋଇଛି। କନ୍ତଲେଇ ଦାଢିଆ ସାହିର ଅଖାରୀ ଦେହୁରୀ ୨୮ ତାରିଖ ଦିନ ସ୍ୱାମୀ ରଙ୍ଗାଧର ଦେହୁରୀଙ୍କ ସହିତ ଗାଈ ଚରାଇବାକୁ ଯାଇଥିଲେ। ଅପରାହ୍ନରେ ଘରକୁ ଫେରିବା ବେଳେ ଦାଢିଆ ସାହିକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ପାର୍ଶ୍ୱରୁ ଅଖାରି ବନ୍ୟା ଜଳରେ ଭାସି ଯାଇଥିଲେ। ସନ୍ଧ୍ୟା ସମୟରେ ଗ୍ରାମବାସୀ ଖୋଜାଖୋଜି କରିଥିଲେ ସୁଦ୍ଧା କୌଣସି ସନ୍ଧାନ ପାଇ ନଥିଲେ। ବୁଧବାର ସକାଳେ ଅଗ୍ନିଶମ ବିଭାଗ ଖୋଜାଖୋଜି ପରେ କିଛି ଦୂରରେ ଥିବା ଏକ ତାଳ ଗଛ ବୁଦାରେ ମୃତଦେହ ଠାବ କରିଥିଲେ। ସେହିପରି କାଳିଆହତା ଗ୍ରାମବାସୀ ଡାହିସାହିର ଶିଶୁ ଏଲିନା ମୁଣ୍ଡା ବୁଧବାର ପିଲାଙ୍କ ସହିତ ଘର ପାଖ ନାଳକୁ ଯାଇଥିବା ବେଳେ ସେଠାରେ ଭାସି ଯାଇଥିଲା। ଅଗ୍ନିଶମ ବାହିନୀ ଦୀର୍ଘ ୧ କିମି ତଳେ ଶିଶୁର ମୃତଦେହ ଠାବ କରିଥିଲେ। ଉଭୟ ମୃତଦେହକୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ପଠାଯାଇଛି। ଘଟଣାକୁ ନେଇ ତେଲକୋଇ ଥାନା ପକ୍ଷରୁ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



# ବୁଢ଼ାବଳଙ୍ଗ ନଦୀରେ ବନ୍ୟା: ୬୪ ଗାଁ ଜଳବନ୍ଦୀ



ବାଲେଶ୍ୱର,୨୯।୭(ସମିସ): ଲଘୁଚାପଜନିତ ବର୍ଷା ପରେ ଏବେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଦେଖାଦେଇଛି। ଚଳିତ ବର୍ଷରେ ଏହି ନଦୀରେ ପ୍ରଥମ ବନ୍ୟା ଆସିଛି। ଏଥିରେ ସଦର ବ୍ଲକର ୧୨ଟି ପଞ୍ଚାୟତର ୬୪ଟି ଗାଁ ଏବେ ଜଳବନ୍ଦୀ। ବହୁ ଗାଁ ଏବେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ବେଳେ ସେମାନଙ୍କ ନିକଟରେ ରିଲିଫ ସାମଗ୍ରୀ ପହଁଚିପାରି ନାହିଁ। ବାଲେଶ୍ୱର ସହରକୁ ଆସିବା ପାଇଁ ଦହପଡା ଠାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଥିବା ବେଳେ ବାଲିଘାଟ ପୋଲ ନିକଟସ୍ଥ ଘୋଡାପଦା ସିନ୍ଧିଆ ଠାରୁ ସମସ୍ତ ତଳି ଅଞ୍ଚଳକୁ ଏବେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ହଜାର ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି।

ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ପାଇଥିବାରୁ ସଦର ବ୍ଲକର ୧୨ଟି ପଂଚାୟତ ଏବେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିବା ବେଳେ ବୋଟ ଯୋଗେ ଲୋକମାନଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳିରେ ରଖାଯାଉଛି। ବିଶେଷ କରି ଆଜି ଅପରାହ୍ନ ୨ଟା ସୁଦ୍ଧା ବୁଢ଼ାବଳଙ୍ଗ ନଦୀର ଜଳସ୍ତର ୮.୭୬ମିଟରରେ ସ୍ଥିର ରହିଛି। ଆଜି ପୂର୍ଣ୍ଣମୀ ଥିବାରୁ ସମୁଦ୍ର ପାଣି ଟାଣୁ ନଥିବା ବେଳେ ତାହା ଗାଁଗୁଡିକୁ ମାଡି ଯାଇଛି। ବୁଢ଼ାବଳଙ୍ଗ ନଦୀ କୂଳିଆ ଅଂଚଳ ଗୁଡିକରେ ବସବାସ କରୁଥିବା ଲୋକମାନେ ଜଳବନ୍ଦୀରେ ରହି ଯାଇଛନ୍ତି। ବିଶେଷକରି ଫୁଲାଡି ନିକଟସ୍ଥ ନଦୀକୂଳିଆ ଅଞ୍ଚଳରେ ବସବାସ କରୁଥିବା ୧୧ଟି ପରିବାର ଏବେ ପାଣିଘେରରେ ରହିଛନ୍ତି। ସଦର ବ୍ଲକର ବଇଁଚା, ବୁଆଁଳ, ଚାନ୍ଦିପୁର, ଗୋପୀନାଥପୁର, କୁରାଡ଼ିଆ, ନଗ୍ରମ, ଓଲନ୍ଦା ସାରଗାଁ, ଓଡ଼ଙ୍ଗୀ, ପରୀକ୍ଷୀ, ପାତ୍ରପଡା, ସିନ୍ଧିଆ ଓ ଶ୍ରୀକୋଣା ପଂଚାୟତର ସହ ବିଭିନ୍ନ ପଂଚାୟତ ସମେତ ତୋଟାପାଳ, ପାଖରାବାଡ, ରଘୁନାଥପୁର, ବଳରାମଗଡି, ମୀର୍ଜାପୁର,ଚାନ୍ଦିପୁର, ନଳକୂଳୀ, ମାଣିକୁଲା, କାଠପାଳ, ପରମାନନ୍ଦପୁର, ଫୁଲୱରକସବା, କଂଟାବଣିଆ ଆଦି ୬୪ଟି ଗାଁ ପାଣିଘେରରେ ରହିଛି। ବଇଁଚା ପଂଚାୟତର ମୁଖ୍ୟ ରାସ୍ତାରେ ୫ଫୁଟରୁ ଅଧିକ ଉଚ୍ଚତାର ପାଣି ଚାଲୁଥିବା ବେଳେ ସୁଅ ପ୍ରଖର ରହିଛି। ପାଖାପାଖି ଅଞ୍ଚଳର ଲୋକେ ଖାଦ୍ୟ ଆଣିବା ପାଇଁ ବାହାରକୁ ଯିବା ଆସିବା କରିପାରୁ ନାହାନ୍ତି। ସେଠାକାର ସ୍ଥାନୀୟ ଲୋକଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଗୃହ ପାଳିତ ପଶୁମାନଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରାଯାଇଛି। ସଦର ବିଡ଼ିଓ ଉତ୍ତମ କୁମାର ଜେନା କହିଛନ୍ତି ଯେ, ବୁଢ଼ାବଳଙ୍ଗ ନଦୀରେ ଭୟଙ୍କର ବନ୍ୟା ଆସିବା ଫଳରେ ବହୁ ଗାଁ ଏବେ ଜଳବନ୍ଦୀରେ ରହିଛନ୍ତି। ଗତକାଲି ଠାରୁ ଆଜି ପର୍ଯ୍ୟନ୍ତ ୭ ହଜାରରୁ ଅଧିକ ଲୋକ ଜଳବନ୍ଦୀରେ ରହିଛନ୍ତି। ସେଥିମଧ୍ୟରୁ ପୁରୁଷ ହେଉଛନ୍ତି ୩୫୪୦,ମହିଳା ହେଉଛନ୍ତି ୩୧୫୮ ଏବଂ ଛୋଟ ପିଲା ହେଉଛନ୍ତି ୮୦୨। ସେଥିମଧ୍ୟରୁ ଏବେ ସୁଦ୍ଧା ୭୯୦ଜଣ ପୁରୁଷ,୬୨୦ଜଣ ମହିଳା ଏବଂ ୧୨୦ଜଣ ଛୋଟ ପିଲାମାନଙ୍କୁ ଉଦ୍ଧାର କରାଯାଇଛି। ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହାବ୍ୟତିତ ଉଦ୍ଧାର ହୋଇଥିବା ଲୋକଙ୍କୁ ୧୭ଟି ସେଣ୍ଟରରେ ରଖା ଯାଇ ସେମାନଙ୍କୁ ରନ୍ଧାଖାଦ୍ୟ ମଧ୍ୟ ପ୍ରଦାନ କରାଯାଉଛି। ଏହାଛଡା ୧୨ଟି ମାଟି ଘର ଭାଙ୍ଗିଯାଇଥିବା ସେ କହିଛନ୍ତି।

## +୩ ନାମଲେଖା ପାଇଁ ତୃତୀୟ ରାଉଣ୍ଡ ମେଧା ତାଲିକା

ଭୁବନେଶ୍ୱର,୨୯।୭(ସମିସ): +୩ ନାମଲେଖା ପାଇଁ ତୃତୀୟ ରାଉଣ୍ଡ ମେଧା ତାଲିକା ଆଜି ପ୍ରକାଶ ପାଇଛି। ଏହି ରାଉଣ୍ଡରେ ୫୩,୬୫୬ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨୧,୮୭୯ ଜଣ ଛାତ୍ର, ୩୧,୭୭୩ ଜଣ ଛାତ୍ରୀ ମହିଳା ଓ ୪ ଜଣ ତୃତୀୟ-ଲିଙ୍ଗୀ ରହିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟର କଟ୍‌ଅଫ୍ ମାର୍କ ସର୍ବାଧିକ ରହିଛି। କଳାରେ ଇଂରାଜୀ ବିଷୟ ପାଇଁ ୯୪.୮୦% ରହିଥିବା ବେଳେ ବିଜ୍ଞାନରେ ପଦାର୍ଥ ବିଜ୍ଞାନ ପାଇଁ ୯୫.୬୭% ମାର୍କ ରହିଛି। ସେହିପରି ଜୀବ ବିଜ୍ଞାନରେ ୯୩.୫୦%, ବାଣିଜ୍ୟରେ ୯୧.୮୩%, ଶାସ୍ତ୍ରୀରେ ୫୮.୨୯%, ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମରେ କମ୍ପ୍ୟୁଟର ସାଇନ୍ସର ୯୨% କଟଅଫ୍ ରହିଛି। ଆଇନ ପାଠ୍ୟକ୍ରମରେ ୫ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ପାଇଁ ୮୬.୫୦% କଟଅଫ୍ ଯାଇଛି। ନାମଲେଖା ପାଇଁ ଚୟନ ହୋଇଥିବା ପିଲାମାନେ ଅଗଷ୍ଟ ୧ ତାରିଖ ସୁଦ୍ଧା ନାମଲେଖା ସାରିବେ। ଚଳିତ ବର୍ଷ ସ୍ନାତକରେ ନାମଲେଖା ପାଇଁ ମୋଟ ୨,୮୭,୫୧୯ଟି ସିଟ୍ ରହିଛି। ପ୍ରଥମ ରାଉଣ୍ଡରେ ୮୮,୪୮୦ ଏବଂ ଦ୍ୱିତୀୟ ରାଉଣ୍ଡରେ ୩୦,୧୫୦ ଛାତ୍ରଛାତ୍ରୀ ନାମଲେଖାଇଛନ୍ତି।

## ବୈତରଣୀ ଓ କାଣୀ ବନ୍ୟାରେ ଉବୁଟୁବୁ ଦଶରଥପୁର

# ଡୋଭାବିଲ ପଟଣାସାହିରେ ୩ ଶହ ଫୁଟର ଘାଇ



ଯାଜପୁର/ଦଶରଥପୁର/କୂଆଁଗୋଲା, ୨୯।୭ (ସମିସ): ବୈତରଣୀ ଓ ଏହାର ଶାଖା କାଣୀ ନଦୀରେ ବଡ଼ ବନ୍ୟା ଆସିବା ଯୋଗୁ ଅଧା ଦଶରଥପୁର ବ୍ଲକର ହଜାର ହଜାର ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ତରପଦା ପଞ୍ଚାୟତ ଡୋଭାବିଲ ଗ୍ରାମ ପଟଣାସାହି ନିକଟରେ କାଣୀ ନଦୀର ଡାହାଣ ପାଶ୍ୱର୍ ବନ୍ଧରେ ପାଖାପାଖି ୩ ଶହ ଫୁଟ ଆକାରର ଘାଇ ସୃଷ୍ଟି ହୋଇଛି। ଘାଇ ଯୋଗୁ ଦଶରଥପୁର ବ୍ଲକର ତରପଦା, ଛଣ୍ଡିଣା, ମଲ୍ଲିକାପୁର, କସପା, ଦଶରଥପୁର, ଦୁଦୁରାଅନ୍ତା, କନିକାପଡା, ଶୁଶୁଆ, ନିଜାମପୁର, ଖାନନଗର, କମାରଡିହି, କୂଆଁ, ବିରିପଟା, ଜାଫରପୁର, ପାଲଟପୁର, ମଙ୍ଗଳପୁର ଆଦି ପଞ୍ଚାୟତର ୪୦ହଜାରରୁ ଅଧିକ ଲୋକ ପ୍ରଭାବିତ ହେବାର ଆଶଙ୍କା ବୃଦ୍ଧିପାଇଛି। ସେହିପରି ବୈତରଣୀ ନଦୀରେ ବଡ଼ ବନ୍ୟା ଯୋଗୁ ବ୍ଲକର କଟିକଟା, ଜୟନ୍ତରା, ଦଉପୁର, ଖାନନଗର, ନିଜାମପୁର, କମାରଡିହି ଓ କୂଆଁ ପଞ୍ଚାୟତରେ ସ୍ଥିତି ସଂଗୀନ ହୋଇପଡିଛି। କଟିକଟା ମାଝୀ ସାହି ଓ ତରାଇ ସାହି ନିକଟ ବୈତରଣୀ ନଦୀ ବନ୍ଧ ଉପରେ ୫ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେବା ସହିତ ଉଭୟ ସାହିରେ ବନ୍ୟା ଜଳ ପ୍ରବେଶ କରିବାରୁ ଏନ୍‌ଡିଆରଏଫ୍ ଓ ଓଡ୍ରାଫ୍ ଟିମ୍ ପହଞ୍ଚି ପ୍ରଭାବିତ ଲୋକଙ୍କୁ ଉଦ୍ଧାର କରିଛନ୍ତି। ଜୟନ୍ତରା ପଞ୍ଚାୟତ ମହାପାତ୍ର ସାହି ଘେରିବନ୍ଧ ଅତିକ୍ରମ କରି ସୋମବାର ରାତିରୁ ବନ୍ୟା ଜଳ ଜନବସତିରେ ପ୍ରବେଶ କରିବାରୁ ଜୟନ୍ତରା ଗ୍ରାମର ମହାପାତ୍ର ସାହି ଓ ବ୍ରାହ୍ମଣ ସାହିରେ ମଙ୍ଗଳବାର ସକାଳୁ ପ୍ରଶାସନ ପକ୍ଷରୁ ଏନ୍‌ଡିଆରଏଫ ଟିମ୍ ଉଭୟ ସାହିରେ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ଥଇଥାନ କରିଥିବା ପରିଲକ୍ଷିତ ହୋଇଛି। ସେହିପରି କାଣୀ ନଦୀର ଜଙ୍ଗଲିସାହି, ବ୍ରହ୍ମଚାରୀପାଟଣା, ପଛପଡା ସମେତ ମଲ୍ଲିକାପୁର, ଦୁଦୁରାଅନ୍ତା ପଞ୍ଚାୟତ କଣ୍ଟପଡାକୁ ସଂଯୋଗ କରୁଥିବା ନଦୀ ବନ୍ଧ ବନ୍ୟା ପାଣିରେ ଉବୁଟୁବୁ ହେଉଥିବା ଦେଖିବାକୁ ମିଳିଛି। ବ୍ଲକ ବନ୍ୟା ନିୟନ୍ତ୍ରଣ ବିଭାଗ ଦାୟିତ୍ୱରେ ଥିବା ଜରୁରୀକାଳୀନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକଙ୍କ ସୂଚନା ଅନୁଯାୟୀ ସୋମବାର ଅପରାହ୍ନ ସୁଦ୍ଧା ବ୍ଲକର କଟିକଟା, ଜୟନ୍ତରା, ଦଉପୁର, କସପା, କୂଆଁ ଆଦି ପଞ୍ଚାୟତର ୧୦ଟି ଆଶ୍ରୟସ୍ଥଳରେ ୧୭୨୨ଜଣ ବନ୍ୟା ପ୍ରଭାବିତଙ୍କୁ ଉଦ୍ଧାର କରାଯାଇ ଥଇଥାନ କରାଯିବା ସହିତ ସେମାନଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ମଧ୍ୟାହ୍ନରେ କାଣୀ ଜଙ୍ଗଲିସାହି ନିକଟ ନଦୀ ବନ୍ଧ ଉପରେ ହଠାତ ୮ ଫୁଟ ଆକାରର ଏକ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ତୁରନ୍ତ ଉକ୍ତ ଗର୍ତ୍ତକୁ ବାଲିବସ୍ତା ମାଧ୍ୟମରେ ମରାମତି କରାଯିବାରୁ ସେଠାରେ ଆଉ ଗୋଟିଏ ଘାଇ ସୃଷ୍ଟି ହେବାର ବିପଦ ଟଳିଥିଲା।

# ବନ୍ୟା ପାଣିରେ ବୁଡ଼ିଲା ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟ ସଡ଼କ

ବେତାଳିଗାଁ,୨୯।୭(ସମିସ): ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ଭଦ୍ରକରୁ ଆଖଣ୍ଡଳମଣିକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କର ମଙ୍ଗଳପୁର, ଉଚପଦା, ଅସୁରାଳି, କୋଠାର, ସୂର୍ଯ୍ୟପୁର, ପାୟାସାହି ଏବଂ ପନ୍ଦରବାଟିଆ ସମେତ ବିଭିନ୍ନ ସ୍ଥାନରେ ବନ୍ୟା ପାଣି ରାସ୍ତା ଉପରେ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ ହଜାର ହଜାର ଲୋକ ଯାତାୟାତରେ ଚରମ ଦୁର୍ଦ୍ଦଶା ଭୋଗୁଥିବାବେଳେ ଜରୁରୀ ସେବା ମଧ୍ୟ ପ୍ରଭାବିତ ହୋଇଛି। ବନ୍ୟା ପରିସ୍ଥିତି ଯୋଗୁଁ ସାଧାରଣ ଲୋକଙ୍କ ସହ ଗାଈଗୋରୁ ଓ ଅନ୍ୟାନ୍ୟ ଗୃହପାଳିତ ପଶୁଙ୍କ ସୁରକ୍ଷା ନେଇ ମଧ୍ୟ ଚିନ୍ତା ବଢ଼ିଛି। ଅନେକ ସ୍ଥାନରେ ପଶୁଖାଦ୍ୟର ଅଭାବ ଦେଖାଦେଇଥିବା ବେଳେ ବନ୍ୟା ପାଣି ଚାଷଜମିରେ ପ୍ରବେଶ କରି ବ୍ୟାପକ ଫସଲ କ୍ଷତି ଘଟାଇଛି। ଏଥିରେ ଚାଷୀମାନେ ଆର୍ଥିକ କ୍ଷତିକୁ ନେଇ ଗଭୀର ଚିନ୍ତାରେ ପଡ଼ିଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ପ୍ରତିବର୍ଷ ବର୍ଷା ଋତୁ ଆସିଲେ ଏହି ସଡ଼କରେ ସମାନ ପରିସ୍ଥିତି ସୃଷ୍ଟି ହେଉଛି। ସ୍ଥାୟୀ ପଦକ୍ଷେପର ଅଭାବରୁ ବର୍ଷକୁ ବର୍ଷ ଲୋକେ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟବାସିନ୍ଦାମାନେ ରାସ୍ତାର ଉଚ୍ଚତା ବୃଦ୍ଧି, ଆବଶ୍ୟକ ସ୍ଥାନରେ ଅଧିକ କଲଭର୍ଟ କିମ୍ବା ସେତୁ ନିର୍ମାଣ, ଜଳ ନିଷ୍କାସନ ବ୍ୟବସ୍ଥାର ସୁଧାର ଏବଂ ଦୀର୍ଘମିଆଦି ବନ୍ୟା ନିୟନ୍ତ୍ରଣ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି।

## ମହାନଦୀରେ ବନ୍ୟା

# ଅନୁଗୋଳ ଓ ଆଠମଲ୍ଲିକ ବ୍ଲକରେ ସ୍ଥିତି ଗମ୍ଭୀର





ଅନୁଗୋଳ,୨୯ ।୭(ସମିସ):

ମହାନଦୀ ସାତକୋଶିଆ ଗଣ୍ଡରେ ବନ୍ୟଜଳ ସୁ ସୁ ଗର୍ଜନ କରି ପ୍ରବାହିତ ହେଉଛି । ଦୁଇ କୂଳକୁ ଛୁଇଁ ଯେଉଁଭଳି ଭାବେ ବନ୍ୟଜଳ ପ୍ରବାହିତ ହେଉଛି ତାହା ଦେଖିଲେ ଭୟ ସୃଷ୍ଟି ହେଉଛି । ଏହାର ପ୍ରଭାବରେ ଅନୁଗୋଳ-ଟିକରପଡ଼ା ରାସ୍ତାର କରଡ଼ାପଡ଼ାଠାରୁ ମଝିପଡ଼ା ରାସ୍ତାରେ ପ୍ରାୟ ୧୦ଫୁଟ ପାଣି ଥିବାରୁ ଗଇନ୍ଦୀ, ବେହେରାସାହି, ମଝିପଡ଼ା ଓ ରାମିମୁଣ୍ଡା ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି ।

ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ହେଉଥିବାରୁ ଫୁଲୁଛି ମହାନଦୀ । ଏହାର ପ୍ରଭାବରେ ମଙ୍ଗଳବାର ବିଳମ୍ବିତ ରାତିରୁ ସାତକୋଶିଆ ଗଣ୍ଡରେ ଜଳସ୍ତର ବୃଦ୍ଧି ପାଉଛି । ବିଶେଷକରି ଅନୁଗୋଳ ଓ ଆଠମଲ୍ଲିକ ବ୍ଲକ ଅଞ୍ଚଳରେ ସ୍ଥିତି ଗମ୍ଭୀର ହୋଇଛି । ଗଣ୍ଡ ଅବବାହିକରେ ଥିବା ଗାଁଗୁଡ଼ିକର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ବହୁ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବାରୁ ଲୋକେ କାମଧନ୍ଦା କରିବାକୁ ଯାଇପାରୁ ନାହାନ୍ତି । ସେ ଅଞ୍ଚଳରେ ଅଧିକାଂଶ ମତ୍ସ୍ୟଜୀବୀ ଥିବାରୁ ସେମାନଙ୍କ ଜୀବିକା ଠପ ହୋଇଯାଇଛି । ପିଲାମାନେ ସ୍କୁଲ, କଲେଜ ଯାଇପାରି ନାହାନ୍ତି । କିଛି ବୁଲା ବେପାରୀ ବ୍ୟବସାୟ କରିବାକୁ ଯାଇ ଆଉ ଫେରିପାରୁ ନାହାନ୍ତି । ଏଭଳି କଷ୍ଟରେ ଦୁଇଦିନ ହେଲା ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ସେଣ୍ଟ୍ରାଲ ୱାଟର କମିଶନ ରିପୋର୍ଟ ଅନୁସାରେ ବୁଧବାର ସନ୍ଧ୍ୟା ସୁଦ୍ଧା ମହାନଦୀ ଗଣ୍ଡରେ ଜଳସ୍ତର ୧୮ ମିଟର ରହିଛି ଓ ୨୦ମିଟର ହେଲେ ନିଶ୍ଚିତ ବନ୍ୟା । ଉପର ମୁଣ୍ଡରେ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ହୀରାକୁଦ ଜଳଭଣ୍ଡାରର ଅଧିକ ଗେଟ୍ ଖୋଲାଯାଇ ପାରେ । ଏହାଛଡ଼ା ତଳମୁଣ୍ଡର ପାଣି ମଧ୍ୟ ନଦୀରେ ମିଶିବ । ଏଭଳି ହେଲେ ବନ୍ୟା ସୁନିଶ୍ଚିତ । ତେଣୁ ଏହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି । ପାଣିପାଗ ବିଭାଗ ମଧ୍ୟ ପ୍ରବଳ ବର୍ଷା ଆକଳନ କରୁଛି । ତେଣୁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ପଡ଼ିଥିବା ୪ଟି ଗାଁର ଲୋକେ ଚିନ୍ତାରେ ପଡ଼ି ଯାଇଛନ୍ତି । ଅତି ଜରୁରୀ କାମ ପଡ଼ିଲେ ଛୋଟ ଡଙ୍ଗାରେ ପାର ହୋଇ ଆସୁଛନ୍ତି । କିନ୍ତୁ ପାଣିର ସ୍ରୋତ ଅଧିକ ରହୁଥିବା ବେଳେ ଖୁବ ଜୋରରେ ପବନ ବହୁଛି । ତେଣୁ ଡଙ୍ଗାରେ ଯିବା ଆଦୌ ସୁରକ୍ଷିତ ମନେକରୁ ନାହାନ୍ତି ଲୋକେ । ଏହାଛଡ଼ା କୁମ୍ଭୀର ଭୟ ମଧ୍ୟ ରହିଛି । ସେହିପରି ଆଠମଲ୍ଲିକ ଉପଖଣ୍ଡରେ ମଧ୍ୟ ବନ୍ୟା ବିଭୀଷିକା ଦେଖିବାକୁ ମିଳିଛି । ମହାନଦୀ କୂଳରେ ଥିବା ମା' ବିନିକେୟୀ ଶକ୍ତିପୀଠ ବୁଡ଼ିବାକୁ ବସିଲାଣି । କୁଦଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଡ଼ିଛି । ମହାନଦୀ ତଟବର୍ତ୍ତୀ ୪ ପଞ୍ଚାୟତର ପ୍ରାୟ ୪ ହଜାର ଏକର ଚାଷ ଜମି ଜଳମଗ୍ନ ହୋଇଛି । ବନ୍ୟା ପାଣି ଚାଲିଥିବାରୁ ବାଲିଚର ଆଶଙ୍କା କରାଯାଉଛି । ଆଠମଲ୍ଲିକ ବ୍ଲକର ନଅଗାଁ, ଅଏଡ଼ା, ଲୁହସିଙ୍ଗା ଓ ଜମୁଡୋଲି ପଞ୍ଚାୟତ ଜଳବନ୍ଦୀ ଅବସ୍ଥାରେ ରହିଛି । ଅଧିକାଂଶ ଛୋଟ ବ୍ରିଜ ଉପରେ ପାଣି ଚାଲୁଥିବାରୁ ଯାତାୟାତ ଠପ ହୋଇଯାଇଛି । ଧାନରୁଆ ପାଇଁ ତଳି ଓ ଜମି ପ୍ରସ୍ତୁତି ଶେଷ ହୋଇଥିବା ବେଳେ ବନ୍ୟା ଯୋଗୁଁ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି । ଯଦି ବନ୍ୟା ପରିସ୍ଥିତି ଜାରି ରହେ ତେବେ ଖରିଫ ଚାଷ ପଛେଇଯିବ ଏବଂ ଚାଷୀ ବିପୁଳ କ୍ଷତିଗ୍ରସ୍ତ ହେବେ ବୋଲି ମତ ପ୍ରକାଶ ପାଉଛି । ଆଗକୁ କିଭଳି ସ୍ଥିତି ସୃଷ୍ଟି ହେଉଛି ତାହାକୁ ନେଇ ସମସ୍ତେ ଚିନ୍ତାରେ ପଡ଼ିଛନ୍ତି ।

## ଜାମୁଡୋଲି ପଞ୍ଚାୟତର ୧୦ ଗାଁ ବିଚ୍ଛିନ୍ନ

ଆଠମଲ୍ଲିକ,୨୯ ।୭(ସମିସ): ମହାନଦୀ ଅବବାହିକାରେ ଥିବା ଆଠମଲ୍ଲିକ ବ୍ଲକ ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିଛି । ଜାମୁଡୋଲି ପଞ୍ଚାୟତର ୧୦ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି । କଇଁତ୍ରାଗଡ଼ଠାରୁ ଦରୁହା ରାସ୍ତାର ଚଣାଗଡ଼ି ନାଳ ଉପରେ ୫ ଫୁଟ ଉଚ୍ଚ ବନ୍ୟାଜଳ

### ବିନିକେୟୀ ପୀଠ ରାସ୍ତା ଜଳମଗ୍ନ

ପ୍ରବାହିତ ହେଉଛି । ଜାମୁଡୋଲି ପଞ୍ଚାୟତ କରଡ଼ାସିଙ୍ଗ, ନିର୍ମଳା, ଦରୁହା, ଦୁଧିଆନାଳୀ, ମାଳିସାହି, କୁଶାସିଙ୍ଗା, ଲିମ୍ବଡିହ, ତାଳବିଜପୁର, କୁତୁଲସିଙ୍ଗା, ନଳେଶ୍ୱର ଗ୍ରାମବାସୀ ପାଣି ଘେରରେ ରହିଛନ୍ତି । ଖବର ପାଇ ବିଡିଓ ଟିଟସ ମହାନନ୍ଦିଆ, ଥାନା ଭାରପ୍ରାପ୍ତ ଅଧିକାରୀ ପି ସ୍ୱରୂପ କିସେନ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି । ତହସିଲଦାର ପ୍ରସନ୍ନ ଟେଟେ ମୋଟର ଚାଳିତ ବୋଟ ନେଇ ପହଞ୍ଚିଛନ୍ତି । ମା' ବିନିକେୟୀ ପୀଠକୁ ଯାଇଥିବା ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଛି ।



ଲୁହାସିଙ୍ଗା ଓ ଓଲଥଠାରେ ମୋଟରବୋଟ ମାଧ୍ୟମରେ ଲୋକ ଓ ଗୋରୁଗାଈଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବିଡିଓ ମହାନନ୍ଦିଆ କହିଛନ୍ତି । ମହାନଦୀ ଫୁଲି ବନ୍ୟା ପାଣି ମାଡ଼ି ଆସୁଥିବା ବେଳେ ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଥିବା ତହସିଲଦାର ଟେଟେ କହିଛନ୍ତି । ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲା ।




● ରେଙ୍ଗାଳି ଡ୍ୟାମର ଜଳସ୍ତର ବୃଦ୍ଧି

## କୌଣସି ମୁହୂର୍ତ୍ତରେ ଖୋଲିପାରେ ଗେଟ୍

କଣିହାଁ,୨୯ ।୭(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ଠାରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଫଳରେ ଗୁରୁବାର ଦିନ ଯେକୌଣସି ମୁହୂର୍ତ୍ତରେ ରେଙ୍ଗାଳି ଡ୍ୟାମର ଗେଟ ଖୋଲି ବନ୍ୟାଜଳ ନିଷ୍କାସନ କରାଯାଇପାରେ । ରେଙ୍ଗାଳି ଡ୍ୟାମ ଅଧିକ୍ଷଣ ଯନ୍ତ୍ରୀ ଆଶିଷ ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ବନ୍ଧ ବିଭାଗ ପକ୍ଷରୁ ଆଜି ଡାକବାଜି ଯନ୍ତ୍ର ଦ୍ୱାରା ରେଙ୍ଗାଳି ଡ୍ୟାମ ନିମ୍ନରେ ବ୍ରାହ୍ମଣୀ ନଦୀର ଦୁଇ କୂଳରେ ଅବସ୍ଥିତ ଗ୍ରାମଗୁଡିକର ଜନସାଧାରଣଙ୍କୁ ସତର୍କ ସୂଚନା ଦିଆଯାଇଛି ।

### ଗ୍ରାମବାସୀଙ୍କ ପାଇଁ ସତର୍କ ସୂଚନା ଜାରି

ରେଙ୍ଗାଳି ଡ୍ୟାମ ଜଳଭଣ୍ଡାରର ପୂର୍ଣ୍ଣ ଜଳଧାରଣ କ୍ଷମତା ହେଉଛି ୧୨୩.୫୦ମିଟର । ଆଜି ଅପରାହ୍ନ ୫ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୧୨୧.୭୫ ମିଟରରେ ପହଞ୍ଚିଛି । ରେଙ୍ଗାଳି ଡ୍ୟାମର ଜଳଧାରଣ ସାରଣୀ ଅନୁଯାୟୀ ଆଜି ତାରିଖରେ ଜଳସ୍ତର ୧୧୪.୯୫ ମିଟର ରହିବା କଥା । ପ୍ରତି ସେକଣ୍ଡରେ ୫୨୬୮.୪୬ଘନ ମିଟର ଜଳ ଜଳଭଣ୍ଡାର ମଧ୍ୟକୁ ପ୍ରବେଶ କରୁଛି । ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ୫୬୮.୭୨ଘନ ମିଟର ଜଳ ନିଷ୍କାସିତ ହେଉଥିବା ବେଳେ ପ୍ରତି ଘଣ୍ଟାରେ ୨୦୪.୪୦ ମେଗାୱାଟ ବିଦ୍ୟୁତ ଉତ୍ପାଦିତ ହେଉଛି । ଉପର ମୁଣ୍ଡରେ ପ୍ରବଳ ବର୍ଷା ହୋଇଥିବା ହେତୁ ଡ୍ୟାମର ଏବର୍ଷର ପ୍ରଥମ ବନ୍ୟା ଜଳ ଯେକୌଣସି ମୁହୂର୍ତ୍ତରେ ଗେଟ ଦେଇ ଖୋଲାଯାଇପାରେ । ସେଥିପାଇଁ ନଦୀକୂଳିଆ ଗ୍ରାମବାସୀ ଗୃହପାଳିତ ପଶୁଙ୍କୁ ନଦୀ ନିକଟକୁ ନ ଛାଡ଼ିବ ସହ ସତର୍କ ରହିବାକୁ ରେଙ୍ଗାଳି ବନ୍ଧ ବିଭାଗ ପକ୍ଷରୁ ସତର୍କ କରାଯାଇଛି ।

■ ଲଗାଣ ବର୍ଷାରେ ବେହାଲ କଣିହାଁ ବ୍ଲକ

## ବିଭିନ୍ନ ରାସ୍ତାରେ ପାଣି, ଯୋଗାଯୋଗ ବିଚ୍ଛିନ୍ନ

କଣିହାଁ,୨୯ ।୭(ସମିସ): ଲଗାଣ ବର୍ଷା ଯୋଗୁଁ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକର ଜନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଛି । ନଦୀ ଓ ନାଳର ଜଳସ୍ତର ବୃଦ୍ଧି ପାଇବା ସହ ବିଭିନ୍ନ ପୋଲ ଓ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଅନେକ ଅଞ୍ଚଳ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । କଣିହାଁବଇଣ୍ଡା ମୁଖ୍ୟ ରାସ୍ତାର ବଇଣ୍ଡା ପୋଲ ଉପରେ ପ୍ରାୟ ୩ ଫୁଟ ଉଚ୍ଚରେ ପାଣି ଚାଲୁଥିବାରୁ ଯାତାୟାତ ବନ୍ଦ ହୋଇଯାଇଛି । ସେହିପରି ସମାକୋଇ ନଦୀର ବନ୍ୟା ଜଳ ଯୋଗୁଁ ବୁରୁକୁନାମଇଧରପୁର ରାସ୍ତାରେ ପ୍ରାୟ ୪ ଫୁଟ ପାଣି ପ୍ରବାହିତ ହେଉଥିବାରୁ ବୁରୁକୁନା ଗ୍ରାମ ବାହ୍ୟ ଜଗତରୁ ପ୍ରାୟ ବିଚ୍ଛିନ୍ନ ହୋଇପଡ଼ିଛି । ରେଙ୍ଗାଳିସୁଲେଇପାଳ ରାସ୍ତାର ଭାଲିଆବେଡ଼ା ପୋଲ ଉପରେ ମଧ୍ୟ ପ୍ରାୟ ୪ ଫୁଟ ପାଣି ଚାଲୁଥିବାରୁ ଗମନାଗମନ ଠପ୍ ହୋଇଯାଇଛି । ବଜ୍ରକୋଟ ଗ୍ରାମରେ ବର୍ଷା ଜଳ ଘରେ ପଶିଯିବାରୁ କଣିହାଁ ଅଗ୍ନିଶମ ବାହିନୀ ପହଞ୍ଚି ପମ୍ପ ସାହାଯ୍ୟରେ ଘର ଭିତରୁ ପାଣି ନିଷ୍କାସନ କରିଥିଲେ ।ଅନ୍ୟପକ୍ଷରେ, କଣିହାଁ ସାପ୍ତାହିକ ହାଟରେ ପଞ୍ଚାୟତ ପକ୍ଷରୁ ନିର୍ମିତ ବ୍ୟବସାୟିକ ପିଣ୍ଡିଗୁଡ଼ିକ ବନ୍ୟାଜଳରେ ବୁଡ଼ି ଯାଇଥିବା ଜଣାପଡ଼ିଛି । ବନ୍ୟାଜଳର ସ୍ତର ଆହୁରି ବୃଦ୍ଧି ପାଇଲେ କଣିହାଁରେଙ୍ଗାଳିଦେବଗଡ଼ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହେବାର ଆଶଙ୍କା ରହିଛି । ସେହିଭଳି କଣିହାଁଡେରଙ୍ଗକୋଶଳାଛେଣ୍ଡିପଦା ରାସ୍ତାରେ ମଧ୍ୟ ବନ୍ୟାଜଳ ପ୍ରବାହିତ ହେଲେ ଯାତାୟାତ ବନ୍ଦ ହୋଇଯିବ ବୋଲି ବିଶେଷ ସୂଚନା ମିଳିଛି ।ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ସତର୍କ ରହିଥିବା ବେଳେ ନଦୀ ଓ ପୋଲ ନିକଟକୁ ନଯିବା ସହ ଅନାବଶ୍ୟକ ଯାତାୟାତ ନ କରିବାକୁ ସ୍ଥାନୀୟ ଲୋକଙ୍କୁ ପରାମର୍ଶ ଦିଆଯାଉଛି । ୩ ବର୍ଷ ହେବ କଣିହାଁରୁ ପଟାଖମଣ ମଧ୍ୟରେ ଟିକିରା ନଦୀ ଉପରେ ଏନସିସି ମେଗା ପ୍ରକଳ୍ପ ଦ୍ୱାରା ପାଇପ ଲାଇନ ପାଇଁ ତିଆରି କରିଥିବା ତିନିରୁ ୪ଟି ସ୍ଥାନ ବ୍ରିଜଟି ଭାସି ଯାଇଛି । ଏ ନେଇ କଣିହାଁ ବ୍ଲକ ୬ଟି ପଞ୍ଚାୟତ ପିଇବା ପାଣି ପାଇବାରୁ ବଞ୍ଚିତ ହେବେ । କଣିହାଁ, ଡେରଙ୍ଗ ମସୁଣୀହତା ରାସ୍ତା ଉପରେ ବନ୍ୟା ଜଳ ପ୍ରଭାବିତ ହେବା ଯୋଗୁଁ ଆଜି ଭୋର ସକାଳୁ ପ୍ରାୟ ମଧ୍ୟାହ୍ନ ପର୍ଯ୍ୟନ୍ତ ଯାତାୟାତ ଠପ ହୋଇଯାଇଥିଲା ।



## ଛେଣ୍ଡିପଦା ଅଞ୍ଚଳରେ ବନ୍ୟା ପରିସ୍ଥିତି




ଛେଣ୍ଡିପଦା,୨୯ ।୭(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି । ବିଶେଷ କରି କୁମ୍ଭୀରା ନାଳ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ଯୋଗୁଁ ଛେଣ୍ଡିପଦା ତଳ ସାହି ଗ୍ରାମବାସୀ ପାଣି ଘେରରେ ରହିଛନ୍ତି । ଆଜି ବ୍ଲକ ପ୍ରଶାସନ ପକ୍ଷରୁ ବନ୍ୟା ପରିସ୍ଥିତି ପରିଦର୍ଶନ କରିବା ସହ ଏକ ସ୍ୱତନ୍ତ୍ର ଟିମ୍ କ୍ଷୟ କ୍ଷତି ଆକଳନ କରିଥିବା ଜଣାପଡ଼ିଛି । ଅପର ପକ୍ଷରେ ବନ୍ୟା ପାଣିରେ ଲୋକ ମାନଙ୍କ ଘର ଦ୍ୱାର ଭିତରକୁ ପ୍ରବେଶ କରିଥିଲା । ଅଧିକାଂଶ ଚାଷ ଜମି ଜଳମଗ୍ନ ହେବା ସହ ବାଲିଚର ହୋଇଯାଇଛି । ପିପଳବାହାଲ ଗ୍ରାମର ଜଗନ୍ନାଥ ଏସ ଏ ଜି ମହିଳା ମାନେ ଏହି ମାସରେ ଲୋକମାନଙ୍କୁ ଚାଉଳ ବଣ୍ଟନ କରିବାପାଇଁ ୩୦୧ ବସ୍ତା ଚାଉଳ ଦୁଇଟି ଘରେ ରଖିଥିଲେ ଫଳରେ ବନ୍ୟାଜଳ ଘରେ ପସି ଯିବାରୁ ସେଥିରୁ ପ୍ରାୟ ୧୦୦ ବସ୍ତା ଚାଉଳ ପାଣିରେ ବୁଡ଼ି ନଷ୍ଟ ହୋଇଯାଇଛି ଫଳରେ ବର୍ତ୍ତମାନ ଚିନ୍ତାରେ ପଡ଼ିଛନ୍ତି ଜଗନ୍ନାଥ ଏସ ଏ ଜି ମହିଳାମାନେ କେଉଁଠୁ ଚାଉଳ ଆଣିବେ ଓ ଲୋକମାନଙ୍କୁ ବଣ୍ଟନ କରିବେ,ପାଣିରେ ବୁଡିଥିବା ଚାଉଳ ବସ୍ତାଗୁଡ଼ିକୁ ନେଇ ଭଲ ଚାଉଳ ଯୋଗାଇ ଦେବାପାଇଁ ସରକାରଙ୍କୁ ନିବେଦନ କରିଛନ୍ତି, ସେହିପରି ବାଗଡିଆରେ ଦୁଇବର୍ଷ ପୂର୍ବେ ନିର୍ମିତ ହୋଇଥିବା ବାଗଡିଆରୁ ବାମନାଳୀ ରାମ ମନ୍ଦିରକୁ ସଂଯୋଗ ପାଇଁ ୪୦ ଲକ୍ଷ ଟଙ୍କାରେ ନିର୍ମୀତ ହୋଇଥିଲା ଏକ ପୋଲ ଏହି ବର୍ଷାରେ ତାହା ସମ୍ପୂର୍ଣ୍ଣ ଧୋଇ ନେଇଛି,ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି,ତେବେ ବନ୍ୟା ପ୍ରଭାବିତ ଏବଂ କ୍ଷତିଗ୍ରସ୍ତ ଲୋକଙ୍କୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି । ସେହିପରି ବାଗଡିଆ, ଖମାର, ବରସାହି, ନୂଆଗାଁ, ଟାଙ୍ଗୀରୀ, ବାରମଞ୍ଚା,ପାଟ କୁମୁଣ୍ଡା, ପିପଳ ବାହାଳ, ପାତ୍ରପଡ଼ା, ସାପୋଇନାଳୀ, ବାଲିପଟା, ଆଦି ଗ୍ରାମରେ ଥିବା ଘରଦ୍ୱାର, ରାସ୍ତା ଘାଟ, ଏବଂ ଚାଷ ଜମିରେ ବନ୍ୟା ଜଳ ପଶିଥିଲା । ଅଧିକାଂଶ ପରିବାର ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । ସେହିପରି କୋରଡ଼ା ପଞ୍ଚାୟତ ଅଧୀନ ପୁଟ ଗାଡିଆ ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ପ୍ରଶାନ୍ତ ଦଣ୍ଡପାଟ୍‌ଙ୍କ ଆଜବେଷ୍ଟ ଘର ଭାଙ୍ଗି ଯାଇଛି । ଏହାସହ ବିଳମ୍ବିତ ରାତିରେ କାନ୍ଥ ଭୁଶୁଡ଼ି ପଡିଥିଲା ।ସୌଭାଗ୍ୟ ବଶତଃ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଥିବା ଆଡ଼ଁଳୀ ନଦୀ, ଟିକିରା ନଦୀ, ସିଙ୍ଗଡ଼ା ନାଳ, ବାଉରୀ ନାଳ, ଗଉଡୁଣୀ ନାଳ, ବାବୁ ଯୋର ନାଳ, ଲିଙ୍ଗରା ନାଳ ଆଦି ନଈ ନାଳଗୁଡ଼ିକରେ ବନ୍ୟାଜଳ ବିପଦ ସଙ୍କେତ ଉର୍ଦ୍ଧ୍ୱେ ପ୍ରବାହିତ ହେଉଥିବା ଜଣାପଡ଼ିଛି ।

● କିଶୋରନଗର ଅଞ୍ଚଳରେ ପ୍ରବଳ ବର୍ଷା

## ଘୋଷର ରାଇବାହାଲ ପୋଲ ଉପରେ ୩ଫୁଟ ପାଣି



### ଦିନକରେ ୧୫୩ ମିମି ବର୍ଷା ରେକର୍ଡ, ଯାତାୟତ ଠପ୍

କିଶୋରନଗର,୨୯ ।୭(ସମିସ): ଲଘୁଚାପ ସୃଷ୍ଟି ହୋଇଥିବା ଯୋଗୁଁ କିଶୋରନଗର ବ୍ଲକ ଅଞ୍ଚଳରେ ୩/୪ ଦିନ ହେଲାଣି ଲଗାଣ ବର୍ଷା ଯୋଗୁ ଜୀବନଯାତ୍ରା ସମ୍ପୂର୍ଣ୍ଣ ପ୍ରବାହିତ ହୋଇଛି । ଗତକାଲି ଓ ଆଜି ସକାଳ ସୁଦ୍ଧା ସର୍ବାଧିକ୧୫୩.୬ ମିମି ଅଞ୍ଚଳରେ ବର୍ଷା ହୋଇଥବା ଜଣାପଡ଼ିଛି । ଯାହା ଫଳରେ ଲଗାଣ ବର୍ଷା ଯୋଗୁଁ ଘୋଷର ପୋଲ ଓ ରାଇବାହାଳ ପୋଲ ଉପରେ ୩ଫୁଟରୁ ଅଧିକ ପାଣି ପ୍ରବାହିତ ହେବା ଫଳରେ କିଶୋରନଗର- ହିମିତିରା,ବାମୁର -ମାଧପୁର ପୂର୍ତ୍ତ ରାସ୍ତାରେ ଯାତାୟତ ଠପ୍ ହୋଇଥିଲା ।ପାଣି ନିଷ୍କାସନ ହେଲାପରେ ଆଜି ସକାଳେ ଯାତାୟତ ସ୍ୱାଭାବିକ ହୋଇଥିଲା ।ପ୍ରକାଶ ଯେ ଚଳିତ ଜୁନ ମାସ ୨୯ ରିଖ ସୁଦ୍ଧା ୭୪୦ ମିମି ବର୍ଷା ହୋଇଥିବା ଜଣାପଡ଼ିଛି । ପ୍ରବଳ ବର୍ଷା ଯୋଗୁଁ ବିଶେଷ କରି ଚାଷ ଜମି ପ୍ରବାହିତ ହୋଇଛି ।

## ସିଆରପି, ଏମ୍‌ବିକେ ଓ ଇସି ସଭ୍ୟଙ୍କ ତାଲିମ

କିଶୋରନଗର,୨୯ ।୭(ସମିସ): କିଶୋରନଗର ବ୍ଲକ ସଭାଘରଠାରେ ଓଡ଼ିଶା ଜୀବିକା ମିଶନ ତରଫରୁ ମହିଳା ଗୋଷ୍ଠୀ ଓ ଆଞ୍ଚଳିକ ମଞ୍ଚ ରସଦସ୍ୟ,ସିଆରପି,ଇସି ସଭ୍ୟ ଓ ଏମ ବିକେ ମାନଙ୍କର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ୟାଚ ୧ ଏମ୍‌ବିକେ ପ୍ରଗତି ପ୍ରଧାନ, ସିଆରପି ରାମେଶ୍ୱରୀ ମହାନନ୍ଦିଆ, ବ୍ୟାଚ୍ ୨ ଏମ୍‌ବିକେ ନନ୍ଦିନୀ ପ୍ରଧାନ, ସିଆରପି ତିଳୋତ୍ତମା ସାହୁ ଯୋଗଦେଇ ଗୋଷ୍ଠୀଗୁଡ଼ିକର ତ୍ରାଞ୍ଚାଙ୍କନ କିପରି କରାଯିବ ଏବଂ ନିଜ କର୍ତ୍ତବ୍ୟ ଓ ଭୂମିକା ଉପରେ ତାଲିମ ଦେଇଥିଲେ । ବିପିସି ସୁଜିତ ପ୍ରଧାନ, ଜିତେନ୍ଦ୍ର ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବଢ଼ି ପାଣିରେ ଉଠାଜଳ ପଏଣ୍ଟ କ୍ଷତିଗ୍ରସ୍ତ

କିଶୋରନଗର,୨୯ ।୭(ସମିସ): କିଶୋରନଗର ବ୍ଲକ ହିମିତିରା ପଞ୍ଚାୟତର ଘୋଷର ନୂଆ ସାହିରେ ଚାଷୀଙ୍କ ଉଦ୍ଦିଷ୍ଟ ପାଇଁ ନୂତନ ଭାବେ ନିର୍ମିତ ହୋଇଥିବା ଉଠାଜଳ ପଏଣ୍ଟରେ ପ୍ରବଳ ବର୍ଷାରେ ନଈ ବଢ଼ି ପାଣି ଅତ୍ୟଧିକ ମାତ୍ରାରେ ଆସିବାରୁ କ୍ଷତିଗ୍ରସ୍ତ ହୋଇଛି । ଯାହାକି ଆଗାମୀ ଦିନରେ ଚାଷକାମରେ ଆସିବକି ନାହିଁ ତାହା ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି । ବର୍ଷା ଜଳରେ ମଟରପମ୍ପ ଉପରେ ୫ଫୁଟ ପାଣି ଯାଉଥିଲା । ଆଜି ସକାଳେ ବଢ଼ିପାଣି କମିବାରୁ ମଟର ଉପରୁ ପାଣି ଛାଡ଼ିଛି । ଏଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି ।



## ମହିଳା ସୁରକ୍ଷା ଓ ସଶକ୍ତୀକରଣ ସଚେତନତା



ଅନୁଗୋଳ,୨୯ ।୭(ସମିସ): ଅନୁଗୋଳ ମହିଳା ମହାବିଦ୍ୟାଳୟ, ଅନୁଗୋଳର ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ସେଲ ପକ୍ଷରୁ "ମହିଳା ସୁରକ୍ଷା ଓ ମହିଳା ସଶକ୍ତିକରଣ ସମ୍ପର୍କିତ ସଚେତନତା ଓ ଅଭିମୁଖୀକରଣ କାର୍ଯ୍ୟକ୍ରମ" ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ମମତାରାଣୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶକ୍ତିଶ୍ରୀ ଏମ୍ପାୱରମେଣ୍ଟ ସେଲ୍ର ସଂଯୋଜିକା ଶ୍ରୀମତୀ ଭାନୁପ୍ରିୟା ସେଠୀ ଶକ୍ତିଶ୍ରୀ ସେଲ୍ର ଉଦ୍ଦେଶ୍ୟ, ଲକ୍ଷ୍ୟ ଓ ବର୍ଷବ୍ୟାପୀ କାର୍ଯ୍ୟକଳାପ ସମ୍ପର୍କରେ ସବିଶେଷ ଆଲୋକପାତ କରିଥିଲେ । ଚେତନା ଏ ମିଶନର ସଂସ୍ଥାପିକା ଶ୍ରୀମତୀ ବାଣୀ ଦେବ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ମହିଳା ସୁରକ୍ଷା, ଆତ୍ମରକ୍ଷା, ସାଇବର ସୁରକ୍ଷା, ଆଇନଗତ ଅଧିକାର, ଲିଙ୍ଗଗତ ସମାନତା ଏବଂ ମହିଳା ସଶକ୍ତିକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସେ ଛାତ୍ରୀମାନଙ୍କୁ ସଚେତନ, ସାହସୀ ଓ ଆତ୍ମବିଶ୍ୱାସୀ ହେବା ସହିତ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ । ଦୈନନ୍ଦିନ ଜୀବନର ବିଭିନ୍ନ ବାସ୍ତବ ଉଦାହରଣ ମାଧ୍ୟମରେ ସେ ଛାତ୍ରୀମାନଙ୍କୁ ନିଜ ସୁରକ୍ଷା ପ୍ରତି ସତର୍କ ରହିବା ଏବଂ ବିପଦ ସମୟରେ ଉପଲବ୍ଧ ସହାୟତା ବ୍ୟବସ୍ଥାର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଏତତ ବ୍ୟତୀତ ସେ ମହିଳା ସଶକ୍ତିକରଣର ପ୍ରକୃତ ଅର୍ଥ, ଆତ୍ମନିର୍ଭରଶୀଳତା ଏବଂ ଉଦ୍ୟମିତାର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରିଥିଲେ । ଛାତ୍ରୀମାନଙ୍କୁ କେବଳ ଚାକିରି ଅନ୍ୱେଷଣରେ ସୀମିତ ନ ରହି ନିଜସ୍ୱ ଉଦ୍ୟମ ଓ ସ୍ୱରୋଜଗାର ଦିଗରେ ଆଗେଇ ଆସିବାକୁ ପ୍ରେରିତ କରିଥିଲେ । ଏହାସହ ସେ ଘୋଷଣା କରିଥିଲେ ଯେ, ମହାବିଦ୍ୟାଳୟର କୌଣସି ଛାତ୍ରୀ ଯଦି ଭବିଷ୍ୟତରେ କୌଣସି ବ୍ୟବସାୟ, ଷ୍ଟାର୍ଟଅପ୍ କିମ୍ବା ସାମାଜିକ ଉଦ୍ୟମ ଆରମ୍ଭ କରିବାକୁ ଇଚ୍ଛା ପ୍ରକାଶ କରନ୍ତି, ତେବେ 'ଚେତନାଏ ମିଶନ୍' ପକ୍ଷରୁ ଆବଶ୍ୟକ ପରାମର୍ଶ, ପ୍ରଶିକ୍ଷଣ ଓ ସମ୍ଭବପର ସହଯୋଗ ପ୍ରଦାନ କରାଯିବ । ତାଙ୍କର ଏହି ଘୋଷଣାକୁ ଉପସ୍ଥିତ ଛାତ୍ରୀମାନେ ଉତ୍ସାହର ସହ ସ୍ୱାଗତ କରିଥିଲେ । ଏହି ଅବସରରେ ରସାୟନ ବିଜ୍ଞାନ ବିଭାଗର ଛାତ୍ରୀ କୁମାରୀ ଜ୍ୟୋତି ଦୁବେ 'ଶକ୍ତିଶ୍ରୀ ସାଥୀ' ଭାବେ ଯୋଗଦାନ ଦେବା ସହ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଶ୍ରେଣୀ ପ୍ରତିନିଧିମାନେ ମଧ୍ୟ ଶକ୍ତିଶ୍ରୀ ସେଲ୍ର କାର୍ଯ୍ୟକଳାପରେ ସକ୍ରିୟ ସହଯୋଗ ପାଇଁ ସାମିଲ ହୋଇଥିଲେ । ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ସହ ୮୦ରୁ ଅଧିକ ଛାତ୍ରୀ ଉତ୍ସାହର ସହ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ଶିରିଡ଼ି ସାଇ ମନ୍ଦିର ରତ୍ନମୁଦ ଉତ୍ସବ



କଣିହାଁ,୨୯ ।୭(ସମିସ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ହାତିଆଦଣ୍ଡା ଛକ ଠାରେ ନିର୍ମିତ ଶିରିଡି ସାଇ ଆଶ୍ରମରେ ନବ ନିର୍ମିତ ମନ୍ଦିରର ରତ୍ନମୁଦ ମହୋତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟୁଷରୁ ଆଶ୍ରମରେ ବାବାଙ୍କର ବିଭିନ୍ନ ନିତିକାନ୍ତି ପରେ ହୋମ ଯଜ୍ଞ ଆୟୋଜିତ ହୋଇଥିଲା । ପୁରୋହିତ ଭବାନୀ ଶଙ୍କର ପଣ୍ଡା ଯଜ୍ଞ କାର୍ଯ୍ୟ କରିଥିବା ବେଳେ ଶତ୍ରୁଘ୍ନ ପ୍ରଧାନ ଓ ତାଙ୍କ ସହ ଧର୍ମଣି ସଙ୍ଗୀତ ପ୍ରଧାନ ଯଜ୍ଞ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ମଧ୍ୟାହ୍ନରେ ରତ୍ନମୁଦ ପରେ ଉପସ୍ଥିତ ସମସ୍ତ ଭକ୍ତଙ୍କୁ ଅନ୍ନ ପ୍ରସାଦ ପ୍ରଦାନ କରାଯାଇଥିଲା । ମନ୍ଦିରର ସ୍ଥାୟୀ ସଭାପତି ଜଗମୋହନ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ସମସ୍ତ ସାଇ ସଦସ୍ୟ ସହଯୋଗ କରିଥିଲେ ।

# ଜଣେ ଶିକ୍ଷକରେ ଚାଲିଛି ବିଦ୍ୟାଳୟ

ଅନୁଗୋଳ,୨୯ ।୭(ସମିସ):

ଶିକ୍ଷାର ବିକାଶ ପାଇଁ ସରକାର ବହୁ ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଏବେ ବି ବହୁ ବିଦ୍ୟାଳୟ ଅବହେଳିତ ହୋଇ ରହିଛି । ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ କନ୍ତପଡ଼ା ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟକୁ ଏପରି ଏକ ଉଦାହରଣ ଭାବେ ଗ୍ରହଣ କରାଯାଇପାରେ । ଏହି ବିଦ୍ୟାଳୟରେ ବହୁ ସମସ୍ୟା ଲାଗିରହିଥିବା ବେଳେ ସମାଧାନ କରାଯାଉ ନ ଥିବାରୁ ପାଠପଢ଼ା ବ୍ୟାହତ ହେଉଥିବା ଅଭିଯୋଗ ହୋଇଛି । ଏନେଇ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ସୋମବାର ଅନୁଗୋଳ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଏହାର ନକଲ ଶିକ୍ଷାମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି ।

କମିଟି ପକ୍ଷରୁ କୁହାଯାଇଛି ବହୁ ବର୍ଷ ପୂର୍ବେ ସରକାର ଓ ଗ୍ରାମବାସୀ ମିଳିତ ଉଦ୍ୟମରେ କନ୍ତପଡ଼ା ଗ୍ରାମରେ ଏହି ବିଦ୍ୟାଳୟ ସ୍ଥାପନ ହୋଇଥିଲା । ଏହି ବିଦ୍ୟାଳୟରେ ଆଖ ପାଖ ଗ୍ରାମର ଶିଶୁ ପାଠ ପଢୁଛନ୍ତି । ତେବେ ଏହି ବିଦ୍ୟାଳୟର ବିକାଶ କରାଯାଉନାହିଁ । ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୭୬ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି ।

### ଜିଲ୍ଲାପାଳଙ୍କୁ ଅଭିଯୋଗ

ହେଲେ ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀଗୃହ ନ ଥିବାରୁ ପାଠପଢ଼ାରେ ଅସୁବିଧା ହେଉଛି । ୫ଟି ଶ୍ରେଣୀ ପାଇଁ ମାତ୍ର ୪ଟି ଶ୍ରେଣୀ ଗୃହ ରହିଛି । ସେଥିମଧ୍ୟରୁ ଗୋଟିଏ କାର୍ଯ୍ୟାଳୟ ଥିବା ବେଳେ ଅନ୍ୟ ଗୃହଗୁଡ଼ିକରେ ପାଠ ପଢ଼ାଯାଉଛି । ବିଶେଷ କରି ଏହି ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଲାଗି ରହିଛି । ଦୀର୍ଘଦିନ ହେବ ଦୁଇ ଶିକ୍ଷକ ପାଠ ପଢ଼ାଉଥିବା ବେଳେ କିଛି ମାସ ପୂର୍ବେ ଜଣେ ଅବସର ଗ୍ରହଣ କରିଛନ୍ତି । ଫଳରେ ବିଦ୍ୟାଳୟରେ ମାତ୍ର ଜଣେ ଶିକ୍ଷୟିତ୍ରୀ ଅଛନ୍ତି । ୫ ଶ୍ରେଣୀକୁ ଜଣେ ଶିକ୍ଷକ ପାଠ ପଢ଼ାଉଥିବା ବେଳେ ପାଠପଢ଼ା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି । ଆବଶ୍ୟକ ଶିକ୍ଷକ ନ ଥିବା ଯୋଗୁଁ ସଠିକ ଭାବରେ ପାଠ ପଢାଯାଇପାରୁନାହିଁ । ଗୃହଗୁଡ଼ିକ ବହୁ ବର୍ଷ ହୋଇଯାଇଥିବା ବେଳେ ଏବେ ସାମାନ୍ୟ ବର୍ଷା ହେଲେ ଛାତରୁ ପାଣି ଗଳୁଚି । ଯାହା କି ବର୍ଷା ହେଲେ ପାଠପଢ଼ାରେ ସମସ୍ୟା ସୃଷ୍ଟି ହେଉଛି । ବହୁ ପୁରାତନ ବିଦ୍ୟାଳୟ ହୋଇଥିଲେ ମଧ୍ୟ ସମସ୍ୟା ସମାଧାନ କରାଯାଉନଥିବା ଯୋଗୁଁ ଅସୁବିଧା ସୃଷ୍ଟି ହେଉଛି । ସେହିପରି ବିଦ୍ୟାଳୟରେ ପାଚେରି ନଥିବା ବେଳେ ବିଦ୍ୟାଳୟରେ କୌଣସି ଫୁଲଗଛ ଲଗାଯାଇପାରୁନାହିଁ । ସେହିପରି ରୋଷେଇ ଘର ନିର୍ମାଣ ହେଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇନାହିଁ । ବିଦ୍ୟାଳୟରେ ଖେଳପଡ଼ିଆ ନ ଥିବାରୁ ଛାତ୍ରୀଛାତ୍ରମାନେ ଖେଳକୁଦ କରିପାରୁନାହାନ୍ତି । ବିଦ୍ୟାଳୟର ସମସ୍ୟା ସମାଧାନ ପାଇଁ ଶିକ୍ଷା କମିଟି ଓ ଗ୍ରାମବାସୀ ଗତ ମାର୍ଚ୍ଚ ୨ ତାରିଖ ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲ୍ଲାପ୍ରଶାସନ, ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି । ତୁରନ୍ତ ନୂତନ ଶ୍ରେଣୀଗୃହ ନିର୍ମାଣ ସହ ଅନ୍ୟ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ମାଝୀ କୁହନ୍ତି, ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବ । ଭାରପ୍ରାପ୍ତ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ସୁନୀଲ କୁମାର ପ୍ରଧାନ କୁହନ୍ତି, ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଖୁବଶୀଘ୍ର ପଦେକ୍ଷେପ ନିଆଯିବ ।

## ୩୩ ଅଭିଯୋଗ ଶୁଣିଲା ପ୍ରଶାସନ



ପଞ୍ଚୁପାଣ୍ଡବ,୨୯।୭(ସମିସ): ଡେରାବିଶ ବ୍ଲକ୍ ମଙ୍ଗଳପୁର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଡିଓ ନମିତା ବାରିକ ଉପସ୍ଥିତ ରହି ୩୩ ଟି ଅଭିଯୋଗର ଶୁଣାଣି କରିଥିଲେ। ସ୍ଥାନୀୟ ସରପଞ୍ଚ ଇତିଶ୍ରୀ ନାୟକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ପିଇଓ ଦୁର୍ଗା ହେମ୍ବ୍ରମ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ରାସନ୍ କାର୍ଡ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଗୃହ, ପାନୀୟଜଳ, ପାଇଖାନା ଏବଂ ବିଭିନ୍ନ ସ୍ଥାନରେ ଡ୍ରେନ୍ ନ ଥିବାରୁ ପାଣି ନିଷ୍କାସନ ହୋଇ ପାରୁ ନ ଥିବା ଅଭିଯୋଗ ହୋଇଥିଲା। ଏହାର ସମାଧାନ କରିବା ପାଇଁ ବିଡିଓ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଅବଗତ କରିଥିଲେ। ଏହି ପଞ୍ଚାୟତରେ ବିଭିନ୍ନ ସମସ୍ୟା ଥିବାବେଳେ ପ୍ରଶାସନ ପକ୍ଷରୁ ଅବହେଳା ଯୋଗୁଁ ଲୋକେ ହଇରାଣ ହରକତ ହେଉଥିବା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସାହୁ ବିଡିଓଙ୍କୁ ଅବଗତ କରିଥିଲେ। ଏହି ଶିବିରରେ ବିଭିନ୍ନ ବିଭାଗର ଅଧିକାରୀ ଥିବା ବେଳେ ଅନୀଲ ସେଠୀ, ମାନସ ରଞ୍ଜନ ମଲିକ, ତାପସ କୁମାର ଜେନା, ଏମ୍‌ବିକେ ପ୍ରଣତି ଜେନା, ନ୍ୟାୟ ସରପଞ୍ଚ କୃତ୍ତିବାସ ପୃଷ୍ଟି, ଏଡିଓ ଦିଲୀପ ପତି, ପ୍ରମୋଦ ଓଝା ଉପସ୍ଥିତ ରହି ସହଯୋଗ କରିଥିଲେ।

# ପାଟରେ ଲହଡ଼ି ମାରୁଛି ବର୍ଷା ପାଣି; ବଢ଼ିଲା ଚାଷୀଙ୍କ ଚିନ୍ତା

ଗରଦପୁର,୨୯।୭(ସମିସ)



ଲଗାଣ ଲଘୁଚାପ ବର୍ଷା ଯୋଗୁଁ ଚିନ୍ତାରେ ପଡି ଯାଇଛନ୍ତି ଗରଦପୁର ବ୍ଲକର ଚାଷୀ। ବ୍ଲକରେ ବିଶେଷ କରି ଚାଷ ଜମିରୁ ଜଳ ନିଷ୍କାସନ ସମସ୍ୟା ଥିବାରୁ ଲଘୁଚାପ ଜନିତ ବର୍ଷା ପାଣି ଏବେ ପାଟରେ ଲହଡ଼ି ଭାଙ୍ଗୁଛି। ହଜାର ହଜାର ଟଙ୍କା ଖର୍ଚ୍ଚ କରି ଚାଷୀ ଧାନ ଚାଷ କରିବା ସହ କୀଟନାଶକ ଓ ସାର ପ୍ରୟୋଗ କରିଥିଲେ, ଚାଷଜମି ଦୀର୍ଘ ଦିନ ଧରି ବୁଡି ରହିଥିବା ହେତୁ ରୋପଣ କରିଥିବା ତଳି ବୁଡ଼ି ରହିଛି। ଏହାଛଡ଼ା ସମବାୟ ସମିତି ହେଉ କି ବଜାରରୁ ଚଢା ଦରରେ ସାର କିଣି ପକାଇ ଥିଲେ ମଧ୍ୟ ତାହା ଧୋଇ ଯାଇଛି। ଆଗରୁ ତଳି ପକାଇ ଥିବା ବେଳେ ମଧ୍ୟ ପ୍ରବଳ ଖରା ଓ ପରେ ଲଗାଣ ବର୍ଷା ଯୋଗୁଁ ତଳି ନଷ୍ଟ ହୋଇଥିଲା। ପରେ ଅଧିକ ଦାମରେ ୧୦ କିଲୋ ବିହନ ପ୍ୟାକେଟ୍ ଦାମ ହାରାହାରି ୧୨ ଶହ ରୁ ୧୫ ଶହ ଟଙ୍କାରେ ବିହନ କିଣି ତଳି ପକାଇଥିଲେ ବି ଏବେ ଲଗାଣ ଲଘୁଚାପ ବର୍ଷା ହେତୁ ସେ ମଧ୍ୟ ବୁଡି ପଚିସଢି ଲାଗିବାକୁ ବସିଛି ଓ ରୋପଣ ହୋଇଥିବା ତଳି ଉପରେ ମଧ୍ୟ ବର୍ଷା ପାଣି ବୁଡ଼ିରହିଛି। ଚାଷୀ ଟ୍ରାକ୍ଟରରେ ହଳ କରିବା ସହ କିଲୋ ପ୍ରତି ଗ୍ରୋମର ୬୦ ଟଙ୍କା, ଡିଏପି ୫୫ ଟଙ୍କା ଓ ପଟାସ ୫୦ ଟଙ୍କା ସହିତ ୟୁରିଆ କିଲୋ ୧୨ ଟଙ୍କାରେ ସାର କିଣି ରୋପଣ ହୋଇଥିବା ଚାଷ ଜମିରେ ପକାଇଥିଲେ। ଏହାବ୍ୟତୀତ ବାହାର ଜିଲ୍ଲାରୁ ଓ ସୂଦୁର କୋଲକାତା ରୁ ଚାଷକାମ ପାଇଁ ଆସିଥିବା ମଜୁରିଆ ମାନଙ୍କୁ ଗୁଣ୍ଠ ପ୍ରତି ୩୫୦ ଟଙ୍କା ରୁ ଉର୍ଦ୍ଧ ମଜୁରି ଦେଇ ଧାନଚାଷ କରିଥିଲେ। ହେଲେ ବର୍ଷା ସବୁ ଉଜାଡ଼ି ଦେଇଛି। ଏହାଛଡା ଚାଷୀମାନେ ବିଭିନ୍ନ ସମବାୟ ସମିତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବ୍ୟାଙ୍କରୁ କୃଷିଋଣ ନେଇ ଅବା ଧାରକରଜ କରି ଚାଷ କରିଥିଲେ। ଏବେ କଣ କରିବେ କେମିତି କ'ଣ ପରିଶୋଧ କରିବେ ସେନେଇ ମୁଣ୍ଡ ହାତ ଦେବା ସହ ବର୍ଷକର ଆହାର ଯୋଗାଡ଼ କରିବା ଓ ଧାନମଣ୍ଡିରେ ବିକ୍ରି କରି ପରିବାର ଗୁଜୁରାଣ ମେଣ୍ଟାଇବା ନିମନ୍ତେ ଯେଉଁ ଆଶା ବାନ୍ଧିଥିଲା ତାହା ମଧ୍ୟ ଚଡ଼କ ପଡିବା ଭଳି ହୋଇଛି। ତେବେ ବ୍ଲକ କୃଷି ବିଭାଗ ସୂଚନା ମୁତାବକ ଲଘୁଚାପ ବର୍ଷା ଜଳ ନିଷ୍କାସନ ନହେବା ହେତୁ ବ୍ଲକ ର ପଦ୍ମପୁର ଓ ବେଡାରୀ ପଞ୍ଚାୟତ ସହ ବନ୍ତଳା, ତଳକୁସମା, ରାମଚନ୍ଦ୍ରପୁର ଓ ନଡ଼ିଆବରାଇ ପଞ୍ଚାୟତ ର ଚାଷୀ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ସେହିପରି ବଙ୍ଗାଳପୁର, ଭଗବାନପୁର , ବଡବେତରା, ପାଖଡ଼ ଓ ସାନ୍‌ଅଡଙ୍ଗା ପଞ୍ଚାୟତ ର ଚାଷୀ ଅଧିକାଂଶ ରୁ ଅଧିକ କ୍ଷତି ସହିବାକୁ ପଡ଼ିଛି। ଗରଦପୁର, କଳାବୁଦା, ପାଟକୁରା, ତିକନପୁର, ପଳସୁଧା, ତେଣ୍ଡାକୁଡା, ମଧୁଶାସନ ପଞ୍ଚାୟତ ଚାଷୀ ମାତ୍ରାଧିକ ଚାଷ ଜମି ବି ଆଜିସୁଦ୍ଧା ବୁଡି ରହିଥିବା ଦେଖିବାକୁ ମିଳିଛି। ଏହି ସମସ୍ୟା ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଡ଼ଃ ଗୌତମ ଦାସଙ୍କୁ ପଚାରିବାରୁ ଏପରି ଲଘୁଚାପ ବର୍ଷା ଜନିତ କ୍ଷୟକ୍ଷତି ସରକାର ଙ୍କ ରିଲିଫ କୋର୍ଡ ଭିତରେ ଆସୁନାହିଁ। ତେବେ ସରକାର ଙ୍କ କୃଷି ବୀମା ଯୋଜନା ଅନୁଯାୟୀ ବିଭାଗ ପକ୍ଷରୁ କର୍ମଚାରୀ ମାନେ ବିଭିନ୍ନ ପଞ୍ଚାୟତ କୁ ଯାଇ ଅନୁଧ୍ୟାନ କରି ରିପୋର୍ଟ ପ୍ରସ୍ତୁତ କରବା ସହ କୃଷି ବୀମା କରିଥିବା ଚାଷୀ ମାନଙ୍କୁ ସରକାର ଙ୍କ ଗାଇଡ ଲାଇନ ବିଷୟରେ ବୁଝାଇବା ସହ ବୀମା ନ କରିଥିବା ଚାଷୀମାନେ କିପରି ବୀମା କରି କ୍ଷତିପୂରଣ ପାଇବେ ସେନେଇ ଆଲୋଚନା କରୁଛନ୍ତି। ତେବେ ବ୍ଲକରେ ସମୁଦାୟ ୯ ହଜାର ହେକ୍ଟର ଚାଷଜମି ରୁ ପାଖାପାଖି ୭ ହଜାର ୮ ଶହ ହେକ୍ଟର ଜମିରେ ଅଦ୍ୟାବଧି ଧାନଚାଷ ହୋଇଛି। ହେଲେ ବୀମା ନ କରିଥିବା ଚାଷୀ ସରକାରୀ ସହାୟତା ରୁ ବଞ୍ଚିତ ହୋଇପାରନ୍ତି , ତେଣୁ ତୁରନ୍ତ ବୀମା କରାଇ ନେବା ପାଇଁ ଚାଷୀଙ୍କୁ ଅନୁରୋଧ କରିଛନ୍ତି।

## ଜଳନିଷ୍କାସନ ନେଇ ଅଧୀକ୍ଷଣ ଯନ୍ତ୍ରୀଙ୍କ ସମୀକ୍ଷା

ଡେରାବିଶ,୨୯।୭(ସମିସ): ଦୀର୍ଘ ବର୍ଷ ହେବ ଡେରାବିଶ ବ୍ଲକ ଅଞ୍ଚଳରେ କେନ୍ଦ୍ରାପଡା ଡ୍ରେନେଜ ବିଭାଗ ଅଧୀନରେ ଥିବା ୧୬ ନମ୍ବର ୧୯ ନମ୍ବର ଓ ୨୦ ନମ୍ବର ଡ୍ରେନେଜ୍ କଟ୍ ଦେଇ ବ୍ଲକ ଅଞ୍ଚଳର ସମସ୍ତ ଚାଷଜମିରୁ ଉଦ୍‌ବୃତ୍ତ ଜଳ ନିଷ୍କାସିତ ହୋଇଥାଏ। ନୂଆହାଟପାଟ, ନୋଳପାଟ ଓ ଇନ୍ଧାଳୋ ପାଟରୁ କିପରି ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନ କରାଯାଇ ଚାଷ ଜମିକୁ ସୁରକ୍ଷିତ କରାଯିବ ସେଥିପାଇଁ ଆଜି ଡେରାବିଶ ବ୍ଲକ ସଭାଗୃହରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ପଂଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର ଯୋଗ ଦେଇଥିଲେ। ବୈଠକରେ ଯୋଗଦେଇଥିବା ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ନିଜର ମତ ରଖିଥିଲେ। ୧୯ ଓ ୨୦ ନମ୍ବର ଡ୍ରେନେଜ ଦେଇ କଟକ ଜିଲ୍ଲାର ମାହାଙ୍ଗା ଓ ଯାଜପୁର ଜିଲ୍ଲାର ବଡଚଣା ବ୍ଲକର ଉଦ୍‌ବୃତ ବର୍ଷାଜଳ ନିଷ୍କାସିତ ହୋଇଥାଏ ବୋଲି କହିଥିଲେ। ବିଶେଷକରି ଗୋବରୀ ନଦୀରେ ଉଦବୃତ ବର୍ଷାଜଳ ଏହି ଡ୍ରେନେଜ କଟ ଗୁଡିକ ଦେଇ ନିଷ୍କାସନ ନହେବା ଦ୍ୱାରା ଚାଷ ଜମି ଗୁଡିକ ଜଳମଗ୍ନ ହୋଇଥାଏ। ଫଳରେ ବ୍ଲକ ଅଂଚଳର ଶହ ଶହ ହେକ୍ଟର ଚାଷଜମିରେ ଫସଲ ନଷ୍ଟ ହୋଇଥାଏ। ଏହାର ସ୍ଥାୟୀ ସମାଧାନ ପାଇଁ ଡ୍ରେନେଜ ଓ ଜଳସମ୍ପଦ ବିଭାଗର ଯୁଗ୍ମ କମିଟି ଗଠନ କରାଯାଇ ବୈଷୟିକ ଅଧିକାରୀଙ୍କ ଦ୍ୱାରା ଖରାଦିନେ ଏହାର ସର୍ଭେ କରାଯିବା ସହ ସ୍ଥାୟୀ ପ୍ରତିକାର କରାଗଲେ ବ୍ଲକ ଅଂଚଳର ଏକ ବିରାଟ ସମସ୍ୟା ସମାଧାନ ହୋଇପାରିବ ବୋଲି କହିଥିଲେ। ସେହିପରି ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ବ୍ଲକ ଅଧିନସ୍ଥ କୁଶିଆପାଳ, ନହଙ୍ଗ, ମଙ୍ଗଳପୁର ଓ ଛୋଟି ପ୍ରଭୃତି ଅଂଚଳ ଦେଇ ବହି ଯାଇଥିବା ଗୋବରୀ ନଦୀରେ ନୀଳକଣ୍ଠପୁର ଠାରେ କିଛି ବର୍ଷ ତଳେ ନିର୍ମାଣ ହୋଇଥିବା ସେତୁ ତଳେ ସଂଟ୍ରାଙ୍ଗ ଖୋଲା ନଯିବା ଦ୍ୱାରା ବର୍ଷା ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି ବୋଲି କହିଥିଲେ। ଚାଟରାଚକଡା ସମିତିସଭ୍ୟ ନିରଞ୍ଜନ କର, ଲକ୍ଷ୍ମୀନରାୟାଣପୁର ସମିତିସଭ୍ୟ ଫନିନ୍ଦ୍ର ବେହେରା, କାଉପଡ଼ା ସରପଞ୍ଚ ପ୍ରତାପ ବେହେରା, ବେଣୀପୁର ସରପଞ୍ଚ ମୋହନ ଚରଣ ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ବିଡିଓ ନମିତା ବାରିକ, ଏବିଡିଓ ମୃଣ୍ମୟ ରାଉତ, ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଲିପୁନ କୁମାର ସ୍ୱାଇଁ, ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ବରିହା ପ୍ରମୁଖ ଉପସ୍ଥିତ ଥିଲେ।

## ବିଲରୁ ପାଣି ନିଷ୍କାସନବେଳେ ବିଦ୍ୟୁତ ଆଘାତରେ ମହିଳା ମୃତ

ରାଜନଗର,୨୯।୭(ସମିସ): ରାଜନଗର ବ୍ଲକର ହଜାର ହଜାର ଚାଷ ଜମିରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି। ଫଳରେ ଚାଷୀଙ୍କ ମଧ୍ୟରେ ଛାନିଆ ପଶିଛି। ରୁଆ ବେଉଷଣ ପାଇଁ ଚାଷୀ ଅଣ୍ଟା ଭିଡୁଥିବାବେଳେ ଲଘୁଚାପଜନିତ ପ୍ରବଳ ବର୍ଷା ସବୁ ଆଶାକୁ ଧୂଳିସାତ କରିଦେଇଛି। ଅଳ୍ପ କେତକ ଚାଷୀ ଖରାଟିଆ ବତୁରି ଟଳା ପକାଇ ଥିବା ବେଳେ ୮୦ ଭାଗ ଚାଷୀ ସଅଳ ଆଛରା ବିହନ ପକାଇଥିଲେ। ବର୍ଷା ପାଣିରେ ତଳି ଗୁଡିକ ପାଖା ପାଖି ଏକ ମାସ ଧରି ପାଣିରେ ବୁଡି ରହି ସେ ସବୁ ପଚି ପାଣିରେ ଭାସୁଛି। ଯାହାକୁ ନେଇ ଚାଷୀଭାଇ ମାନେ ମୁଣ୍ଡରେ ହାତ ଦେଲାଣି, ଆସନ୍ନ ଗଜା ଧୋଇ ଆଶଙ୍କା ଭିତରେ ଏବେ ଚାଷୀ ମାନେ ହାତବାନ୍ଧି ବସିଛନ୍ତି। ଧାନ ତଳି ବଞ୍ଚାଇବା ପାଇଁ ଚାଷୀ ମୋଟର ପମ୍ପ ମାଧ୍ୟମରେ ବିଲରୁ ପାଣି ଶୁଖାଇବା ଆରମ୍ଭ କରିଛନ୍ତି। ଆଜି ବିଲରୁ ମୋଟର ପମ୍ପ ମାଧ୍ୟମରେ ପାଣି ଶୁଖାଉଥିବା ବେଳେ ବିଦ୍ୟୁତ ଆଘାତରେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଗିରିଆପାହି ଗାଁର ଭଗୀରଥି ମହିଁଶାଳଙ୍କ ପତ୍ନୀ ତୃପ୍ତିରାଣୀ ମହିଁଶାଳ (୪୫) ଘର ନିକଟରେ ଥିବା ତଳା ବିଲରୁ ମୋଟର ପମ୍ପ ମାଧ୍ୟମରେ ପାଣି ଶୁଖାଉଥିଲେ। ମୋଟର ପମ୍ପ ଷ୍ଟାର୍ଟ କରିବା ସମୟରେ ତୃପ୍ତିରାଣୀଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ପରିବାର ଲୋକେ ତୃପ୍ତିରାଣୀଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତୃପ୍ତିରାଣୀଙ୍କୁ ମୃତ ଘୋଷଣା କରିଥିଲେ। ତୃପ୍ତିରାଣୀଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

## ବାୟାବାବାଙ୍କ ଆଶ୍ରମରେ ଗୁରୁପୂର୍ଣ୍ଣିମା

ରାଜନଗର,୨୯।୭(ସମିସ): ବିଶ୍ୱଗୁରୁ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମମାଟି ରାଜନଗର ବ୍ଲକ କେରେଡାଗଡ଼ସ୍ଥ ବାୟାବାବାଙ୍କ ଆଶ୍ରମରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବା ଭାରତୀୟ ସଂସ୍କୃତି ପରମ୍ପରା ଓ ସନାତନ ଧର୍ମକୁ ସମଗ୍ର ଭାରତ ବର୍ଷରେ ନାମ ସଂକୀର୍ତ୍ତନ ମାଧ୍ୟମରେ ପ୍ରଚାର ପ୍ରସାର କରି ଅମର ହୋଇ ରହିଛନ୍ତି।



ଗୁରୁପୂର୍ଣ୍ଣିମା ତିଥିରେ ଆଶ୍ରମରେ ଶ୍ରୀମଦ୍ ବାୟାବାବାଙ୍କ ପୂଜାର୍ଚ୍ଚନା କରାଯାଇଥିଲା ଓ ପ୍ରତ୍ୟୁଷରେ ପଣ୍ଡିତ ଅସିତ ତ୍ରିପାଠୀ, ପ୍ରଭାସ ତ୍ରିପାଠୀଙ୍କ ମନ୍ତ୍ର ଧ୍ୱନିରେ ବାବାଙ୍କ ମଙ୍ଗଳ ଆଳତି, ବାଲଧୂପ, ଆଶ୍ରମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ୧୦୮ କଳସ ଜଳ ଦ୍ୱାରା ଶ୍ରୀମଦ୍ ବାୟାବାବାଙ୍କ ମହାଭିଷେକ କରାଯାଇଥିଲା। ପରେ ଶ୍ରୀମଦ୍ ବାୟାବାବାଙ୍କ ଜୀବନ ଆଦର୍ଶ ଓ ଦିଗ୍‌ଦର୍ଶନ ମୁଖନିସୃତ ଭଜନ ଓ କଥାମୃତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଶ୍ରମର ସଭାପତି ପ୍ରଦୀପ କୁମାର ବିଶ୍ୱାଳ, ସମ୍ପାଦକ କପିଳ ଚନ୍ଦ୍ର ଦାସ, ରାଧାକୃଷ୍ଣ ପାତ୍ର, ମେଘଶ୍ୟାମ ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, କେଦାର ଦାସ, ବେଣୁଧର ନନ୍ଦ, ସଦାଶିବ ଜେନା, ଦୀନବନ୍ଧୁ ବେହେରା, ନଟବର ରାଉତ ପ୍ରମୁଖ ପରିଚାଳନା କରିଥିଲେ। କେରେଡାଗଡ଼, ବାଲିସାହିପାଟଣା, ରାଜପୁର, ବାଲିଚନ୍ଦନପୁର, ରାଜନଗର, ମହିଁଷାସୁର, ଗୁଲୁଦିଆ ସମେତ ଆଖପାଖ ଅଞ୍ଚଳର ଭକ୍ତ ମାନେ ଯୋଗଦେଇ ଥିଲେ।

## ବନ୍ୟାଞ୍ଚଳ ବୁଲି ଦେଖିଲେ ଜିଲ୍ଲାପାଳ



ରାଜକନିକା,୨୯।୭(ସମିସ): ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରାଜକନିକା ବନ୍ୟା ଅଞ୍ଚଳ ବୁଲିସ୍ଥିତି ପରଖି ବନ୍ୟା ମୁକାବିଲା ନେଇ ସମୀକ୍ଷା କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଗତକାଲି ସମ୍ଭାବ୍ୟ ବନ୍ୟାକୁ ନେଇ ଡାକବାଜି ଯନ୍ତ୍ର ଦ୍ୱାରା ନଦୀ କୁଳିଆ ଲୋକ ମାନଙ୍କୁ ସଚେତନ କରାଯାଇଥିଲା। ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟର ରାଜକନିକା ବ୍ଲକର ବାରାହାଦୋମାଣ୍ଡା ପଞ୍ଚାୟତ ବୈତରଣୀ ନଦୀକୁଳିଆ ଗାଁ କନପୁର ମାନପୁର ଗୁଣ୍ଠଲ ଆଦି ଗାଁ ଥିବାବେଳେ ଜିଲ୍ଲାପାଳ ସ୍ଥାନୀୟ ଲୋକ ମାନଙ୍କ ସହିତ ଆଲୋଚନା କରି ବନ୍ୟା ପ୍ରପୀଡିତ ଲୋକ ମାନଙ୍କୁ ସଠିକ ସମୟରେ ପିଇବା ପାଣି ଶୁଖିଲା ଓ ରନ୍ଧା ଖାଦ୍ୟ ଦେବା ସହିତ ମେଡିକାଲ ଟିମ ମହଜୁଦ ରହି ପ୍ରପୀଡିତଙ୍କୁ ସୁରକ୍ଷା ଦେବାପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ବନ୍ୟା ସମୟରେ ଉଚ୍ଚ ସ୍ଥାନ ତଥା ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳକୁ ଯିବା ପାଇଁ ଲୋକଙ୍କ ସହିତ ଆଲୋଚନା କରିଥିଲେ।

ବୈତରଣୀ ନଦୀରେ ବଢି ଚାଲିଥିବା ବନ୍ୟାସ୍ଥିତିରେ ରାଜକନିକାରେ ସୃଷ୍ଟ ବନ୍ୟାଅଞ୍ଚଳ ବୁଲିବା ବେଳେ ଜିଲ୍ଲାପାଳଙ୍କ ସହିତ ଉପଜିଲ୍ଲାପାଳ, କନିକା ତହସିଲଦାର, ବିଡ଼ିଓ, ଜଳସମ୍ପଦ ଓ ପାନୀୟ ଜଳ ବିଭାଗର ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ରାଜ୍ୟ ନିର୍ବାଚନ କମିଶନ କାର୍ଯ୍ୟାଳୟର ଅନୁ-ସଚିବଙ୍କ କେନ୍ଦ୍ରାପଡ଼ା ଗସ୍ତ

କେନ୍ଦ୍ରାପଡ଼ା,୨୯।୭(ସମିସ): ରାଜ୍ୟ ନିର୍ବାଚନ କମିଶନ କାର୍ଯ୍ୟାଳୟର ଅନୁ -ସଚିବ ନିରଞ୍ଜନ ପାଢ଼ୀ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଡ୍ରାଫ୍ଟ ମତଦାତା ତାଲିକା ପ୍ରକାଶ କରିଛନ୍ତି। ପରେ ବିଭିନ୍ନ କାର୍ଯ୍ୟକଳାପର ସମୀକ୍ଷା କରିଥିଲେ। ଜିଲ୍ଲାରେ ଦାବି ଓ ଆପତ୍ତି ଗ୍ରହଣ ଏବଂ ଶୁଣାଣି ପ୍ରକ୍ରିୟା କିପରି ସୁଚାରୁ ଭାବେ ପରିଚାଳିତ ହେଉଛି, ସେ ସମ୍ପର୍କରେ ସେ କ୍ଷେତ୍ର ପର୍ଯ୍ୟାୟରେ ଯାଇ ଅନୁଧ୍ୟାନ କରିଥିଲେ। ସେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଶାଖାର ଅଧିକାରୀ, ବିଏଲଓ ସୁପରଭାଇଜର, ବୁଥ୍ ସ୍ତରୀୟ ଅଧିକାରୀ, ବୁଥ୍ ସ୍ତରୀୟ ଏଜେଣ୍ଟ ଏବଂ ସାଧାରଣ ମତଦାତାମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଏହା ସହିତ କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟ ସମସ୍ତ ନିର୍ବାଚନ ମଣ୍ଡଳୀର ସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, କେନ୍ଦ୍ରାପଡ଼ା ବିଡିଓ ଅଭିଷେକ ସ୍ୱାଇଁ, ଅତିରିକ୍ତ ବିଡିଓ ଅନିରୁଦ୍ଧ ବେହେରା, ଡେପୁଟି କଲେକ୍ଟରେ ନିର୍ବାଚନ ଅମୀୟ କେତନ ସ୍ୱାଇଁ, କେନ୍ଦ୍ରାପଡ଼ା ମୁନିସିପାଲିଟି ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, ଡେରାବିଶ ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ଡେରାବିଶ ଅତିରିକ୍ତ ବିଡ଼ିଓ ମୃଣାଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ଫୁଲୁଛି ଲୁଣାନଦୀ; ତଟବନ୍ଧରେ ଘାଇ

ମହାକାଳପଡ଼ା,୨୯।୭(ସମିସ): ଲଗାଣ ବର୍ଷା ପ୍ରଭାବରେ ମହାନଦୀ ଓ ଏହାର ଶାଖା ଲୁଣାନଦୀରେ ଜଳସ୍ତର ଦ୍ରୁତ ଭାବେ ବଢୁଛି। ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଗୋଜାବନ୍ଧ ସେକ୍ସନର ତେରଗାଁ ଘାଟ ନିକଟରେ



ତଟବନ୍ଧରେ ସୃଷ୍ଟି ହୋଇଥିବା ଘାଇ ଏବଂ ନଦୀବନ୍ଧରେ ଥିବା କଲଭର୍ଟ ଖୋଲା ରହିଥିବାରୁ ବନ୍ୟାପାଣି ଚାଷଜମିକୁ ପ୍ରବେଶ କରୁଛି। ଫଳରେ ଚାଷୀଙ୍କ ମୁଣ୍ଡ ଉପରେ ଏବେ ଧାନ ଫସଲ ନଷ୍ଟ ହେବାର ବଡ଼ ବିପଦ ଘନେଇ ଆସିଛି। ଗତ ୧୫ ଦିନରୁ ଅଧିକ ସମୟ ଧରି ଲଗାଣ ବର୍ଷା ଯୋଗୁଁ ତଳି ବିଲ ଓ ତଳି ରୁଆ ହୋଇଥିବା ଜମିରେ ଆଣ୍ଠୁଏ ପାଣି ଜମି ରହିଛି। ଏପରି ସ୍ଥିତିରେ ପୁଣି ବନ୍ୟାପାଣି ପ୍ରବେଶ କଲେ ତଳି ଓ ରୁଆ ଧାନ ସମ୍ପୂର୍ଣ୍ଣ ପଚି ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା କରୁଛନ୍ତି। ଚାଷୀମାନଙ୍କ ଅଭିଯୋଗ, ବଢ଼ିପାଣି ଆସିବା ପୂର୍ବରୁ କଲଭର୍ଟ ବନ୍ଦ କରାଯିବା ଦରକାର ଥିଲେ ମଧ୍ୟ ତଟବନ୍ଧ ବିଭାଗ ଏଥିପ୍ରତି ଉଦାସୀନ ରହିଛି। ଫଳରେ ବନ୍ୟାପାଣି ସିଧାସଳଖ ଚାଷଜମିକୁ ପ୍ରବେଶ କରି ହଜାର ହଜାର ଏକର ଧାନ ଚାଷକୁ ବିପଦ ମୁହାଁରେ ପକାଇଛି। ଆଶ୍ଚର୍ଯ୍ୟର ବିଷୟ, ଘାଇ ସୃଷ୍ଟି ହୋଇଥିବା ସ୍ଥାନରୁ ତଟବନ୍ଧ ଉପବିଭାଗ କାର୍ଯ୍ୟାଳୟ ମାତ୍ର ଏକ କିଲୋମିଟର ଦୂରରେ ଥିଲେ ମଧ୍ୟ ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆବଶ୍ୟକ ପଦକ୍ଷେପ ନେଇନଥିବା ଅଭିଯୋଗ ହେଉଛି। ଗୋଜାବନ୍ଧ ସେକ୍ସନର ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ବେହେରାଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଘଟଣାସ୍ଥଳ କିମ୍ବା କାର୍ଯ୍ୟାଳୟରେ ଉପଲବ୍ଧ ହୋଇନଥିଲେ। ବର୍ତ୍ତମାନ ସ୍ଥିତିରେ ତୁରନ୍ତ କଲଭର୍ଟ ବନ୍ଦ କରି ତଟବନ୍ଧର ଘାଇ ମରାମତି ନକରାଗଲେ ବ୍ୟାପକ ଫସଲ କ୍ଷତି ହେବ ବୋଲି ଚାଷୀମାନେ ସତର୍କ କରିଛନ୍ତି। ଏହାକୁ ନେଇ ଅଞ୍ଚଳରେ ତଟବନ୍ଧ ବିଭାଗର କାର୍ଯ୍ୟଦକ୍ଷତା ଓ ଦାୟିତ୍ୱବୋଧକୁ ନେଇ ପ୍ରଶ୍ନ ଉଠିଛି।

- **କଲଭର୍ଟ ଖୋଲା, ଚାଷଜମିରେ ପଶୁଛି ବନ୍ୟାପାଣି**
- **ଗୋଜାବନ୍ଧ ସେକ୍ସନ ସହକାରୀ ଯନ୍ତ୍ରୀଙ୍କ ଦେଖା ମିଳୁନି**

## ମଇଁଷିଙ୍କ ପାଇଁ ଦୁର୍ଘଟଣା, ଜଣେ ଗୁରୁତର

ରାଜକନିକା,୨୯।୭(ସମିସ): ରାସ୍ତାକଡ଼ରେ ବନ୍ଧା ହେଉଛି ମଇଁଷିପଲ। ମଇଁଷିଙ୍କ ଗୋଠରେ କେବେ କେବେ ମଇଁଷି ବୁଲିବା ହେଉ ବା ହଠାତ ରାସ୍ତା ଉପରକୁ ମାଡ଼ି ଆସିବାରୁ ଘଟୁଛି ଦୁର୍ଘଟଣା। ଚନ୍ଦନପୋଖରୀ ଛକ ଜୟନଗର ଏନ ଏଚ ୨୦ ରେ ଏମିତି ବଢ଼ିଚାଲିଛି ଦୈନିକ ଅଘଟଣ। ଗତକାଲି ରାତିରେ ଏମିତି ମଇଁଷିଙ୍କ



ଦ୍ୱାରା ଦୁର୍ଘଟଣାର ଶୀକାର ହୋଇ ଗୁରୁତର ହୋଇଛନ୍ତି ରାଜକନିକା ଥାନା ବରଦା ଗାଁ ର ଅକ୍ଷୟ ବାରିକ। ଅକ୍ଷୟ ଜଣେ ?ସ ଡ୍ରାଇଭର ଭାବରେ କଟକରୁ ଜୟନଗର ଯାଉଥିବା ଅନ୍ନପୂର୍ଣ୍ଣା ସକୁ ଜୟନଗରରେ ରଖି ନିଜ ବାଇକ୍‌ରେ ରାତି ୮ଟା ବେଳେ ଘରକୁ ଫେରୁଥିବା ବେଳେ ଶିଶୁଆ ଗାଁ ପାଖ ରାସ୍ତା କଡ଼ରେ ଥିବା ମଇଁଷି ହଠାତ ଉଠି ପଡ଼ିବାରୁ ଅକ୍ଷୟ ମଇଁଷିରେ ପିଟି ହୋଇ ଯାଇଥିଲେ। ଘଟଣାସ୍ଥଳରେ ବେଶ ଗୁରୁତର ଥିବା ଅକ୍ଷୟଙ୍କୁ ପ୍ରଥମେ ରାଜକନିକା ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଏବେ ସେ ଗୁରୁତର ଥିବାରୁ ତାଙ୍କର ଏହି ଦୁର୍ଘଟଣା ପରେ ରାସ୍ତା କଡ଼ର ମଇଁଷି ଗୋଠ ହଟାଇବାର ଦାବୀ ଜୋର ଧରିଛି।

# ଚିତ୍ରୋତ୍ପଳା ନଦୀବନ୍ଧରୁ ଧସିଲା ଅତଡ଼ା

### ବନ୍ଧ ସୁଦୃଢ଼ ପାଇଁ ଖର୍ଚ୍ଚ ହୋଇଥିଲା ୧ କୋଟି ୧୨ ଲକ୍ଷ

ଗରଦପୁର,୨୯।୭(ସମିସ)




ପାଟକୁରା ସେତୁ ନିକଟରେ ଚିତ୍ରୋତ୍ପଳା ନଦୀବନ୍ଧରୁ ଅତଡ଼ା ଖସିଛି। ଏହି ଅତଡ଼ା ହାରାହାରି ୧୦ ମିଟରରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ତେବେ ଅତଡ଼ା ଖସିବା ନେଇ ଅଞ୍ଚଳବାସୀଙ୍କ ମନରେ ବନ୍ୟାକୁ ନେଇ ଭୟର ଆଶଙ୍କା ସୃଷ୍ଟି ହୋଇଛି। ସେପଟେ ନଦୀରେ ବନ୍ୟା ଜଳ ଆସି ନଦୀର ଦୁଇ ପାଶ୍ୱର୍ ବନ୍ଧ ଛୁଇଁଥିବା ବେଳେ ଜଳସେଚନ ବିଭାଗ ପକ୍ଷରୁ ଅତଡ଼ା ଖସିବା ସ୍ଥାନରେ ବହ୍ଲା ଓ ବାଲିବସ୍ତା ପକାଯାଇ ଅତଡ଼ାକୁ ଅଟକାଇ ରଖା ଯାଇଛି। ଏହାସହ ଜନସାଧାରଣ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ପାଟକୁରା ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଆଶ୍ୱସସନା ଦେଇଛନ୍ତି। ହେଲେ ଏହି ନଦୀ ବନ୍ଧକୁ ସୃଦୃଢ଼ ଓ ପିଚୁ କାର୍ଯ୍ୟ ସରିବା ଅବଧି ପୁରିବା ସହ ରକ୍ଷଣା ବେକ୍ଷଣ ଅବଧି ମାତ୍ର ଦୁଇ ବର୍ଷ ହେବ ଶେଷ ହୋଇଛି। ଏପଟେ ଅତଡ଼ା ଖସିବା କୁ ନେଇ ଅଞ୍ଚଳବାସୀ ସହଜରେ ହଜମ କରି ପାରୁ ନାହାଁନ୍ତି। ତେବେ ଉକ୍ତ ନଦୀବନ୍ଧ ସୃଦୃଢ଼ କରିବା ପାଇଁ ଗତ ୨୦୧୩/୧୪ ମସିହାରେ ତତ୍କାଳୀନ ବିଧାୟକ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ସମୟରେ ଜଳସେଚନ ବିଭାଗ ପକ୍ଷରୁ ପ୍ରାୟ ୮ କୋଟି ଟଙ୍କା ବ୍ୟୟରେ ଉକ୍ତ କାର୍ଯ୍ୟ କରା ଯାଇଥିଲା। ପରେ ପାଟକୁରା ଠାରୁ ସମସରା ପର୍ଯ୍ୟନ୍ତ ନଦୀବନ୍ଧ କୁ ଦୃଢ଼ୀକରଣ ଓ ପିଚୁ କରିବା ପାଇଁ ସୂଚନା ଫଳକ ସୂଚନା ଅନୁଯାୟୀ ସରକାର ବା ଗ୍ରାମ୍ୟ ଉନ୍ନୟନ ବିଭାଗ ୧ କୋଟି ୧୨ ଲକ୍ଷ ୨୫ ହଜାର ଟଙ୍କା ଖର୍ଚ୍ଚ କରିଥିଲେ। ଏହି ନଦୀବନ୍ଧ ରାସ୍ତା ଟି ଗତ ମ୍‌ଇ ମାସ ୫ ତାରିଖ ୨୦୧୯ ମସିହାରେ ଆରମ୍ଭ କରି ୨୦୨୧ ମସିହା ଜାନୁଆରୀ ମାସରେ ଶେଷ କରିଥିଲେ। କେବଳ ସେତିକି ନୁହେଁ ଏହି ନଦୀବନ୍ଧ ରାସ୍ତାର ରକ୍ଷଣା ବେକ୍ଷଣ ପାଇଁ ସରକାର ମଧ୍ୟ ମାତ୍ର ୪ ବର୍ଷ ପାଇଁ ୮ ଲକ୍ଷ ୬୪ ହଜାର ୭ ଶହ ଟଙ୍କା ଅତିରିକ୍ତ ବ୍ୟୟ କରିଥିଲେ। ପ୍ରକାଶ କି ଉକ୍ତ ନଦୀବନ୍ଧ ରେ ଗତ ୨୦୦୧ ଓ ୨୦୦୫ ମସିହାରେ ସମସରା ଓ କୋଡଙ୍ଗାପାଟଣା ଠାରେ ଘାଇ ସୃଷ୍ଟି ହୋଇ ବହୁ ଧନ ଜୀବନ ନଷ୍ଟ ହେବା ସହ ଶହ ଶହ ଏକର ଜମିରେ ବାଲି ଓ ପଟୁ ମାଡିଯିବା ସହ ଗୃହପାଳିତ ପଶୁ ବି ହ୍‌ଇରାଣ ହୋଇଥିଲେ। ଏହାଛଡା ଏହି ବନ୍ୟା ବିଭୀଷିକା ରେ ପାଟକୁରା,ସମମରା ଓ ଜଗନ୍ନାଥପୁର ଗାଁ ଉଭୟ ଉଭୟ ଠାରୁ ବିଛିନ୍ନ ହୋଇ ଯାଇଥିଲେ। ଖାଲି ସେତିକି ନୁହେଁ ନ୍‌ଇନ୍ଦିପୁର, ମଦନା,ଚାନ୍ଦପଲା,କୋଡପଲ୍ଲା, ଓସ୍ତିଆ, ଜଗଦଲପୁର, ଯମୁନାବାଦ, ପରକଣା, ଚକବାହାକୁଦ, ବିଚଣା, ହରିଦାସପୁର, ବେଡାରୀ, ଦଲୁଆଣିଓ ପଦ୍ମପୁର ଭଳି ଅନେକ ରାଜସ୍ୱ ମୌଜା ପ୍ରଭାବିତ ହୋଇଥିଲେ। ସେତେବେଳେ ବି ବିପନ୍ନଙ୍କ ହାହାକାର ଦେଖିବାକୁ ମିଳିଥିଲା ଯାହାକି ଆଜି ବି ଅଞ୍ଚଳବାସୀଙ୍କ ମନକୁ ଥରାଇ ଦିଏ। ତେବେ ଏହି ସମସ୍ୟା କୁ ତୁରନ୍ତ ସମାଧାନ କରିବା ପାଇଁ ପାଟକୁରା ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ମହାନ୍ତି, ସମିତି ସଭ୍ୟ ରାକେଶ ମହାପାତ୍ର, ସମାଜସେବୀ ମନ୍ମଥନାଥ ସାମନ୍ତରାୟ, ସାମାଜିକ କର୍ମୀ ନରୋତ୍ତମ ପରିଡ଼ା, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ୍ ଦାସ, ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତି ରଞ୍ଜନ ପରିଡ଼ା, ପଦ୍ମପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଭଜହରି ସେନାପତି ପ୍ରମୁଖ ଦାବି କରିଥିବା ବେଳେ,ଉକ୍ତ ସମସ୍ୟାର ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ସଜାଗ ରହିଛନ୍ତି ବୋଲି କନିଷ୍ଠ ଯନ୍ତ୍ରୀ ରଶ୍ମି ରଞ୍ଜନ ଖୁଣ୍ଟିଆ କହିଛନ୍ତି।

## ରେଳ ଲାଇନ୍ ଅତଡ଼ା ଖସୁଛି



ପଞ୍ଚୁପାଣ୍ଡବ,୨୯।୭(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ପଞ୍ଚୁପାଣ୍ଡବ ଛକ ନିକଟ ଡେରାଡ଼ି ଗ୍ରାମ ଦେଇ ଯାଇଥିବା ରେଳଲାଇନର ଏକ ପାଶ୍ୱର୍ର ମାଟି ଅତଡା ଖସିପଡ଼ିଥିବା ଦେଖିବାକୁ ମିଳୁଛି। ପାରାଦୀପରୁ ହରିଦାସପୁର ଯାଇଥିବା ରେଳ ଲାଇନର ୫୨ ନମ୍ବର (ବି) ବ୍ରିଜ ନିକଟରେ ପାଖାପାଖି ଦୁଇଟି ଜାଗାରେ ପ୍ରାୟ ଶହେ ମିଟର ଲମ୍ବର ମାଟି ଅତଡ଼ା ଖସି ପଡ଼ି ଥିବା ଦେଖିବାକୁ ମିଳିଛି। ପୂର୍ବରୁ ଏହି ସ୍ଥାନରେ ମାଟି ଅତଡା ଖସି ଥିଲା ତାକୁ ମରାମତି କରାଯାଇଥିଲା। ଏବେ ଲଗାଣ ବର୍ଷା ଯୋଗୁଁ ବାରମ୍ବାର ମାଟି ଅତଡା ଖସୁ ଥିବାରୁ ଯାତାୟାତ କରୁଥିବା ଯାତ୍ରୀବାହୀ ଏବଂ ମାଲ ବୋଝେଇ ରେଳ ପାଇ ବିପଦ ଥିବା ଅଭିଯୋଗ ହେଉଛି। ଏବେ ଏହି ଅତଡା ଖସି ପଡ଼ି ଥିବା ଜାଗାରେ ମରାମତି ହେଉଥିବା ଦେଖିବାକୁ ମିଳୁଛି। ରେଳ ଲାଇନ ପାଶ୍ୱର୍ରେ ବେଣା ବୁଦା ଥିବାରୁ କେତେକ ସ୍ଥାନରେ ଅତଡା ଖସି ପଡ଼ି ଥିବା ଅଭିଯୋଗ ହେଉଛି। ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ବିଭିନ୍ନ ସ୍ଥାନରେ ଅତଡା ଖସି ଥିବା ର ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସମ୍ପାଦକୀୟ



ଜୈବିକ ଚାଷୀମାନେ ଆଜିର ସର୍ବଶ୍ରେଷ୍ଠ ଶାନ୍ତି ଅଗ୍ରଦୂତ

-ବନ୍ଦନା ଶିବା

ସକାଳ
THE SAKALA

## ପ୍ରଦୂଷିତ ଭାରତ

ପରିବେଶ ସୁରକ୍ଷା ମାନଦଣ୍ଡରେ ଭାରତ ପୁଣି ଏକ ଅଲୋଡ଼ା ରେକର୍ଡ ହାସଲ କରିଛି। କଲମ୍ବିଆ ବିଶ୍ୱବିଦ୍ୟାଳୟ ଓ ୟେଲେ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ପ୍ରକାଶିତ ୨୦୨୬ର ପରିବେଶ ପ୍ରଦର୍ଶନ ସୂଚକାଙ୍କରେ ୧୭୭ଟି ଦେଶ ମଧ୍ୟରୁ ଭାରତ ତଳଆଡ଼ୁ ଦ୍ୱିତୀୟ ଅର୍ଥାତ୍ ୧୭୬ ନଂରେ ରହିଛି। ଜଳବାୟୁ ପରିବର୍ତ୍ତନ, ପ୍ରମୁଖ ଦୀର୍ଘସ୍ଥାୟିତ୍ୱ ଆହ୍ୱାନ, ପରିବେଶର ଜନସ୍ୱାସ୍ଥ୍ୟ ଉପରେ ପ୍ରଭାବ, ବାୟୁ ଓ ପାନୀୟ ଜଳର ମାନ, ଜୈବବିବିଧତା, ଜଙ୍ଗଲର ସ୍ଥାୟିତ୍ୱ, ସବୁଜ ବାଷ୍ପ ହ୍ରାସ ଆଦି ୧୨ଟି ମୁଖ୍ୟ ପ୍ରସଙ୍ଗରେ ପ୍ରଦର୍ଶନକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ ହୋଇଛି। ଜାତିସଂଘ ଦ୍ୱାରା ଧାର୍ଯ୍ୟ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ ଜଳବାୟୁ ସମ୍ପର୍କିତ ପ୍ୟାରିସ୍ ଚୁକ୍ତିନାମାର ସଂକଳ୍ପ ହାସଲ ଦିଗରେ ଅଗ୍ରଗତିର ଆତ୍ମସମୀକ୍ଷା ପାଇଁ ଉପରୋକ୍ତ ପରିବେଶ ପ୍ରଦର୍ଶନ ସୂଚକାଙ୍କ ବା ଇପିଆଇ ଏକ ମାନଦଣ୍ଡ ରୂପେ ପରିଗଣିତ ହୋଇଆସୁଛି। ଏହି ଆଧାରରେ ଇଷ୍ଟୋନିଆ ୭୪.୭୯ ନମ୍ବର ପାଇ ତାଲିକାର ଶୀର୍ଷ ସ୍ଥାନରେ ରହିଥିବା ବେଳେ ମୋଟ ୨୨.୪୬ ନମ୍ବର ପାଇ ଭାରତ ୧୭୬ତମ ସ୍ଥାନରେ ରହିଛି। ପ୍ରଥମ ଦଶଟି ଦେଶ ତାଲିକାରେ ୟୁରୋପୀୟ ଦେଶଗୁଡ଼ିକ ଆଧିପତ୍ୟ ବିସ୍ତାର କରିଛନ୍ତି।

ମୂଳ କଥା ହେଉଛି ଭାରତର ନୀତି ନିର୍ଦ୍ଧାରକମାନେ କୌଣସି ପରିସଂଖ୍ୟାନ କିମ୍ବା ସୂଚକାଙ୍କକୁ ଗୁରୁତ୍ୱର ସହ ଗ୍ରହଣ କରିବା ବଦଳରେ ଭାରତ ପ୍ରତି ବିଦେଶୀ ତତ୍ତ୍ୱର ଏକ ଷଡ଼ଯନ୍ତ୍ର ଭାବେ ବ୍ୟାଖ୍ୟାନ ସୃଷ୍ଟି କରିବାରେ ଅଧିକ ସମୟ ନଷ୍ଟ କରୁଛନ୍ତି। ତେଣୁ ସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଅଧିକ ବିଗିଡ଼ି ଯାଉଛି। ୨୦୨୨ରେ ଏହି ତାଲିକାରେ ଭାରତ ସର୍ବଶେଷରେ ସ୍ଥାନିତ ହେବା ପରେ ଭାରତର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତାଲିକା ପ୍ରସ୍ତୁତିର ମାନଦଣ୍ଡ ଓ ପ୍ରକ୍ରିୟାକୁ ଅବାନ୍ତର ବୋଲି ଅଭିହିତ କରି ତାଲିକାକୁ ଅସ୍ୱୀକାର କରିଥିଲା। ଫଳସ୍ୱରୂପ ଚାରିବର୍ଷ ପରେ ମଧ୍ୟ ମାତ୍ର ଗୋଟିଏ ପାହାଚ ଉପରକୁ ଉଠିବାରେ ଭାରତ ସକ୍ଷମ ହୋଇପାରିଛି। ଭାରତର ବେରୋଜଗାରୀ ହାର ୪୫ ବର୍ଷ ପଛକୁ ଚାଲିଯାଇଥିବା ଖୋଦ୍ କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ବିଭାଗ ପ୍ରକାଶ କରିଥିଲେ ମଧ୍ୟ ତାହାକୁ ସରକାର ଗ୍ରହଣ କରି ନଥିଲେ। ବାସ୍ତବ ସ୍ଥିତି କ'ଣ ତାହା ଆମ ଭିତରୁ ଅଧିକାଂଶ ଜଣାଅଧିକେ ଜ୍ଞାତ। ତେଣୁ ପରିସଂଖ୍ୟାନକୁ ଏଡ଼ାଇ ଗଲେ ବାସ୍ତବ ଚିତ୍ର ବଦଳିଯିବ ନାହିଁ।

୨୦୨୪ରେ ସୁଇଜରଲାଣ୍ଡ ଟେକ୍ନୋଲୋଜି କମ୍ପାନୀ 'ଆଇକ୍ୟୁଏୟାର' ଦ୍ୱାରା ପ୍ରକାଶିତ ବିଶ୍ୱ ପ୍ରଦୂଷଣ ରିପୋର୍ଟ ଅନୁସାରେ ବିଶ୍ୱର କୋଡ଼ିଏଟି ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଭାରତର ୧୩ଟି ସହର ରହିଥିଲେ, ଯେଉଁଥିରେ ଆଜି ମଧ୍ୟ ସେଭଳି ଆଖିଦୃଶିଆ ସୁଧାର ଆସିନାହିଁ। ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ବିଶ୍ୱର ସର୍ବାଧିକ ପ୍ରଦୂଷିତ ରାଜଧାନୀ ଭାବରେ ଦିଲ୍ଲୀ କ୍ରମାଗତ ତାଲିକାର ପ୍ରଥମ ସ୍ଥାନରେ ରହି ଅଲୋଡ଼ା ରେକର୍ଡ ସୃଷ୍ଟି କରିଚାଲିଛି। ସର୍ବାଧିକ ପ୍ରଦୂଷିତ ଦେଶ ତାଲିକାରେ ମଧ୍ୟ ଭାରତର ସ୍ଥାନ ପଞ୍ଚମରେ ରହୁଛି। ଆସାମ୍-ମେଘାଳୟ ସୀମାନ୍ତ ସହର ବିର୍‌ନିହାଟ୍ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହରର କୁଖ୍ୟାତି ଅର୍ଜନ କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାର୍ଗଦର୍ଶିକା ଅନୁଯାୟୀ ବାୟୁମଣ୍ଡଳରେ ଏହି ଉପାଦାନର ଉପସ୍ଥିତି ସର୍ବାଧିକ ୫ରେ ରହିବା ଆବଶ୍ୟକ। ଯେଉଁ ପିଏମ୍୨.୫ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ସେହି ଆଧାରରେ ବର୍‌ନିହାଟ୍‌ର ବାୟୁମଣ୍ଡଳରେ ଏହାର ଉପସ୍ଥିତି ରହିଛି ୧୨୮.୨। ଦିଲ୍ଲୀ ବାୟୁ ପ୍ରଦୂଷଣର ପ୍ରତ୍ୟକ୍ଷ ଦୃଶ୍ୟ, ପ୍ରଭାବକୁ କ'ଣ ଅଣଦେଖା କରାଯାଇପାରେ?

ବିଡ଼ମ୍ବନା ହେଉଛି ଘଟଣା ଘଟି ସାରିବା ପରେ, ଏପରିକି ସାଂଘାତିକ ହେବା ପରେ ହିଁ ଆମ ଦେଶର ନୀତି ନିର୍ଦ୍ଧାରକମାନଙ୍କର ମୁଣ୍ଡରେ ଚେତା ପଶେ। ଦିଲ୍ଲୀ ବାୟୁ ପ୍ରଦୂଷଣ ଘଟଣା ଆକସ୍ମିକ ନୁହେଁ। ପ୍ରଦୂଷଣର କାରଣମାନ ମଧ୍ୟ ସମସ୍ତଙ୍କୁ ଜଣାଅଛି। ପ୍ରାୟ ପ୍ରତିବର୍ଷ ଏଭଳି ସ୍ଥିତି ସୃଷ୍ଟି ହେବା ପରେ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଏ ଏବଂ ଶୀତ ଦିନ ଯିବା ପରେ ସମସ୍ତେ ପରିସ୍ଥିତିକୁ ଭୁଲି ଯାଆନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦୀର୍ଘକାଳୀନ ଯୋଜନା ନ କରି କେବଳ ତାଳିପକା ବ୍ୟବସ୍ଥା କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏକଦା ଚୀନ୍‌ର ବେଜିଂ ସହର ମଧ୍ୟ ବାୟୁ ପ୍ରଦୂଷଣରେ ସାରା ବିଶ୍ୱରେ କୁଖ୍ୟାତି ଅର୍ଜନ କରିଥିଲା। କିନ୍ତୁ ଦୃଢ଼ ମନୋବଳ, କଡ଼ା ସରକାରୀ କଟକଣା ଓ ନିୟମ ଖିଲାପକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କଠୋର କାର୍ଯ୍ୟାନୁଷ୍ଠାନର ନିରନ୍ତର ପ୍ରଭାବରେ ସେହି ସହର ଏବେ କେବଳ ସେହି ଅପଖ୍ୟାତିକୁ ଦୂରେଇଦେଇ ନାହିଁ, ବରଂ ଉତ୍ତମ ପ୍ରଦୂଷଣ ପରିଚାଳନାରେ ପ୍ରଶଂସା ସାଉଁଟିଛି। କିନ୍ତୁ ଭାରତରେ ଏଭଳି ରାଜନୈତିକ କିମ୍ବା ପ୍ରଶାସନିକ ତତ୍ପରତା ଦେଖାଯାଏ ନାହିଁ। ଅନେକ ଆଖିଦୃଶିଆ ଓ ଶ୍ରୁତିମଧୁର ଯୋଜନା ଘୋଷଣା ହେଉଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ଏହାର ରୂପାୟନରେ ଆନ୍ତରିକତା ପ୍ରକାଶ ନ ପାଉଥିବାରୁ ଯୋଜନାର ଅସଲ ଉଦ୍ଦେଶ୍ୟ ସଫଳ ହୋଇପାରୁନାହିଁ।

କେବଳ ବାୟୁ ପ୍ରଦୂଷଣ ହିଁ ଭାରତର ଏକମାତ୍ର ସମସ୍ୟା ନୁହେଁ। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡର ସଦ୍ୟତମ ରିପୋର୍ଟ ଅନୁଯାୟୀ ଦେଶର ୨୭୧ଟି ପ୍ରମୁଖ ନଦୀର ଜଳ ଅତ୍ୟଧିକ ପ୍ରଦୂଷିତ। ଓଡ଼ିଶାର ନଦୀଜଳ କେତେ ପ୍ରଦୂଷିତ ତାହା ଆମେ ଜାଣିଛେ। ସେହିଭଳି ରାସ୍ତାଘାଟ, ଗଳିକନ୍ଦିରେ କୁଢ଼ କୁଢ଼ ଅଳିଆ ଭାରତୀୟ ସହରରେ ଏକ ସ୍ୱାଭାବିକ ଘଟଣା। କଠିନ ବର୍ଜ୍ୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ସାମଗ୍ରୀ ସିଂହଭାଗ ଯୋଗଦାନ ରହୁଥିବା ବେଳେ ଏହାର ନିରାକରଣ କେବଳ ଭାଷଣବାଜି ଓ ନୀତି ଘୋଷଣାରେ ସୀମିତ ରହିଛି। ଅଧିକନ୍ତୁ ବିଶ୍ୱ ଶୀର୍ଷ ସମ୍ମିଳନୀରେ ବିକଶିତ ଦେଶମାନେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ହ୍ରାସ ପାଇଁ ସଂକଳ୍ପ ନେଇଥିବା ବେଳେ ଭାରତ ଅର୍ଥନୈତିକ କ୍ଷତି ଆଳ ଦେଖାଇ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି। ତେଣୁ ଆଜି ଯଦି ଭାରତ ପରିବେଶ ସ୍ୱଚ୍ଛତା ତାଲିକାରେ ସର୍ବଶେଷରେ ରହିଲା ତେବେ ଆଶ୍ଚର୍ଯ୍ୟ ହେବାର ନାହିଁ। ଦେବଭୂମି ଓ ମର୍ତ୍ତ୍ୟର ସ୍ୱର୍ଗ ଭାରତ ନର୍କକୁଣ୍ଡରେ ପରିଣତ ହେବା ପୂର୍ବରୁ ନୀତି ନିର୍ଦ୍ଧାରକମାନେ ଏ ବିଷୟରେ ଗୁରୁତ୍ୱର ସହ ଚିନ୍ତା କରନ୍ତୁ।

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

## ଶିଳ୍ପାୟନରେ ଓଡ଼ିଶା ପଛୁଆ କାହିଁକି

ଶଶାଙ୍କ ପଟ୍ଟନାୟକ



ପ୍ରାକୃତିକ ସମ୍ପଦରେ ସମୃଦ୍ଧ ହୋଇଥିଲେ ମଧ୍ୟ ଓଡ଼ିଶା ଆଜି ଯାଏଁ ଦେଶର ଅଗ୍ରଣୀ ଶିଳ୍ପାୟତ ରାଜ୍ୟମାନଙ୍କ ସହ ସମକକ୍ଷ ହୋଇପାରି ନାହିଁ। ଗତ ଦୁଇଦଶନ୍ଧି ମଧ୍ୟରେ ରାଜ୍ୟର ଅନେକ ବୃହତ ଶିଳ୍ପ ପ୍ରକଳ୍ପ ପାଇଁ ନିବେଶ ଘୋଷଣା ହୋଇଥିଲେ ମଧ୍ୟ ଜମି ଅଧିଗ୍ରହଣ, ପରିବେଶ ଅନୁମୋଦନ, ପ୍ରଶାସନିକ ବିଳମ୍ବ ଓ ନୀତିଗତ ଅନିଶ୍ଚିତତା ଭଳି ବିଭିନ୍ନ ବିବାଦ କାରଣରୁ ଅନେକ ପ୍ରକଳ୍ପ ବର୍ଷ ବର୍ଷ ଧରି ଅଟକି ରହିଛି। ଆଉ କିଛି ସମ୍ପୂର୍ଣ୍ଣ ବାତିଲ ହୋଇଯାଇଛି। ଫଳସ୍ୱରୂପ ଓଡ଼ିଶା କେବଳ ବିନିଯୋଗ ନୁହେଁ ବରଂ ଲକ୍ଷାଧିକ ରୋଜଗାର ଶିଳ୍ପ ଭିତ୍ତିଭୂମି, ଆନୁଷଙ୍ଗିକ ଶିଳ୍ପ, କର ଆଦାୟ ଏବଂ ଯୁବ ପିଢ଼ିଙ୍କ ପାଇଁ ସୃଷ୍ଟି ହେବାକୁ ଥିବା ସୁଯୋଗ ମଧ୍ୟ ହରାଇଛି।

ବାସ୍ତବତା ହେଉଛି, ଶିଳ୍ପ ପ୍ରକଳ୍ପରେ ବିଳମ୍ବ କେବଳ ଅଟକି ରହିଥିବା ପୁଞ୍ଜିନିବେଶର ପ୍ରଶ୍ନ ନୁହେଁ। ଏହା ସହ ଜଡ଼ିତ ରହିଛି ହଜାର ହଜାର ସମ୍ଭାବ୍ୟ ରୋଜଗାର ସୃଷ୍ଟି, ଆନୁଷଙ୍ଗିକ ଶିଳ୍ପର ବିକାଶ, ସ୍ଥାନୀୟ ଶିଳ୍ପ ପରିବେଶର ବିସ୍ତାର, ସରକାରୀ କର, ରାଜସ୍ୱ ବୃଦ୍ଧି, ବୈଷୟିକ ଦକ୍ଷତାର ଉନ୍ନତି ଏବଂ ଆଗାମୀ ପିଢ଼ି ପାଇଁ ସୃଷ୍ଟି ହୋଇପାରୁ ନ ଥିବା ଅସଂଖ୍ୟ ଆର୍ଥିକ ସୁଯୋଗ। ଅର୍ଥାତ୍, ପ୍ରତ୍ୟେକ ବିଳମ୍ବିତ ପ୍ରକଳ୍ପ ସହ ଓଡ଼ିଶା କେବଳ ପୁଞ୍ଜିନିବେଶ ନୁହେଁ, ବରଂ ବିକାଶ, ରୋଜଗାର ଏବଂ ଆର୍ଥିକ ସଶକ୍ତିକରଣର ଅନେକ ସମ୍ଭାବନାକୁ ମଧ୍ୟ ହରାଉଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଦକ୍ଷିଣ କୋରିଆର 'ପୋସ୍କୋ' ଇସ୍ପାତ ପ୍ରକଳ୍ପ, ଯାହା ବିଭିନ୍ନ ସ୍ୱାର୍ଥଗତ ବିବାଦରେ ଛନ୍ଦି ହୋଇ ଶେଷରେ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ୨୦୦୫ ମସିହାରେ ଘୋଷିତ ୧୨ ବିଲିୟନ ଆମେରିକୀୟ ଡଲାରର ପୁଞ୍ଜିନିବେଶ ବିଶିଷ୍ଟ ଏହି ପ୍ରକଳ୍ପ ସେତେବେଳେ ଭାରତର ସବୁଠାରୁ ବଡ଼ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ଥିଲା। ଏହି ବହୁଚର୍ଚ୍ଚିତ ପ୍ରକଳ୍ପରେ ୧୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ସମନ୍ୱିତ ଇସ୍ପାତ କାରଖାନା, ନିଜସ୍ୱ ବନ୍ଦର ଏବଂ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣର ପ୍ରତିଶ୍ରୁତି ଥିଲା। ଏହାଦ୍ୱାରା ପ୍ରାୟ ୪୮, ୦୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବା ସହ ଆନୁଷଙ୍ଗିକ ଇସ୍ପାତ ଶିଳ୍ପର ବିକାଶ ଆଶା କରାଯାଉଥିଲା। ମାତ୍ର ଜମି ଅଧିଗ୍ରହଣ, ପରିବେଶଗତ ମଞ୍ଜୁରୀ ଏବଂ ସ୍ଥାନୀୟ ବିରୋଧକୁ ନେଇ ପ୍ରାୟ ଗୋଟିଏ ଦଶନ୍ଧି ଧରି ବିବାଦ ଚାଲିବା ପରେ ୨୦୧୭ ମସିହାରେ ପୋସ୍କୋ ଏହି ପ୍ରକଳ୍ପରୁ ଓହରି ଯାଇଥିଲା।

ବୃହତ ସମନ୍ୱିତ ଇସ୍ପାତ ପ୍ରକଳ୍ପ ଖଣି ଖନନ, ଯୋଗାଣ ଶୃଙ୍ଖଳା, ବୈଷୟିକ ସେବା, ଉତ୍ପାଦନ, ପରିବହନ, ଗୃହ ନିର୍ମାଣ, ହୋଟେଲ ବ୍ୟବସାୟ ଓ କ୍ଷୁଦ୍ର ଉଦ୍ୟୋଗ ପରି ଅନେକ କ୍ଷେତ୍ରକୁ ସମାନ୍ତରାଳ ଭାବେ ସମୃଦ୍ଧ କରିଥାଏ। ପ୍ରକଳ୍ପରେ ପ୍ରତିବର୍ଷର ବିଳମ୍ବ ସହିତ ଏକ ସମ୍ଭାବ୍ୟ ଶିଳ୍ପ ପରିସଂସ୍ଥାର ବିକାଶ ମଧ୍ୟ ପଛକୁ ଚାଲିଯାଏ, ଯାହା ଉପକୂଳ ଓଡ଼ିଶାକୁ ପୂର୍ବ ଭାରତର ଗୋଟିଏ ପ୍ରମୁଖ ଉତ୍ପାଦନ କେନ୍ଦ୍ର ଭାବେ ଗଢ଼ିତୋଳିବା ପାଇଁ ସକ୍ଷମ। ପରବର୍ତ୍ତୀ ସମୟରେ ପୋସ୍କୋ ପାଇଁ ପ୍ରସ୍ତାବିତ ଜମିକୁ ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲକୁ ଆବଣ୍ଟନ କରାଯିବା ପ୍ରମାଣ କରୁଛି ଯେ ସ୍ଥାନଟିର ଶିଳ୍ପ ସମ୍ଭାବନା ଆଜିର ସମୟରେ ମଧ୍ୟ ରହିଛି। ସେହିପରି ଟାଟା ଷ୍ଟିଲ କଳିଙ୍ଗନଗର ପ୍ରକଳ୍ପ ମଧ୍ୟ ୨୦୦୬ର ହିଂସାତ୍ମକ ଘଟଣା ପରେ ବର୍ଷେକାଳ ବିଳମ୍ବିତ ହୋଇଥିଲା। ଯଦିଓ ପରବର୍ତ୍ତୀ ସମୟରେ ପ୍ରକଳ୍ପ ସଫଳ ହୋଇଛି, ତଥାପି ବିଳମ୍ବ କାରଣରୁ ରାଜ୍ୟର ରାଜସ୍ୱ ନିଯୁକ୍ତି ଏବଂ ଆନୁଷଙ୍ଗିକ ଶିଳ୍ପରେ ବିକାଶ ବହୁ ପଛକୁ ଚାଲିଯାଇଥିଲା।

ଶିଳ୍ପ ପ୍ରକଳ୍ପରେ ସମୟର ମୂଲ୍ୟ ଅତ୍ୟନ୍ତ ଅଧିକ। ପ୍ରତ୍ୟେକ ବିଳମ୍ବର ଅର୍ଥ ହେଉଛି ଜିଏସଟି ଆଦାୟ, ବିଦ୍ୟୁତ ଚାହିଦା, ଲଜିଷ୍ଟିକ କାର୍ଯ୍ୟକଳାପ, ପରିବହନ, ରପ୍ତାନି ଓ ସ୍ଥାନୀୟ କ୍ରୟରେ ବିଳମ୍ବ। ଏହି ପରିପ୍ରେକ୍ଷୀରେ ସମୟ ନିଜେ ଏକ ଅର୍ଥନୈତିକ ଖର୍ଚ୍ଚର ରୂପ ନେଇଥାଏ। ଜଗତସିଂହପୁରରେ ଜେଏସ୍‌ଡବ୍ଲୁର ପ୍ରସ୍ତାବିତ ପ୍ରକଳ୍ପ ଓ କର୍ଣ୍ଣାଟକର ବିଜୟନଗର କାରଖାନାକୁ ତୁଳନା କଲେ ଏହା ଆହୁରି ସ୍ପଷ୍ଟ ହୁଏ। ଓଡ଼ିଶାରେ ଜମି, ଅନୁମୋଦନ ଏବଂ ପ୍ରକଳ୍ପ କାର୍ଯ୍ୟକାରୀକୁ ନେଇ ଦୀର୍ଘ ଦିନର ଅନିଶ୍ଚିତତା ଥିବା ବେଳେ ବିଜୟନଗର କ୍ରମାଗତ ଭାବେ ବିସ୍ତାର ହୋଇ ଦେଶର ସର୍ବବୃହତ ସମନ୍ୱିତ ଇସ୍ପାତ କାରଖାନାରେ ପରିଣତ ହୋଇଛି। ୧୭.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏହି ପ୍ଲାଣ୍ଟ ହଜାର ହଜାର ପ୍ରତ୍ୟକ୍ଷ ନିଯୁକ୍ତି, ଦଶ ହଜାର ପରୋକ୍ଷ ଜୀବିକା, ଏମ୍‌ଏସ୍‌ଏମ୍‌ଇ, ଶିଳ୍ପ, ଇଞ୍ଜିନିୟରିଙ୍ଗ ସେବା ଏବଂ ସହରୀକରଣ ବିକାଶରେ ବଡ଼ ଭୂମିକା ନେଇଛି। ଏହି ତୁଳନା ଦର୍ଶାଏ ଯେ କେବଳ ନିବେଶ ଘୋଷଣା ନୁହେଁ, ତାହାର ଦ୍ରୁତ କାର୍ଯ୍ୟ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ନିବେଶକମାନେ ସ୍ଥିରତା ଓ ନିଶ୍ଚିତତାକୁ ଗୁରୁତ୍ୱ ଦିଅନ୍ତି। ପ୍ରକଳ୍ପ ଶୀଘ୍ର ଆଗକୁ ବଢ଼ିଲେ ନୂଆ ନିବେଶର ବିଶ୍ୱାସ ବଢ଼େ, ବିଳମ୍ବ ହେଲେ ନିବେଶ ଅନ୍ୟ ରାଜ୍ୟକୁ ଚାଲିଯାଏ।

ଶିଳ୍ପ କ୍ଷେତ୍ର ବାହାରେ ସବୁଠାରୁ ବଡ଼ କ୍ଷତି ଥିଲା ପ୍ରସ୍ତାବିତ ବେଦାନ୍ତ ବିଶ୍ୱବିଦ୍ୟାଳୟ। ପୁରୀ ନିକଟରେ ବିଶ୍ୱସ୍ତରୀୟ ବହୁବିଷୟକ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ପ୍ରାୟ ୧୫ ହଜାର କୋଟି ଟଙ୍କାର ପ୍ରାରମ୍ଭିକ ନିବେଶ ଯୋଜନା ଥିଲା। ଏହା ସହ ଗବେଷଣା ପାର୍କ, ନବସୃଜନ କେନ୍ଦ୍ର, ସ୍ୱାସ୍ଥ୍ୟସେବା ଓ ଜ୍ଞାନଭିତ୍ତିକ ଅର୍ଥନୀତିର ବିକାଶର ଲକ୍ଷ୍ୟ ରହିଥିଲା। କିନ୍ତୁ ଦୀର୍ଘ ଆଇନଗତ ବିବାଦ, ନୀତିଗତ ଅନିଶ୍ଚିତତା ଓ ଜମି ସମସ୍ୟା ଯୋଗୁଁ ପ୍ରକଳ୍ପଟି ପରିତ୍ୟକ୍ତ ହୋଇଯାଇଥିଲା। କାରଖାନା ତୁଳନାରେ ବିଶ୍ୱବିଦ୍ୟାଳୟ ପିଢ଼ି ପିଢ଼ି ପାଇଁ ଜ୍ଞାନ, ନବସୃଜନ, ଉଦ୍ୟୋଗ ଓ ଦକ୍ଷ ମାନବ ସମ୍ପଦ ସୃଷ୍ଟି କରିଥାଏ। ତେଣୁ ଏହାର ଅନୁପସ୍ଥିତି ଓଡ଼ିଶା ପାଇଁ ଅଦୃଶ୍ୟ, ଅଥଚ ଗଭୀର ଆର୍ଥିକ କ୍ଷତି।

ନିତି ଆୟୋଗ ମଧ୍ୟ ତାହାର ବିଭିନ୍ନ ରିପୋର୍ଟରେ କହିଛି ଯେ ଦେଶରେ ଗୁଣାତ୍ମକ ଅଣ-କୃଷି ରୋଜଗାର ସୃଷ୍ଟି ପାଇଁ ଶିଳ୍ପାୟନ ଅପରିହାର୍ଯ୍ୟ। ରାଜ୍ୟଗୁଡ଼ିକ ମଧ୍ୟରେ ଶିଳ୍ପ ବିକାଶର ଆସମାନତା ଯୋଗୁଁ ରୋଜଗାର ଓ ଶ୍ରମିକ ସ୍ଥାନାନ୍ତରଣରେ ବୈଷମ୍ୟ ସୃଷ୍ଟି ହେଉଛି। ସ୍ଥାନୀୟ ରୋଜଗାର ବଢ଼ିଲେ ବାଧ୍ୟତାମୂଳକ ପ୍ରବାସ କମିପାରିବ ବୋଲି ନିତି ଆୟୋଗ ଉଲ୍ଲେଖ କରିଛି। ଆଜି ମଧ୍ୟ ଓଡ଼ିଶାରୁ ବହୁସଂଖ୍ୟକ ଶ୍ରମିକ ଗୁଜରାଟ, କର୍ଣ୍ଣାଟକ, ତେଲେଙ୍ଗାନା, ତାମିଲନାଡୁ ଓ କେରଳକୁ କାମ ପାଇଁ ଯାଉଛନ୍ତି। ପ୍ରବାସ ସ୍ୱାଭାବିକ ହୋଇଥିଲେ ମଧ୍ୟ ସ୍ଥାନୀୟ ରୋଜଗାରର ଅଭାବ ଯୋଗୁଁ ହେଉଥିବା ପ୍ରବାସ ଏକ ବିକାଶଗତ ଆହ୍ୱାନ। ବୃହତ ଶିଳ୍ପ ଓ ଜ୍ଞାନଭିତ୍ତିକ ପ୍ରକଳ୍ପଗୁଡ଼ିକ ଯଥା ସମୟରେ କାର୍ଯ୍ୟକାରୀ ହୋଇଥିଲେ ଅନେକ ଯୁବକ ନିଜ ରାଜ୍ୟରେ ହିଁ କାମ ପାଇପାରିଥା'ନ୍ତେ।

ନିତି ଆୟୋଗର 'ମାକ୍ରୋ ଆଣ୍ଡ ଫିସ୍କାଲ୍ ଲ୍ୟାଣ୍ଡସ୍କେପ୍ ଅଫ୍ ଦ ଷ୍ଟେଟ୍ ଅଫ୍ ଓଡ଼ିଶା' ରିପୋର୍ଟରେ ମଧ୍ୟ ବେସରକାରୀ ନିବେଶ, ଶିଳ୍ପ ବିବିଧକରଣ ଓ ଉତ୍ପାଦନଭିତ୍ତିକ ରୋଜଗାର ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାର ଅର୍ଥ ନୁହେଁ ଯେ ପରିବେଶ କିମ୍ବା ସାମାଜିକ ସ୍ୱାର୍ଥକୁ ଅବହେଳା କରି ସବୁ ପ୍ରକଳ୍ପକୁ ଆଗକୁ ବଢ଼ାଇବା ଉଚିତ୍। ଗଣତାନ୍ତ୍ରିକ ବ୍ୟବସ୍ଥାରେ ପରିବେଶ ସୁରକ୍ଷା, ଯଥୋଚିତ ପୁନର୍ବାସ ଓ ସ୍ଥାନୀୟ ଲୋକଙ୍କ ସହଭାଗିତା ସମାନ ଭାବେ ଜରୁରୀ। କିନ୍ତୁ ଏହି ସମସ୍ୟାଗୁଡ଼ିକର ସମାଧାନ ସ୍ୱଚ୍ଛ ଓ ସମୟବଦ୍ଧ ପ୍ରକ୍ରିୟାରେ ହେବା ଉଚିତ୍, ଯାହା ଦ୍ୱାରା ପ୍ରକଳ୍ପଗୁଡ଼ିକ ବର୍ଷ ବର୍ଷ ଧରି ଅଟକି ରହିବ ନାହିଁ। ଏବେ ପ୍ରଶ୍ନ ହେଉଛି ଓଡ଼ିଶାର ଶିଳ୍ପାୟନ ଆବଶ୍ୟକ କି ନୁହେଁ ତାହା ନୁହେଁ, ବରଂ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ସୁରକ୍ଷିତ ରଖି ପ୍ରକଳ୍ପଗୁଡ଼ିକୁ କିପରି ଶୀଘ୍ର ଓ କାର୍ଯ୍ୟକ୍ଷମ ଭାବେ ସମ୍ପନ୍ନ କରାଯିବ। କର୍ଣ୍ଣାଟକ, ଗୁଜରାଟ ଓ ତାମିଲନାଡୁ ଭଳି ରାଜ୍ୟ ଏହାର ଉଦାହରଣ ସୃଷ୍ଟି କରିଛନ୍ତି।

ଓଡ଼ିଶା ପାଖରେ ପ୍ରଚୁର ଖଣିଜ ସମ୍ପଦ, ଦୀର୍ଘ ଉପକୂଳ, ପ୍ରମୁଖ ବନ୍ଦର, ପର୍ଯ୍ୟାପ୍ତ ବିଦ୍ୟୁତ ଓ ଉନ୍ନତ ଭିତ୍ତିଭୂମି ରହିଛି। କିନ୍ତୁ ଏହି ସମ୍ଭାବନା ସେତେବେଳେ ହିଁ ପ୍ରକୃତ ସମୃଦ୍ଧିରେ ପରିଣତ ହେବ, ଯେତେବେଳେ ନିବେଶଗୁଡ଼ିକ ସମୟବଦ୍ଧ ଭାବେ କାରଖାନା, ବିଶ୍ୱବିଦ୍ୟାଳୟ ଗବେଷଣା କେନ୍ଦ୍ର ଓ ଶିଳ୍ପ ପରିବେଶରେ ପରିଣତ ହେବ। ଇତିହାସକୁ ବଦଳାଯାଇପାରିବ ନାହିଁ। ପୋସ୍କୋ ଆଉ ଫେରିବନାହିଁ। ବେଦାନ୍ତ ବିଶ୍ୱବିଦ୍ୟାଳୟ ଏବେ ଅତୀତର ଅଧ୍ୟାୟ। କିନ୍ତୁ ଭବିଷ୍ୟତରେ ଅତୀତର ପୁନରାବୃତ୍ତି ନହେବା ଉଚିତ୍। ଓଡ଼ିଶା ନୂଆ ଶିଳ୍ପାୟନ ଯୁଗରେ ପ୍ରବେଶ କରୁଥିବା ବେଳେ ଏହି ବିଳମ୍ବିତ ଓ ପରିତ୍ୟକ୍ତ ପ୍ରକଳ୍ପଗୁଡ଼ିକ ଆମକୁ ଗୋଟିଏ ସ୍ପଷ୍ଟ ଶିକ୍ଷା ଦେଉଛି ଯେ - ଆର୍ଥିକ ସୁଯୋଗର ମଧ୍ୟ ଏକ ସମୟସୀମା ଥାଏ। ନିଷ୍ପତ୍ତି ବର୍ଷ ବର୍ଷ ଧରି ବିଳମ୍ବିତ ହେଲେ କ୍ଷତି କେବଳ ନିବେଶର ନୁହେଁ, ବରଂ ସେହି ରୋଜଗାର, ସମୃଦ୍ଧି, ଆଶା ଓ ଆକାଂକ୍ଷାର, ଯାହା ଏକ ସମ୍ପୂର୍ଣ୍ଣ ପିଢ଼ିର ଭବିଷ୍ୟତକୁ ବଦଳାଇ ପାରିଥା'ନ୍ତା।

ଭୁବନେଶ୍ୱର, ମୋ: ୯୮୬୧୪୪୩୦୧

## ବିପନ୍ନ ଜୈବ ସ୍ୱରାଜ

ବିନୋଦ ମହାରଣା

ପ୍ରତି ଜୀବ ବା ଉଦ୍ଭିଦର ବଂଶଗତ ଗୁଣାବଳୀ ପରିବାହକ ବା ଜିନ୍ ରହିଥା'ନ୍ତି। ଏହା ଲକ୍ଷ ଲକ୍ଷ ବର୍ଷ ତଳୁ ଉତ୍ତରାଧିକାର ସୂତ୍ରରେ ଚାଲିଆସିଛି। ମାତ୍ର ଆଧୁନିକ ବିଜ୍ଞାନ ଜରିଆରେ ମୂଳ ଜିନ୍‌ର ପରିବର୍ତ୍ତନ ଘଟାଯାଇଥାଏ ଯାହାକୁ ଜେନେଟିକ ମଡିଫାଏଡ ଟେକ୍ନୋଲୋଜି କୁହାଯାଏ। ଏହାଦ୍ୱାରା ମୂଳ ଶସ୍ୟର ଗୁଣ, ରୂପ, ଆକାର ଆଦି ପରିବର୍ତ୍ତିତ ହୋଇଯାଇଥାଏ। ମାଟିରେ ରହୁଥିବା ଏକପ୍ରକାର ବ୍ୟାକ୍ଟେରିଅମ (ବିଟି)ର ଏକ ସ୍ୱତନ୍ତ୍ର ଜିନ୍‌କୁ ବାହାର କରି କପା ଓ ବାଇଗଣ ଆଦିର ମଞ୍ଜିରେ ଡିଏନଏ ପ୍ରଯୁକ୍ତି ଜରିଆରେ ପ୍ରୟୋଗ କରାଯାଏ। ଏହି ଜିନ୍ ପରିବର୍ତ୍ତିତ ଶସ୍ୟ କୀଟ ପ୍ରତିରୋଧକ ହୋଇଥିବାରୁ ଚାଷରେ କ୍ଷତି ଘଟେ ନାହିଁ ବୋଲି ବୈଜ୍ଞାନିକ କହନ୍ତି। ମାତ୍ର ଏହା ଯୋଗୁଁ ମୂଳ ଶସ୍ୟର ଗୁଣବତ୍ତା ନଷ୍ଟ ହୋଇଯାଏ ଏବଂ ଯେଉଁ ଜମିରେ ଏହି ବିହନ ଚାଷ କରାଯାଏ ସେହି ଜମିରେ ଆଉ କୌଣସି ଫସଲ ହୋଇପାରି ନ ଥାଏ। ବିଟି ବିହନ ଜରିଆରେ ଗଛ ବୃଦ୍ଧି ହେଉଥିବା ବେଳେ ସାଧାରଣତଃ ଜେନେଟିକ ସଂକ୍ରମଣ ହୋଇଥାଏ ଏବଂ ପତଙ୍ଗ, ମହୁମାଛି ବା ବାୟୁ ଜରିଆରେ ଏହାର ପ୍ରଭାବ ଅନ୍ୟାନ୍ୟ ସ୍ଥାନକୁ ବିସ୍ତାରିତ ହୋଇଥାଏ, ଯାହା କି ମୂଳବିହନ ବା ଶସ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।

ଭାରତ ପରି ଏକ କୃଷିପ୍ରଧାନ ଦେଶରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଜେନେଟିକ ମଡିଫାଏଡ ଶସ୍ୟ ବିପଦ। କମ୍ ସମୟରେ ଅଧିକ ଉତ୍ପାଦନ ଆଭିମୁଖ୍ୟ ରଖି ବିଟି ଶସ୍ୟକୁ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ଏହା କୃଷି ଓ କୃଷକଙ୍କ ଲାଗି ବିପଦ ସୃଷ୍ଟି କରିବାରେ ଲାଗିଛି। ବିଟି ଶସ୍ୟ ଯୋଗୁଁ ଭାରତର ହଜାର ହଜାର ବର୍ଷର ମୂଳ ଶସ୍ୟର ବିଲୋପ ଘଟୁଥିବା ବେଳେ ଦିନକୁ ଦିନ ଭାରତର ଜୈବ ବିବିଧତା, ଶସ୍ୟ ସ୍ୱରାଜ, କୃଷକଙ୍କ ଆର୍ଥିକ ସାର୍ବଭୌମତ୍ୱ କ୍ଷୁଣ୍ଣ ହେବାରେ ଲାଗିଛି। ଭେନେଜୁଏଲା, ଆଲଜେରିଆ, ପେରୁ, ଭୁଟାନ ସମେତ ୬୦ରୁ ଅଧିକ ରାଷ୍ଟ୍ରରେ ଜିଏମ ବିହନକୁ ନିଷିଦ୍ଧ କରାଯାଇଥିବା ବେଳେ ଭାରତରେ ଏହାର ଯଥେଷ୍ଟ ବ୍ୟବହାର ହେଉଥିବା ପରିଲକ୍ଷିତ ହୋଇଛି।

ପ୍ରଥମ ଥର ଲାଗି ୧୯୮୩ରେ ତମାଖୁ କ୍ଷେତ୍ରରେ ଜେନେଟିକ ଇଞ୍ଜିନିୟରିଂ ପଦ୍ଧତି ଆପଣାଯାଇଥିଲା। ଆଗ୍ରୋବାକ୍ଟେରିଅମର ଏକ ଜିନ୍‌କୁ ତମାଖୁ କ୍ଷେତ୍ରରେ ପ୍ରୟୋଗ କରାଯାଇଥିଲା। ପ୍ରଥମେ ଆମେରିକା ଓ ଫ୍ରାନ୍ସ ଏବଂ ପରେ ଚୀନ ଜେନେଟିକ ମଡିଫାଏଡ ବିହନକୁ ବ୍ୟବସାୟୀକରଣ କରିଥିଲେ। ପରେ ବିଶ୍ୱର ବହୁ ରାଷ୍ଟ୍ରକୁ ଏହା ବ୍ୟାପିଥିଲା। ୨୦୨୪ରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ କଦଳୀ କ୍ଷେତ୍ରରେ ଏହି ପ୍ରଯୁକ୍ତି ବ୍ୟବହାର କରାଯାଇଥିଲା। ଭାରତରେ ୨୦୦୨ରେ ବିଟି କଟନକୁ ଅନୁମତି ଦିଆଯାଇଥିବା ବେଳେ ୨୦୨୨ରେ ସୋରିଷ କ୍ଷେତ୍ରରେ ଏହାକୁ ଅନୁମତି ଦିଆଯାଇଥିଲା। ମାତ୍ର ଆଇନଗତ ବିବାଦ କାରଣରୁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ସେହିପରି ୨୦୦୯ରେ ବିଟି ବାଇଗଣକୁ ଅନୁମତି ଦିଆଯାଇଥିଲା। ମାତ୍ର ପ୍ରବଳ ବିରୋଧ ଯୋଗୁଁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ଏହା ସତ୍ତ୍ୱେ ବହୁ ରାଜ୍ୟରେ ବେଆଇନ ଭାବେ ଏହି ବିହନ ଚାଷ ହେଉଥିବା ଜଣାଯାଏ।

ବିଟି ବିହନ ସାଧାରଣତଃ ଜୈବ ବିବିଧତା ଉପରେ କ୍ଷତି ପହଞ୍ଚାଇବା ସହ ଅନେକ ପ୍ରକାର ଉପକାରୀ କୀଟ, ମହୁମାଛି ପରି କୀଟ, ମାଟିରେ ରହୁଥିବା ଉପକାରୀ ବ୍ୟାକ୍ଟେରିଆଙ୍କୁ ଧ୍ୱଂସ କରିଦେଇଥାଏ। ଏହି କାରଣରୁ ଆଜିକାଲି ପ୍ରଜାପତି, ଫିରିଙ୍ଗି ଓ ଅନେକ ପ୍ରକାର କୀଟ ଦେଖାଯାଉ ନାହାନ୍ତି। ଜିଏମ ବିହନରୁ ଜାତ ଖାଦ୍ୟଶସ୍ୟ ମଣିଷ ଓ ଅନ୍ୟ ଜୀବଙ୍କ ଶରୀରରେ ରହିଥିବା ଆଣ୍ଟିବାୟୋଟିକ ପ୍ରତିରୋଧକ ଶକ୍ତିକୁ ନିଷ୍କ୍ରିୟ କରିଥାଏ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯାଇଥିଲା। ସେହିପରି ଖାଦ୍ୟ ଶୃଙ୍ଖଳର ନିୟନ୍ତ୍ରଣ ବହୁରାଷ୍ଟ୍ରୀୟ କମ୍ପାନୀ ହାତକୁ ଚାଲିଯିବ ବୋଲି ଅନେକ ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଯୋଗୁଁ ପ୍ରଥମତଃ ଭାରତୀୟ କୃଷି ବଜାରରେ ଆମେରିକୀୟ ଆଧିପତ୍ୟ ବୃଦ୍ଧି ପାଇବ। ଦ୍ୱିତୀୟରେ ଜିଏମ ବିହନଜାତ ଶସ୍ୟ ଭାରତରେ ବ୍ୟାପକ ପ୍ରସାର ହେବ। ସେହି ଶସ୍ୟଗୁଡ଼ିକ ହେଲା ଜୋଆର, ସୋୟାବିନରୁ ପ୍ରସ୍ତୁତ ତେଲ, ଅନେକ ପ୍ରକାର ଫଳ, ପ୍ରାଣୀମାନଙ୍କ ଖାଦ୍ୟ ଆଦି।

ଆମେରିକା ବର୍ତ୍ତମାନ ବିଶ୍ୱର ସବୁଠାରୁ ବୃହତ ଜିଏମ ଶସ୍ୟ ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇଛି। ଭାରତକୁ ଆମେରିକା ପ୍ରମୁଖ ବଜାର ଭାବେ ଦେଖୁଛି। ଚୁକ୍ତି ଯୋଗୁଁ ଭାରତରେ କେବଳ ଆମେରିକୀୟ ଜିଏମ ଶସ୍ୟ ଉପଲବ୍ଧ ହେବ ନାହିଁ ବରଂ ଜିଏମ ଶସ୍ୟରୁ ପ୍ରସ୍ତୁତ ଶିଶୁଖାଦ୍ୟଠାରୁ ଆରମ୍ଭ କରି ଅନେକ ପ୍ରକାର ପ୍ୟାକେଜଯୁକ୍ତ ଖାଦ୍ୟପଦାର୍ଥ ଉପଲବ୍ଧ ହେବାରେ ଲାଗିଛି। ଆଶ୍ଚର୍ଯ୍ୟର କଥା ଆମେରିକାରୁ ଆମଦାନୀ ହେଉଥିବା ଶସ୍ୟ ଓ ସୋୟାବିନ ତେଲକୁ କରମୁକ୍ତ କରାଯାଇଛି। ଏହି ଦୃଷ୍ଟିରୁ ଏହି ଚୁକ୍ତିକୁ ବିଭିନ୍ନ ସଂଗଠନ ବିରୋଧ କରିଆସୁଛନ୍ତି। ଭାରତ ପ୍ରତିବର୍ଷ ବିଲିୟନ ବିଲିୟନ ଡଲାରର ଖାଦ୍ୟଶସ୍ୟ, କୃଷି ସାମଗ୍ରୀ ଆମେରିକାଠାରୁ ଆମଦାନୀ କରୁଛି। ପ୍ରତିବଦଳରେ ସମପରିମାଣର ସାମୁଦ୍ରିକ ଖାଦ୍ୟ ଆମେରିକାକୁ ରପ୍ତାନି କରୁଛି। ଭାରତ ହିଁ ପ୍ରକୃତରେ ବିଶେଷ କ୍ଷତିଗ୍ରସ୍ତ ହେଉଛି ଏବଂ ଭାରତୀୟ କୃଷି ଅର୍ଥନୀତିକୁ ଧ୍ୱଂସ ଆଡ଼କୁ ନେଇଯାଉଛି।

ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନଭିରୋନମେଣ୍ଟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଭାରତରେ ୨୦ରୁ ଅଧିକ ପ୍ରକାରର ଜେନେଟିକାଲି ମଡିଫାଏଡ ଖାଦ୍ୟ ସାମଗ୍ରୀ ଖୋଲା ବଜାରରେ ବିକ୍ରି କରାଯାଉଛି। ନିରୀହ ଖାଉଟିମାନଙ୍କ ଜୀବନ ସହ କିଛି କମ୍ପାନି ଖେଳୁଛନ୍ତି। ସେହି ଖାଦ୍ୟ ମଧ୍ୟରେ ରହିଛି ଶିଶୁ ଖାଦ୍ୟ, ଖାଇବା ତେଲ, ଖାଦ୍ୟପଦାର୍ଥ ଇତ୍ୟାଦି। ଆମେରିକା, କାନାଡ଼ା, ଥାଇଲାଣ୍ଡ, ନେଦରଲ୍ୟାଣ୍ଡସ, ୟୁଏଇ ଆଦି ରାଷ୍ଟ୍ରରୁ ଆମଦାନୀ କରାଯାଇଥିବା ଅନେକ ଖାଦ୍ୟ ପଦାର୍ଥରେ ଜିଏମ ଶସ୍ୟ ବ୍ୟବହୃତ ହୋଇଥିବା ଜଣାଯାଇଛି। ଅର୍ଥାତ ବେଆଇନ ଭାବେ ଭାରତୀୟ ଖାଦ୍ୟଶସ୍ୟ ବଜାରରେ ବଡ଼ ବଡ଼ କମ୍ପାନିଙ୍କ ପ୍ରାଧାନ୍ୟ ଜାରି ରହିଛି। ବେଆଇନ ବିହନ, ଖାଦ୍ୟ ପଦାର୍ଥ ଉପରେ ସାଧାରଣତଃ ଜେନେଟିକ ଇଞ୍ଜିନିୟରିଂ ମଞ୍ଜୁରୀ କମିଟିର ଭୂମିକା ଥାଏ। ଏହି ସଂସ୍ଥା ନୀରବ ରହୁଥିବାରୁ ଅନ୍ତଃରାଷ୍ଟ୍ରୀୟ କମ୍ପାନିଗୁଡ଼ିକ ଲାଭବାନ ହେଉଥିବା ବେଳେ ଭାରତ କ୍ଷତିର ସମ୍ମୁଖୀନ ହେଉଛି।

ଦେଶରେ ଜିଏମ ଶସ୍ୟକୁ ଅନୁମତି ଦିଆଯାଇନାହିଁ ବୋଲି ୨୦୧୭ ମେ ୨୪ରେ ସୁପ୍ରିମକୋର୍ଟରେ ଦର୍ଶାଇଥିଲେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଅଧୀନସ୍ଥ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନକ କର୍ତ୍ତୃପକ୍ଷ। ଏହା ସତ୍ତ୍ୱେ ଭାରତରେ କିପରି ବିପୁଳ ପରିମାଣର ଜିଏମ ଶସ୍ୟ ବ୍ୟବହୃତ ହେଉଛି ତାହା ଆଶ୍ଚର୍ଯ୍ୟ ସୃଷ୍ଟି କରୁଛି। ଜିଏମ ଶସ୍ୟ କ୍ଷେତ୍ରରେ ଏକ ଜାତୀୟ ନୀତି ନିର୍ଦ୍ଧାରଣ କରିବା ଲାଗି କେନ୍ଦ୍ର ସରକାରଙ୍କୁ ୨୦୨୪ ଜୁଲାଇ ୨୩ରେ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। ଏହା ସହ ଜିଏମ ଶସ୍ୟର ଗବେଷଣା, ଚାଷ, ବ୍ୟବସାୟ ଲାଗି ସ୍ୱତନ୍ତ୍ର ନୀତି ପ୍ରସ୍ତୁତି ଲାଗି କୋର୍ଟ ପରାମର୍ଶ ଦେଇଥିଲେ। ମାତ୍ର ଏଥିପ୍ରତି ବିଶେଷ ଧ୍ୟାନ ଦିଆଯାଇ ନଥିବାରୁ ଦେଶରେ ଏବେ ବ୍ୟାପକ ପରିମାଣର ଜିଏମ ବିହନରୁ ଚାଷ ହେବା ସହ ଅନେକ ପ୍ରକାର ଖାଦ୍ୟ ବଜାରରେ ପ୍ରଭାବ ବିସ୍ତାର କରିଛି।

ଜିଏମ ବିହନ ବା ଶସ୍ୟର ପ୍ରାଦୁର୍ଭାବ ରୋକିବା ଲାଗି ୨୦୨୪ ଅଗଷ୍ଟରେ ୧୮ଟି ରାଜ୍ୟର ଶତାଧିକ କୃଷକ ସଂଗଠନ କେନ୍ଦ୍ର ପରିବେଶ ମନ୍ତ୍ରାଳୟ ନିକଟକୁ ପତ୍ର ଲେଖିଥିଲେ। କେବଳ ପାବରେ ଜିଏମ୍ କପା ଚାଷ ପରିମାଣ ୪୬ ପ୍ରତିଶତ ହ୍ରାସ ହୋଇଥିବାରୁ ସଂଗଠନଗୁଡ଼ିକ ପକ୍ଷରୁ ଚିନ୍ତା ପ୍ରକଟ ହୋଇଥିଲା। ଏହାର କାରଣ ହେଉଛି ଜିଏମ କପା ବିହନ ଆବଶ୍ୟକ ଲାଭ ଦେଇପାରି ନଥିଲା ଏବଂ ଅମଳ ହ୍ରାସ ପାଇଥିଲା। ବହୁରାଷ୍ଟ୍ରୀୟ କମ୍ପାନି ବେୟର ଓ ମନସାଣ୍ଟୋ ପକ୍ଷରୁ ବିକ୍ରି କରାଯାଉଥିବା କପା ବିହନ ଚାଷୀମାନଙ୍କୁ ନାନା ପ୍ରକାର ଆର୍ଥିକ ସମସ୍ୟାରେ ପକାଇଥିଲା। ଏହି କାରଣରୁ କପା ଚାଷୀଙ୍କ ଆତ୍ମହତ୍ୟା ବୃଦ୍ଧି ପାଇଥିଲା। ଏପରିକି କପା ଚାଷୀଙ୍କ ଆତ୍ମହତ୍ୟା ନେଇ ଅଦାଲତରେ ସ୍ୱୀକାର କରିଥିଲେ କେନ୍ଦ୍ର ସରକାର। କୁହାଯାଏ-ମନସାଣ୍ଟୋର ଜିଏମ କପା ବିହନ ବ୍ୟବହାର କରି ଅନେକ ଚାଷୀ ଦେବାଳିଆ ହୋଇଯାଇଛନ୍ତି ଏବଂ ୨୦୧୨ ସୁଦ୍ଧା ପ୍ରାୟ ୨ ଲକ୍ଷ ୫୦ ହଜାର କପା ଚାଷୀ ଆତ୍ମହତ୍ୟା କରିଛନ୍ତି। ଏହି ସଂଖ୍ୟା ୩ ଲକ୍ଷ ହେବ ବୋଲି ଆକଳନ କରିଥିଲେ ବିଶିଷ୍ଟ ସ୍ତମ୍ଭକାର ବେଲେନ ଫର୍ଣ୍ଣାଣ୍ଡେଜ ଯାହାକୁ ସମର୍ଥନ କରିଥିଲେ ବିଶିଷ୍ଟ ପରିବେଶବିତ୍ ବନ୍ଦନା ଶିବା। ୨୦୧୮ରେ ମନସାଣ୍ଟୋକୁ ବେୟର ଗ୍ରୁପ କ୍ରୟ କରିବା ପରେ ଭାରତରେ ବର୍ତ୍ତମାନ ବେୟର କମ୍ପାନି ହିଁ ଜିଏମ ଶସ୍ୟର ବ୍ୟବସାୟ କରିଚାଲିଛି।

ଦେଶରେ ଦିନକୁ ଦିନ କୃଷିଭିତ୍ତିକ ଜମି ପରିମାଣ ହ୍ରାସ ପାଇବାରେ ଲାଗିଛି। ସହରୀକରଣ, ଶିଳ୍ପ, ଗୃହ ନିର୍ମାଣ, ଜନସଂଖ୍ୟା ବୃଦ୍ଧି ଆଦି କାରଣରୁ ଜମି ପରିମାଣ ଦ୍ରୁତଗତିରେ ହ୍ରାସ ପାଉଛି। ୧୯୭୦ ଦଶକ ବେଳକୁ ଦେଶରେ ହାରାହାରି ଜମି ପରିମାଣ ଥିଲା ୨.୨୮ ହେକ୍ଟର। ବର୍ତ୍ତମାନ ଏହି ପରିମାଣ ୧ ହେକ୍ଟରକୁ କମିଆସିଲାଣି। ୩୦ ପ୍ରତିଶତ ଜମି କୃଷି କାର୍ଯ୍ୟ ଲାଗି ଅଯୋଗ୍ୟ ବିବେଚିତ ହେଲାଣି। ଏପରି ଅବସ୍ଥାରେ ବିଟି ବିହନର ଚାଷ କୃଷି ଲାଗି ବଡ଼ ବିପର୍ଯ୍ୟୟ ଆଣିବାର ଆଶଙ୍କା ସୃଷ୍ଟି କରୁଛି।

ଭୁବନେଶ୍ୱର, ମୋ: ୯୪୩୭୧୬୪୭୬୪



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବନ୍ୟା ପରିସ୍ଥିତି ମୁକାବିଲାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

ଭୁବନେଶ୍ୱର,୨୯ ।୭ (ସମିସ): ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ, ବନ୍ୟା ଜଳରେ ଭାସିଯାଇ ୪ ଜଣଙ୍କ ମୃତ୍ୟୁ ହୋଇଥିବା ରାଜ୍ୟ ସରକାର ସ୍ୱୀକାର କରିଛନ୍ତି । ବନ୍ୟା ପରିଚାଳନାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟକ ବ୍ୟୋମକେଶ ରାୟ, ଗୌତମବୁଦ୍ଧ ଦାସ ଓ ସଞ୍ଜୀବ ମଲ୍ଲିକ ବନ୍ୟା ପରିଚାଳନା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଚରମ ବିଫଳତାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ।

ବ୍ୟୋମକେଶ ରାୟ କହିଥିଲେ ଯେ ବର୍ଷା ଜନିତ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଲୋକଙ୍କ ଅବସ୍ଥା ବେହାଲ ହୋଇଥିବା ବେଳେ ରାଜ୍ୟ ସରକାର ପ୍ରଭାବିତ ଲୋକଙ୍କୁ ସାମାନ୍ୟ ସୁବିଧା ପହଞ୍ଚାଇବାରେ ବିଫଳ ହୋଇଛନ୍ତି ।

**ସରକାରଙ୍କ ପୂର୍ବ ପ୍ରସ୍ତୁତି ନ ଥିବାରୁ ୪ଟି ମୂଲ୍ୟବାନ ଜୀବନ ଚାଲିଗଲା**

**ନବୀନଙ୍କ ପ୍ରତ୍ୟେକ ଜୀବନ ମୂଲ୍ୟବାନ ନୀତି ବର୍ତ୍ତମାନର ସରକାରଙ୍କ ପାଇଁ ମୂଲ୍ୟହୀନ**

**ନବୀନଙ୍କ ଜିରୋ କାଜୁଆଲିଟି ନୀତି ଥିବାବେଳେ ବର୍ତ୍ତମାନର ସରକାର କାଜୁଆଲ ହୋଇଯାଇଛନ୍ତି**

ପାଣିପାଗ ବିଭାଗର ପୂର୍ବ ସୂଚନା ଥିଲେ ମଧ୍ୟ ସରକାରଙ୍କ କୌଣସି ପ୍ରସ୍ତୁତି ନଥିଲା, ଯେଉଁଥିପାଇଁ ୪ଟି ମୂଲ୍ୟବାନ ଜୀବନ ଯାଇଛି । ବନ୍ୟା ମୁକାବିଲା କରିବାରେ ବିଫଳ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି ବ୍ୟୋମକେଶ ରାୟ କହିଥିଲେ । ନବୀନ ସରକାରଙ୍କ ସମୟରେ ବିପର୍ଯ୍ୟୟ ପରିଚାଳନା ପାଇଁ ଓଡ଼ିଶା ସାରା ବିଶ୍ୱରେ ପ୍ରଶଂସିତ ହୋଇଥିଲା । ନବୀନଙ୍କ ସମୟରେ ପ୍ରତ୍ୟେକ ଜୀବନ ମୂଲ୍ୟବାନ ନୀତି ନିଷ୍ଠାର ସହ କାର୍ଯ୍ୟକାରୀ କରାଯାଉଥିବା ବେଳେ, ଏବେ ପ୍ରତ୍ୟେକ ଘଟଣାରେ ଜୀବନହାନୀ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । କଟକ ବଡ଼ ମେଡିକାଲରେ ସରକାରଙ୍କ ଅବହେଳା ଯୋଗୁଁ ଅଗ୍ନିକାଣ୍ଡ ଘଟି ୧୩ଟି ମୂଲ୍ୟବାନ ଜୀବନ ଯାଇଥିଲା । ସେହିପରି ରଥଯାତ୍ରାରେ ସରକାରଙ୍କ ଅବହେଳା ପାଇଁ ଚଳିତ ବର୍ଷ ୪ ଜଣଙ୍କ ମୃତ୍ୟୁ ହୋଇଛି ।



ବିଜେପି ସରକାର କ୍ଷମତାସୀନ ହେବା ପରଠାରୁ ପ୍ରତିବର୍ଷ ରଥଯାତ୍ରାରେ ମୂଲ୍ୟବାନ ଜୀବନ ଯାଉଛି । ଗୌତମବୁଦ୍ଧ ଦାସ କହିଥିଲେ ଯେ ବିପର୍ଯ୍ୟୟ ପରିଚାଳନା କଥା ଉଠିଲେ, ସମଗ୍ର ଦେଶ ଓ ବିଶ୍ୱ ଓଡ଼ିଶା ଆଡ଼କୁ ଅନାଏ । ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଜିରୋ କାଜୁଆଲିଟି ନୀତି ସାରା ବିଶ୍ୱ ପାଇଁ ଉଦାହରଣ ହୋଇପାରିଥିଲା । ଜିରୋ କାଜୁଆଲିଟି ନୀତି ପରେ ବର୍ତ୍ତମାନର ସରକାର କାଜୁଆଲ ହୋଇଯାଇଛନ୍ତି, ଯାହାଫଳରେ ସାଧାରଣ ଲୋକଙ୍କ ମୃତ୍ୟୁ ଏକ ସାଧାରଣ ଘଟଣା ହୋଇଯାଇଛି । ବନ୍ୟା ନିୟନ୍ତ୍ରଣ କରିବା ଦୂରରେ ଥାଉ, ବର୍ଷା ଜଳକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଛନ୍ତି । ସରକାରଙ୍କ ଅପାରଗତା ଜଳ ଜଳ ହୋଇ ଦିଶୁଛି । ସଞ୍ଜୀବ ମଲ୍ଲିକ କହିଥିଲେ ଯେ ବନ୍ୟା ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ସର୍ବନିମ୍ନ ନିତ୍ୟ ଆବଶ୍ୟକୀୟ ଜିନିଷ ପହଞ୍ଚାଇବାରେ ସରକାର ବିଫଳ ହୋଇଛନ୍ତି । ଭଦ୍ରକ ନିର୍ବାଚନ ମଣ୍ଡଳୀର ଅଧିକାଂଶ ପଞ୍ଚାୟତ ଅଞ୍ଚଳ ଜଳମଗ୍ନ ହୋଇସାରିଥିବା ବେଳେ, ପ୍ରଭାବିତ ଅଞ୍ଚଳରେ ଶୁଖିଲା ଖାଦ୍ୟ ପହଞ୍ଚାଇବାରେ ସରକାର ବିଫଳ ହୋଇଛନ୍ତି । ବର୍ଷା ଲାଗି ରହିଥିବାରୁ ରାଜ୍ୟର ଅନ୍ୟ ଜିଲ୍ଲା ଗୁଡିକ ମଧ୍ୟ ବନ୍ୟା ଆଶଙ୍କାର ସମ୍ମୁଖୀନ ହୋଇଛନ୍ତି । ପରିସ୍ଥିତିରେ ସୁଧାର ନଆସିଲେ, ଲୋକଙ୍କ ସ୍ୱାର୍ଥ ହାସଲ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି ।

# +୨ ଇନ୍‌ଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଫଳ ପ୍ରକାଶିତ

ଭୁବନେଶ୍ୱର, ୨୯ ।୭ (ସମିସ): ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ବର୍ଗରେ ସମୁଦାୟ ୪୫୨୫ ପିଲା ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରେ ୧୭୩୫ ଜଣ ଇନ୍‌ଷ୍ଟାଣ୍ଟ ଓ ୨୭୮୪ ଜଣ ଇମ୍ପ୍ରୁଭମେଣ୍ଟ ପରୀକ୍ଷାର୍ଥୀ ଅଛନ୍ତି । ଇନ୍‌ଷ୍ଟାଣ୍ଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୩୪ ଜଣ ପରୀକ୍ଷା ଦେଇଥିବାବେଳେ ମାତ୍ର ଜଣେ ପରୀକ୍ଷାରେ ଅନୁପସ୍ଥିତ ଥିଲା । ତନ୍ମଧ୍ୟରୁ ୧୪୦୩ ଜଣ ଅର୍ଥାତ୍ ୮୦.୯୧% କୃତକାର୍ଯ୍ୟ ହୋଇଛନ୍ତି । ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । କଳାରେ ସର୍ବାଧିକ ୧୦୮୩ ଜଣ ପରୀକ୍ଷା ଦେଇଥିବାବେଳେ ୯୩୯ ଜଣ (୮୬.୭୦%) ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ବିଜ୍ଞାନରେ ୫୮୫ ଜଣଙ୍କ ମଧ୍ୟରୁ ୪୦୮ ଜଣ (୬୯.୭୪%), ବାଣିଜ୍ୟରେ ୪୯ ଜଣଙ୍କ ମଧ୍ୟରୁ ୪୦ ଜଣ (୮୧.୬୩%) ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୭ରୁ ୧୬ ଜଣ ପାସ୍ କରିଛନ୍ତି । ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ଅଧିକ ସୂଚନା ଦେଇ କହିଛନ୍ତି ଯେ ପରୀକ୍ଷାର୍ଥୀମାନେ ଷଗ୍ଦଗ୍ଦକ୍ସଗ୍ଦ://କ୍ସରଗ୍ଦଙ୍କଷଗ୍ଦଗ୍ଦ.କ୍ଟୟସଗ୍ଦଷବ.ଶକ୍ଟଙ୍ଖ.ସଭ ୱେବସାଇଟ୍‌ରେ ସେମାନଙ୍କ ପରୀକ୍ଷା ଫଳ ଜାଣିପାରିବେ । ରୋଲ୍ ନମ୍ବର ଓ ପଞ୍ଜୀକରଣ ନମ୍ବର ଦେଇ ମାର୍କସିଟ୍ ଡାଉନ୍‌ଲୋଡ୍ ମଧ୍ୟ କରିପାରିବେ । ପରୀକ୍ଷା ଫଳ ପ୍ରତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇ-ସ୍ପେସରେ ଉପଲବ୍ଧ ହୋଇଛି । ଡିଜିଲକର୍ ମାଧ୍ୟମରେ ମାର୍କସିଟ୍ ଏବଂ ସାର୍ଟିଫିକେଟ୍ ପରି ଡିଜିଟାଲ୍ ଏକାଡେମିକ୍ ଡକ୍ୟୁମେଣ୍ଟ ପ୍ରଦାନ କରାଯିବ । ପିଲାମାନେ ସେମାନଙ୍କ ଶିକ୍ଷାନୁଷ୍ଠାନରୁ ଅଗଷ୍ଟ ୧୫ ତାରିଖ ମଧ୍ୟରେ ସାର୍ଟିଫିକେଟ୍ ଏବଂ ମାର୍କସିଟ୍‌ର ହାର୍ଡ କପି ପାଇପାରିବେ ବୋଲି ଡ. ପରିଡ଼ା କହିଛନ୍ତି ।

# ଏମ୍‌ସରେ ଅଧ୍ୟାପକ ମରୁଡ଼ି

ଭୁବନେଶ୍ୱର, ୨୯ ।୭ (ସମିସ): ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା (ଏମ୍‌ସ)ରେ ଅଧ୍ୟାପକ ମରୁଡ଼ି । ଦେଶର ୨୦ଟି କାର୍ଯ୍ୟକ୍ଷମ ଏମ୍‌ସରେ ମୋଟ ୬,୩୦୪ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦ ରହିଛି । ତନ୍ମଧ୍ୟରୁ ୨,୧୮୧ ଅର୍ଥାତ୍ ପ୍ରାୟ ଏକ-ତୃତୀୟାଂଶ ପଦ ଖାଲି ପଡ଼ିଛି । କେବଳ ଭୁବନେଶ୍ୱର ଏମ୍‌ସରେ ୯୯ ପଦ ଫାଙ୍କା ପଡ଼ିଥିବା ଲୋକସଭାରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଜ୍ୟମନ୍ତ୍ରୀ ପ୍ରତାପରାଓ ଯାଦବ ସୂଚନା ଦେଇଛନ୍ତି । ଏମ୍‌ସ ଭୁବନେଶ୍ୱରରେ ମୋଟ ୩୩୭ଟି ଅଧ୍ୟାପକ ପଦ ରହିଛି । ତନ୍ମଧ୍ୟରୁ ୨୩୮ ଟି ପଦରେ ଅଧ୍ୟାପକ କାର୍ଯ୍ୟରତ ଥିବାବେଳେ ୯୯ଟି ପଦ ଖାଲି ରହିଛି । ସେହିପରି ଅଣ-ଅଧ୍ୟାପକ ବର୍ଗରେ ମୋଟ୍ ୩,୯୬୩ ଟି ପଦ ରହିଛି । ତନ୍ମଧ୍ୟରୁ ୧,୦୨୬ଟି ପଦ ଫାଙ୍କା ରହିଛି । ନୂତନ ଏମ୍‌ସଗୁଡ଼ିକରେ ଉନ୍ନତ ସ୍ୱାସ୍ଥ୍ୟସେବା, ଚିକିତ୍ସା ଶିକ୍ଷା ଓ ଗବେଷଣାକୁ ସୁଦୃଢ଼ କରିବା ପାଇଁ ପର୍ଯ୍ୟାୟକ୍ରମେ ନିଯୁକ୍ତି ଦିଆଯାଉଛି । ଏମ୍‌ସ ଭୁବନେଶ୍ୱର ପାଇଁ ମଧ୍ୟ ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଃ! କି ବଢ଼ି...

କଲ୍ୟାଣ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରାଯାଇଛି ବୋଲି ମନ୍ତ୍ରୀ କହିଥିବା ବେଳେ ମେଡିକାଲ ଟିମ୍ ମୁତୟନ କରାଯାଇଛି । ଆବଶ୍ୟକ ଔଷଧ ମହଜୁଦ ରଖାଯାଇଛି ଏବଂ ସାପ କାମୁଡ଼ାର ଚିକିତ୍ସା ପାଇଁ ଆଣ୍ଟି-ସ୍ନେକ୍ ଭେନମ୍ ଇଞ୍ଜେକ୍ସନ୍ ପ୍ରଭାବିତ ଅଞ୍ଚଳକୁ ପଠାଯାଇଛି । ଅନ୍ୟପଟେ ସମସ୍ତ ନଦୀବନ୍ଧ, ରିଲିଫ କେନ୍ଦ୍ର ଓ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ପାଟ୍ରୋଲିଂକୁ ବାଧ୍ୟତାମୂଳକ କରାଯାଇଛି । କ୍ଷତିଗ୍ରସ୍ତ ଘରଗୁଡ଼ିକର ଆକଳନ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ପ୍ରଭାବିତ ପରିବାରମାନଙ୍କୁ ସରକାରୀ ନିୟମାବଳୀ ଅନୁଯାୟୀ ସହାୟତା ପ୍ରଦାନ ପ୍ରକ୍ରିୟା ଜାରି ରହିଛି । ଜରୁରୀ ଉଦ୍ଧାର କାର୍ଯ୍ୟ ବେଳେ ବିଦ୍ୟୁତ୍ ସ୍ପର୍ଶରେ ଜଣେ ଅଗ୍ନିଶମ ସେବା କର୍ମଚାରୀଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ମନ୍ତ୍ରୀ ଓ ଉପସ୍ଥିତ ସମସ୍ତ ଅଧିକାରୀ ଗଭୀର ଶୋକ ପ୍ରକାଶ କରିଥିଲେ । ମୃତକଙ୍କ ପରିବାରକୁ ତୁରନ୍ତ ସମସ୍ତ ସରକାରୀ ସହାୟତା ଓ ପ୍ରାପ୍ୟ ସୁବିଧା ପ୍ରଦାନ କରିବାକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ସମ୍ପୃକ୍ତ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ବିପର୍ଯ୍ୟୟ ମୁକାବିଲାକୁ ଆହୁରି ସୁଦୃଢ଼ କରିବା ପାଇଁ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଆଦି ୪ ଜିଲ୍ଲାରେ ୨୦ ଟି ଓଡ୍ରାଫ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ କରାଯାଇଛି । ଏହାସହିତ ସମ୍ବଲପୁରରେ ଆଗକୁ ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଗୋଟିଏ ଓଡ୍ରାଫ୍ ଟିମ୍ ନିୟୋଜିତ କାରଯାଇଛି । ଏହି ସ୍ଥିତିରେ ରାଜ୍ୟ ସରକାର ସମସ୍ତ ଜିଲ୍ଲା ପ୍ରଶାସନ ଏବଂ ସଂପୃକ୍ତ ବିଭାଗ ସହ ନିରନ୍ତର ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ।

## ବୈତରଣୀ ବନ୍ୟାରେ...

ଏବେ ବି ଆଖୁଆ ପଦାଠାରେ ଏହା ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ସେହିପରି ବୁଢ଼ାବଳଙ୍ଗ ମଧ୍ୟ ଏନ୍‌ଏଚ୍-୫ଠାରେ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି । ମଥାନିଠାରେ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ମହାନଦୀ ନରାଜଠାରେ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି । ଉତ୍ତର ଓଡ଼ିଶାରେ ମୁଖ୍ୟତଃ ପୂର୍ଣ୍ଣିମା ଯୋଗୁଁ ସମୁଦ୍ରକୁ ପାଣି ନିଷ୍କାସିତ ହୋଇପାରୁ ନାହିଁ । ଫଳତଃ ଏବେ ବି ଶତାଧିକ ଗାଁ ଜଳଘେରରେ ରହିଛି । ବୈତରଣୀ ନଦୀରେ ବନ୍ୟା ଯୋଗୁଁ ଯାଜପୁରର ଦଶରଥପୁର, ଭଦ୍ରକର ଧାମନଗର ଓ ଚାନ୍ଦବାଲି ଅଞ୍ଚଳରେ ବନ୍ୟା ପାଣି ପଶିଛି ଓ ଏଠାରେ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ଶାଳନ୍ଦୀ ନଦୀରେ ଇନ୍‌ଫ୍ଲୋ କମିଥିବାରୁ ଭଦ୍ରକର ବନ୍ୟା ସ୍ଥିତି ଆସନ୍ତାକାଲି ସୁଦ୍ଧା ସୁଧୁରିବ ବୋଲି ଆକଳନ କରାଯାଇଛି । ତେବେ ଆନନ୍ଦପୁର ଓ ଯାଜପୁରରେ ନଦୀବନ୍ଧରେ ଛୋଟ ଘାଇ ସୃଷ୍ଟି ହୋଇଥିବା ବେଳେ ପାଣି କମିବା ପରେ ତୁରନ୍ତ ମରାମତି କରାଯିବ ବୋଲି ଆକଳନ କରାଯାଉଛି ।

ଅନ୍ୟପଟେ ଉତ୍ତର ଓଡ଼ିଶାରେ ବୈତରଣୀର ଦାଉ କମି ନ ଥିବା ବେଳେ ମହାନଦୀ ଏବେ ଚିନ୍ତା ବଢ଼ାଇବାରେ ଲାଗିଛି । ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ ସ୍ପଷ୍ଟ କରିଛନ୍ତି ଯେ, ଗୁରୁବାର ସନ୍ଧ୍ୟା ସୁଦ୍ଧା ମୁଣ୍ଡଳୀରେ ୮.୫ରୁ ୯ ଲକ୍ଷ କ୍ୟୁସେକ୍ ପାଣି ପହଞ୍ଚିପାରେ । ଏହାର ପ୍ରଭାବରେ ଦୟା ଓ ମହାନଦୀର ତଳିଆ ଅଞ୍ଚଳରେ ଛୋଟରୁ ମଧ୍ୟମ ଧରଣର ବନ୍ୟା ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ମୁଣ୍ଡଳୀରେ ଏବେ ୫ ଲକ୍ଷ ୮୭,୫୬୦ କ୍ୟୁସେକ ଜଳ ପ୍ରବାହିତ ହେଉଛି । ଧୀରେ ଧୀରେ ଜଳର ପରିମାଣ ବଢ଼ିବାରେ ଲାଗିଛି । ହୀରାକୁଦ ଜଳଭଣ୍ଡାରରେ ବର୍ତ୍ତମାନ ଜଳସ୍ତର ୬୧୭.୯୧ ଫୁଟ୍ ରହିଛି । ଦୁଇଟି ଗେଟ୍ ଦେଇ ସେଠାରୁ ପାଣି ନିଷ୍କାସନ ଚାଲିଥିଲେ ମଧ୍ୟ, ତେଲ୍ ନଦୀ ଅବବାହିକା ସମେତ ବଲାଙ୍ଗିର ଓ ଖଇରମାଳ ଅଞ୍ଚଳରେ ଅଧିକ ବର୍ଷା ହେବାରୁ ମହାନଦୀକୁ ବହୁ ପରିମାଣର ଜଳ ପ୍ରବେଶ କରୁଛି । ଫଳରେ ମୁଣ୍ଡଳୀରେ ବନ୍ୟା ଜଳ ପ୍ରବାହ ବଢ଼ିବା ସହ ପରଦିନ ଦୟା ଓ ମହାନଦୀର ତଳିଆ ଅଞ୍ଚଳରେ ବନ୍ୟାର ପ୍ରଭାବ ଦେଖାଯିବ ବୋଲି ଆଶଙ୍କା କରାଯାଇଛି । ମହାନଦୀରେ ବନ୍ୟା ଆସିବା ଯୋଗୁଁ ବିଶେଷ କରି ପୁରୀ ଜିଲ୍ଲାର ନିମାପଡ଼ା, କଣାସ, ଗୋପ ଓ ଅସ୍ତରଙ୍ଗ ଭଳି ତଳିଆ ଅଞ୍ଚଳରେ ବନ୍ୟା ପାଣି ପଶିବାର ସମ୍ଭାବନା ରହିଛି । ସେଥିପାଇଁ ସ୍ଥାନୀୟ ପ୍ରଶାସନକୁ ସତର୍କ ରହିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଜଳ ସମ୍ପଦ ବିଭାଗ ପରାମର୍ଶ ଦେଇଛି ।

## ପ୍ରତ୍ୟେକ ଜୀବନ...

ପଦକ୍ଷେପରେ ଲୋକଙ୍କ ସହିତ ଛିଡ଼ା ହୋଇଛନ୍ତି । ପ୍ରଶାସନର ସୂଚନାକୁ ପାଳନ କରିବା ସହ ସୁରକ୍ଷିତ ରହିବାକୁ ପରାମର୍ଶ ଦେଇଛନ୍ତି । ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବନ୍ୟା ପରିଚାଳନା, ସ୍ଥାନାନ୍ତରଣ ଓ ରିଲିଫ୍ କାର୍ଯ୍ୟକୁ ସ୍ୱୟଂ ତଦାରଖ କରିବା ପାଇଁ ୩ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି । ଜଳସ୍ତର ଓ ପରିସ୍ଥିତି ଉପରେ ନଜର ରଖିବା ପାଇଁ ଏସଆରସି କାର୍ଯ୍ୟାଳୟ ଓ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷକୁ ୨୪ ଘଣ୍ଟା ଖୋଲା ରଖିବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ତଳିଆ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ଓଡ୍ରାଫ, ଏନ୍‌ଡିଆର୍‌ଏଫ, ଅଗ୍ନିଶମ ଓ ପୁଲିସ ବାହିନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି । ସମସ୍ତ ଆଶ୍ରୟସ୍ଥଳୀରେ ବିଶୁଦ୍ଧ ପାନୀୟ ଜଳ, ରନ୍ଧାଖାଦ୍ୟ, ଜରୁରୀ ସ୍ୱାସ୍ଥ୍ୟସେବା, ସର୍ପାଘାତ ପ୍ରତିଷେଧକ ଔଷଧ ଏବଂ ଗୃହପାଳିତ ପଶୁଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ଯୋଗାଇ ଦିଆଯାଉଛି । ଆଶ୍ରୟସ୍ଥଳୀକୁ ଆସୁଥିବା ନାଗରିକଙ୍କ ବାସଗୃହ ଓ ଧନସମ୍ପତ୍ତିର ସୁରକ୍ଷା ନିଶ୍ଚିତ କରିବା ପାଇଁ ପୁଲିସ ପକ୍ଷରୁ ରାତ୍ରିକାଳୀନ ପେଟ୍ରୋଲିଂ କଡ଼ାକଡ଼ି କରାଯାଇଛି । ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ବାସଗୃହ ଓ ଚାଷଜମି ପାଇଁ ପ୍ରଭାବିତ ଜନସାଧାରଣଙ୍କୁ ତ୍ୱରିତ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

ରାଜ୍ୟରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ସହାୟତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ଜଣ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ଏନେଇ ସେ ସାମାଜିକ ଗଣଣାଧ୍ୟମ ଏକ୍ସରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥିତି ଉପରେ ନିରନ୍ତର ନଜର ରଖିଛି । ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସହ ଆଲୋଚନା କରି ପ୍ରଭାବିତ ଅଞ୍ଚଳରେ ପରିସ୍ଥିତି ପଚାରି ବୁଝିବା ସହ ସହାୟତା କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛି ।

## ସରକାରୀ ବସ୍ ଡ୍ରାଇଭର...

ଆଣିଥିଲେ ବା ଆୟ କରିଥିଲେ, ସେ ନେଇ ତଦନ୍ତକାରୀ ଦଳ ଅଧିକ ପଚରାଉଚୁରା ଜାରି ରଖିଛନ୍ତି । ବେଆଇନ କାରବାର ଏବଂ କଳାଧନ ଠୁଳ ଅଭିଯୋଗରେ ପୁଲିସ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟାକୁ କଡ଼ାକଡ଼ି କରିଛି । ଏହି ଘଟଣାରେ ଅନ୍ୟ କୌଣସି ପ୍ରଭାବଶାଳୀ ବ୍ୟକ୍ତି କିମ୍ବା ବେଆଇନ ସଂସ୍ଥାର ହାତ ରହିଛି କି ନାହିଁ, ତାହା ଆଗାମୀ ତଦନ୍ତରୁ ସ୍ପଷ୍ଟ ହେବ ।

## ଗୃହ ତତାଇଲେ...

କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଥିଲେ ।

ଲୋକସଭାରେ ଆଗତ ପ୍ରଶ୍ନପତ୍ର ଲିକ୍ ବିଲ ଉପରେ ଆଲୋଚନା ବେଳେ ଆଜି ରାହୁଲ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଟାର୍ଗେଟ କରିବାରୁ ହଟ୍ଟଗୋଳ ଆରମ୍ଭ ହୋଇଥିଲା । ରାହୁଲ ଅଭିଯୋଗ କରିଥିଲେ ଯେ ଗତ ଜୁଲାଇ ୨୦ ତାରିଖରେ ଛାତ୍ର ଆନ୍ଦୋଳନକାରୀଙ୍କୁ ଗୁଳି କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ । ଏପରି ବଳପ୍ରୟୋଗ ନିଷ୍ପତ୍ତି କେବଳ ସ୍ୱରାଷ୍ଟ୍ର ମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀଙ୍କ ଅନୁମୋଦନରେ ହିଁ ସମ୍ଭବ । ଏହି କାରଣ ପାଇଁ ଶାହ ଗୃହକୁ ଆସିବାକୁ ସାହସ ଜୁଟାଇ ପାରୁନାହାନ୍ତି ବୋଲି ସେ କହିଥିଲେ । ତାଙ୍କର ଏଭଳି ମନ୍ତବ୍ୟର ଶାସକ ଦଳର ସାଂସଦମାନେ ତୀବ୍ର ପ୍ରତିବାଦ କରିବା ସହ ରାହୁଲଙ୍କଠାରୁ ପ୍ରମାଣ ଏବଂ କ୍ଷମାପ୍ରାର୍ଥନା ଦାବି କରିଥିଲେ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ରାହୁଲଙ୍କ ଏହି ମନ୍ତବ୍ୟକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଗୃହର ମର୍ଯ୍ୟାଦା ହାନି ବୋଲି ଦର୍ଶାଇଥିଲେ । ରାହୁଲ ନିଜ ଅଭିଯୋଗର ଉପଯୁକ୍ତ ପ୍ରମାଣ ଦିଅନ୍ତୁ କିମ୍ବା ଗୃହରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି ଉଠିଥିଲା । ବାଚସ୍ପତି ଓମ୍ ବିର୍ଲା ମଧ୍ୟ ବିରୋଧୀ ଦଳ ନେତାଙ୍କୁ କୌଣସି ପ୍ରମାଣ ବିନା ଏପରି ଗୁରୁତର ଅଭିଯୋଗ ନ ଆଣିବାକୁ ଏବଂ ମୂଳ ବିଷୟବସ୍ତୁ ଉପରେ ଆଲୋଚନା ସୀମିତ ରଖିବାକୁ ପରାମର୍ଶ ଦେଇଥିଲେ । ପରବର୍ତ୍ତୀ ସମୟରେ ରାହୁଲଙ୍କ ଏହି ମନ୍ତବ୍ୟକୁ ଗୃହ ବିବରଣୀରୁ ବାଦ୍ ଦିଆଯାଇଥିଲା ।

ସନ୍ଧ୍ୟା ବେଳେ କଂଗ୍ରେସ ଭବନରେ ସାମ୍ବାଦିକ ସମ୍ମିଳନୀ କରି ରାହୁଲ ଅଭିଯୋଗ କରିଥିଲେ ସେ ଆନ୍ଦୋଳନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଅମିତ ଶାହଙ୍କୁ ଦାୟୀ କରିବାରୁ ତାଙ୍କୁ ସଂସଦରେ କହିବାକୁ ଦିଆଯାଇନଥିଲା । ସେ କହିଥିଲେ ଯେ ଯଦି ସ୍ୱରାଷ୍ଟ୍ର ମନ୍ତ୍ରୀ ଏହି ଆଦେଶ ଦେଇଛନ୍ତି, ତେବେ ସେ ଦୋଷୀ । ଆଉ ଯଦି ସେ ଏ ବିଷୟରେ କିଛି ଜାଣିନଥିଲେ, ତେବେ ସେ ନିଜ ଦାୟିତ୍ୱ ତୁଲାଇବାରେ ଅକ୍ଷମ । ଏହି ସଂଘାତିକ ଅଭିଯୋଗକୁ ଶାସକ ଦଳ ଦୃଢ଼ ଭାବେ ଖଣ୍ଡନ କରିଛି । ତେବେ ସେ ଯାହା କହିଛନ୍ତି, ତାହା ଠିକ୍ ଏବଂ ସେ କ୍ଷମା ପ୍ରାର୍ଥନା କରିବେ ନାହିଁ ବୋଲି ରାହୁଲ ସ୍ପଷ୍ଟ କରିଛନ୍ତି । ସେ କହିଲେ ଯେ ପୁଲିସ ବର୍ବରତା ପାଇଁ ଶାହଙ୍କୁ ପ୍ରଧାନମନ୍ତ୍ରୀ ବରଖାସ୍ତ କରିବା ଉଚିତ । ପୁଲିସର ଏଭଳି ବର୍ବରତାର ସୁପ୍ରିମ କୋର୍ଟ ତତ୍ତ୍ୱାବଧାନରେ ତଦନ୍ତ ମଧ୍ୟ ହେବା ଆବଶ୍ୟକ । ତେବେ ସେ କୌଣସି ପରିସ୍ଥିତିରେ ବିଜେପି-ଆରଏସଏସକୁ କ୍ଷମା ପ୍ରାର୍ଥନା କରିବେ ନାହିଁ ବୋଲି ରାହୁଲ କହିଥିଲେ । ଏହାସହିତ ସେ ଛାତ୍ରମାନଙ୍କୁ ତିନିଟି ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଛନ୍ତି ଯେ ଆହତ ଆନ୍ଦୋଳନକାରୀଙ୍କୁ ନ୍ୟାୟ ଦେବାରେ ସହାୟତା କରିବେ । ପେଲେଟ ଗନ୍ ମାଡ଼ କରିଥିବା ଦୋଷୀଙ୍କୁ ଦଣ୍ଡିତ କରାଇବେ ଏବଂ ସମଗ୍ର ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କୁ କାଠଗଡ଼ାରେ ଠିଆ କରାଇବେ ।

## ହଙ୍ଗାମା ମଧ୍ୟରେ...

ଯନ୍ତରମନ୍ତରଠାରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଜୁଲାଇ ୨୦ ତାରିଖରେ ସଂସଦ ଅଭିମୁଖେ ପଦଯାତ୍ରା ସମୟରେ ପୋଲିସ ଓ ପ୍ରଦର୍ଶନକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା । ଶନିବାର ଦିନ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ସହ ସରକାର ଅନ୍ୟାନ୍ୟ ଦାବି ଗ୍ରହଣ କରିବା ପରେ ଦୀର୍ଘ ୩୬ ଦିନର ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା

ସେହିଭଳି ରାଜ୍ୟସଭାରେ ଆଜି ବନ୍ଦେମାତରମ ବିଲ୍ ମଧ୍ୟ ଗୃହୀତ ହୋଇଛି । ଜାତୀୟ ଗୀତ 'ବନ୍ଦେ ମାତରମ୍'କୁ ଅନାଦର କିମ୍ବା ଅପମାନିତ କରିବାକୁ ଏକ ଦଣ୍ଡନୀୟ ଅପରାଧ ଭାବେ ଘୋଷଣା କରିବା ପାଇଁ ରାଜ୍ୟସଭାରେ ଏହି ବିଲ୍ ପାରିତ ହୋଇଛି । ଜାତୀୟ ସମ୍ମାନ ଅବମାନନା ନିରୋଧ (ସଂଶୋଧନ) ବିଲ୍ ୨୦୨୬ ବାଚନିକ ଭୋଟ୍ ଦ୍ୱାରା ଗୃହୀତ ହୋଇଛି । ଏହି ବିଲ୍ ଜରିଆରେ 'ବନ୍ଦେ ମାତରମ୍'କୁ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଭଳି ସମାନ ଆଇନଗତ ସୁରକ୍ଷା ପ୍ରଦାନ କରାଯାଇଛି । ନୂତନ ନିୟମ ଅନୁଯାୟୀ, ଜାତୀୟ ପତାକା, ସମ୍ବିଧାନ, ଜାତୀୟ ସଙ୍ଗୀତ ଏବଂ 'ବନ୍ଦେ ମାତରମ୍' ପ୍ରତି କୌଣସି ଅନାଦର କଲେ ସର୍ବାଧିକ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡବିଧାନର ପ୍ରାବଧାନ ରହିଛି । 'ବନ୍ଦେ ମାତରମ୍' ରଚନାର ୧୫୦ତମ ଜୟନ୍ତୀ ପାଳନ ଅବସରରେ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

## ମନମୋହନଙ୍କୁ କ୍ଲିନ୍‌ଚିଟ୍...

ଦିଆଯାଇଛି । ମନମୋହନ ସିଂହଙ୍କ ଦେହାନ୍ତ ହୋଇଥିଲେ ସୁଦ୍ଧା ତାଙ୍କ ସମ୍ମାନ ଓ ସ୍ୱଚ୍ଛ ଭାବମୂର୍ତ୍ତି ରକ୍ଷା ପାଇଁ କୋର୍ଟ ଏହି ଆବେଦନର ଶୁଣାଣି କରିଥିଲେ । ମନମୋହନ ସିଂହଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ଅଭିଷେକ ମନୁ ସିଂଘଭି ମାମଲା ପରିଚାଳନା କରିଥିଲେ । ହିଣ୍ଡାଲକୋ କମ୍ପାନୀକୁ କୋଇଲା ବ୍ଲକ ଆବଣ୍ଟନ କରିବା ଏକ ପ୍ରଶାସନିକ ନିଷ୍ପତ୍ତି ଥିଲା ଏବଂ ଏଥିରେ କୌଣସି ବେଆଇନ କାର୍ଯ୍ୟ ହୋଇ ନ ଥିଲା ବୋଲି ସିବଲ କୋର୍ଟରେ ଯୁକ୍ତି ରଖିଥିଲେ ।

## ନଥିରେ ଯୋଜନା...

ମାତ୍ର ଏହି ବର୍ଗର ଲୋକମାନଙ୍କର ବିକାଶ ପାଇଁ କେନ୍ଦ୍ରରେ ତାଙ୍କରି ମନ୍ତ୍ରଣାଳୟ ଓଡ଼ିଶାକୁ ଅନୁଦାନ ଦେବାରେ କାର୍ପଣ୍ୟ କରିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମାତ୍ର ଏହି ଯୋଜନାରେ ଅନୁଦାନ ପ୍ରଦାନ ସମ୍ପର୍କରେ ଖୋଦ୍ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱୈତ ଉତ୍ତରକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଗୋଟିଏ ପ୍ରଶ୍ନର ଉତ୍ତରରେ ପିଏମ୍-ଜନମନ ଯୋଜନାରେ ଓଡ଼ିଶାକୁ ଆଦୌ ଅନୁଦାନ ମିଳି ନ ଥିବା ସୂଚନା ଦେଇଥିବାବେଳେ ସାଂସଦ ମାନସ ମଙ୍ଗରାଜଙ୍କ ଏକ ପ୍ରଶ୍ନରେ ରାଜ୍ୟକୁ ୨୦୨୫-୨୬ ବର୍ଷରେ ୧.୯ କୋଟି ଅନୁଦାନ ମଞ୍ଜୁର ହୋଇଥିବା ତଥ୍ୟ ରଖିଛନ୍ତି । ଏକ ପକ୍ଷରେ କେନ୍ଦ୍ରମନ୍ତ୍ରୀଙ୍କ ତଥ୍ୟ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିବା ସମୟରେ ୧୨୨ କୋଟି ଟଙ୍କାରୁ ୨ ବର୍ଷରେ ୧.୯ କୋଟି ଅନୁଦାନ ଯଦି ସତରେ ରାଜ୍ୟକୁ ମିଳିଥାଏ, ତାହା ମଧ୍ୟ ପୀଡ଼ାଦାୟକ ବୋଲି କୁହାଯାଉଛି ।

ରାଜ୍ୟରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଅନୁଦାନ, ଶିକ୍ଷା, ଜୀବିକା, ଭିତ୍ତିଭୂମି ଓ ସାମାଜିକ-ଆର୍ଥିକ ବିକାଶ ସଂକ୍ରାନ୍ତରେ ସାଂସଦ ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଓ୍ୱିକେ କହିଛନ୍ତି ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ପାଇଁ ଓଡ଼ିଶାକୁ ୭୨୭.୫୯ କୋଟି ମଞ୍ଜୁର ହୋଇଥିବାବେଳେ ପୋଷ୍ଟ ମାଟ୍ରିକ୍ ଛାତ୍ରବୃତ୍ତି ବାବଦରେ ୨୯୪ କୋଟି ମୁକ୍ତ କରାଯାଇଛି । ସମ୍ବିଧାନର ଅନୁଚ୍ଛେଦ ୨୭୫(୧) ଅନ୍ତର୍ଗତ ଆଦିବାସୀ ଅଞ୍ଚଳର ବିକାଶ ପାଇଁ ୧୦୯.୭୬ କୋଟି ପ୍ରଦାନ କରାଯାଇଛି । ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ ୨୦୨୫-୨୬ରେ ୧୧.୩୯ କୋଟି ଅର୍ଥ ମଞ୍ଜୁର କରାଯାଇଛି । ପିଏମ୍ ଜନଜାତୀୟ ବିକାଶ ମିଶନ ପାଇଁ ୨୩.୭୪ କୋଟି, ଟ୍ରାଇବାଲ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ପାଇଁ ୩.୬୦ କୋଟି ସହାୟତା ଦିଆଯାଇଛି । କେତେକ ଯୋଜନାରେ ଅନୁଦାନଗୁଡ଼ିକର ବିନିଯୋଗ ପ୍ରମାଣପତ୍ର (ୟୁସି) ମିଳିଥିବାବେଳେ ଅନ୍ୟ କେତେକ ଯୋଜନାରେ ବିନିଯୋଗପତ୍ର ରାଜ୍ୟ ସରକାର ଦେଇ ନ ଥିବା ମନ୍ତ୍ରୀ ଶ୍ରୀ ଓ୍ୱିକେ କହିଛନ୍ତି ।

## ପୁରୀ ମେୟର...

ଆପତ୍ତି ଓ ପରାମର୍ଶକୁ ବିଚାର କରି ରାଜ୍ୟ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବେ । ଅର୍ଥାତ୍ ଏବେ ଚିଠା ପ୍ରସ୍ତାବ ଆସିଛି । ଆପତ୍ତି ଶୁଣାଣି ପରେ ଚୂଡ଼ାନ୍ତ ବିଜ୍ଞପ୍ତି ଜାରି ହେବ । ତେବେ ରାଜନୈତିକ ମହଲରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି ଯେ ପ୍ରାୟତଃ ଚିଠା ପ୍ରସ୍ତାବ ହିଁ ଚୂଡ଼ାନ୍ତ ରୂପ ନେଇଥାଏ । ତେବେ ଏହି ଚିଠା ପ୍ରସ୍ତାବ ପରେ ଅନେକଙ୍କ ସ୍ୱପ୍ନ ଭାଙ୍ଗିଯାଇଛି । ପୁରୀର ପ୍ରଥମ ମେୟର ହେବାକୁ ଆଶାୟୀ ଥିବା ବ୍ୟକ୍ତିମାନେ ସବୁଠୁ ଅଧିକ ନିରାଶ ହୋଇପଡ଼ିଛନ୍ତି । ଯଦିଓ ଖୁଲମ୍‌ଖୁଲା ତାଙ୍କ ମନର କଥା କାହାକୁ କହିପାରୁ ନାହାନ୍ତି କିନ୍ତୁ ମନେ ମନେ ଭାରି ଦୁଃଖୀ ହୋଇପଡ଼ିଛନ୍ତି । ମେୟର ପଦବୀକୁ ନେଇ ଚା' ଖଟିରେ ଯେଉଁ ଚର୍ଚ୍ଚା, ଆଲୋଚନା ହେଉଥିଲା ତାହା ବହୁ ମାତ୍ରାରେ କମିଯାଇଛି । ଅନ୍ୟପଟେ ଏସ୍‌ସି ମହିଳା ନେତ୍ରୀମାନଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର ହୋଇଛି । ପ୍ରଥମଥର ପାଇଁ ପୁରୀର ମେୟର ପଦରେ ଜଣେ ମହିଳା, ତାହା ମଧ୍ୟ ଅନୁସୂଚିତ ଜାତିରୁ ଆସିବା ସହରବାସୀଙ୍କ ପାଇଁ ନୂଆ ଅଧ୍ୟାୟ ସୃଷ୍ଟି କରିବ । ରାଜନୈତିକ ବିଶ୍ଳେଷକମାନେ କହୁଛନ୍ତି, ସଂରକ୍ଷଣ ନୀତି ଅନୁଯାୟୀ ଏହା ସ୍ୱାଭାବିକ । କିନ୍ତୁ ଯେଉଁମାନେ ଦୀର୍ଘଦିନ ଧରି ଏହି ପଦ ପାଇଁ ପ୍ରସ୍ତୁତି କରୁଥିଲେ, ସେମାନଙ୍କ ପାଇଁ ଏହା ନିଶ୍ଚିତ ଭାବେ ଏକ ବଡ଼ ଝଟ୍‌କା । ଏବେ ସମସ୍ତଙ୍କ ନଜର ରାଜ୍ୟ ସରକାରଙ୍କ ଚୂଡ଼ାନ୍ତ ବିଜ୍ଞପ୍ତି ଉପରେ । ଆପତ୍ତି ପର୍ଯ୍ୟାୟ ସରିବା ପରେ କେଉଁ ମୁହଁ ପୁରୀର ପ୍ରଥମ ମେୟର ଭାବେ ଆସିବ, ତାହା ଉପରେ ନିର୍ଭର କରୁଛି ସହର ଭବିଷ୍ୟତ । ସଂରକ୍ଷଣ ହେତୁ କିଛି ସ୍ୱପ୍ନ ଭାଙ୍ଗିଲା, ଆଉ କିଛି ନୂଆ ସ୍ୱପ୍ନ ଜନ୍ମ ନେଲା । ଏହାରି ଭିତରେ ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ ସହର ପୁରୀ ଏବେ ଅପେକ୍ଷା କରିଛି ତା'ର ପ୍ରଥମ ମହିଳା ମେୟରଙ୍କୁ ।


**ପୂର୍ବ ତଟ ରେଳପଥ**

PR-331/R/26-27 CRW

**AFFIDAVIT**

By virtue of an affidavit sworn before 833, dated-04/07/26, I Smt Chhabita Ram Address: At-Patharchatia, Po-Bainchanuagaon, Ps-Rasgovindpur, Mayurbhanj, Odisha, Pin-757020, my son Adhar Card no:- 518544237741 declare that I have changed my Son's name from JHINA RAM (old name) to JEENA RAM (new name) Henceforth, she shall be known as **JEENA RAM** (new name) for all future purposes.

**ଦଲିଲ ହଜିଛି**

**ଲିଜ୍‌ଟେଣ୍ଡର ବିଜ୍ଞପ୍ତି**

www.ireps.gov.in

**AFFIDAVIT**

By virtue of an affidavit no.5913 before Notary Public, Sunabeda, dtd. 29.07.2026, I, Mohan Nayak, Vill- Luhaba, P.O. Gubal, P.S. Nandapur, Dist. Koraput hereby declare that my Aadhaar Card contains incorrect entries. My name has been wrongly recorded as Mahan Nayak instead of Mohan Nayak, my father's name as Madhab Nayak instead of Balaram Nayak, and my date of birth as 11.06.2000 instead of 18.08.2000. All the above names refer to the same persons.

Mohan Nayak

**AFFIDAVIT**

I Ruksana Rajjak D/O Abdul Rajjak At.3rd Lane Shiridi Sai Nagar, Po/PS. Nabarangapur, Dist- Nabarangapur, Pin 764059 . Declare by this affidavit no 26516 dated 29/07/2026 that now onwards I shall be known as **Ruksana Bano** for all future purposes.

**OFFICE OF THE PRINCIPAL,**
**SIDDHARTHA DEGREE COLLEGE, BINKA,**
DIST-SUBARNAPUR
EMAIL ID:-siddharthadegreecollegebinka@gmail.com

**QUOTATION CALL NOTICE**

No. 1476 Dt. 29-07-26

Sealed Quotations are invited from GST Registered Firms /Authorised dealers/ Distributors for supply of IT infrastructure items: **(1) Desktop (I5-13th Generation)-05, (2) UPS (600VA)-05, (3) Multi Function Printer-01, (through speed post/Regd Post/Courier etc) on or before 07.08.2026.** The undersigned reserves the right to cancel any quotation without assigning any reason thereof.
For detail specification please visit our official website (www.siddharthadegreecollegebinka.org)

Sd/- Principal
Siddhartha Degree College, Binka
Mob No.9937882575

GOVERNMENT OF ODISHA
**OFFICE OF THE ADDITIONAL CHIEF ENGINEER-CUM-ELECTRICAL INSPECTOR, KORAPUT**
AT: PUJARIPUT (OLD LIC BUILDING), DIST: KORAPUT, PIN-764020
E-MAIL: eikoraput-od@od.gov.in
No. 593 / Dated 27.07.2026

**CORRIGENDUM-EXTENSION OF TENDER SUBMISSION DATE**

In continuation to this office Tender Call Notice Letter No. **604 / Dated 06.07.2026**, the undersigned is pleased to extend the deadline for submission of sealed quotation / tender documents for hiring of Electric Vehicle of the Additional Chief Engineer-Cum-Electrical Inspector, Koraput up to **14.08.2026 at 03:00 PM** and shall be opened on the same day at **04.00 PM** in presence of the bidders or their authorized representatives.
All other terms and conditions of the original quotation call notice Letter No. **604 / Dated 06.07.2026** shall remain unchanged.

Additional Chief Engineer
-Cum-Electrical Inspector, Koraput

OIPR-4001/4095/1/26-27/0083

**MUNICIPAL OFFICE: JEYPORE**
13001/1323/2627
Ph. No.06854-321098, Fax No.06854-230104, Email- jeyporem.hud@nic.in
Letter No. 3712/JM Date: 28.7.26

**Offline Tender Call Notice**

| | |
|---|---|
| TCN Documents available at | http://www.jeyporemunicipality.in http://koraput.odisha.gov.in |
| No of works. | 01 |
| Estimated cost/ EMD Cost/ Paper Cost | As per DTCN |
| Date & Time of Bidding | From 30.07.2026 at 11:00 Hours to 07.08.2026 Upto 16:00 Hours |
| Last date & time for receipt of bids through speed post | 11.08.2026 Upto 11:00 Hours |
| Documents shall be opened in presence of the Participate Bidders | 11.08.2026 at 12:00 Hours onwards |

OIPR- 13001/13079/1/26-27/0021

Executive Officer
Jeypore Municipality

## ପକ୍କା ରାସ୍ତାରୁ ବଞ୍ଚିତ ୧୦ ପରିବାର

# କାଦୁଅ ରାସ୍ତାରେ ଧାନ ତଳି ରୋଇଲେ

ବାଲିକୁଦା,୨୯।୭(ସମିସ)

ବାଲିକୁଦା ବ୍ଲକ ଅନ୍ତର୍ଗତ ରାହାଣ ପଞ୍ଚାୟତର ରାହାଣ ଗ୍ରାମର ନଈକୂଳ ପଡ଼ାରେ ବସବାସ କରୁଥିବା ପ୍ରାୟ ୧୦ଟି ପରିବାର ଦୀର୍ଘ ୨୦ ବର୍ଷ ଧରି ପକ୍କା ରାସ୍ତାରୁ ବଞ୍ଚିତ ରହିଛନ୍ତି। ବାରମ୍ବାର ଜିଲ୍ଲା ପ୍ରଶାସନ, ସ୍ଥାନୀୟ ପ୍ରଶାସନ ଓ ପଞ୍ଚାୟତ ପ୍ରତିନିଧିଙ୍କ ନିକଟରେ ଦାବି ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବର୍ଷା ଋତୁରେ କାଦୁଅରେ ପରିଣତ ହେଉଥିବା ଏହି ରାସ୍ତା ଦେଇ ପ୍ରାୟ ଶତାଧିକ ଲୋକ ଯାତାୟାତ କରୁଛନ୍ତି। ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ରୋଗୀ, ବୃଦ୍ଧବୃଦ୍ଧା ଏବଂ ଗର୍ଭବତୀ ମହିଳାମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରତ୍ୟେକ ନିର୍ବାଚନ ସମୟରେ ଲୋକପ୍ରତିନିଧିମାନେ ପକ୍କା ରାସ୍ତା ନିର୍ମାଣର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ନିର୍ବାଚନ ପରେ ସେହି ପ୍ରତିଶ୍ରୁତି ପାଳନ ହେଉନାହିଁ। ଫଳରେ ବର୍ଷ ବର୍ଷ ଧରି ଲୋକମାନେ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ଗ୍ରାମବାସୀ କାଦୁଅ ରାସ୍ତା ଉପରେ ଧାନ ତଳି ରୋପଣ କରି ଏକ ନିଆରା ଓ ପ୍ରତୀକାତ୍ମକ ପ୍ରତିବାଦ କରିଥିଲେ। ଏହି ଅଭିନବ ପ୍ରତିବାଦ



ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ପଡ଼ାରେ ମାନସ ମହାପାତ୍ର, ତପନ ବେହେରା, ଗୋପ ଦଳେଇ, ରୂପ ଦଳେଇ, ବିପ ବେହେରା, ମନୋଜ ମହାପାତ୍ର, ରୂପ ବେହେରା ପ୍ରମୁଖଙ୍କ ପରିବାର ସହ ମୋଟ ୧୦ଟି ପରିବାର ବସବାସ କରୁଛନ୍ତି। ଗ୍ରାମବାସୀଙ୍କ ଦାବି, ପ୍ରଶାସନ ତୁରନ୍ତ ଏହି ରାସ୍ତାର ସ୍ଥିତିର ସରଜମିନ ତଦନ୍ତ କରି ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ। ଦୀର୍ଘ ଦୁଇ ଦଶନ୍ଧି ଧରି ଚାଲିଆସୁଥିବା ଏହି ସମସ୍ୟାର ସମାଧାନ ହେଲେ ଶତାଧିକ ଲୋକଙ୍କ ଦୈନନ୍ଦିନ ଯାତାୟାତ ଓ ଜୀବନଯାପନ ସହଜ ହୋଇପାରିବ।

## ଆମ୍ବିକିରେ ହେଟାବାଘ ଆତଙ୍କ

ଏରସମା,୨୯।୭(ସମିସ): ଏରସମା ବ୍ଲକ ଅନ୍ତର୍ଗତ ଆମ୍ବିକି ପଞ୍ଚାୟତର ପାଟଣା ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନରେ ଏକ ହେଟାବାଘ (ଫିସିଙ୍ଗ କ୍ୟାଟ୍) ପଶି ଆସିବାରୁ ସମଗ୍ର ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଛି। ବାଘଟି ଜଣେ ମହିଳାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିବାରୁ ସେ ଜଙ୍ଗଲ ଆଡ଼କୁ ପଳାଇଯାଇଥିଲା। ଫଳରେ ମହିଳା ଜଣକ ଅଳ୍ପକେ ରକ୍ଷା ପାଇଯାଇଥିଲେ। ଘଟଣା ପରେ ଗ୍ରାମବାସୀ ଏରସମା ଥାନାକୁ ଖବର ଦେଇଥିଲେ। ଥାନା ପକ୍ଷରୁ ବନ ବିଭାଗକୁ ସୂଚନା ଦିଆଯିବା ପରେ ହାୱାଖାନା ବନପାଳ ପ୍ରିୟବ୍ରତ ଚୌଧୁରୀ ବନ କର୍ମଚାରୀମାନଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ସନ୍ଧ୍ୟା ପର୍ଯ୍ୟନ୍ତ ତନାଘନା କରିଥିଲେ। ତେବେ ବନ୍ୟଜନ୍ତୁଟିର କୌଣସି ସନ୍ଧାନ ମିଳିନଥିଲା। ବନପାଳ ପ୍ରିୟବ୍ରତ ଚୌଧୁରୀ କହିଛନ୍ତି ଯେ, ଘଟଣାସ୍ଥଳରୁ ମିଳିଥିବା ପାଦଚିହ୍ନ ଓ କଏଦ ହୋଇଥିବା ଫଟୋ ଆଧାରରେ ଏହା ଏକ ଫିସିଙ୍ଗ କ୍ୟାଟ୍ (ହେଟାବାଘ) ବୋଲି ପ୍ରାଥମିକ ଭାବେ ଅନୁମାନ କରାଯାଉଛି। ହେଟାବାଘଟି ଏବେ ମଧ୍ୟ ଅଞ୍ଚଳରେ ବୁଲୁଥିବା ଆଶଙ୍କାରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସେମାନେ ଗାଈ, ଛେଳି ଚରାଇବାକୁ ବାହାରକୁ ଯିବାକୁ ମଧ୍ୟ ସାହସ କରୁନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ଯଥାଶୀଘ୍ର ହେଟାବାଘକୁ ଧରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଆମ୍ବିକି ପଞ୍ଚାୟତର ଗ୍ରାମବାସୀ ଦାବି କରିଛନ୍ତି।

## ତିର୍ତ୍ତୋଲରେ ବନ୍ୟାଞ୍ଚଳ ପରିଦର୍ଶନ କଲେ ଜିଲ୍ଲାପାଳ

ଜଗତସିଂହପୁର,୨୯।୭(ସମିସ): ଲଘୁଚାପଜନିତ ବର୍ଷାରେ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି। ଏପରି ସ୍ଥିତିରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଜେ ସୋନାଲ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତରଜଙ୍ଗ ପଞ୍ଚାୟତର କୋଟକଣ, ମଣିଜଙ୍ଗା ପଞ୍ଚାୟତର ହରିପୁର ଓ ତିର୍ତ୍ତୋଲ ପଞ୍ଚାୟତର ଆଦିବାସୀ ସାହି ପରିଦର୍ଶନ କରିଥିଲେ। ସେଠାରେ ପ୍ରଶାସନ ପକ୍ଷରୁ ପ୍ରାୟ ୧୨୦ ପ୍ରଭାବିତଙ୍କୁ ନିକଟସ୍ଥ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ଆଶ୍ରୟସ୍ଥଳୀରେ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ସହ ପାନୀୟ ଜଳ, ଆବଶ୍ୟକୀୟ ଔଷଧ, ପଲିଥିନ୍ ଆଦି ଯୋଗାଇ ଦିଆଯାଇଛି। ଜିଲ୍ଲାପାଳ ପ୍ରଭାବିତମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବାସହ ଅଞ୍ଚଳବାସୀ ଭୟଭୀତ ନ



ହୋଇ ଆଶ୍ରୟସ୍ଥଳୀରେ ରହିବାକୁ ପରାମର୍ଶ ଦେଇଛନ୍ତି। ପ୍ରଭାବିତଙ୍କ ସହ ପ୍ରତ୍ୟକ୍ଷ କଥାବାର୍ତ୍ତା ପରେ ସେମାନଙ୍କ ଗୃହପାଳିତ ପଶୁ ପକ୍ଷୀମାନଙ୍କୁ ତୁରନ୍ତ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରିତ କରିବା ସହ ସେମାନଙ୍କ ପାଇଁ ଗୋଖାଦ୍ୟ, ପଶୁଖାଦ୍ୟ ପାନୀୟଜଳ ବ୍ୟବସ୍ଥା ଓ ଆବଶ୍ୟକ ସ୍ଥଳେ ଔଷଧ ବ୍ୟବସ୍ଥା କରିବାକୁ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବର୍ଷା ଜନିତ ଫସଲ କ୍ଷୟକ୍ଷତିର ଆକଳନ ରିପୋର୍ଟ ଦାଖଲ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଆଦିବାସୀ ସାହି ନିକଟସ୍ଥ ଅଞ୍ଚଳ ରେ ଡ୍ରେନେଜ୍‌ର ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତ କରିବାପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଏହି ଗସ୍ତ ସମୟରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବିଡ଼ିଓ, ତହସିଲଦାର, ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ଭୀମ ଭୋଇ କଲୋନୀ ମେରୀଟାଇମ ଏକାଡେମୀ ରାସ୍ତା ବେହାଲ

# ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ ପାଣି

ପାରାଦୀପ,୨୯।୭(ସମିସ): ପାରାଦୀପ ଭୀମଭୋଇ କଲୋନୀ ମେରୀ ଟାଇମ୍ ଏକାଡେମୀ ରାସ୍ତାର ଅବସ୍ଥା ଏବେ ବେହାଲ ହୋଇପଡିଛି। ଲଗାଣ ବର୍ଷା ପାଇଁ ଏହି ରାସ୍ତାର ସ୍ଥିତି ସଙ୍ଗିନ। ବନ୍ଦର କର୍ତ୍ତୃପକ୍ଷ ଏହି ରାସ୍ତା ପାଇଁ ଯେପରି ଆଖି ବୁଜିଦେଇଛନ୍ତି। ସେଠାରେ ପାରାଦୀପ ବନ୍ଦରର ସୋଲାର ପ୍ରୋଜେକ୍ଟ ପାଇଁ ହେଉଥିବା ବାଲି ଫିଲିଂରେ ନିୟୋଜିତ ହାଇୱା ଏବଂ ବିଭିନ୍ନ ଭାରୀଯାନ ଚାଲିବା ଦ୍ୱାରା ରାସ୍ତାର ଅବସ୍ଥା ଏଭଳି ମରଣଯନ୍ତା ପାଲଟିଥିବା କୁହାଯାଇଛି। କିଛିଦିନ ପୂର୍ବରୁ ଦିନ ରାତି ଏହି ରାସ୍ତାରେ ଶହ ଶହ ହାଇୱା ବାଲି ବୁହାଇ ରାସ୍ତାକୁ ପୂରା ଖୋଳି ଦେଇଛନ୍ତି। ଯାହା ବର୍ଷା ଦିନରେ ଦଣ୍ଡ ଭୋଗିବାକୁ ପଡୁଛି ସମସ୍ତଙ୍କୁ। ଏହି ରାସ୍ତା ଉପରେ ସିଆଣ୍ଡଏଫ୍ କଲୋନୀ, ଚେନ୍ନାଇ ରାଧା କଲୋନୀ, ପୁରୁଣା ଭୀମ ଭୋଇ କଲୋନୀର ଲୋକେ ନିର୍ଭର କରୁଥିବା ବେଳେ ଚଳିତ ବର୍ଷ ବର୍ଷା ଦିନେ ଏହି ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ ପାଣି



ଯାତାୟାତରେ ବାଧା ସୃଷ୍ଟି କରିଛି। ରାସ୍ତାରେ ଜମୁଥିବା ବର୍ଷା ପାଣି ଯିବା ପାଇଁ କୌଣସି ବିକଳ୍ପ ବାଟ ନ ଥିବାରୁ ପାଣି ପୋଖରୀ ଭଳି ଜମି ରହୁଛି। ସ୍ଥାନୀୟ କଲୋନୀ ଅଞ୍ଚଳ ପିଲାମାନଙ୍କର ସ୍କୁଲ ଯିବା ଏକ ପ୍ରକାର ବନ୍ଦ ହୋଇଗଲାଣି। ଏହା ସହିତ ମେରୀଟାଇମ୍ ଏକାଡେମୀ ଗେଟ୍ ସମ୍ମୁଖରେ ପାଣି ଜମି ରହିବାରୁ ସେଠାରେ ଶିକ୍ଷାର୍ଥୀମାନଙ୍କ ପାଇଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଉକ୍ତ ମେରିଟାଇମ ଏକାଡେମୀକୁ ରାଜ୍ୟ ବାହାର ଛାତ୍ରଛାତ୍ରୀ ଶିକ୍ଷାଦାନ ପାଇଁ ଆସୁଥିବାରୁ ସେମାନଙ୍କ ମଧ୍ୟରେ ଏକ ପ୍ରକାର ଅସନ୍ତୋଷ ଦେଖାଦେଇଛି। ଏସବୁ ସମସ୍ୟା ସମସ୍ତଙ୍କ ନଜରକୁ ଆସୁଥିଲେ ମଧ୍ୟ କେହି ତତ୍ପରତା ଦେଖାଉ ନାହାନ୍ତି। ଯାହା ଫଳରେ କଲୋନୀ ବାସିନ୍ଦାଙ୍କ ସମେତ ସେହି ରାସ୍ତା ଦେଇ ବନ୍ଦର ସହରର ବିଭିନ୍ନ ସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀ ଓ ଏକାଡେମୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମଧ୍ୟ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ଦର କର୍ତ୍ତୃପକ୍ଷ ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ସହିତ ପାଣି ଡ୍ରେନେଜର ବ୍ୟବସ୍ଥା କରିବାକୁ ସ୍ଥାନୀୟ ବାସିନ୍ଦା ଦାବି ଉଠାଇଛନ୍ତି। ଏହା ସହିତ ଏହି ରାସ୍ତାରେ ଥିବା ଅଧିକାଂଶ ଷ୍ଟ୍ରିଟ୍‌ଲାଇଟ୍ ଗୁଡିକ ଅଚଳ ହୋଇ ପଡ଼ିଥିବାରୁ ସନ୍ଧ୍ୟାରେ ନିଶାଡିମାନଙ୍କ ଆଡ୍ଡା ଜମୁଛି। ଯାହା କି ସନ୍ଧ୍ୟା ପରେ ମହିଳାମାନଙ୍କ ଯିବା ଆଦୌ ସମ୍ଭବ ହେଉନାହିଁ। ଏହି ଅଞ୍ଚଳରେ ପୁଲିସ ପକ୍ଷରୁ ମଧ୍ୟ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଉନି, ଯାହା ନିଶାଡୀ ଓ ଅସାମାଜିକ ଯୁବକଙ୍କ ଆଡ୍ଡା ବଢୁଛି। ଏହି ସ୍ଥାନ ପାରାଦୀପ ମଡେଲ ପୁଲିସ ଷ୍ଟେସନ ପାଖରୁ ପାଖାପାଖି ୫ କିମି ଦୂର ହୋଇଥିବାରୁ ଅସାମାଜିକଙ୍କ ଭୟ ରହୁନାହିଁ। ରାସ୍ତା ଅନ୍ଧାର ସାଙ୍ଗକୁ ରାସ୍ତାରେ ପାଣି ଜମିବା ଆହୁରି ଏକ ବଡ ସମସ୍ୟା ହୋଇଛି। ତେଣୁ ଏଥିପ୍ରତି ବନ୍ଦର କର୍ତ୍ତୃପକ୍ଷ ଓ ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବିଉଠିଛି।

## ଡିଭାଇଡରରେ ପିଟି ହୋଇ ଯୁବକ ମୃତ

ପାରାଦୀପ,୨୯।୭(ସମିସ): ପାରାଦୀପ ଆଦର୍ଶ ଥାନା ଅଧୀନ ଇଫକୋ-ମୂଷାଡ଼ିଆ ରାସ୍ତାରେ ମୂଷାଡ଼ିଆ ଗ୍ରାମର ଅଲକେଶ ମଣ୍ଡଳ (୨୪) ନିୟନ୍ତ୍ରଣ ହରାଇ ଡିଭାଇଡ଼ରରେ ପିଟି ହୋଇ ମୃତ୍ୟୁବରଣ କରିଛନ୍ତି। ତେବେ ଆଜି ମୃତକର ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପରିବାର ପକ୍ଷରୁ ଇଫକୋ କମ୍ପାନୀର ଗାଡି ଦୁର୍ଘଟଣା କରିଥିବା ନେଇ ଅଭିଯୋଗ କରାଯାଇଥିଲା। ଏନେଇ ମୂଷାଡିଆ ଗ୍ରାମର ଲୋକେ ଘଟଣା ସ୍ଥଳରେ ଉତ୍ତ୍ୟକ୍ତ ହେବା ବେଳେ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ବୁଝାସୁଝା କରିଥିଲା। ତେବେ ଆଜି ପୁଲିସ ସିସିଟିଭି ଯାଞ୍ଚ କରିବା ପରେ ଯୁବକ ଜଣଙ୍କ କୌଣସି କାରଣରୁ ବାଇକରେ ଘରକୁ ଫେରୁଥିବା ବେଳେ ନିୟନ୍ତ୍ରଣ ହରାଇ ରାସ୍ତା ଡିଭାଇଡରରେ ପିଟି ହୋଇ ମୃତ୍ୟୁବରଣ କରିଥିବା ଜାଣିବାକୁ ପାଇଥିଲେ। ତେବେ ଏନେଇ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ଶବ ବ୍ୟବଚ୍ଛେଦ ପାଇଁ କୁଜଙ୍ଗ ପଠାଯାଇଛି।

## ଆବାସ ହିତାଧିକାରୀ ଚୟନରେ ଅନିୟମିତତା

ବାଲିକୁଦା,୨୯।୭(ସମିସ): ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଉଠାଇ ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରି ପୁନଃ ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଅଭିଯୋଗପତ୍ରରେ ସେ ଦର୍ଶାଇଛନ୍ତି ଯେ, ବାଲିକୁଦା ବ୍ଲକର ୩୦ଟି ପଞ୍ଚାୟତରେ ହିତାଧିକାରୀ ଚୟନ ବେଳେ ଅନେକ ଯୋଗ୍ୟ ପରିବାରଙ୍କୁ ତାଲିକାରୁ ବାଦ ଦିଆଯାଇଥିବା ବେଳେ କେତେକ ସମ୍ପୂର୍ଣ୍ଣ ଅଯୋଗ୍ୟ ବ୍ୟକ୍ତିଙ୍କୁ ଯୋଜନାରେ ସାମିଲ କରାଯାଇଥିବାର ଅଭିଯୋଗ ରହିଛି। ଦୁଇତାଲା ପକ୍କା କୋଠାଘର ଥିବା କେତେକ ବ୍ୟକ୍ତିଙ୍କୁ ଯୋଗ୍ୟ ବୋଲି ଦର୍ଶାଯାଇଥିବା ବେଳେ ଭଙ୍ଗା ଚାଳଛପର ଘରେ ବସବାସ କରୁଥିବା ଦରିଦ୍ର ପରିବାରଙ୍କୁ କୋଠାଘର ଥିବା ଦର୍ଶାଇ ତାଲିକାରୁ ବାଦ ଦିଆଯାଇଥିବା କଥା ସେ ଉଲ୍ଲେଖ କରିଛନ୍ତି। ଅଭିଯୋଗପତ୍ରରେ କୁହାଯାଇଛି ଯେ, ଅର୍ଥ କାରବାର ମାଧ୍ୟମରେ ତଦନ୍ତ ପ୍ରକ୍ରିୟାରେ ଅନିୟମିତତା ହୋଇଥାଇପାରେ ବୋଲି ସନ୍ଦେହ ରହିଛି। ବ୍ଲକ ଅଧ୍ୟକ୍ଷ ଅଭିଯୋଗପତ୍ରରେ ସମଗ୍ର ଚୟନ ପ୍ରକ୍ରିୟାର ପୁନଃ ତଦନ୍ତ ଅନ୍ୟ ଅଧିକାରୀଙ୍କ ଦ୍ୱାରା କରାଯିବା ଓ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଛନ୍ତି।

## ମଦ ଅପମିଶ୍ରଣ ବେଳେ ଚଢ଼ଉ, ୨ ଗିରଫ

ପାରାଦୀପ,୨୯।୭(ସମିସ): ପାରାଦୀପ ଅବକାରୀ ରେଞ୍ଜ ପକ୍ଷରୁ ଚଢ଼ଉ କରାଯାଇ ଦୁଇ ଜଣ ଚୋରା ମଦ କାରବାରରେ ସମ୍ପୃକ୍ତି ଥିବା ଯୁବକଙ୍କୁ ଗିରଫ କରାଯାଇଛି। ସମ୍ପୃକ୍ତ ଦୁଇ ଯୁବକ ଅଠରବାଙ୍କୀରେ ଥିବା ମଦ ଦୋକାନରେ ସେଲସମ୍ୟାନ ଭାବେ କାମ କରନ୍ତି। ଜଣେ କଟକ ଜିଲ୍ଲାର ମାହାଙ୍ଗା ଥାନା ଅଞ୍ଚଳ ଅଲିପୁର ଗ୍ରାମର ଅନିଲ କୁମାର ସାମଲ(୩୩)। ସେ ପାରାଦୀପର ଅଠରବାଙ୍କୀ ଅମ୍ବିକାପଡାରେ ରହୁଥିଲା। ତା' ନିକଟରୁ ୧୯.୩୪୦ ଲିଟର ଡୁପ୍ଲିକେଟ ମଦ ଜବତ କରାଯିବା ସହ ୬.୭୫୦ ଲିଟର ଶୁଳ୍କ ଦେୟ ମଦ ମଧ୍ୟ ଜବତ କରାଯାଇଛି। ଏହା ସହିତ ୪୫୫ ଖଣ୍ଡ ଇଏଏଲ୍, ୫୪୪ ଖଣ୍ଡ କର୍କ, ୧୫୮ ଟି ଖାଲି ବୋତଲ, ଗୋଟିଏ ବାଇକ୍ ତା' ଘରୁ ଜବତ କରାଯାଇଛି। ଅଭିଯୁକ୍ତ ନିଜ ଘରେ ଏଭଳି ଭାବରେ ସରକାରୀ ଶୁଳ୍କ ଦେୟ ମଦ ଆଣି ତା' ସହିତ ଡୁପ୍ଲିକେଟ ମଦ ଆଣି ବୋତଲ ସାହାଯ୍ୟରେ ପ୍ୟାକିଂ କରି ବିକ୍ରି କରୁଥିଲା। ଅନ୍ୟ ଜଣେ ହେଲା କେନ୍ଦ୍ରାପଡା ଜିଲ୍ଲାର କାରଜଙ୍ଗା ଗ୍ରାମର ଗଡବିନ ମହାନ୍ତି (୨୮)। ଏହି ଚଢ଼ଉରେ ପାରାଦୀପ ଅବକାରୀ ରେଞ୍ଜର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ୧ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ; ଜଣେ ଗିରଫ

ଜଗତସିଂହପୁର/ବାଲିକୁଦା,୨୯।୭(ସମିସ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ଥାନା ଅନ୍ତର୍ଗତ ବ୍ରାହ୍ମଣ୍ଡି ଗ୍ରାମରେ ଚଢ଼ଉ କରି ୧ କେଜି ୪୫ ଗ୍ରାମ ଗଞ୍ଜେଇ ଜବତ କରିଛି ବାଲିକୁଦା ଅବକାରୀ ଥାନା। ଏକ ଗୁଇନ୍ଦା ଖବରକୁ ଭିତ୍ତି କରି ବାଲିକୁଦା ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ନରେଶ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ସକାଳେ ବ୍ରାହ୍ମଣ୍ଡି ଗ୍ରାମରେ ଚଢ଼ଉ କରିଥିଲା। ସନ୍ଦିଗ୍ଧ ଜଣକ କୌଣସି ସୂତ୍ରରୁ ଖବର ପାଇ ଗଞ୍ଜେଇ ବ୍ୟାଗକୁ ନେଇ ଖସିପଳାଇବାକୁ ଚେଷ୍ଟା କରୁଥିବା ବେଳେ ଅବକାରୀ ବିଭାଗର କର୍ମଚାରୀମାନେ ତାଙ୍କୁ ପିଛା କରିବା ପରେ ସେହି ଗ୍ରାମର ତ୍ରିନାଥ ମନ୍ଦିର ସମ୍ମୁଖରୁ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୧ କେଜି ୦୪୫ ଗ୍ରାମର ଗଞ୍ଜେଇ ଜବତ କରାଯାଇଥିଲା। ଅଭିଯୁକ୍ତ ଜଣକ ହେଲେ ବ୍ରାହ୍ମଣ୍ଡି ଗ୍ରାମର ମଧୁସୂଦନ କାଣ୍ଡିଙ୍କ ପୁଅ ପ୍ରଶାନ୍ତ କାଣ୍ଡି(୪୮)। ତାଙ୍କ ବିରୋଧରେ ଏନ୍‌ଡିପିଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏହି ଅଭିଯାନରେ ତିର୍ତ୍ତୋଲ ଅବକାରୀ ଥାନାର କନଷ୍ଟେବଳ ନବଘନ ମାରଣ୍ଡି, କଲ୍ୟାଣୀ ସେଠୀ, ପ୍ରତିମା ଜେନା ପ୍ରମୁଖ ସାମିଲ ଥିଲେ।

## ସାତ୍ତ୍ୱିକ୍ ସୋଲ୍ ଫାଉଣ୍ଡେସନ ସମ୍ବର୍ଦ୍ଧିତ

ପାରାଦୀପ,୨୯।୭(ସମିସ): ପାରାଦୀପ ଉପକୂଳରେ ଲୁଣା ଜଙ୍ଗଲ ପୁନରୁଦ୍ଧାର,




ଲୁଣା ଚାରା ପ୍ରସ୍ତୁତି ଓ ରୋପଣ ସହ ସ୍ଥାନୀୟ ସମୁଦାୟ ମଧ୍ୟରେ ଲୁଣା ଜଙ୍ଗଲର ଗୁରୁତ୍ୱ ଏବଂ ସଂରକ୍ଷଣ ନେଇ ନିରନ୍ତର ସଚେତନତା ସୃଷ୍ଟି କରିଆସୁଥିବାରୁ ସାତ୍ତ୍ୱିକ୍ ସୋଲ୍ ଫାଉଣ୍ଡେସନକୁ ସମ୍ମାନିତ କରାଯାଇଛି। ଆନ୍ତର୍ଜାତୀୟ ଲୁଣା ଜଙ୍ଗଲ ସଂରକ୍ଷଣ ଦିବସ ଅବସରରେ ଭୁବନେଶ୍ୱରରେ ସେଣ୍ଟର ଫର୍ ରିସର୍ଚ୍ଚ ଆଣ୍ଡ କମ୍ୟୁନିଟି ଆକ୍ସନ ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ମିଳନୀରେ ପରିବେଶମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ସମ୍ମାନିତ କରିଥିଲେ। ଏହି ଅବସରରେ ସେଣ୍ଟର ଫର ରିସର୍ଚ୍ଚ ଆଣ୍ଡ କମ୍ୟୁନିଟି ଆକ୍ସନର ପ୍ରତିଷ୍ଠାତା ଡ଼. ଶକୁନ୍ତଳା ପ୍ରତିହାରୀ, ପରିବେଶବିତ୍ ଡ. ଅମ୍ବିକା ପ୍ରସାଦ ନନ୍ଦ, ଏପିଓଡବ୍ଲ୍ୟୁର ନିର୍ଦ୍ଦେଶକ ବିଜୟ କବି ଓ ଜ୍ୟୋତି ବାରିକଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ଫାଉଣ୍ଡେସନର ଜିଲ୍ଲା ସଂଯୋଜକ ବିଶ୍ୱଜିତ ସାମଲଙ୍କ ସହ ସ୍ୱେଚ୍ଛାସେବୀ ସାଇପ୍ରିୟା ସାହୁ, ଗାୟତ୍ରୀ ସ୍ୱାଇଁ, ଧର୍ମପଦ ବାଡ଼ଇ, ରାଜ କମଲ ସ୍ୱାଇଁ, ପ୍ରମୋଦ ବାରିକ, ଅବନୀ ପାଇଟଲ, ରାକେଶ ମହାପାତ୍ର ଏବଂ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ପୁରସ୍କାର ଗ୍ରହଣ କରିଥବଲେ।

## ପାର୍କିଂରେ ପୋଡ଼ିଗଲା ବାଇକ୍

ପାରାଦୀପ,୨୯।୭(ସମିସ): ପାରାଦୀପ ବନ୍ଦରର ୧ ନମ୍ବର ଗେଟ୍ ସମ୍ମୁଖରେ ଥିବା ବାଇକ୍ ପାର୍କିଂରେ ହଠାତ ଏକ ବାଇକ୍ ଜଳିଯାଇଛି। ତେବେ ଉକ୍ତ ବାଇକ୍‌ଟି ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ କାମ କରୁଥିବା ଚେନାଇ ରାଧା କମ୍ପାନୀର ଜଣେ କର୍ମଚାରୀଙ୍କର ବୋଲି ଜଣାପଡିଛି। ବାଇକଟି ଥୋଇ କର୍ମଚାରୀ ଜଣଙ୍କ ପ୍ରଥମ ସିଫ୍ଟରେ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଡ୍ୟୁଟି କରିବାକୁ ଯାଇଥିବା ବେଳେ ହଠାତ ବାଇକଟି ଜଳି ଯାଇଥିଲା। ୧ ନମ୍ବର ଗେଟ ନିକଟରେ ଡ୍ୟୁଟି କରୁଥିବା ସିଆଇଏସଏଫ କର୍ମଚାରୀ ଏବଂ ଏସଆଇଏସ ସିକ୍ୟୁରିଟି ସେଠାରେ ପହଞ୍ଚି ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ତେବେ ବାଇକ୍‌ଟି ସମ୍ପୂର୍ଣ୍ଣ ପୋଡି ଯାଇଛି। ବେଟ୍ରୀ ସଟସର୍କିଟିଂ ଯୋଗୁଁ ଏଭଳି ଘଟଣା ଘଟିଥିବା ଅନୁମାନ କରାଯାଉଛି।



## ଏସ୍‌ଆଇଆର୍ ଦାବି ଓ ଆପତ୍ତି ଶୁଣାଣି

ଜଗତସିଂହପୁର,୨୯।୭(ସମିସ): ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସ୍ୱରାଷ୍ଟ୍ର (ନିର୍ବାଚନ) ବିଭାଗର ଅନୁସଚିବ ନିରଞ୍ଜନ ପାଢ଼ୀ ଆଜି ଜଗତସିଂହପୁର ଜିଲ୍ଲା ଗସ୍ତ କରି ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଦାବି ଓ ଆପତ୍ତି ଶୁଣାଣି ପ୍ରକ୍ରିୟାର



ବିସ୍ତୃତ ସମୀକ୍ଷା ଓ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଶ୍ରୀ ପାଢ଼ୀ ଇଆରଓ ଏବଂ ଏଆରଓମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଏସ୍‌ଆଇଆର୍-୨୦୨୬ ଅନ୍ତର୍ଗତ ନୋଟିସ୍ ପ୍ରଦାନ, ଶୁଣାଣି ଓ ନିଷ୍ପାସନର ସ୍ଥିତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ସମୀକ୍ଷା ବୈଠକ ପରେ ଜଗତସିଂହପୁର, ତିର୍ତ୍ତୋଲ ଏବଂ କୁଜଙ୍ଗ ବ୍ଲକ୍ ଗସ୍ତ କରି କ୍ଷେତ୍ରସ୍ତରୀୟ କାର୍ଯ୍ୟସୂଚୀ ଯାଞ୍ଚ କରିଥିଲେ।

## ଖେଳପଡ଼ିଆରେ ଚାରାରୋପଣ



ତିର୍ତ୍ତୋଲ,୨୯।୭(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ବୋଧେଇ ପଞ୍ଚାୟତ ଗୋବିନ୍ଦ ମହାନ୍ତି ଗ୍ରାମ ଖେଳପଡ଼ିଆ ପରିସରରେ ସ୍ଥାନୀୟ ଜିପିଏଲ କ୍ରିକେଟ କ୍ଲବ ପକ୍ଷରୁ ଚାରା ରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଜତ ସାହୁ, ଦୀନେଶ ରଣା, ହେମନ୍ତ ସେଠୀ, ସୁବ୍ରତ ଦାସ, ନିହାର, ପ୍ରତ୍ୟୁଷ, ପପୁନା, ସିପୁନ, ସଞ୍ଜୁ, ଓମ୍, ସିଦ୍ଧାର୍ଥ, ଶିବ ଓ ରୁଦ୍ର ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ସୁସ୍ଥ ପରିବେଶ ଓ ପ୍ରାଣୀ ଜଗତ ତିଷ୍ଠି ରହିବା ପାଇଁ ବୃକ୍ଷ ଲତା ଆବଶ୍ୟକତା ଉପରେ ସଚେତନତା କରାଯାଇଥିଲା। ଶେଷରେ ଖେଳ ପଡ଼ିଆରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା।

## ଟାଇମ୍ସ ଗୁରୁକୂଳରେ ବ୍ୟାସଦେବଙ୍କ ଜୟନ୍ତୀ



ଜଗତସିଂହପୁର,୨୯।୭(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ତରଡାପଡା ଆଇଟିଆଇ ପରିସରରେ ଥିବା ଟାଇମ୍ସ ଗୁରୁକୂଳ ସ୍କୁଲରେ ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀ ପାଳିତ ହୋଇଛି। ଗୁରୁ ପୂର୍ଣ୍ଣିମାରେ ଗୁରୁକୂଳର ଛାତ୍ରୀଛାତ୍ରମାନେ ନିଜର ଗୁରୁ ଓ ଗୁରୁମାମାନଙ୍କୁ ଫୁଲ ଚନ୍ଦନରେ ପୂଜା କରି ଆଶୀର୍ବାଦ ଲାଭ କରିଛନ୍ତି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ରଶ୍ମି ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ବ୍ୟାସଦେବଙ୍କ ଜୟନ୍ତୀ ପାଳିତ ହୋଇଛି। ସାମ୍ବାଦିକ ନୃସିଂହ ଚରଣ ବାରିକ, ପ୍ରଧାନ ଗୁରୁଜୀ ପ୍ରହଲ୍ଲାଦ ନାୟକ ଏବଂ ଗୁରୁମା ସୁଶ୍ରୀ ଅଞ୍ଜୁଷା ଦେବୀ ଗୁରୁ ଶିଷ୍ୟ ସମ୍ପର୍କରେ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ଆଲିଆ ପରବିନ, ଶ୍ରେୟସି ସାହୁ ଓ ଛାତ୍ର ଅର୍ଣ୍ଣବ ଦାସ ଗୁରୁପୂର୍ଣ୍ଣିମା ଉପରେ ତାତ୍ତ୍ୱିକ ଆଲୋଚନା କରିଥିଲେ। ଗୁରୁମା' ପୂଜାରାଣୀ ବାରିକ, ଜ୍ୟୋତିର୍ମୟୀ ମହାନ୍ତି, ଚିନ୍ମୟୀ ରାୟ, ସ୍ମୃତିରୃଖା ଦାସ, ଫାରହିନ ଆୟେସା, ବନଶ୍ରୀ ଦାଶ, ସୌମ୍ୟା ଶୁଭଦର୍ଶିନୀ, ଲକ୍ଷ୍ମୀ ପ୍ରିୟା ସାହୁ, ନିବେଦିତା ଦାସ, ବିନୋଦ ବିହାରୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସୁଶ୍ରୀ ଅଞ୍ଜୁଷା ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦୀପ ହେବ ସମନ୍ୱିତ ଉର୍ଜା ଓ ପେଟ୍ରୋକେମିକାଲ ହବ୍

ପାରାଦୀପ,୨୯।୭(ସମିସ)

ପାରାଦୀପଠାରେ ଥିବା ଇଣ୍ଡିଆନ୍ ଅଏଲ୍ କର୍ପୋରେସନ ଲିମିଟେଡ୍ ଦ୍ୱାରା ପରିଚାଳିତ ପାରାଦୀପ ରିଫାଇନାରୀ ଦେଶର ଉର୍ଜା ଭବିଷ୍ୟତ ପାଇଁ ଏକ ଶକ୍ତିଶାଳୀ ଆଧାର ବୋଲି କହିଛନ୍ତି ପାରାଦୀପ ରିଫାଇନାରୀ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ କୌଶିକ ବସୁ। ଆଜି ପାରାଦୀପ ରିଫାଇନାରୀ କମ୍ୟୁନିଟି ହଲ୍ ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ଶ୍ରୀ ବସୁ ଇଣ୍ଡିଆନ୍ ଅଏଲ୍ ହେଉଛି ଏକ ଫର୍ଚ୍ୟୁନ ୫୦୦ ତାଲିକାଭୁକ୍ତ ସମନ୍ୱିତ ଉର୍ଜା ପ୍ରମୁଖ କମ୍ପାନୀ। ପାରାଦୀପରେ ପ୍ରାୟ ୪୩,୩୫୯କୋଟି ଟଙ୍କାର ନିବେଶ କରିଛି। ଯାହାକି ବିଶ୍ୱର ଅତ୍ୟାଧୁନିକ



ଜ୍ଞାନକୌଶଳରେ ନିର୍ମାଣ କରାଯାଇଛି। ଏହି ରିଫାଇନାରୀରେ ଆଖପାଖ ଅଞ୍ଚଳର ପ୍ରାୟ ୧୨,୫୦୦ରୁ ଅଧିକ ଲୋକଙ୍କ ଜୀବନ ଜୀବିକାରେ ସହାୟକ ହୋଇପରିଛି। ଓଡିଶାର ଭଦ୍ରକଠାରେ ଏମସିପିଏଲ୍ ସହ ମିଳିତ ଉଦ୍ୟୋଗରେ ଏକ ଟେକ୍ସଟାଇଲ୍ ପାର୍କ ପ୍ରକଳ୍ପରେ ପ୍ରାୟ ୪,୩୮୨କୋଟି ଟଙ୍କା ନିବେଶ କରାଯାଉଛି। ଏହି ନିବେଶ ଗୁଡିକ ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ପଦକ୍ଷେପ ଅଧୀନରେ ନବୀକରଣକୁ ପ୍ରୋତ୍ସାହନ, ଆତ୍ମନିର୍ଭରତାକୁ ବୃଦ୍ଧି ଏବଂ ସ୍ୱଚ୍ଛ, ନିରନ୍ତର ଭବିଷ୍ୟତ ପାଇଁ ଜାତୀୟ ଉର୍ଜା ପରିବର୍ତ୍ତନକୁ ଆଗେଇ ନେବାରେ କର୍ପୋରେସନର ଦୃଢ ପ୍ରତିବଦ୍ଧତାକୁ ସୂଚିତ କରୁଛି। ଆର୍ଥିକ ବର୍ଷ ୨୦୨୫-୨୬ରେ ପାରାଦୀପ ରିଫାଇନାରୀ ସର୍ବାଧିକ ୧୬.୩୫ ଏମଏମଟି ଅଶୋଧିତ ତୈଳ ବିଶୋଧନର ରେକର୍ଡ ସୃଷ୍ଟି କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଅନେକ ପ୍ରତିଷ୍ଠିତ ସମ୍ମାନ ହାସଲ କରିଛି। ଯେଉଁଥିରେ କଳିଙ୍ଗ ନିରାପତ୍ତା ଉତ୍କର୍ଷ ପୁରସ୍କାର, କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର, ନ୍ୟାସନାଲ ସେଫ୍ଟି ପୁରସ୍କାର ଏବଂ ଗ୍ରୀନ୍ ଚାମ୍ପିଅନ ପୁରସ୍କାର ଅନ୍ତର୍ଭୁକ୍ତ। ଗତ ଆର୍ଥିକ ବର୍ଷରେ ପାରାଦୀପ ରିଫାଇନାରୀ ବିଭିନ୍ନ ଶୁଳ୍କ, ଟିକସ ଓ ଅନ୍ୟାନ୍ୟ ଦେୟ ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ୩୦,୩୯୨କୋଟି ଟଙ୍କା ପ୍ରଦାନ କରିଛି। ଏକ ଦାୟିତ୍ୱଶୀଳ କର୍ପୋରେଟ୍ ପ୍ରତିଷ୍ଠାନ ଭାବେ ପାରାଦୀପ ରିଫାଇନାରୀ ପାନୀୟ ଜଳ, ଶିକ୍ଷା, ଦକ୍ଷତା ବିକାଶ, ଯୁବ ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ ସେବା, ଗ୍ରାମୀଣ ବିକାଶ, ମହିଳା ସଶକ୍ତିକରଣ, ଆତ୍ମନିଯୁକ୍ତି, ଅନାଥାଶ୍ରମ ଓ ବୃଦ୍ଧାଶ୍ରମକୁ ସହାୟତା ପ୍ରଦାନ କରିଛି। ପାରାଦୀପକୁ ଏକ ବିଶ୍ୱସ୍ତରୀୟ ସମନ୍ୱିତ ରିଫାଇନାରୀ ଏବଂ ପେଟ୍ରୋଲିୟମ୍ ହବ୍ ଭାବରେ ବିକଶିତ କରିବା ପାଇଁ ଇଣ୍ଡିଆନ୍ ଅଏଲ୍ ନିରନ୍ତର ନିବେଶ ଏହାର ପ୍ରତିବଦ୍ଧତାକୁ ଦୋହରାଉଛି। ଯାହା ଭାରତର ଉର୍ଜା ସୁରକ୍ଷାକୁ ସୁଦୃଢ କରିଥାଏ। ସାମ୍ବାଦିକ ସମ୍ମିଳନୀରେ ସିଜିଏମ (ଫାଇନାନସ) ଜେସି ଭୋଇ ଓ ସିଜିଏମ (ଏଚଆର) ଧର୍ମେଶ ଚୌଧୁରୀ ଉପସ୍ଥିତ ଥିଲେ।

■ ବଜ୍ରପାତରେ ବାପପୁଅଙ୍କ ମୃତ୍ୟୁ ଘଟଣା

## ପରିବାରକୁ ଭେଟିଲା ବିଜେଡି ଟିମ୍



ଭୁବନ,୨୯ ।୭(ସମିସ): କାମାକ୍ଷାନଗର ବ୍ଲକ ଭଏରପୁର ବାଲିପଡ଼ା ଗ୍ରାମର ସନ୍ତୋଷ ଦେହୁରୀ (୫୮) ଓ ତାଙ୍କ ପୁଅ ସତ୍ୟନାରାୟଣ ଦେହୁରୀ (୨୪)ଙ୍କର ବଜ୍ରପାତରେ ମୃତ୍ୟୁ ଘଟିଥିଲା । ବୁଧବାର ବିଜୁ ଜନତା ଦଳ ତରଫରୁ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଯୁବ ବିଜେଡି ସଭାପତି ଉପେନ୍ଦ୍ର ରାଉତ, ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଭୂଷଳର ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ମଲ୍ଲିକଙ୍କ ସମେତ ବିଜେଡି କାର୍ଯ୍ୟକର୍ତ୍ତାମାନେ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି ।

● ଶିଳ୍ପ ଦୁର୍ଘଟଣା ନେଇ ମାନବାଧିକାର କମିଶନଙ୍କ ରିପୋର୍ଟ ତଲବ

## ମୃତକଙ୍କ ପରିବାରକୁ କ୍ଷତିପୂରଣ ସମ୍ପର୍କିତ ତଥ୍ୟ ପ୍ରଦାନ ନିର୍ଦ୍ଦେଶ

ହିନ୍ଦୋଳ,୨୯ ।୭(ସମିସ): ଢେଙ୍କାନାଳ ଜିଲ୍ଲାରେ ଏକ ଶିଳ୍ପ ଦୁର୍ଘଟଣାରେ ମୃତ ଶ୍ରମିକଙ୍କ ପରିବାରକୁ ୨୦ ଲକ୍ଷ ଲେଖାଏଁ କ୍ଷତିପୂରଣ ପ୍ରଦାନ କରାଯାଇଛି କି ନାହିଁ ଏହାକୁ ନେଇ ଜାତୀୟ ମାନବାଧିକାର କମିଶନ ଜିଲ୍ଲାପାଳଙ୍କୁ ରିପୋର୍ଟ ମାଗିବା ସହ ସବିଶେଷ ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛି । ଢେଙ୍କାନାଳ ଜିଲ୍ଲାରେ ଗତ ୨୦୨୫ ଏପ୍ରିଲ ୧୮ରେ ଘଟିଥିବା ଏହି ଦୁର୍ଘଟଣାରେ ଦୁଇ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ତିନି ଜଣ ଗୁରୁତର ଆହତ ହୋଇଥିଲେ । ଏହି ମାମଲାରେ ଓଡ଼ିଶାର ମାନବାଧିକାର କର୍ମୀ ସାଗର କୁମାର ଜେନାଙ୍କ ଅଭିଯୋଗ ଆଧାରରେ ମାନବାଧିକାର କମିଶନ ସ୍ୱତଃ ତଦନ୍ତ ଆରମ୍ଭ କରିଥିଲେ । ଅଭିଯୋଗରେ ଶିଳ୍ପ ପ୍ରତିଷ୍ଠାନରେ ସୁରକ୍ଷା ନିୟମ ଅବହେଳା ହେତୁ ଏହି ଦୁର୍ଘଟଣା ଘଟିଥିବା କଥା ଉଲ୍ଲେଖ ଥିଲା । ଚଳିତ ମାସ ଜୁଲାଇ ୨୮ ରେ ହୋଇଥିବା ଆଦେଶ ଅନୁସାରେ, ମୃତ ଦୁଇ ଶ୍ରମିକଙ୍କ ପରିବାରକୁ ୨୦ ଲକ୍ଷ ଲେଖାଏଁ କ୍ଷତିପୂରଣ ଓ ୧ ଲକ୍ଷ ଲେଖାଏଁ ଅନ୍ତ୍ୟେଷ୍ଟି ସହାୟତା ପ୍ରଦାନ କରାଯାଇଥିବା ପ୍ରମାଣ ଦାଖଲ ହୋଇଛି । ଆହତ ତିନି ଶ୍ରମିକଙ୍କ ଚିକିତ୍ସା ଖର୍ଚ୍ଚ କମ୍ପାନୀ ବହନ କରିଥିବା ସୂଚନା ମଧ୍ୟ ଦିଆଯାଇଛି । ତେବେ ମାନବାଧିକାର କମିଶନ କହିଛନ୍ତି ଯେ ରିପୋର୍ଟରେ ଆହତ ଶ୍ରମିକମାନଙ୍କୁ କୌଣସି ଆର୍ଥିକ କ୍ଷତିପୂରଣ କିମ୍ବା ସହାୟତା ଦିଆଯାଇଛି କି ନାହିଁ, ସେ ସମ୍ପର୍କରେ କୌଣସି ସ୍ପଷ୍ଟ ତଥ୍ୟ ନାହିଁ । ଫଳରେ ମାନବାଧିକାର କମିଶନ ଢେଙ୍କାନାଳ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ପୁଣିଥରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ଆହତ ଶ୍ରମିକମାନେ କେବଳ ଚିକିତ୍ସା ସୁବିଧା ପାଇଛନ୍ତି ନା ସେମାନଙ୍କୁ ଆଇନ ଅନୁଯାୟୀ ଆର୍ଥିକ କ୍ଷତିପୂରଣ ମଧ୍ୟ ଦିଆଯାଇଛି ତାହାର ସଠିକ ପ୍ରମାଣ ନାହିଁ । ଏହାକୁ ନେଇ କମିଶନ ଢେଙ୍କାନାଳ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଆସନ୍ତା ସେପ୍ଟେମ୍ବର ୪ ସୁଦ୍ଧା ଏ ସମ୍ପର୍କିତ ସମ୍ପୂର୍ଣ୍ଣ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରିପୋର୍ଟ ଆସିବା ପରେ ଏହାର ପୁନଃ ଶୁଣାଣି କରାଯିବ ବୋଲି ଜଣାପଡ଼ିଛି ।

■ ମ୍ୟୁଟେସନ ମାମଲା ପାଇଁ ମହଙ୍ଗା ପଡ଼ିଲା ଲାଞ୍ଚ କାରବାର

## ପଞ୍ଚୁପଡ଼ା ଆରଆଇଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡ

ଢେଙ୍କାନାଳ/ହିନ୍ଦୋଳ,୨୯ ।୭(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ତହସିଲ ଅନ୍ତର୍ଗତ ପଞ୍ଚୁପଡ଼ା ରାଜସ୍ୱ ନିରୀକ୍ଷକ ଭାବରେ କାର୍ଯ୍ୟ କରୁଥିବା ତଥା ପରଜଙ୍ଗ ତହସିଲ କନ୍ଦରସିଂହା ଆରଆଇ ସର୍କଲର ପୂର୍ବତନ ଆରଆଇ ମାଳତୀ ଦେହୁରୀ ଜମି ମ୍ୟୁଟେସନ ପାଇଁ ଲାଞ୍ଚ ନେବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଆରଆଇଙ୍କୁ ଦୁଇବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି । ମାଳତୀ କନ୍ଦରସିଂହା ଆର୍‌ଆଇ ଭାବେ କାର୍ଯ୍ୟରତ ଥିବାବେଳେ ଏକ ଜମିଜମା ମ୍ୟୁଟେସନ ମାମଲାରେ ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ଲାଞ୍ଚ ମାଗିବା ସହ ଲାଞ୍ଚ ନେବା ଘଟଣାରେ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଥିଲେ । ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ଏହି ମାମଲା ବିଚାର ଚାଲିଥିଲା । କୋର୍ଟ ମାଳତୀଙ୍କୁ ଦୋଷୀ ସାବ୍ୟସ୍ତ କରିବ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ବିଭାଗ ପକ୍ଷରୁ ସରକାରଙ୍କୁ ସୁପାରିସ କରାଯାଇଛି । କଟକ ଡିଭିଜନ ଭିଜିଲାନ୍ସର ପୂର୍ବତନ ଇନ୍ସପେକ୍ଟର ଜ୍ଞାନରଞ୍ଜନ ମିଶ୍ର ଏହି ମାମଲାର ତଦନ୍ତ କରିଥିବା ବେଳେ ସ୍ୱତନ୍ତ୍ର ପିପି ହେମନ୍ତ ଖଟୁଆ, ଅନୁଜ୍ଞା ମହାନ୍ତି, ଏପିପି ସ୍ୱରାଜ ରାୟ ମାମଲା ପରିଚାଳନା କରୁଥିଲେ ।

■ ବ୍ରାହ୍ମଣୀରେ ବନ୍ୟାଜଳ

## କୃଷ୍ଣପୁର ଗ୍ରାମର ହଜାରେ ଲୋକ ଜଳବନ୍ଦୀ

ଢେଙ୍କାନାଳ,୨୯ ।୭(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ କୃଷ୍ଣପୁର ଗ୍ରାମବାସୀ ବ୍ରାହ୍ମଣୀରେ ବନ୍ୟାପାଣି ପ୍ରବାହିତ ହେବା ଯୋଗୁ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ଲଘୁଚାପ ଜନିତ ବର୍ଷା ଏବଂ ଉପର ମୁଣ୍ଡରେ ପ୍ରବଳ ବର୍ଷାଯୋଗୁ ବ୍ରାହ୍ମଣୀ ନଦୀରେ ପ୍ରବଳ ବନ୍ୟାପାଣି ପ୍ରବାହିତ ହେଉଛି । ଫଳରେ ଭୁବନ ବ୍ଲକ କୃଷ୍ଣପୁର ଗ୍ରାମରେ ପାଣିପଶିବା ସହିତ ରାସ୍ତାଘାଟ ସବୁକିଛି ବୁଡାଇ ଦେଇଛି । ଗ୍ରାମବାସୀ ଘରୁ ବାହାରି ପାରୁନଥିବା ବେଳେ ଧାନ,ପନିପରିବା ଫସଲ ସବୁକିଛି ନଷ୍ଟ ହୋଇଯାଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ପ୍ରତିବର୍ଷ ଏଭଳି ସମସ୍ୟା ଦେଖାଦେଉଥିବା ବେଳେ ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ପାଣି ଯୋଗୁ ଗାଈ ଗୋରୁ ବି ଭୋକ ଉପାସରେ ରହୁଥିବାର ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ସାହାର୍ଯ୍ୟ ସହଯୋଗ ଯୋଗାଇଦେବାକୁ ଦାବୀ ହୋଇଛି ।

# ପ୍ରବଳ ବର୍ଷାରେ ଧୋଇଗଲା ରାସ୍ତା





ଖଜୁରିଆକଟା,୨୯ ।୭(ସମିସ)

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଗ୍ରାମାଞ୍ଚଳର ବସ୍ତି ବାସିନ୍ଦା ମାନଙ୍କ ବିକାଶ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଉଥିଲେ ମଧ୍ୟ ବ୍ଲକ ପ୍ରଶାସନ ବିଭାଗୀୟ ଅଧିକାରୀ ମାନଙ୍କ ଉଦାସୀନତା ଯୋଗୁଁ ମୁଖ୍ୟ ରାସ୍ତା ବର୍ଷାରେ ବେହାଲ ହୋଇପଡ଼ିଛି । ଫଳରେ ଦୈନନ୍ଦିନ ଜୀବନରେ ହନ୍ତସନ୍ତ ହେଉଛନ୍ତି ଓଡ଼ାପଡ଼ା ବ୍ଲକ କଳାଙ୍ଗ ଗ୍ରାମପଞ୍ଚାୟତ ଦୀନବନ୍ଧୁପୁର ଚଟକା ସାହିବାସିନ୍ଦା ।

### ତୁରନ୍ତ ମରାମତି ନ ହେଲେ ରାସ୍ତାରୋକ ଚେତାବନୀ


ମୁଖ୍ୟ ରାସ୍ତାଟି ସମ୍ପୂର୍ଣ୍ଣ ଲଗାଣ ବର୍ଷାରେ ଧୋଇ ହୋଇଯାଇଛି ମରାମତି ପାଇଁ ସାହିବାସିନ୍ଦାଙ୍କ ଦାବୀ । ଉକ୍ତ ରାସ୍ତାଦେଇ ପ୍ରତ୍ୟେକ ଦିନ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଯିବାଆସିବା ଠାରୁ ଆରମ୍ଭକରି ଅତି ଆବଶ୍ୟକ ଦ୍ରବ୍ୟ ନେବା ଆଣିବା ଲାଗି ଗ୍ରାମବାସୀ ବ୍ୟବହାର କରନ୍ତି । ମାତ୍ର ଚଳିତ ବର୍ଷ ଲଗାଣ ବର୍ଷା ଯୋଗୁଁ ସାହିର ମୁଖ୍ୟ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ଧୋଇ ହୋଇ ଯାଇଛି ଫଳରେ ଯାତାୟତ ସମ୍ପୂର୍ଣ୍ଣ ଭାବେ ବ୍ୟାଘାତ ପ୍ରାପ୍ତ ହୋଉଛି । ଚଟକାସାହିରେ ପ୍ରାୟ ୩୦୦ ପରିବାର ବସବାସ କରୁଛନ୍ତି । ରାସ୍ତା ଯୋଗୁଁ ସାହିବାସିନ୍ଦା ଘରୁ ବାହାରକୁ ଚଳାଚଳ ନ କରିପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପିଇବା ପାଣି ସମସ୍ୟା ସହ ହାତୀ ଆକ୍ରମଣରୁ ରକ୍ଷା ପାଇବା ପାଇଁ ସୋଲାର ତାର ବାଡ ଏଣୁ ଏ ଦିଗରେ ସାହି ବାସିନ୍ଦାମାନେ ଜିଲ୍ଲା ପ୍ରଶାସନଙ୍କୁ ପୂର୍ବରୁ ବାରମ୍ବାର ଅଭିଯୋଗ କରିଆସୁଛନ୍ତି । ଯଦି ଆଗାମୀ ଦିନରେ ସାହିର ମୁଖ୍ୟ ରାସ୍ତା ମରାମତି ନ ହୁଏ ତାହେଲେ ସେମାନେ ରାସ୍ତାରୋକ କରିବାକୁ ପଛାଇବେ ନାହିଁ ବୋଲି ପୁରୁଷୋତମ ଜେନା, ଅକାରଣ ବିଶ୍ୱାଳ,ଦୁର୍ଯ୍ୟୋଧନ ସାହୁ, ଅନିତା ମୁଦୁଲି,ଲକ୍ଷ୍ମୀଧର ନାୟକ, ଲିପି ମୁଦୁଲି, ସରସ୍ୱତୀ ସାହୁ, ମଞ୍ଜୁଲତା ମୁଦୁଲି,ଲିତା ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ଏଚ୍‌ଆଇଭି ସମ୍ପର୍କିତ ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା



ଢେଙ୍କାନାଳ,୨୯ ।୭(ସମିସ): ସ୍ଥାନୀୟ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ସଂଗଠନ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଢେଙ୍କାନାଳ ଏବଂ ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତିର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଏଚ୍‌ଆଇଭି ଏଡ୍‌ସ କୁଇଜ୍ ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତାରକ ପ୍ରସନ୍ନ ତ୍ରିପାଠୀ ମୁଖ୍ୟଅତିଥି, ମିନତୀ ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ, ପୂର୍ବତନ ଶାରୀରିକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏଚ୍‌ଆଇଭି ଏଡ୍‌ସ ସମ୍ପର୍କିତ ସଚେତନତା ଓ ସଠିକ୍ ଜ୍ଞାନର ପ୍ରସାର ଘଟିଥିବାରୁ ଅତିଥିମାନେ ଏଭଳି ସଚେତନତାମୂଳକ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

## ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ରଙ୍କ ପରଲୋକ



ଢେଙ୍କାନାଳ,୨୯ ।୭(ସମିସ): ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କର ୮୧ ବର୍ଷ ବୟସରେ ପରଲୋକ ଘଟିଛି । ସ୍ୱର୍ଗତ ସାହୁ ଦୀର୍ଘବର୍ଷ ଧରି ଢେଙ୍କାନାଳ ଜିଲ୍ଲା ପାଇଁ ବିଭିନ୍ନ ଖବରକାଗଜରେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ତାଙ୍କ ବିୟୋଗରେ ଓଡ଼ିଶା ୟୁନିୟନ୍ ଅଫ୍ ଜର୍ଣ୍ଣାଲିଷ୍ଟ ଢେଙ୍କାନାଳ ଶାଖା ଓ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯିବା ସହ ତାଙ୍କ ଆତ୍ମାର ସଦଗତି କାମନା କରାଯାଇଛି । ସ୍ୱର୍ଗତ ସାହୁ ସାପ୍ତାହିକ 'ଲାଲ୍ ମାଟି' ଖବରକାଗଜର ପ୍ରତିଷ୍ଠାତା ଓ ସମ୍ପାଦକ ମଧ୍ୟ ଥିଲେ ।


## ବିଦ୍ୟାଳୟକୁ ବିଳମ୍ବରେ ଆସୁଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ

ଖଜୁରିଆକଟା,୨୯ ।୭(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାଉଁଶ ପୋଖରୀ ପଞ୍ଚାୟତର ସୁନ୍ଦରାପାଳସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରବେଶ ସମୟ ନିର୍ଘଣ୍ଟକୁ ନେଇ ଅଭିଭାବକ ଓ ଅଭିଭାବିକାଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି । ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ପ୍ରଥମେ ପ୍ରବେଶ କରୁଥିବା ବେଳେ ପରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ପ୍ରଧାନଶିକ୍ଷକ ନିର୍ଦ୍ଦିଷ୍ଟ ଢେର୍ ବିଳମ୍ବରେ ଅସୁଥିବା ଅଭିଯୋଗ କରିଛନ୍ତି । ସରାକରଙ୍କ ନିୟମ ଅନୁସାରେ ସକାଳ ୯ଟା ୩୦ ସୁଦ୍ଧା ବିଦ୍ୟାଳୟରେ ପ୍ରବେଶ କରିବା କଥା । ତେବେ ଏହି ବିଦ୍ୟାଳୟରେ ନିୟମକୁ ଅଣଦେଖା କରାଯାଉଛି । ଏହାର ପ୍ରଭାବ ପାଠପଢ଼ା ଓ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ଉପରେ ପଡୁଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଜିଲ୍ଲା ଶିକ୍ଷା ଅଧିକାରୀ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ।



### ପାଠପଢ଼ା ବାଧାପ୍ରାପ୍ତ

## ଜିଏମଆର କାରଖାନାରେ ସୁରକ୍ଷା ସମ୍ପର୍କିତ କର୍ମଶାଳା



ଢେଙ୍କାନାଳ,୨୯ ।୭(ସମିସ): ଢେଙ୍କାନାଳ ଜିଲ୍ଲା କମଲାଙ୍ଗସ୍ଥିତ ଜିଏମଆର ଏନର୍ଜି ଲିମିଟେଡ୍ ପରିସରରେ କାରଖାନା ସମ୍ପର୍କିତ ସୁରକ୍ଷାକୁ ନେଇ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି । କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶାଳୟ ତରଫରୁ ରାଜ୍ୟ ଶ୍ରମ ପ୍ରତିଷ୍ଠାନ ସହାୟତାରେ କାରଖାନା ପରିସରରେ ପାୱାର ପ୍ଲାଣ୍ଟ ସୁରକ୍ଷାରେ ନେତୃତ୍ୱ ଉତ୍କର୍ଷତା ଓ ବିପଦଭିତ୍ତିକ ପରିଚାଳନାକୁ ନେଇ କର୍ମଶାଳା ହୋଇଥିଲା । ଏହାକୁ କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଉଦଘାଟନ କରିବା ସହ ଦୁର୍ଘଟଣାମୁକ୍ତ କର୍ମକ୍ଷେତ୍ର ପାଇଁ ସକ୍ରିୟ ନେତୃତ୍ୱ, ନିରନ୍ତର ତାଲିମ ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । କାରଖାନା ଏବଂ ବଏଲର୍ସ ଉପନିର୍ଦ୍ଦେଶକ ଡ. ମଳୟ କୁମାର ପ୍ରଧାନ, ଅନୁଗୋଳ ଡିଭିଜନର କାରଖାନା ଏବଂ ବଏଲର୍ସ ଉପନିର୍ଦ୍ଦେଶକ ଡ. ରମେଶ କୁମାର ବେହେରା ଯୋଗଦେଇଥିଲେ । ଢେଙ୍କାନାଳ ଜୋନର ଫ୍ୟାକ୍ଟ୍ରି ଏବଂ ବଏଲର୍ସର ସହକାରୀ ନିର୍ଦ୍ଦେଶକ ବିଶ୍ୱଜିତ ପାଣିଗ୍ରାହୀ, ପ୍ରକଳ୍ପ ମୁଖ୍ୟ ମନୋଜ କୁମାର ମିଶ୍ର ଏବଂ ପ୍ଲାଣ୍ଟ ମୁଖ୍ୟ ରଘୁନାଥ ପିଭି ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । କର୍ମଶାଳାରେ ରାଜ୍ୟର ୧୭୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ ।

## ଚାରା ବଣ୍ଟନ କାର୍ଯ୍ୟକ୍ରମ



ଢେଙ୍କାନାଳ,୨୯ ।୭(ସମିସ): ସ୍ଥାନୀୟ କପିଳାସ ଫିଲିଂ ଷ୍ଟେସନଠାରେ 'ସକାଳ' ଏବଂ 'ନନ୍ଦିଘୋଷ ଟିଭି' ତରଫରୁ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ମହିମା ପରିବେଶ ସମ୍ମାନରେ ସମ୍ମାନିତ ଶିକ୍ଷାବିତ ପ୍ରଦ୍ୟୁମ୍ନ ରଥ, ପୂର୍ବତନ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ଶତପଥୀ, ଚନ୍ଦ୍ରଶେଖର ଆଇଟିଆଇ ଅଧ୍ୟକ୍ଷା ସସ୍ମିତା ପରିଡା ପ୍ରମୁଖ ଯୋଗଦେଇଥିଲେ । ପ୍ରକୃତି ସଂରକ୍ଷଣ ଉପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ସହରବାସୀଙ୍କୁ ଶତାଧିକ ଚାରା ବଣ୍ଟନ କରାଯାଇଥିଲା । 'ସକାଳ'ର ଜିଲ୍ଲା ପ୍ରତିନିଧି ସୟଦ ଇମ୍ତିୟାଜ ହୁସେନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପିଙ୍ଗୁଆ-ଦଶମାଣ ମଞ୍ଜୁରୀପଡ଼ା ଯୋଗାଯୋଗ ବିଚ୍ଛିନ୍ନ

ଗଁଦିଆ,୨୯ ।୭(ସମିସ): ଦୁଇଦିନ ଧରି ଲଗାଣ ବର୍ଷାରେ ଗଁଦିଆ ବ୍ଲକର ସୀମାନ୍ତ ପଞ୍ଚାୟତ ଦଶମାଣପାଟଣା ମଞ୍ଜୁରୀପଡ଼ା ସହ ପିଙ୍ଗୁଆ ପଞ୍ଚାୟତର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ପିଙ୍ଗୁଆ ବିଜୁ ଛକରୁ ମଞ୍ଜୁରୀପଡ଼ାକୁ ସିଧା ସଂଯୋଗ କରୁଥିବା ରାସ୍ତା ଉପରେ ବର୍ଷା ପାଣିର ଲହଡ଼ି ମାରୁଛି । ସେହିପରି ଉକ୍ତ ରାସ୍ତାରେ ପ୍ରବାହିତ ଶଗଡ଼ବାଟିଆ ନାଳରେ ପ୍ରବଳ ମାତ୍ରାରେ ବଢ଼ି ପାଣି ଆସିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ତଳ ଅଞ୍ଚଳରେ ଧାନ କ୍ଷେତ ନଷ୍ଟ ହୋଇଛି । ଉକ୍ତ ରାସ୍ତାରେ ପାଣି ଆସିବାରୁ ଯୋଗାଯୋଗ ଏକ ପ୍ରକାର ବିଚ୍ଛିନ୍ନ ହେବା ସହିତ ଯାତାୟତ ସମ୍ପୂର୍ଣ୍ଣ ଭାବରେ ବ୍ୟାହତ ହୋଇଛି । ଉକ୍ତ ପଞ୍ଚାୟତରୁ ପିଙ୍ଗୁଆଠାରେ ଥିବା +୨ ଓ +୩ କଲେଜ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଏକ ପ୍ରକାର ଠପ ହୋଇଯାଇଛି । ଉକ୍ତ ପଞ୍ଚାୟତବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶଗଡ଼ଗାଡ଼ିଆ ନାଳରେ ପୋଲ ନିର୍ମାଣ ବିଳମ୍ବ ଯୋଗୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ପଞ୍ଚାୟତବାସୀ ମତବ୍ୟକ୍ତ କରିଛନ୍ତି । ବର୍ତ୍ତମାନ ଉକ୍ତ ୩କିମି ଦୂରତା ବିଶିଷ୍ଟ ରାସ୍ତା କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି । ଏ ନେଇ ଉଭୟ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି । ତୁରନ୍ତ ରାସ୍ତା ଓ ପୋଲ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ବିଭିନ୍ନ ବିଦ୍ୟାଳୟରେ ଚାରାରୋପଣ



ଗଁଦିଆ,୨୯ ।୭(ସମିସ): ପବିତ୍ର ଗୁରୁ ପୂର୍ଣ୍ଣିମା ଅବସରରେ ପରିବେଶବିତ୍ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ପ୍ରଧାନଶିକ୍ଷକ ହରିହର ସାହୁ ସୋରିଶିଆପଦା ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରେ ନିଜ ବଗିଚାରେ ପ୍ରସ୍ତୁତ କରିଥିବା ଫଳ ଚାରା ରୋପଣ କରି ଉଦାହରଣ ସାଜିଛନ୍ତି । ସେ ପ୍ରଧାନଶିକ୍ଷକ ଭାବରେ କାର୍ଯ୍ୟ କରିଥିବା ଦେଓଝରେ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ବନିତା ନାୟକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ । ପରେ ରାମେଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରବିନ୍ଦ ରାଉତ, ସହକାରୀ ଶିକ୍ଷକ ଶେଷଦେବ ସେଠୀ, ଅର୍ଜୁନ ସେଠୀ, ମହେନ୍ଦ୍ର ପୂର୍ତ୍ତିଙ୍କ ଉପସ୍ଥିତିରେ ବିଦ୍ୟାଳୟରେ ଚାରାରୋପଣ କରିଥିଲେ । ଚାଉଳିଆ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ଚାରା ପ୍ରଦାନ କରିଥିଲେ । ଶେଷରେ ସୋରିଶିଆପଦା ଆଶ୍ରମ ବିଦ୍ୟାଳୟ ସମ୍ମୁଖରେ ପ୍ରଧାନଶିକ୍ଷକ ମନୋଜ ମହାଳିକ ଓ ସହକାରୀ ଶିକ୍ଷକ ନିରଞ୍ଜନ ନାୟକଙ୍କ ସହ ଛାତ୍ରଛାତ୍ରୀଙ୍କ ଉପସ୍ଥିତରେ ଫଳ ଚାରା ରୋପଣ କରିଥିଲେ । ସମସ୍ତେ ଗୋଟିଏ ଲେଖାଏଁ ଚାରା ରୋପଣ କରି ପୃଥିବୀ ମାତାକୁ ସୁରକ୍ଷିତ ରଖିବା ପାଇଁ ଅନୁରୋଧ କରିଥିଲେ ।



# ରାସ୍ତାପାର୍ଶ୍ୱ ଖୋଳିଲେ ୩ଫୁଟ, କଂକ୍ରିଟ କଲେ ୧ ଫୁଟ

ହିନ୍ଦୋଳ,୨୯ ।୭(ସମିସ)

ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ମେଗା ପାନୀୟଜଳ ପ୍ରକଳ୍ପରୁ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ ବିଛାଇ ରାସ୍ତାପାର୍ଶ୍ୱ ଖୋଲା ଛାଡ଼ିଦେବା ଦ୍ୱାରା ବିପଦର ସମ୍ମୁଖୀନ ହେଉଛନ୍ତି ସାଧାରଣ ଜନତା ।

ହିନ୍ଦୋଳ ଏନଏସି ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ବଡ଼ଦାଣ୍ଡ ରଥଖଳାଠାରୁ ଗୁଣ୍ଡିଚାମନ୍ଦିର ପର୍ଯ୍ୟନ୍ତ ପିଡବ୍ଲ୍ୟୁଡି ରାସ୍ତାପାର୍ଶ୍ୱକୁ ଟେଣ୍ଡର ମାଧ୍ୟମରେ ଏମବିଆର ଚରଣପୁର ଦ୍ୱାରା ପ୍ରାୟ ୩ଫୁଟ ଓସାରରେ ଖୋଳି ମାତ୍ର ୧ଫୁଟ କଂକ୍ରିଟ କରାଯାଇଛି । ବାକି ୨ଫୁଟ ଖୋଲା ଛାଡ଼ିଦେବା ସହ ନିମ୍ନମାନର କାର୍ଯ୍ୟ କରାଯାଇଥିବା ଅଭିଯୋଗ ହୋଇଛି । ଫଳରେ ଏହାର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଠିକାଦାର ବିଲ୍ ଉଠାଇ ନେଇସାରିଥିବାବେଳେ ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ସେହିପରି ସମ୍ପୃକ୍ତ ବିଭାଗ ପକ୍ଷରୁ ହିନ୍ଦୋଳ ଏନଏସି ୱାର୍ଡ ନଂ ୪ ଖଣ୍ଡାଧୁଆ ନାଳ ବ୍ରିଜ ଉପର, ୱାର୍ଡ ନଂ ୧୪ ଚରଣପୁରଠାରେ ଖୋଲା ପାଇପ ଛାଡ଼ିଦେବା ସହ ୱାର୍ଡ ନଂ ୧୨ ଧୁଳିଆମୁଣ୍ଡା ବନ୍ଧସାହିଠାରେ ପାଇପ ବିଛାଇବା ପାଇଁ ପେଭରବ୍ଲକ ସବୁ ଖୋଲି ଫିଲିଂ ନ କରିବା ସହ ହିନ୍ଦୋଳ ଏନଏସିର ସବୁ ୱାର୍ଡରେ ରାସ୍ତାପାର୍ଶ୍ୱ ଖୋଳି କଂକ୍ରିଟ ନ କରିବା ଫଳରେ ବର୍ଷାଦିନେ ଗାଡ଼ିମଟର, ଗାଈଗୋରୁ, ପଥଚାରୀ କାଦୁଅରେ ପଶି ଯାତାୟାତ କରୁଛନ୍ତି । ପଥଚାରୀ ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହେବା ସମ୍ଭାବନା ରହିଛି । ଏ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହାର ତଦନ୍ତ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

### ବିପଦରେ ଜନସାଧାରଣ

# ଗଁଦିଆରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗଁଦିଆ,୨୯ ।୭(ସମିସ): ଜିଲ୍ଲା ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଆଜି ଗଁଦିଆ ବ୍ଲକ ସଭାଗୃହ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭିନ୍ନକ୍ଷମ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେରେ ସାମିଲ କରିବା ପାଇଁ ସରକାର ବିଭିନ୍ନ ପ୍ରକାରର ଯୋଜନା କରିଛନ୍ତି । ଏହି ଯୋଜନା ମାଧ୍ୟମରେ ସେମାନଙ୍କୁ ସହାୟତା ପ୍ରଦାନ କରାଯାଉଛି । ଗଁଦିଆ ବ୍ଲକର ୨୭ଟି ପଞ୍ଚାୟତ ଏବଂ ଗୋଟିଏ ବିଜ୍ଞାପିତ ଅଞ୍ଚଳରୁ ବିଭିନ୍ନ ସ୍ଥାନରୁ ଭିନ୍ନକ୍ଷମ ମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ସାର୍ଟିଫିକେଟ ପାଇଁ ଆବେଦନ କରାଯାଇଥିଲା । ଶତାଧିକ ଭିନ୍ନକ୍ଷମ ମାନେ ଆସି ଏହି ଶିବିରରେ ଯୋଗଦେଇଥିଲେ । ଏହି ଶିବିରରେ ମୋଟ ୨୫୬ଜଣ ହିତାଧିକାରୀ ସେମାନଙ୍କର ନାମ ପଞ୍ଜିକରଣ କରିଥିଲେ । ସେଥିମଧ୍ୟରୁ ମାନସିକ ଅନଗ୍ରସର ବିଭାଗରେ ୬୮ଜଣ,ଅସ୍ଥି ଶଲ୍ୟ ବିଭାଗର ୧୦୯ଜଣ, ଦୃଷ୍ଟିଶକ୍ତି ବିଭାଗର ୩୪ଜଣ, ଶ୍ରବଣ ବିଭାଗର ୩୮ ଜଣ ଅନ୍ୟାନ୍ୟ ବିଭାଗର ୭ଜଣ ଆବେଦନ କରିଥିଲେ । ଏହି ଶିବିରରେ ସମସ୍ତ ବିଭାଗର ଚିକିତ୍ସକମାନେ ଯୋଗଦାନ କରିବା ସହ ଭିନ୍ନକ୍ଷମ ମାନଙ୍କୁ ପରିକ୍ଷା ନୀରିକ୍ଷା କରିଥିଲେ । ବ୍ଲକ ଅଧ୍ୟକ୍ଷା ରିନାରାଣୀ ଖଟୁଆ, ବିଡିଓ ପବିତ୍ର କୁମାର ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ କୁମାର ସ୍ୱାଇଁ, ଏଡିଓ ଦୀପକ ନାୟକ, ଦିବ୍ୟରଞ୍ଜନ ମହାନ୍ତି ଓ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ସାହୁ, ବିପିଏ ଲୀନାରାଣୀ ସ୍ୱାଇଁ ଓ ସମସ୍ତ ବ୍ଲକ୍ କର୍ମଚାରୀଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଆସିଥିବା ସମସ୍ତ ଦିବ୍ୟାଙ୍ଗ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯିବା ସହ ପାନୀୟ ଜଳ, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଥିଲା ।

## ରାସ୍ତା ନୁହେଁ, କାଦୁଅର ସରୋବର

# ମରାମତି ନ ହେଲେ ବ୍ଲକ୍ କାର୍ଯ୍ୟାଳୟ ଘେରିବ 'ମାସା'

## କାଲାଝରୀ ଗ୍ରାମବାସୀଙ୍କ ଜୀବନ ଦୁର୍ବିସହ

ବିଶୋଇ, ୨୯।୭ (ସମିସ)



ବିଜାତଳା ବ୍ଲକ ଅନ୍ତର୍ଗତ ଲୁହାଶିଳା ପଞ୍ଚାୟତର କାଲାଝରୀ ଗ୍ରାମରେ ରାସ୍ତା ସମସ୍ୟା ଏବେ ଚରମ ସୀମାରେ ପହଞ୍ଚିଛି। ଗ୍ରାମର ମୁଖ୍ୟ ରାସ୍ତାଟି ସମ୍ପୂର୍ଣ୍ଣ କାଦୁଅରେ ବୁଡ଼ି ରହିଥିବାରୁ ଯାତାୟାତ ପୂରାପୂରି ଠପ୍ ହୋଇଯାଇଛି। ପ୍ରତିଦିନ ଯାତାୟାତ କରୁଥିବା ଗ୍ରାମବାସୀ ଏବେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

ବର୍ଷାଦିନ ଆସିଲେ ଏହି ରାସ୍ତା ଦେଇ ଯିବାଆସିବା କରିବା ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ପହଞ୍ଚିବା କଷ୍ଟକର ହୋଇପଡୁଥିବାରୁ ଗର୍ଭବତୀ ମହିଳା ଓ ସଙ୍କଟାପନ୍ନ ରୋଗୀଙ୍କୁ ଖଟିଆରେ ବୋହି ନେବାକୁ ପଡୁଛି। ସ୍କୁଲ ଓ କଲେଜ ଯାଉଥିବା ପିଲା ଓ ବୃଦ୍ଧବୃଦ୍ଧା ଗୋଡ଼ ଖସି ପଡ଼ିବାର ଭୟ ଭିତରେ ଜୀବନକୁ ବାଜି ଲଗାଇ ଗାଁରୁ ବାହାରୁଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ଏହି ରାସ୍ତାର ଦୟନୀୟ ଅବସ୍ଥା ସମ୍ପର୍କରେ ସମ୍ପୃକ୍ତ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କୁ ବାରମ୍ବାର ଅବଗତ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ କରାଯାଇନାହିଁ। ବିକାଶ କ'ଣ କେବଳ କାଗଜକଲମରେ ସୀମିତ ବୋଲି ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରି ପ୍ରଶ୍ନ କରିଛନ୍ତି। ଗ୍ରାମର ଏହି ମୌଳିକ ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ, ଗ୍ରାମବାସୀଙ୍କୁ ସାଙ୍ଗରେ ନେଇ 'ମାସା' ସଂଗଠନ ପକ୍ଷରୁ ବିଜାତଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣତାନ୍ତ୍ରିକ ଉପାୟରେ ବିଶାଳ ଧାରଣା ଦିଆଯିବ। ପ୍ରଶାସନର ଅବହେଳା ଯୋଗୁଁ ଯଦି ଆଗାମୀ ଦିନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ, ତେବେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ହିଁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି।

## • ବୈତରଣୀ ଜଳସ୍ତର ଖସୁଛି
## ନଦୀକୂଳିଆ ଗାଁ ଜଳବନ୍ଦୀ



ଆନନ୍ଦପୁର, ୨୯।୭ (ସମିସ): ବୈତରଣୀ ନଦୀର ବନ୍ୟାଜଳ ଆନନ୍ଦପୁରରେ ବିପଦ ସଂକେତ ତଳକୁ ବୁଧବାର ଖସି ଆସିଛି। ଆଜି ସକାଳୁ ଜଳସ୍ତର କ୍ରମଶଃ ଖସିଯାଇ ରାତି ୮ଟା ସୁଦ୍ଧା ୩୭.୭୫୦ମିଟରରେ ପ୍ରବାହିତ ହେଉଥିଲା। ଫଳରେ ଆସନ୍ନ ବିପଦ ଟଳିଯାଇଛି; ହେଲେ ନଦୀକୁଳିଆ ଗାଁଗୁଡ଼ିକ ପାଣିଘେରରେ ଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଆନନ୍ଦପୁର ବ୍ୟାରେଜ ୨୭ ଓ ରେମାଳ ଡ୍ୟାମ ୨ଟି ଗେଟ ଖୋଲିଥିବାରୁ ନଦୀରେ ଜଳପତନ କ୍ରମଶଃ ବୃଦ୍ଧି ପାଇଥିଲା। ଆନନ୍ଦପୁରରେ ୩୮.୩୬୦ମିଟର ବିପଦ ସଂକେତ ଥିବା ବେଳେ ପରେ ୪୦.୪୬୦ ମିଟରରେ ପ୍ରବାହିତ ହୋଇ ବିପଦ ସୃଷ୍ଟି କରିଥିଲା।

## ମୃତ ଅଗ୍ନି ଯୋଦ୍ଧାଙ୍କୁ ଗାର୍ଡ ଅଫ୍ ଅନର୍



ତେଲକୋଇ, ୨୯।୭ (ସମିସ): କାର୍ଯ୍ୟରତ ସମୟରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ବରଣ କରିଥିବା କେନ୍ଦୁଝର ଅଗ୍ନିଶମ ବାହିନୀର କର୍ମଚାରୀ ଚନ୍ଦନ ପଟ୍ଟନାୟକଙ୍କ ପାର୍ଥିବ ଶରୀରକୁ ତେଲକୋଇ ଅଗ୍ନିଶମ ବିଭାଗ ପକ୍ଷରୁ ଶେଷ ସମ୍ମାନ ଜ୍ଞାପନ କରାଯାଇଛି। ଅଗ୍ନିଯୋଦ୍ଧା ଶ୍ରୀ ପଟ୍ଟନାୟକଙ୍କ ମୃତ ଶରୀର ପୈତୃକ ଘର ଅନୁଗୋଳ ଅଭିମୁଖେ ଯାଉଥିବା ବେଳେ ତେଲକୋଇ ଅଗ୍ନିଶମ କାର୍ଯ୍ୟାଳୟରେ ଅଟକାଇ ଶେଷ ଦର୍ଶନ କରାଯିବା ସହ ଗାର୍ଡ ଅଫ ଅନରରେ ଶେଷ ସମ୍ମାନ ଜଣାଯାଇଛି। ଏଥିରେ ତେଲକୋଇ ଅଗ୍ନିଶମ ବାହିନୀର ଅଧିକାରୀ ସମେତ ସମସ୍ତ କର୍ମଚାରୀ ଉପସ୍ଥିତି ରହିଥିଲେ।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ବାଲିବନ୍ଧ, ୨୯।୭ (ସମିସ): ବାଲିବନ୍ଧ ଫରେଷ୍ଟ ସେକ୍ସନ ଲକ୍ଷ୍ମୀପଶି ବିଟ ଅର୍ଶଳା ପଞ୍ଚାୟତର ଦୁର୍ଗାପୁରର ଅଲେଖ ନାଏକ (୪୦) ଭାଲୁ ଆକ୍ରମଣରେ ଗୁରୁତର ହୋଇଥିବା ଜଣାପଡ଼ିଛି। ବୁଧବାର ଭୋର ସମୟରେ ଛତୁ ଗୋଟାଇବାକୁ ଘର ସମ୍ମୁଖ ଜଙ୍ଗଲକୁ ଯାଇଥିଲା ବେଳେ ଅଲେଖ ଭାଲୁ ସହିତ ମୁହାଁମୁହିଁ ହୋଇ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କ ଦୁଇ ଗୋଡ଼ ଫାଙ୍କ ଭିତରେ ଭାଲୁ ପଶି ଯିବାରୁ ଅଲେଖ ତଳେ ପଡିଯାଇଥିଲେ। ଭାଲୁ ଜଙ୍ଘକୁ ରାମ୍ପୁଡି ଦେଇ ଚାଲି ଯାଇଥିଲା। ପରିବାର ଲୋକେ ଅଲେଖଙ୍କୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି।

## ବାଇକ୍ ଦୁର୍ଘଟଣାରେ ୨ ମୃତ

ହାଟଡ଼ିହୀ,୨୯।୭ (ସମିସ): ହାଟଡ଼ିହୀ ବ୍ଲକ୍ ବଞ୍ଚୋ ପଞ୍ଚାୟତ ସିଙ୍ଗଡୋଭ ଗ୍ରାମ ନିକଟସ୍ଥ ବୈତରଣୀ ନଦୀବନ୍ଧ ରାସ୍ତାରେ ଆଜି ସନ୍ଧ୍ୟାରେ ଘଟିଥିବା ଏକ ଭୟଙ୍କର ବାଇକ୍ ଦୁର୍ଘଟଣାରେ ଜଣେ ମହିଳା ଓ ଜଣେ ପୁରୁଷଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ନାମ ଗୁଲା ବେହେରା ବୋଲି ଜଣାପଡ଼ିଛି। ମୃତ ପୁରୁଷଙ୍କ ନାମ ହେଉଛି ଜ୍ଞାନରଞ୍ଜନ ସାହୁ। ସେ ଘସିପୁରା ଥାନା କନେଷ୍ଟବଳ ଭାବେ କାର୍ଯ୍ୟ କରୁଥିଲା ବେଳେ ତାଙ୍କ ଘର ଆନନ୍ଦପୁର ଥାନା ତଥା ହାଟଡିହି ବ୍ଲକ୍ ଯଶୋବନ୍ତପୁର ଗାଁରେ ବୋଲି ସୂଚନା ମିଳିଛି। ଘଟଣା ପରେ ସ୍ଥାନୀୟ ଲୋକେ ଓ ପୁଲିସ୍ ପହଞ୍ଚି ଉଭୟଙ୍କ ମୃତଦେହକୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି। ଦୁର୍ଘଟଣାର କାରଣକୁ ନେଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



## ଉଦଳାରେ ଗୁରୁ ପୂଜନ ଉତ୍ସବ

ଉଦଳା,୨୯।୭ (ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡରେ ୧୧ତମ ଗୁରୁ ପୂଜନ ଉତ୍ସବ ଆଞ୍ଚଳିକ ଗୁରୁ ପୂଜନ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶତାବ୍ଦୀର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଶ୍ରୀମା ଶିକ୍ଷା ନିକେତନର ଛାତ୍ରୀମାନେ ସମସ୍ତ ଗୁରୁଜୀଙ୍କୁ ବନ୍ଦାପନା କରି ଚନ୍ଦନ, ପୁଷ୍ପ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥିମାନେ କାର୍ଯ୍ୟକ୍ରମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପ, ଧୂପ ଓ ଦୀପ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଗୋଲକ ବିହାରୀ ନାଏକଙ୍କ ଫଟୋଚିତ୍ରରେ ପୁଷ୍ପ, ଧୂପ ଓ ଦୀପ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ କମିଟିର ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ବାଛିନି ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ତଥା ସଂଯୋଜକ ଅମିୟ କୁମାର ବଳ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। କମିଟିର ସଭାପତି ବସନ୍ତ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପ୍ରାରମ୍ଭରେ ନିକଟରେ ମୃତ୍ୟୁବରଣ କରିଥିବା ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କର ସଦ୍‌ଗତି କାମନା ସହିତ ୨ମିନିଟ ନିରବ ପ୍ରାର୍ଥନା କରିଥିଲେ। ମୁଖ୍ୟ ଅତିଥି ଦିଲ୍ଲୀପ କୁମାର ଦୀକ୍ଷିତ, ମୁଖ୍ୟ ବକ୍ତା ନଗରପାଳିକା ପ୍ରମିଳା ପଣ୍ଡା, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ଉପ ନଗରପାଳିକା ଲିଲି ଭୋଳ, ଆଞ୍ଚଳିକ ଗୁରୁ ପୂଜନ କମିଟି ପରିକଳ୍ପନା କରିଥିବା ସ୍ୱର୍ଗତ ଗୋଲକ ବିହାରୀ ନାଏକଙ୍କ ସହଧର୍ମିଣୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାଏକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଅତିଥିଗଣ ଗୁରୁ-ଶିଷ୍ୟର ପରମ୍ପରା ଉପରେ ବହୁ ଉଚ୍ଚକୋଟୀର ବକ୍ତବ୍ୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସାହିତ୍ୟିକ ଲକ୍ଷ୍ମୀଧର ପୋଥାଳ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଶ୍ୟାମସୁନ୍ଦର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଭୋଳାନାଥ ବକ୍ତବ୍ୟ ରଖିଥିଲେ।



## ଗଛ ପଡ଼ି ବସ୍ ଚୂର୍‌ମାର




ତେଲକୋଇ, ୨୯।୭ (ସମିସ): ତେଲକୋଇ ବ୍ଲକ ଚନ୍ଦ୍ରଶେଖରପୁରରେ ଏକ ଘରୋଇ ବସ ଛିଡ଼ା ହୋଇଥିବା ବେଳେ ବିଳମ୍ବିତ ରାତିରେ ଏକ ଆମ୍ବ ଗଛ ପଡ଼ିଯିବାରୁ ବସ୍‌ଟି ଭାଙ୍ଗିରୁଜି ଯାଇଛି। ଏଥିରେ କୌଣସି କର୍ମଚାରୀଙ୍କ କ୍ଷତି ହୋଇନାହିଁ। ଶ୍ରୀକାନ୍ତ ନାମକ ଘରୋଇ ବସ୍ ଗୋଡାରୁ ରାଉରକେଲା ଯାଉଥିବା ବେଳେ ଅପରାହ୍ନରେ ରାଉରକେଲାରୁ ଆସି ତେଲକୋଇ ପୂର୍ବରୁ ଚନ୍ଦ୍ରଶେଖରପୁର ଗ୍ରାମରେ ଛିଡ଼ାହୋଇଥିଲା। ଲଗାଣ ବର୍ଷା ଓ ପବନ ହେତୁ ଗାଡ଼ି ପାଖରେ ଥିବା ଏକ ବିରାଟ ଆମ୍ବ ଗଛ ଭୂଇଁରୁ ଉପୁଡ଼ି ଯାଇ ବସ୍ ଉପରେ ସଂପୂର୍ଣ୍ଣ ପଡ଼ିଯାଇଥିଲା।

## ନଳଗଜା ଉପେନ୍ଦ୍ରନାଥ କଲେଜ ପ୍ରାଧ୍ୟାପିକାଙ୍କୁ ବିଦାୟ ସମ୍ବର୍ଦ୍ଧନା




ରାସଗୋବିନ୍ଦପୁର,୨୯।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ନଳଗଜାସ୍ଥିତ ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଅଞ୍ଜଳି ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷକ, ଛାତ୍ରଛାତ୍ରୀ, ପ୍ରାକ୍ତନ ଛାତ୍ରଛାତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ତାଙ୍କର ଦୀର୍ଘଦିନର ଶିକ୍ଷାଦାନ ଓ ଅବଦାନକୁ ସ୍ମରଣ କରିଥିଲେ। ଉପେନ୍ଦ୍ରନାଥ ମହାବିଦ୍ୟାଳୟ ନଳଗଜା ମୟୂରଭଞ୍ଜର ଏକ ପ୍ରମୁଖ ଉଚ୍ଚଶିକ୍ଷା ଅନୁଷ୍ଠାନ।ଶିକ୍ଷା ବିଭାଗର ଅଧ୍ୟାପକଙ୍କ ପୌରାହିତ୍ୟରେ ଆୟୋଜିତ ସଭାରେ ପ୍ରାକ୍ତନ ଅଧ୍ୟାପକ କିଶାରାମ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଞ୍ଜଳି ମହାନ୍ତିଙ୍କ ଶିକ୍ଷା କ୍ଷେତ୍ରରେ ଅବଦାନର ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଅବନୀକାନ୍ତ ଗିରି ଏବଂ ଜୀବବିଜ୍ଞାନ ବିଭାଗର ମୁଖ୍ୟ ଡ. ସାଧନା ରାଉତ ଉପସ୍ଥିତ ରହି ତାଙ୍କ କର୍ମନିଷ୍ଠା, ଶୃଙ୍ଖଳା ଓ ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ଆନ୍ତରିକତା ବିଷୟରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଶିକ୍ଷା ବିଭାଗର ଟପ୍ପର ଭବଶଙ୍କର ସାହୁଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ମହାବିଦ୍ୟାଳୟର ପ୍ରିନ୍ସିପାଲ ଡ଼. ପ୍ରବୀର ପଟ୍ଟନାୟକଙ୍କ ସହ ବହୁ ପ୍ରାକ୍ତନ ଛାତ୍ରଛାତ୍ରୀ ଯୋଗଦେଇ ଅଞ୍ଜଳି ମହାନ୍ତିଙ୍କ ଗୁଣଗାନ କରିବା ସହ ଉପଢୌକନ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ତନୁଜା ମିଶ୍ର, ସୀମାରାଣୀ ଭଞ୍ଜ, ଶିକ୍ଷକ ବ୍ରଜମୋହନ ସାହୁ, ଗୋକୁଳ ସାହୁ, ମଳୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ସୂର୍ଯ୍ୟପ୍ରଭା ଗିରିଙ୍କ ଗୁରୁବନ୍ଦନା ସଙ୍ଗୀତରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଶେଷରେ ଭାବପ୍ରବଣ ପରିବେଶ ମଧ୍ୟରେ ଅଞ୍ଜଳି ମହାନ୍ତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇ ସମସ୍ତେ ତାଙ୍କ ସୁସ୍ଥ, ସୁଖମୟ ଓ ଦୀର୍ଘାୟୁ ଜୀବନ କାମନା କରିଥିଲେ।

## ହାତୀପଲ ଭାଙ୍ଗିଲେ ୮ ଘର



ଡୁରୁମୁଙ୍ଗା, ୨୯।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ହାତୀପଲଙ୍କ ଉପଦ୍ରବ ଜାରି ରହିଥିବା ବେଳେ ବିଳମ୍ବିତ ରାତିରେ ହାତୀପଲ ପାଟଣା ଓ ଖିରେଇଟାଙ୍ଗିରୀ ସେକ୍ସନ ଅଞ୍ଚଳରେ ୮ଟି ଘର ଭାଙ୍ଗି ଦେଇଛନ୍ତି। ଏକ ଗୋଠଛଡ଼ା ଦନ୍ତା ଭରାଣ୍ଡିଆ, ଗୋବରାବେଡା, ବୃନ୍ଦାବନପୁର, ଖମୁଆଁ ଗ୍ରାମରେ ଆତଙ୍କ ଖେଳାଇ ବୁଦ୍ଧଦେବ ମୁଣ୍ଡା, ରଞ୍ଜେଇ ନାଏକ, ଚନ୍ଦ୍ରିକା ନାଏକ ଏବଂ ବସନ୍ତ ବାରିକଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଦେଇଛି। ସେହିପରି ଖିରେଇଟାଙ୍ଗିରୀ ସେକ୍ସନରେ ୪ଟି ଘର ଭାଙ୍ଗିଦେଇଛନ୍ତି। ବନବିଭାଗ ପକ୍ଷରୁ ହାତୀପଲଙ୍କ ଗତିବିଧି ଉପରେ ନଜର ରଖାଯିବା ସହ କ୍ଷତିଗ୍ରସ୍ତଙ୍କୁ ତ୍ରିପ୍, ଚୁଲା ସହ ୧୦ କେଜି ଲେଖାଏଁ ଚାଉଳ ପ୍ରଦାନ କରାଯାଇଛି।

## ବୁଡ଼ିଗଲା ଅସ୍ଥାୟୀ ପୋଲ; ଧୋଇଗଲା ରାସ୍ତା

ଉଦଳା,୨୯।୭ (ସମିସ): ଲଗାଣ ବର୍ଷାରେ ଅସ୍ଥାୟୀ ପୋଲ ବୁଡ଼ିଯାଇଥିବାବେଳେ ରାସ୍ତା ଧୋଇଯାଇଛି। ଲଗାଣ ବର୍ଷା କାରଣରୁ ଦେଓ ନଦୀ ଫୁଲିବା ଦ୍ୱାରା ଏଭଳି ସମସ୍ୟା ଦେଖାଦେଇଛି। ଦେଓ ନଦୀ ଫୁଲିବା ଫଳରେ ଉଦଳା-ବାଲେଶ୍ୱର ରାସ୍ତାର କଇଁସାରିଠାରେ ଥିବା ଅସ୍ଥାୟୀ ପୋଲ ଉପରେ ୬ ଫୁଟରୁ ଅଧିକ ପାଣି ପ୍ରବାହିତ ହୋଇଛି। ଏଥିସହିତ ସମ୍ପୂର୍ଣ୍ଣ ବୁଡ଼ିଯାଇଛି ଅସ୍ଥାୟୀ ପୋଲ ଆଉ ପୋଲର ଉଭୟ ପାର୍ଶ୍ୱର ରାସ୍ତା ଧୋଇ ହୋଇଯାଇଛି। ଯାହା ଫଳରେ ଉଦଳା - ବାଲେଶ୍ୱର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏହା ସହିତ ଉଦଳା ଏବଂ ଗୋପବନ୍ଧୁ ନଗର ବ୍ଲକ୍‌ର ପ୍ରାୟ ୮ ପଞ୍ଚାୟତ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଧୀରେ ଧୀରେ ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ପୋଲ ବୁଡ଼ିବା ଆଉ ରାସ୍ତା ଧୋଇବା ଫଳରେ ଏହି ରାସ୍ତାରେ ଯାତାୟାତ ବନ୍ଦ ହୋଇଛି। ଅତ୍ୟନ୍ତ ଜରୁରୀ କାମ ପଡ଼ିଲେ ଲୋକେ ୨୫ କିଲୋମିଟର ବୁଲି ଅନ୍ୟ ରାସ୍ତାରେ ଯାଉଛନ୍ତି।



## ମହୁଲିମଦ ଓ ପୋଚ ସହ ବାଇକ୍ ଜବତ: ୩ ଗିରଫ

ହାଟଡ଼ିହୀ,୨୯।୭ (ସମିସ): ଅବକାରୀ ଉପଅଧୀକ୍ଷକ ଦିବ୍ୟରଞ୍ଜନ ଦିପଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଓ ହାଟଡିହୀ ଷ୍ଟାଫ୍‌ଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ସୁଆପୁର, ଚଉମୁହି, ଗୋହିରା ଓ ଘସିପୁରା ଥାନାଞ୍ଚଳରେ ଚଢ଼ଉ କରି ୩୦୨ ଲିଟର ଦେଶୀ ମହୁଲିମଦ ଓ ୩୨୦୦ ଲିଟର ମହୁଲ ପୋଚ ଜବତ କରିଛନ୍ତି। ଏଥିରେ ଏକ ବାଇକ୍ ଜବତ କରାଯାଇଛି। ଜବତ ଦେଶୀ ମହୁଲିମଦ ଓ ମହୁଲ ପୋଚ ଓ ବାଇକର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଉକ୍ତ ଚଢ଼ଉରେ ହାଟଡିହୀ ଉପନିରୀକ୍ଷକ ରାକେଶ ଖୁଣ୍ଟିଆ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ପ୍ରମୁଖ ସାମିଲ ଥିଲେ। ଏନେଇ ଆନନ୍ଦପୁର ଅବକାରୀ ରେଞ୍ଜ ପକ୍ଷରୁ ୪ଟି ମାମଲା ରୁଜୁ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି।

## ଟ୍ରେଞ୍ଚରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଡୁରୁମୁଙ୍ଗା, ୨୯।୭ (ସମିସ): ପାଟଣା ଥାନା ବଡ଼ବିଲ ଗ୍ରାମର ପ୍ରଧାନସାହିର ଅବିବାହିତ ମହିଳା ଦ୍ରୌପଦୀ ମହାନ୍ତ (୪୭)ଙ୍କ ମୃତଦେହ ବୁଧବାର ଜଙ୍ଗଲ ନିକଟ ଏକ ଟ୍ରେଞ୍ଚରୁ ଉଦ୍ଧାର ହୋଇଛି। ସେ ତିନିଦିନ ପୂର୍ବରୁ ନିଖୋଜ ଥିଲେ। ବୁଧବାର ବଡ଼ବିଲ ଗାଁ ନିକଟ ଜଙ୍ଗଲରୁ ଟ୍ରେଞ୍ଚ ଖାଲ ଭିତରେ ମୃତଦେହ ଦେଖି ଗ୍ରାମବାସୀ ପୁଲିସ ଖବର ଦେଇଥିଲେ। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବନ ବିଭାଗ ଖୋଳିଥିବା ଟ୍ରେଞ୍ଚ ଖାଲରେ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିବା ଜୀବନ ହରାଇଥିବା ଜଣାପଡ଼ିଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବୁଡ଼ିଛି ନଈକୂଳିଆ ଚାଷୀଙ୍କ ଘର, ଜମି



ଆନନ୍ଦପୁର, ୨୯।୭ (ସମିସ): ଆନନ୍ଦପୁର ରିଙ୍ଗବନ୍ଧ ଭାଙ୍ଗି ବନ୍ୟା ଜଳ ପଶିଆସିବାରୁ ନଈକୂଳ ଚାଷ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ଜଳରେ ଆଳିଆ ସାହିର ଅନନ୍ତ ସିଂହ ଅଚ୍ୟୁତ ସିଂହ ନାରାୟଣ ରାଜ କୃପାସିନ୍ଧୁ ରାମ ମାଳି ସାହିର କାଳିଆ ରଣା କୃପାସିନ୍ଧୁ ରଣା ଜୟରାମ ଦାସ ରାଜପୁତ ସାହିର ବିଶୁରାମ ବୁଦ୍ଧିଆ ରାମ ମୁଟୁ ରାମ ପହଲା ରାମ ଚେହେରୁ ରାମ ଓ ଅମୀୟ ପଣ୍ଡାଙ୍କ ପନିପରିବା ଫସଲ ବୁଡିରହିଛି। ବ୍ୟାଙ୍କରୁ ଋଣ କରି ଚାଷ କରିଥିବା ଚାଷୀମାନେ ହତାଶ ହୋଇପଡିଛନ୍ତି। ବିଳମ୍ବିତ ରାତିରେ ବନ୍ୟା ଜଳ ପଶିଆସିବାରୁ ଲୋକେ ଘର ଚାଳ ଉପରକୁ ଚଢିଯାଇଥିଲେ ପରେ ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରିଛି। ବନ୍ୟା ଜଳ ନିଷ୍କାସନ କରିବା ଦିଗରେ ବିହିତ ପଦକ୍ଷେପ ନେବାକୁ କଂଗ୍ରେସ ନେତା ଜୟଦେବ ଜେନା କେନ୍ଦୁଝର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି।

# ନଦପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବଜ୍ରପାତ ବଳିଦାନ ଦିବସ

## ବଜ୍ରପାତରେ ଲୋଟିପଡ଼ିଥିଲେ ୧୦ ନିରୀହ ଶିଶୁ

ବେତନଟୀ,୨୯।୭ (ସମିସ)



କାଳର କୃଷ୍ଣପଟ୍ଟରେ ଯେତେବେଳେ ପ୍ରକୃତିର ତାଣ୍ଡବଲୀଳା କରାଳ ରୂପ ଧାରଣ କରେ, ସେତେବେଳେ ସୃଷ୍ଟି ହୁଏ ଅଭୁଲା ଅଶ୍ରୁର ଇତିହାସ। ଆଜି ଥିଲା ସେମିତି ଏକ ଦିନ। ଯେଉଁଦିନ ବଜ୍ରପାତରେ ଅକାଳରେ ଲୋଟିପଡ଼ିଥିଲା ୧୦ ନିରୀହ ଶିଶୁଙ୍କ ଶରୀର। ଏହି ଦିନକୁ ମନେ ପକାଇ ନଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ୪୧ତମ ସ୍ମୃତି-ତର୍ପଣ ଓ ସ୍ମାରକୀ ସଭା। ଜୁଲାଇ ୨୯ ତାରିଖର ସେହି ଦିନକୁ ମନେପକାଇ ଶୋକାକୁଳ ହୋଇଉଠିଥିଲା ବିଦ୍ୟାଳୟ ପ୍ରାଙ୍ଗଣ। ଶ୍ରଦ୍ଧାଞ୍ଜଳି ସଭାର ପ୍ରାରମ୍ଭରେ ଅମର ଆତ୍ମାଙ୍କ ଉଦ୍ଦେଶ୍ୟରେ ଅଶ୍ରୁଳ ତର୍ପଣ ଅର୍ପଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ରଙ୍କ ସଭାପତିତ୍ୱରେ ଏହି ଭାବଗମ୍ଭୀର ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଦାୟିତ୍ୱକୁ ଅତ୍ୟନ୍ତ ସୁଚାରୁ ଓ ଶୃଙ୍ଖଳିତ ଭାବେ ସମ୍ପାଦନ କରିଥିଲେ ସୁରେଶ କୁମାର ବେହେରା ଓ ନିତ୍ୟାନନ୍ଦ ସାହୁ।

ଏହି ସ୍ମୃତି ସଭାରେ ମୟୂରଭଞ୍ଜ ଓଷ୍ଟାର ସମ୍ପାଦକ କିଶୋର ଆଚାର୍ଯ୍ୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଇଓ) ଅପର୍ଣ୍ଣା ସାହୁ, ଅବସରପ୍ରାପ୍ତ ଅଧିକାରୀ ରମାକାନ୍ତ ମହାନ୍ତି, ସମାଜସେବୀ ତଥା ପ୍ରାକ୍ତନ ଶିକ୍ଷକ ବିଷ୍ଣୁଚରଣ ସାହୁ, ଭୀମଚରଣ ପାତ୍ର, ନଦପୁର ସିଆର୍‌ସିସି ଗଙ୍ଗାଧର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ସରୋଜିନୀ ମହାନ୍ତ, ଓଷ୍ଟା ବ୍ଲକ୍ ସଭାପତି ଶିଶିର ନାୟକ, ସମାଜସେବୀ ପ୍ରକାଶ ଚନ୍ଦ୍ର ମହାପାତ୍ର ଏବଂ ଏସ୍‌ଏମ୍‌ସି ଉପ-ସଭାନେତ୍ରୀ ରଶ୍ମିତା କରଣ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାକୁସୁମ ଅର୍ପଣ କରିଥିଲେ। ଅତିଥିଗଣ ନିଜ ନିଜ ବକ୍ତବ୍ୟରେ କହିଥିଲେ ଯେ, "କାଳର କରାଳ ଗ୍ରାସରେ ସେଦିନ ଝଡ଼ିପଡ଼ିଥିବା ୧୦ଟି କଳିକା ଆଜି ବି ଆମ ହୃଦୟରେ ଅମର। ସେମାନଙ୍କ ବିଚ୍ଛେଦର ବେଦନା ଆଜି ବି ବିଦ୍ୟାଳୟର ପ୍ରତିଟି କୋଣରେ ଗୁଞ୍ଜରିତ ହୁଏ।' ସେମାନଙ୍କ ସ୍ମୃତିକୁ ଜୀବନ୍ତ ରଖିବା ସହ ବଜ୍ରପାତ ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଏହି ସଭାର ମୂଳ ଲକ୍ଷ୍ୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସଭାର ଶେଷ ପର୍ଯ୍ୟାୟରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଶ୍ରୁଳ ନୟନ ଓ ନିରବ ପ୍ରାର୍ଥନା ମଧ୍ୟରେ ଏହି ସ୍ମୃତି ସଭା ଉଦ୍‌ଯାପିତ ହୋଇଥିଲା।

## ନିଖୋଜ ଉର୍ମିଳାଙ୍କ ପରିବାରକୁ ଭେଟିଲେ ବିଧାୟକ

ଆନନ୍ଦପୁର, ୨୯।୭ (ସମିସ): କେନ୍ଦୁଝର ଜିଲ୍ଲାର ରେମାଳ ନଦୀରେ ଭାସିଯାଇ ନିଖୋଜ ଥିବା କେଶଦୁରାପାଳ ଗ୍ରାମର ଉର୍ମିଳାଙ୍କ ପିତା କୁଳମଣି ପାତ୍ରଙ୍କ ପରିବାର ବର୍ଗଙ୍କୁ ସାକ୍ଷାତ କରି ସମବେଦନା ଜଣାଇଛନ୍ତି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର। କୁଳମଣିଙ୍କ ଝିଅ ଉର୍ମିଳା ପାତ୍ର (୨୪) ରେମାଳ ନଦୀର କେଶଦୁରାପାଳ ପାତ୍ରସାହି ଘାଟରେ ଗାଧେଇବା ପାଇଁ ଯାଇ ବୁଡି ଯାଇ ଭାସି ଯାଇଥିଲେ। ଖୋଜାଖୋଜି ପରେ ବି ଉର୍ମିଳାଙ୍କ ବର୍ତ୍ତମାନ ସୁଦ୍ଧା ପତ୍ତା ମିଳିପାରି ନାହିଁ। କୌଣସି ଓଡ୍ରାଫ ଟିମ ପହଞ୍ଚି ନାହାନ୍ତି। ଅନ୍ୟପକ୍ଷରେ ଉର୍ମିଳାଙ୍କ ବାପା ଓ ପରିବାର ଲୋକେ ସହାୟତା ପାଇଁ ସରକାରଙ୍କୁ ଗୁହାରି କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଐତିହ୍ୟ

- ୧୮୮୨- ସ୍ୱାଧୀନତା ସଂଗ୍ରାମୀ ସତ୍ୟେନ୍ଦ୍ର ନାଥ ବୋଷଙ୍କ ଜନ୍ମ।
- ୧୮୮୬- ଦେଶର ପ୍ରଥମ ମହିଳା ଡାକ୍ତର ତଥା ପ୍ରଥମ ବିଧାୟିକା ଡଃ ଏସ୍. ମୁଥୁଲକ୍ଷ୍ମୀ ରେଡ୍ଡୀଙ୍କ ଜନ୍ମ।
- ୧୯୦୯- ରାଇଟ୍ ବ୍ରଦର୍ସ ସେନା ପାଇଁ ପ୍ରଥମ ବିମାନ ତିଆରି କଲେ।
- ୧୯୬୬- ଇଂଲଣ୍ଡ ପ୍ରଥମ ଥର ପାଇଁ ଫୁଟବଲ୍ ବିଶ୍ୱକପ୍ ଜିତିଲା।
- ୨୦୧୨- ଆନ୍ଧ୍ରପ୍ରଦେଶର ଏକ ରେଳଗାଡ଼ିରେ ନିଆଁ ଲାଗିବା ଯୋଗୁଁ ୩୨ ଜଣଙ୍କର ମୃତ୍ୟୁ, ୨୭ ଜଣ ଆହତ।



## ବଢ଼ୁଛି ଗଣେଶଙ୍କ ମୂର୍ତ୍ତିର ଆକାର

କାନିପକମ୍ ବିନାୟକ ମନ୍ଦିର ଆନ୍ଧ୍ରପ୍ରଦେଶର ଚିତ୍ତୁର ଜିଲ୍ଲାରେ ଅବସ୍ଥିତ ଏକ ପ୍ରସିଦ୍ଧ ମନ୍ଦିର। ଏହି ମନ୍ଦିର ନିଜର ଚମତ୍କାରିତା ଏବଂ ସ୍ୱୟଂଭୂ ମୂର୍ତ୍ତି ପାଇଁ ସାରା ଦେଶରେ ପରିଚିତ। ଏଠାରେ ପୂଜା ପାଉଥିବା ଭଗବାନ ଗଣେଶଙ୍କ ମୂର୍ତ୍ତି ମାନବ ନିର୍ମିତ ନୁହେଁ, ଏହା କୂଅ ଭିତରୁ ସ୍ୱୟଂ ପ୍ରକଟ ହୋଇଥିଲା ବୋଲି କୁହାଯାଏ। ଭକ୍ତମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି ଯେ, ବିନାୟକଙ୍କ ମୂର୍ତ୍ତିର ଆକାର ଦିନକୁ ଦିନ ବୃଦ୍ଧି ପାଉଛି। କୁହାଯାଏ ଯେ, କିଛି ଦଶନ୍ଧି ପୂର୍ବେ ଭଗବାନଙ୍କ ପାଇଁ ତିଆରି ହୋଇଥିବା ରୂପା କବଚ ଏବେ ତାଙ୍କ ଶରୀରରେ ଫିଟ୍ ହେଉନାହିଁ। ଏପରିକି ଚାରିପାର୍ଶ୍ୱରୁ ଭଗବାନ ଗଣେଶଙ୍କ ମୂର୍ତ୍ତିର ଆକାର ବଢ଼ୁଥିବାରୁ ପୋଷାକ ମଧ୍ୟ ଛୋଟ ହେଉଛି। ଏଣୁ ଏବେ ଗଣେଶଙ୍କ ପାଇଁ ବଡ଼ ଗହଣା ଓ କବଚ ତିଆରି କରାଯାଉଛି। ସେହିପରି ମନ୍ଦିର ଇତିହାସ ବି ଖୁବ୍ ରୋଚକପୂର୍ଣ୍ଣ। ଏହି ମୂର୍ତ୍ତି କୌଣସି ମୂର୍ତ୍ତିକାରଙ୍କ ଦ୍ୱାରା ଖୋଦିତ ହୋଇ ନାହିଁ, ବରଂ ଏହା ଆପେ ଆପେ ଭୂମିରୁ ବାହାରିଛି। କୁହାଯାଏ, ବହୁ ବର୍ଷ ତଳେ ଏହି ଅଞ୍ଚଳର ଲୋକେ ଏକ କୂଅ ଖନନ କରୁଥିଲେ। ଖନନ ସମୟରେ ଅଚାନକ କୂଅ ଭିତରୁ ରକ୍ତ ବାହାରିଲା। ଏହା ଭିତରକୁ ଲୋକେ ଦେଖିବାରୁ ଭଗବାନ ଗଣେଶଙ୍କ ସୁନ୍ଦର ମୂର୍ତ୍ତି ଦେଖିବାକୁ ପାଇଲେ। ଏହାପରେ ଲୋକେ ଏହାକୁ ଠାକୁରଙ୍କ ଚମତ୍କାରିତା ବୋଲି ଭାବିଲେ ଏବଂ କୂଅ ଉପରେ ଏହି ଭବ୍ୟ ମନ୍ଦିର ସୃଷ୍ଟି ହେଲା। ତେବେ ମୂର୍ତ୍ତିର ଆକାର ବଢ଼ିବା ଖବର ଯେବେ ପ୍ରସାରିତ ହେଲା, ବୈଜ୍ଞାନିକମାନେ ବି ଏହାର ପରୀକ୍ଷା କରିବାକୁ ପହଞ୍ଚିଲେ। ଗବେଷକ ପଥରକୁ ପରୀକ୍ଷା କରିବା ସତ୍ତ୍ୱେ ବି ସେମାନଙ୍କୁ ଏନେଇ କୌଣସି ଠୋସ୍ ପ୍ରମାଣ ମିଳିପାରିଲା ନାହିଁ। ଦେଶର କୋଣ ଅନୁକୋଣରୁ ଏହି ଚମତ୍କାରିତା ଦେଖିବା ପାଇଁ ଲୋକେ ଏଠାରେ ପହଞ୍ଚିଥାନ୍ତି। ତିରୁପତି ଯିବା ପୂର୍ବରୁ ଭକ୍ତମାନେ ଏହି ବିନାୟକ ମନ୍ଦିର ପରିଦର୍ଶନ କରି ଭଗବାନ ଗଣେଶଙ୍କ ଦର୍ଶନ ଲାଭ କରନ୍ତି। ବିଶ୍ୱାସ ରହିଛି, ଏଠାକୁ ଆସୁଥିବା ଭକ୍ତଙ୍କ ସମସ୍ତ ଦୁଃଖ ଦୂର ହୁଏ। ଏଠାରେ ଗଣେଶ ଚତୁର୍ଥୀରୁ ୨୦ ଦିନ ଧରି ବ୍ରହ୍ମୋତ୍ସବ ପାଳନ କରାଯାଏ। କିମ୍ବଦନ୍ତୀ କୁହେ, ବ୍ରହ୍ମା ଥରେ ପୃଥିବୀକୁ ଆସିଥିଲେ ଏବଂ ସେହିଦିନଠାରୁ ଏହି ମନ୍ଦିରରେ ୨୦ ଦିନିଆ ବ୍ରହ୍ମୋତ୍ସବ ପାଳନ କରାଯାଏ।

## ସୁରକ୍ଷା ଓ ସାହସର ପ୍ରତୀକ 'ବାଡ଼ି-ଚଲା'



ଫିଲ୍ମ ହେଉ କିମ୍ବା ସର୍କସ୍ ଷ୍ଟଣ୍ଟ ଦେଖାଇବା ଉଦ୍ଦେଶ୍ୟରେ ଲୋକେ ଲମ୍ବା ବାଡ଼ିରେ ଚାଲିଥାନ୍ତି। ହେଲେ ଇଥୋପିଆର ଓମୋ ଉପତ୍ୟକାରେ ବାସ କରୁଥିବା ବାନ୍ନା ଜନଜାତିର ଲୋକେ (ବିଶେଷକରି ଯୁବକ ଓ ପିଲାମାନେ) ନିତିଦିନ ବାଡ଼ି ସାହାଯ୍ୟରେ ଚାଲିଥାନ୍ତି। ତେବେ ଲମ୍ବା କାଠ ବା ବାଡ଼ିରେ ସନ୍ତୁଳନ ବଜାୟ ରଖିବା ଆଦୌ ସହଜ ନୁହେଁ। ଏଥିପାଇଁ ଶାରୀରିକ ଶକ୍ତି, ଉତ୍ତମ ସନ୍ତୁଳନ ଏବଂ ନିରନ୍ତର ଅଭ୍ୟାସ ଦରକାର। ଏଥିପାଇଁ ବାନ୍ନା ଜନଜାତିର ପିଲାମାନେ ଅତି ଛୋଟ ବୟସରୁ ତାଲିମ ନେଇଥାନ୍ତି। କିଛି ବର୍ଷର ପରିଶ୍ରମ ପରେ ସେମାନେ ଏହି କଳାରେ ସମ୍ପୂର୍ଣ୍ଣ ପାରଙ୍ଗମ ହୋଇଯାଆନ୍ତି। ବାନ୍ନା ଜନଜାତିର ଲୋକଙ୍କ ପାଇଁ ଏହି ବାଡ଼ି କେବଳ ଏକ ଖେଳ ବା ପରମ୍ପରା ନୁହେଁ, ବରଂ ଜୀବନ ବଞ୍ଚାଇବା ଏବଂ ନିଜର ଜୀବିକା ରକ୍ଷା କରିବାର ଏକ ବଡ଼ ମାଧ୍ୟମ। ଏହି ଜନଜାତିର ଶିଶୁମାନଙ୍କୁ ମାତ୍ର ୩ ରୁ ୫ ବର୍ଷ ବୟସରୁ ବାଡ଼ି ଉପରେ ଶ ର ୀ ର ର ଭାରସାମ୍ୟ ରଖିବା ଶିଖାଯାଏ। ପ୍ରଥମେ ସେମାନେ ଛୋଟ ବାଡ଼ିରୁ ଆରମ୍ଭ କରନ୍ତି ଏବଂ ବୟସ ବଢ଼ିବା ସହିତ ବାଡ଼ିର ଉଚ୍ଚତା ମଧ୍ୟ ବଢ଼ିଥାଏ। ସେମାନେ ଧୀରେଧୀରେ ଏଥିରେ ଏତେ ପାରଙ୍ଗମ ହୋଇଯାନ୍ତି ଯେ, ବାଡ଼ି ସାହାଯ୍ୟରେ ସହଜରେ ଦୌଡ଼ିପାରନ୍ତି, ଡେଇଁପାରନ୍ତି ଏବଂ ଶିକାର ମଧ୍ୟ କରିପାରନ୍ତି। ଏହି ବାଡ଼ିଗୁଡ଼ିକୁ ଶକ୍ତ କାଠରେ ହାତରେ ତିଆରି କରାଯାଏ। ଏହାର ଉଚ୍ଚତା ସାଧାରଣତଃ ୧ ମିଟରରୁ ନେଇ ୩ ମିଟର ପର୍ଯ୍ୟନ୍ତ ହୋଇଥାଏ। ଗଛର ଦୁଇଟି ଡାଳ କାଟି, ସେଥିରେ ପାଦ ରଖିବା ପାଇଁ ଥାକ ତିଆରି କରାଯାଇଥାଏ। ଓମୋ ଉପତ୍ୟକାରେ ବହୁତ ଲମ୍ବା ଏବଂ ଘଞ୍ଚ ଘାସ ଥାଏ। ଭୂମିରେ ଠିଆ ହେଲେ ଦୂର ଜିନିଷ ଦେଖାଯାଏ ନାହିଁ। ୮-୧୦ ଫୁଟ ଉଚ୍ଚ ବାଡ଼ି ଉପରେ ଠିଆ ହେବା ଦ୍ୱାରା ସେମାନଙ୍କୁ ଏକ ପ୍ରାକୃତିକ ୱାଚ୍ ଟାୱାର ମିଳିଯାଏ, ଯେଉଁଠାରୁ ସେମାନେ ମାଇଲ୍ ମାଇଲ୍ ଦୂର ପର୍ଯ୍ୟନ୍ତ ସହଜରେ ନଜର ରଖିପାରନ୍ତି। ଏହାବାଦ୍ ଉଚ୍ଚରେ ରହିବା ଦ୍ୱାରା ବାଘ, ସିଂହମାନଙ୍କର ଗତିବିଧି ଦୂରରୁ ଜଣାପଡ଼ିଯାଏ, ଯାହାଦ୍ୱାରା ନିଜକୁ ଏବଂ ନିଜ ଗୋରୁଗାଈଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ସମୟ ସେମାନଙ୍କୁ ମିଳିଯାଏ। ବେଳେବେଳେ ଘଞ୍ଚ ଜଙ୍ଗଲ କିମ୍ବା ଉଚ୍ଚା ଘାସ ଭିତରେ କିଛି ଗାଈ କିମ୍ବା ଛେଳି ଦଳରୁ ଅଲଗା ହୋଇ ହଜିଯାନ୍ତି। ଉଚ୍ଚରେ ଠିଆ ହୋଇ ସେମାନଙ୍କୁ ଖୋଜିବା ଏବଂ ସେମାନଙ୍କ ଉପରେ ନଜର ରଖିବା ବହୁତ ସହଜ ହୋଇଥାଏ। ବାନ୍ନା ସମାଜରେ ଏହି କଳାକୁ ଯୁବାବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ଭାବେ ଦେଖାଯାଏ। ଯେଉଁ ଯୁବକମାନେ ଉଚ୍ଚା ବାଡ଼ି ଉପରେ ସବୁଠାରୁ ସୁନ୍ଦର ଭାବେ ଏବଂ ଅଧିକ ସମୟ ନିଜର ଭାରସାମ୍ୟ ରକ୍ଷା କରି ଚାଲିପାରନ୍ତି, ସେମାନଙ୍କୁ ସମାଜରେ ଅଧିକ ସାହସୀ ଓ ଦାୟିତ୍ୱବାନ ମନାଯାଏ।



## 'ଚୌହାନ୍'ରେ ବିକ୍ରାନ୍ତ

ବଲିଉଡ୍ ଅଭିନେତା ବିକ୍ରାନ୍ତ ମେସି ଏବେ ତାଙ୍କର ୱେବ୍ ସିରିଜ୍ 'ମୁସାଫିର କାଫେ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହା ନିକଟରେ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହୋଇଛି। ଏହି ରୋମାଣ୍ଟିକ୍ ସିରିଜ୍‌କୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ଇତିମଧ୍ୟରେ, ବିକ୍ରାନ୍ତଙ୍କର ଚଳିତ ବର୍ଷର ସବୁଠାରୁ ବଡ଼ ଆକ୍ସନ୍ ଫିଲ୍ମରେ ଏଣ୍ଟ୍ରି ହୋଇଥିବା ନେଇ ଖବର ଆସିଛି। ଅଜୟ ଦେବଗନଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଚୌହାନ'ରେ ବିକ୍ରାନ୍ତଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ବିକ୍ରାନ୍ତଙ୍କ ଭୂମିକା ଫିଲ୍ମରେ ଏକ ବଡ଼ ଟ୍ୱିଷ୍ଟ ଆଣିବ ବୋଲି କୁହାଯାଉଛି। ବିକ୍ରାନ୍ତ ଏଥିରେ ଖଳନାୟକ ଭାବେ ଦେଖାଯିବେ ବୋଲି ଜଣାପଡ଼ିଛି। ଏଥିରେ ଅଜୟଙ୍କୁ ସେ ମୁକାବିଲା କରୁଥିବାର ଦେଖାଯିବେ। ବିକ୍ରାନ୍ତଙ୍କୁ ଏହାର କାହାଣୀ ଭଲ ଲାଗିବା ସହ ସେ ତୁରନ୍ତ ଏଥିରେ କାମ କରିବା ପାଇଁ ରାଜି ହୋଇ ଯାଇଥିବା ଜଣାପଡ଼ିଛି। 'ଚୌହାନ'ର ସୁଟିଂ ଚଳିତବର୍ଷ ଶେଷ ଆଡ଼କୁ ଆରମ୍ଭ ହେବ। ଏହାକୁ ଆସନ୍ତାବର୍ଷ ଅକ୍ଟୋବରରେ ରିଲିଜ୍ କରାଯିବ। ଏବେ ଏହାର ପ୍ରିପ୍ରଡକ୍ସନ୍ କାମ ଜୋରସୋରରେ ଚାଲିଛି। ନୀରବ ଯାଦବ ଏହାର ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହା ଆସନ୍ତା ବର୍ଷ ୧ ଅକ୍ଟୋବରରେ ରିଲିଜ୍ ହେବ। ଏହାର ପ୍ରଯୋଜନା ଦାୟିତ୍ୱରେ 'ଜିୟୋ ଷ୍ଟୁଡିଓ' ଓ 'କଲର୍ ୟେଲୋ ପ୍ରଡକ୍ସନ୍' ରହିଛି।

# ସୁଶ୍ରୀ

## ବର୍ଷାଦିନେ ରେନ୍‌କୋଟ୍ ଷ୍ଟାଇଲିଂ ଟିପ୍ସ



ବର୍ଷାରୁ ସୁରକ୍ଷା ପାଇଁ ମହିଳାମାନେ ଛତା ଏବଂ ରେନ୍‌କୋଟ୍ ବ୍ୟବହାର କରିଥାନ୍ତି। ଅନେକେ ବର୍ଷାରେ ରେନ୍‌କୋଟ୍ ପିନ୍ଧିଲେ ଷ୍ଟାଇଲ୍ ବିଗିଡ଼ିଯାଏ ବୋଲି ଭାବନ୍ତି। ହେଲେ କିଛି ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ଉପଯୋଗ କରି ଏହାକୁ ପିନ୍ଧିପାରିବେ। ଏହା ବୋରିଙ୍ଗ୍ ରେନ୍‌କୋଟ୍‌କୁ ଆକର୍ଷଣୀୟ କରିଥାଏ।

**ଟ୍ରାନ୍ସପ୍ୟାରେଣ୍ଟ**

ସାଲୱାର୍ ସୁଟ୍ କିମ୍ବା କୁର୍ତ୍ତୀ ଜିନ୍ସ ପିନ୍ଧି ଅଫିସ୍ ଯାଉଥିଲେ ଏହା ସହ ମ୍ୟାଚିଙ୍ଗ୍ କରି ରଙ୍ଗିନ୍ ଟ୍ରାନ୍ସପ୍ୟାରେଣ୍ଟ ରେନ୍‌କୋଟ୍ ପିନ୍ଧିପାରିବେ। ଏହା ସୁନ୍ଦର ଏବଂ ଆକର୍ଷଣୀୟ ଦିଶିଥାଏ। ଏହା ଡ୍ରେସ୍‌ର ଷ୍ଟାଇଲ୍‌କୁ ଅଧିକ ହାଇଲାଇଟ୍ କରିଥାଏ। ସେହିପରି ବର୍ଷା କମ୍ ଥିଲେ ଏହି ଚେନ୍ ଖୋଲି ସ୍ରଗ୍ ଭଳି ମଧ୍ୟ ଷ୍ଟାଇଲ କରିପାରିବେ।

**ଓଭର୍‌ସାଇଜ୍ ରେନ୍‌କୋଟ୍**

ଟ୍ରେଣ୍ଡ ଅନୁଯାୟୀ ଅଧିକାଂଶ ମହିଳା ଢିଲା ପୋଷାକ ପିନ୍ଧିବାକୁ ପସନ୍ଦ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏବେ ଓରସାଇଜ୍ ରେନ୍‌କୋଟ୍ ମଧ୍ୟ ଲୋକପ୍ରିୟ ରହିଛି। ବର୍ଷାଦିନେ କୁଲ୍ ଷ୍ଟ୍ରିଟ୍ ଲୁକ୍ ଚାହୁଁଥିଲେ ଏହା ପିନ୍ଧିପାରିବେ।

## କେଶ ପାଇଁ ଗ୍ରୀନ୍ -ଟି


ସାଧାରଣତଃ ଗ୍ରୀନ୍ ଟି ଓଜନ ହ୍ରାସ କରିବା ସହ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। କେବଳ ଶରୀର ନୁହେଁ, ଏହା କେଶ ପାଇଁ ମଧ୍ୟ ଉପକାରୀ ହୋଇଥାଏ। ଏଥିରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଏବଂପୋଷକ ତତ୍ତ୍ୱ ଥାଏ। ଯାହା କେଶ ଏବଂ ସ୍କାଲପ ପାଇଁ ଗୁଣକରୀ ହୋଇଥାଏ।

**କେଶ ହେବ ମଜବୁତ୍**

ଧୂଳି, ପ୍ରଦୂଷଣ ଏବଂ ଷ୍ଟାଇଲିଙ୍ଗ୍ ଯୋଗୁ କେଶ ଶୁଷ୍କ ଏବଂ ଦୁର୍ବଳ ହୋଇଯାଏ। ତେଣୁ କେଶ ସଫା କରି ଗ୍ରୀନ୍‌ଟି ଲଗାଇ ଧୋଇଲେ ଏହା ଗୁଣକାରୀ ହୋଇଥାଏ। ଏଥିପାଇଁ ଗୋଧୋଇବା ପୂର୍ବରୁ ଗରମପାଣିରେ ଗ୍ରୀନ୍‌ଟି ଫୁଟାନ୍ତୁ। କେଶକୁ ସାମ୍ପୁକରି ଏହାକୁ ଲଗେଇ ହାଲୁକା ହାତରେ ମସାଜ୍ କରି ଧୋଇ ଦିଅନ୍ତୁ।

**ରୂପି ସମସ୍ୟା ଦୂର**

ଏହା କେଶରେ ଥିବା ଅତିରିକ୍ତ ତେଲ, ଧୂଳି ,ମଳିକୁ ଦୂର କରିବାରେ ସହାୟକ ହୋଇଥାଏ। ସପ୍ତାହରେ ଥରେ ଗ୍ରୀନ୍ ଟି, ମହୁ ଏବଂ ଦହି ହେୟାର୍ ପ୍ୟାକ୍ ଲଗାଇପାରିବେ। ଏଥିପାଇଁ ଦୁଇ ବଡ଼ ଚାମଚ ଦହି, ଏକ ଚାମଚ ମହୁ, ଏବଂ ଏକ ଚାମଚ ଗ୍ରୀନ୍‌ଟି ମିଶାଇ ପେଷ୍ଟ ବନାନ୍ତୁ। ଏହାକୁ ଲଗାଇ ଏକ ଘଣ୍ଟା ରଖି ସଫା କରି ଦିଅନ୍ତୁ।



## ହଜିଯାଉଥିବା ସ୍ୱାଦ

### ପୋଇ ଚିଙ୍ଗୁଡ଼ି ବରା



**ଆବଶ୍ୟକ ସାମଗ୍ରୀ**

ଚିଙ୍ଗୁଡ଼ି – ୨୫୦ ଗ୍ରାମ୍, ପୋଇପତ୍ର– ଅଳ୍ପ, ବେସନ – ଅଧା କପ୍, କଟା ପିଆଜ – ଅଧା କପ୍, କଞ୍ଚାଲଙ୍କା– ଗୋଟିଏ, ଜିରା - ଅଧା ଚାମଚ, ଅଦା– ଖଣ୍ଡେ, ଧନିଆ ପତ୍ର – ଅଳ୍ପ, ହଳଦୀ ଗୁଣ୍ଡ - ଅଧା ଚାମଚ, ଲଙ୍କା ଗୁଣ୍ଡ - ଅଧା ଚାମଚ, ଲୁଣ- ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳି**

ପ୍ରଥମେ ଚିଙ୍ଗୁଡ଼ିକୁ ଧୋଇ ଲୁଣ ହଳଦୀ ଦେଇ ରଖନ୍ତୁ। ଏହାପରେ ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦେଇ ଚିଙ୍ଗୁଡ଼ି ପିଆଜ, ଧନିଆ, ଲଙ୍କା ଦେଇ ଭଲରେ ଭାଜି ପ୍ଲେଟ୍‌କୁ କାଢ଼ନ୍ତୁ। ଏହାପରେ ଏକ ପାତ୍ରରେ ବେସନ, ଲଙ୍କା ଗୁଣ୍ଡ, ହଳଦୀଗୁଣ୍ଡ ଦେଇ ପତଳା ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ପୋଇପତ୍ରକୁ ଧୋଇ ମଝିରେ ଭଜା ଚିଙ୍ଗୁଡ଼ି ଦେଇ ଉପରେ ଆଉ ଏକ ପତ୍ର ରଖି ବେସନରେ ବୁଡ଼ାନ୍ତୁ। ଏହାକୁ ପ୍ୟାନରେ ଅଳ୍ପ ତେଲ ଦେଇ ଗୋଟି ଗୋଟି କରି ଭାଜନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ପୋଇ ଚିଙ୍ଗୁଡ଼ି ବରା'।

## ଆତ୍ମନିର୍ଭର କରିଛି ଝୋଟ



ଆତ୍ମନିର୍ଭର ଭାରତ ଅଭିଯାନ ଅନୁଯାୟୀ, ମହିଳାମାନେ ଏବେ ଖାଲିରେ ନ ବସି ଅର୍ଥ ଉପାର୍ଜନକୁ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ହସ୍ତଶିଳ୍ପ, କୁଟୀର ଶିଳ୍ପ ଭଳି ବ୍ୟବସାୟ କରି ରୋଜଗାରକ୍ଷମ ହୋଇପାରୁଛନ୍ତି। ଏହି କ୍ରମରେ ଝାଡ଼ଖଣ୍ଡ କୋଡରମା ଜିଲ୍ଲାର ମହିଳାମାନେ ଝୋଟ ହସ୍ତଶିଳ୍ପରୁ ଭଳିକି ଭଳି ଘର ସଜ୍ଜା ଉପକରଣ, ବ୍ୟାଗ୍, ଫାଇଲ୍ କଭର୍ ସମେତ ମୋବାଇଲ୍ ଷ୍ଟାଣ୍ଡ ପ୍ରସ୍ତୁତ କରି ଆତ୍ମନିର୍ଭର ହୋଇଛନ୍ତି। ଏହାଦ୍ୱାରା ସେମାନେ ପରିବେଶ ସଚେତନତା ବାର୍ତ୍ତା ଦେଉଛନ୍ତି।

**ଝୋଟ ହସ୍ତଶିଳ୍ପର ବିଶେଷତା-**

ବିଶେଷତା ଅନୁଯାୟୀ ଝୋଟ ପରିବେଶ ଅନୁକୂଳ ହେବା ସହ ଦୀର୍ଘସ୍ଥାୟୀ ହୋଇଥାଏ। ଏହା ପରିବେଶକୁ କୌଣସି କ୍ଷତି ପହଞ୍ଚାଏ ନାହିଁ। ଏଥିରେ ତିଆରି ସାମଗ୍ରୀ ମଜବୁତ ହୋଇଥିବାବେଳେ ଦୀର୍ଘଦିନ ବ୍ୟବହାର ପାଇଁ ସୁବିଧାଯୋଗ୍ୟ ହୋଇଥାଏ। ତେଣୁ ମହିଳାମାନେ ଝୋଟରୁ ଭଳିକି ଭଳି ବ୍ୟାଗ୍, ଘରସଜ୍ଜା ଉପକରଣ, ଡାଏରୀ କଭର୍, ଲାପଟପ୍ ବ୍ୟାଗ୍ ଆଦି ପ୍ରସ୍ତୁତ କରିଥାନ୍ତି। ଏହା ପ୍ଲାଷ୍ଟିକ୍‌ର ଏକ ଭଲ ବିକଳ୍ପ ଭାବେ ଜଣାଯାଏ।

**ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ଗୁରୁତ୍ୱ -**

ପାଖାପାଖି ୨୦ ଜଣ ମହିଳା ଏକ ଗୋଷ୍ଠୀ ଗଠନ କରି ଏକତ୍ର ହୋଇ ଏହିସବୁ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ମହିଳା ନିର୍ମିତ ଏହି ଜିନିଷକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି। ସେହିପରି ଏହି କାର୍ଯ୍ୟ କରି ମହିଳାମାନେ ରୋଜଗାରକ୍ଷମ ହେବା ସହ ପରିବାରର ଦାୟିତ୍ୱ ବହନ କରିଛନ୍ତି। ପରିଶ୍ରମ, ନିଷ୍ଠା ବଳରେ ମହିଳାମାନେ ସ୍ୱାବଲମ୍ବୀ ହୋଇଛନ୍ତି। ଏପରି କରି ପ୍ଲାଷ୍ଟିକ୍ ମୁକ୍ତ ଭାରତ ଗଠନ ସଂକଳ୍ପ ବଜାୟ ରଖିଛନ୍ତି।

**ଘରେ ବସି ରୋଜଗାର-**

ଗୋଷ୍ଠୀ ମହିଳାଙ୍କ କହିବାନୁଯାୟୀ ଏହି ବ୍ୟବସାୟ ଦ୍ୱାରା ସେମାନେ ଘରେ ରହି ମଧ୍ୟ ଭଲ ରୋଜଗାର କରୁଛନ୍ତି। ଦିନଯାକର କାମ ସାରିବା ପରେ ଦିନକୁ ଚାରି ପାଞ୍ଚ ଘଣ୍ଟା ମହିଳାମାନେ ଏକତ୍ର ହୋଇଥାନ୍ତି। ମେସିନ ଏବଂ ହାତ ସାହାଯ୍ୟରେ ଜିନିଷମାନ ପ୍ରସ୍ତୁତ କରିଥାନ୍ତି। ଗୋଟିଏ ଫାଇଲ୍ ପ୍ରସ୍ତୁତ କରିବା ପାଇଁ ମହିଳାଙ୍କୁ ଏକ ଘଣ୍ଟା ସମୟ ଲାଗିଥାଏ। ଏଥିପାଇଁ ଭଲ ପାରିଶ୍ରମିକ ମଧ୍ୟ ମିଳିଥାଏ। ତେବେ ଏହି ଝୋଟ ଉତ୍ପାଦ ମହିଳାଙ୍କୁ ଆର୍ଥିକ ସଶକ୍ତ କରିପାରିଛି।

## ଉଜ୍ଜ୍ୱଳ ତ୍ୱଚା ପାଇଁ ଘରୋଇ ଉପଚାର



ମହିଳାମାନେ ଉଜ୍ଜ୍ୱଳ ତ୍ୱଚା ପାଇଁ ବିଭିନ୍ନ ଉପାୟ ଆପଣାଇଥାନ୍ତି। ସେହିପରି ତ୍ୱଚାକୁ କୋମଳ ଏବଂ ନରମ ରଖିବାକୁ ଚାହୁଁଥିଲେ, ତ୍ୱଚା ଅନୁସାରେ ଘର ତିଆରି ଫେସ୍‌ପ୍ୟାକ୍ ଲଗାଇପାରିବେ। ଏହାଦ୍ୱାରା ତ୍ୱଚାରେ ଚମକ ଆସିଥାଏ।

**ନିମ୍ବ**

କେଶ ଭଳି ନିମ୍ବ ତ୍ୱଚା ପାଇଁ ମଧ୍ୟ ଗୁଣକରୀ ହୋଇଥାଏ। ଏହା ଦାଗ, ବ୍ରଣ ସମେତ ଓପନ୍ ପୋର୍ସ ସମସ୍ୟା ଦୂର କରିଥାଏ। ତେଣୁ ପୋଡ଼ାଦାଗ, ବ୍ରଣ ଥିଲେ, ନିମ୍ବ ଫେସ୍‌ପ୍ୟାକ୍ ଲଗାଇପାରିବେ। ଏଥିପାଇଁ ଏକ ପାତ୍ରରେ ବଡ଼ଚାମଚ ନିମ୍ବ ପାଉଡର୍, ଏକ ଚାମଚ ମୁଲତାନୀ ମାଟି ଏବଂ ଏକ ଚାମଚ ଦହିରେ ଗୋଲାପ ଜଳ ମିଶାଇ ମିକ୍ସ କରନ୍ତୁ। ଏହାକୁ ମୁହଁରେ ଲଗାଇ କିଛି ସମୟ ପରେ ଧୋଇ ଦିଅନ୍ତୁ। ସମ୍ବେଦନଶୀଳ ତ୍ୱଚା, ବ୍ରଣ ଥିବା ମହିଳାମାନେ ମଧ୍ୟ ଏହା ଲଗାଇପାରିବେ।

**ବେସନ –ହଳଦୀ**

କର୍ମଜୀବୀମହିଳାଙ୍କ ତ୍ୱଚା ଅଧିକ ଶୁଷ୍କ ଏବଂ ଟାନିଙ୍ଗ୍ ପଡ଼ିଯାଏ। ଏଥିପାଇଁ ବେସନ ହଳଦୀ ଖୁବ୍ ଭଲ ହୋଇଥାଏ। ଏକ ଚାମଚ ବେସନ, ଅଧା ଚାମଚ ମହୁରେ ଚୁଟ୍‌କୀ ହଳଦୀ ମିଶାଇ ଲଗାନ୍ତୁ। ଏହା ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ।

ଏସୀୟ କ୍ରୀଡ଼ା

# ଭାରତୀୟ ଦଳରେ ଅମିତ୍ ଓ ଶିଳାନନ୍ଦ




ନୂଆଦିଲ୍ଲୀ, ୨୯ ।୭ (ଏଜେନ୍ସି): ଆଗାମୀ ଏସୀୟ କ୍ରୀଡ଼ାର ହକି ପ୍ରତିଯୋଗିତା ଲାଗି ବୁଧବାର ଭାରତୀୟ ପୁରୁଷ ଦଳ ଘୋଷଣା କରାଯାଇଛି । ଷ୍ଟାର ଡିଫେଣ୍ଡର ତଥା ଡ୍ରାଗ-ଫ୍ଲିକର ହରମନପ୍ରୀତ୍ ସିଂହ ଅଧିନାୟକ ପଦ ବଜାୟ ରଖିଛନ୍ତି । ସେହିଭଳି ଘୋଷିତ ୨୦ ଜଣିଆ ଦଳରେ ଓଡ଼ିଶାରୁ ୨ଜଣ ଖେଳାଳି ସ୍ଥାନ ପାଇଛନ୍ତି । ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ ରୋହିଦାସ ଓ ଅଗ୍ରଭାଗ ଖେଳାଳି ଶିଳାନନ୍ଦ ଲାକ୍ରା । ଅମିତ ଓ ଶିଳାନନ୍ଦ ମଧ୍ୟ ନିକଟରେ ବିଶ୍ୱକପ୍ ଲାଗି ଘୋଷିତ ଭାରତୀୟ ଦଳରେ ସୁଯୋଗ ପାଇଥିଲେ । ଉଲ୍ଲେଖଯୋଗ୍ୟ, ଏସୀୟ କ୍ରୀଡ଼ାର ୨୦ତମ ସଂସ୍କରଣ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଜାପାନର ଆଇଚି-ନାଗୋୟାରେ ଅନୁଷ୍ଠିତ ହେବ । ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ପୁରୁଷ ହକି ଦଳ ଏସୀୟ କ୍ରୀଡ଼ାରେ ପୁଲ୍-ଏ'ରେ ସ୍ଥାନ ପାଇଛି । ଏହି ପୁଲ୍‌ରେ ଆୟୋଜକ ଜାପାନ, କୋରିଆ, ବାଂଲାଦେଶ, ଶ୍ରୀଲଙ୍କା ଓ ଇଣ୍ଡୋନେସିଆ ମଧ୍ୟ ରହିଛି । ଭାରତ ସେପ୍ଟେମ୍ବର ୨୦ ତାରିଖରେ ଇଣ୍ଡୋନେସିଆ ସହ ଖେଳି ଅଭିଯାନ ଆରମ୍ଭ କରିବ ।

# ଆର୍‌ସିବିର ବ୍ରାଣ୍ଡ ଭାଲ୍ୟୁ ୩୧୨ ମିଲିୟନ

ନୂଆଦିଲ୍ଲୀ, ୨୯ ।୭ (ଏଜେନ୍ସି): ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଆଇପିଏଲରେ ସବୁଠାରୁ ମୂଲ୍ୟବାନ ଫ୍ରାଞ୍ଚାଇଜ୍ ହେବାର ରେକର୍ଡ ବଜାୟ ରଖିଛି । ଯାହାର ବ୍ରାଣ୍ଡ ମୂଲ୍ୟ ୩୧୨ ମିଲିୟନ ଡଲାର (୨ ହଜାର ୯୮୭ କୋଟି ୫୭ ଲକ୍ଷ ଟଙ୍କା)ରେ ପହଞ୍ଚିଛି । ୩୦୦ ମିଲିୟନ ଡଲାର ବ୍ରାଣ୍ଡ ଭାଲ୍ୟୁ ହେବାରେ ଆରସିବି ଆଇପିଏଲ୍‌ର ପ୍ରଥମ ଦଳ ହୋଇଛି । ସେହିଭଳି ଏହି ତାଲିକାରେ ମୁମ୍ବାଇ ଇଣ୍ଡିଆନ୍ସ ୨୬୪ ମିଲିୟନ ଡଲାର ସହ ଦ୍ୱିତୀୟ, କୋଲକାତା ନାଇଟ୍ ରାଇଡର୍ସ ୨୪୫ ମିଲିୟନ ଡଲାର ସହ ୩ୟ ଓ ଚେନ୍ନଇ ସୁପର୍ କିଙ୍ଗ୍‌ସ (୨୪୪ ମିଲିଅନ ଡଲାର) ଚତୁର୍ଥ ସ୍ଥାନରେ ରହିଛି । ଅପରପକ୍ଷରେ ସଦ୍ୟ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ ଆଇପିଏଲର ବ୍ୟବସାୟିକ ମୂଲ୍ୟ ୧୧.୪ ପ୍ରତିଶତ ବୃଦ୍ଧି ପାଇଛି । ଯାହା ୨୦.୬ ବିଲିୟନ ଡଲାର (ପ୍ରାୟ ୧.୯୬ ଲକ୍ଷ କୋଟି ଟଙ୍କା) ରେ ପହଞ୍ଚିଛି ।

# ଭାରତୀୟ ଉଷୁ ଦଳରେ ଆନିକା



ଭୁବନେଶ୍ୱର, ୨୯ ।୭ (ସମିସ): ଓଡ଼ିଶାର ପ୍ରତିଭାବାନ ଉଷୁ ଖେଳାଳି ଆନିକା ପଟ୍ଟନାୟକ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି । ଜର୍ଜିଆରେ ଜୁଲାଇ ୩୦ରୁ ଆରମ୍ଭ ହେବାକୁ ଥିବା ଆଗାମୀ ବତୁମି ଓପନରେ ଆନିକା ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବେ । ସେହିଭଳି ଏହି ପ୍ରତିଯୋଗିତା ଲାଗି ଓଡ଼ିଶାର ପ୍ରଦ୍ୟୁମ୍ନ ବେହେରାଙ୍କୁ ଭାରତୀୟ ଉଷୁ ଦଳର ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଛି । ଭାରତର ୨୨ଜଣ ପୁରୁଷ ଓ ୧୯ ଜଣ ମହିଳା ପ୍ରତିଯୋଗୀ ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି । ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବା ଓ ପ୍ରଶିକ୍ଷଣ ଦେବାର ସୁଯୋଗ ପାଇଥିବାରୁ ଉଭୟ ଆନିକା ଓ ପ୍ରଦ୍ୟୁମ୍ନଙ୍କୁ ରାଜ୍ୟ ଉଷୁ ସଂଘ ପକ୍ଷରୁ ଅଭିନନ୍ଦନ ଓ ଶୁଭକାମନା ଜଣାଯାଇଛି । ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି, ରାଜ୍ୟ ଉଷୁ ସଂଘର ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ ଓ ଉପସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉଭୟଙ୍କ ସଫଳତା କାମନା କରିଛନ୍ତି ।

FOR RENT
Warehouse/Shed Available for Rent. A 9,000 sq. ft. shed built on a 20,000 sq.ft. plot is available for rent on the Panikoili National Highway. Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:
8249526803

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଫାଇନାଲରେ ତାଜିନ୍ଦର, ସମରଦୀପ୍; ସେମିରେ ଅନିମେଶ

ଗ୍ଲାସଗୋ, ୨୯ ।୭ (ଏଜେନ୍ସି)


ଅନିମେଶ କୁଜୁର

ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆଥ୍‌ଲେଟିକ୍ସରେ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି । ଦୁଇଥରର ଏସିଆନ୍ ଚାମ୍ପିଅନ ତାଜିନ୍ଦର ପାଲ୍ ସିଂହ ପୁରୁଷ ସଟ୍ ପୁଟ୍ ଫାଇନାଲରେ ପ୍ରବେଶ କରିଛନ୍ତି । ତାଜିନ୍ଦର ତାଙ୍କ ଦ୍ୱିତୀୟ ପ୍ରୟାସରେ ୨୦ ମିଟର ମାର୍କ ଅତିକ୍ରମ କରିଥିଲେ । ୨୦.୧୪ ମିଟର ସଟ୍ ପୁଟ୍ ଫିଙ୍ଗି ତାଜିନ୍ଦର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି । ଯୋଗ୍ୟତା ପର୍ଯ୍ୟାୟରେ ସେ ନ୍ୟୁଜିଲାଣ୍ଡର ଟମ୍ ୱାଲ୍ସ (୨୧.୦୩ ମିଟର)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ । ସେହିଭଳି ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ସଟ୍ ପୁଟର୍ ସମରଦୀପ୍ ଗିଲ୍ ମଧ୍ୟ ଫାଇନାଲରେ ପହଞ୍ଚିଛନ୍ତି । ସମରଦୀପ୍ ୧୯.୯୫ ମିଟର ଦୂରତା ହାସଲ କରିଥିଲେ । ତେବେ ସେ ୨୦ ମିଟର ମାର୍କ ହାସଲ କରିପାରି ନ ଥିବାରୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିପାରି ନ ଥିଲେ । ଶ୍ରେଷ୍ଠ-୧୨ରେ ରହି ସମରଦୀପ୍ ଫାଇନାଲ ଟିକଟ୍ ଅର୍ଜନ କରିଥିଲେ । ଗୁରୁବାର ରାତିରେ ଫାଇନାଲ ରାଉଣ୍ଡ ଖେଳାଯିବାର କାର୍ଯ୍ୟସୂଚୀ ରହିଛି ।

ଅପରପକ୍ଷରେ ପୁରୁଷ ୨୦୦ ମିଟର ରେସରେ ତାରକା ଧାବକ ଅନିମେଶ କୁଜୁର ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି । ବୁଧବାର ହିଟ୍-୪ରେ ଦୌଡ଼ିଥିବା ଅନିମେଶ ୨୦.୪୬ ସେକେଣ୍ଡରେ ରେସ୍ ଫିନିଶ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଓଭରଅଲ୍ ଯୋଗ୍ୟତା ପର୍ଯ୍ୟାୟରେ ସେ ୭ମ ସ୍ଥାନରେ ରହି ସେମିଫାଇନାଲରେ ପହଞ୍ଚିଛନ୍ତି । ଚଳିତ ସିଜନରେ ୨୦୦ ମିଟରରେ ଅନିମେଶଙ୍କ ଏହା ଶ୍ରେଷ୍ଠ ଟାଇମିଂ ଥିଲା । ଗୁରୁବାର ସେମିଫାଇନାଲ ଅନୁଷ୍ଠିତ ହେବ । ଅନିମେଶ ସେମିଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନଠାରୁ ବହୁ ଦୂରରେ ରହିଯାଇଥିଲେ । ଚଳିତ ବର୍ଷ ଫେଡେରେସନ କପ୍‌ରେ ଅନିମେଶ ୨୦.୩୨ ସେକେଣ୍ଡ ସହ ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ ।


ତାଜିନ୍ଦର ପାଲ୍ ସିଂହ

## ବକ୍ସିଂରେ ୫ ପଦକ ପକ୍କା

ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୭ମ ଦିବସରେ ଭାରତୀୟ ବକ୍ସରମାନେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରି ୫ଟି ପଦକ ପକ୍କା କରିଛନ୍ତି । ପୁରୁଷ ବିଭାଗରେ ସଚିନ ସିୱା, ଅଙ୍କୁଶ ପଙ୍ଘାଲ ଓ ନରେନ୍ଦର ବେରୱାଲ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ ସହ ପୋଡିୟମ ଫିନିଶ କରିବା ନିଶ୍ଚିତ ହୋଇଛି । ସେହିଭଳି ମହିଳା ବିଭାଗରେ ସାକ୍ଷୀ ଚୌଧୁରୀ ଓ ଅରୁନ୍ଧତୀ ଚୌଧରୀ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ପୁରୁଷ ୬୦ କିଗ୍ରା ବିଭାଗରେ ସଚିନ ୫-୦ରେ ବୋତ୍ସ୍ୱାନାର ମୋରେମିଙ୍କୁ, ପୁରୁଷ ୮୦ କିଗ୍ରା ବିଭାଗରେ ଅଙ୍କୁଶ ୫-୦ରେ ଆଫ୍ରିକୀୟ ରାଷ୍ଟ୍ର ସିଚେଲ୍ସର ଜାଡେ ମିକୋଙ୍କୁ ଏବଂ ନରେନ୍ଦର ୯୦ କିଗ୍ରାରୁ ଊର୍ଦ୍ଧ୍ୱ ବର୍ଗରେ ସମାଓର ମାଇକେଲ ସେକୋଙ୍କୁ କ୍ୱାର୍ଟର ଫାଇନାଲରେ ମାତ୍ ଦେଇଥିଲେ ।

## ଆଜି ଟ୍ରାକକୁ ଓହ୍ଲାଇବେ ନୀରଜ

ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରା ଗୁରୁବାର ଗ୍ଲାସଗୋରେ ଟ୍ରାକ୍‌କୁ ଓହ୍ଲାଇବେ । ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟ ଅପରାହ୍ଣ ୨ଟା ୫୫ ମିନିଟରୁ ଆରମ୍ଭ ହେବ । ଏହି ଇଭେଣ୍ଟରେ ନୀରଜଙ୍କ ସହ ଅନ୍ୟ ଦୁଇ ଭାରତୀୟ ରୋହିତ ଯାଦବ ଓ ଯଶବୀର ସିଂହ ମଧ୍ୟ ରହିଛନ୍ତି । ୨୦୧୮ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନୀରଜ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ତେବେ ୨୦୨୨ ବର୍ମିଂହାମ ସଂସ୍କରଣରେ ନୀରଜ ଅଂଶଗ୍ରହଣ କରି ନ ଥିଲେ । ନୀରଜଙ୍କ ସହ ପାକିସ୍ତାନର ଅର୍ଶଦ ନଦୀମଙ୍କ ମଧ୍ୟରେ ସ୍ୱର୍ଣ୍ଣ ପାଇଁ ଜୋରଦାର ଲଢ଼େଇ ହେବ । ସେହିଭଳି ରାତି ୧୧ଟା ୩୫ ମିନିଟରେ ଅନିମେଶଙ୍କ ୨୦୦ ମିଟର ସେମିଫାଇନାଲ ଅନୁଷ୍ଠିତ ହେବ ।



## ଗୁଲ୍‌ବୀରଙ୍କୁ ଐତିହାସିକ ରୌପ୍ୟ

ପୁରୁଷ ୧୦୦୦୦ ମିଟର ରେସରେ ଭାରତର ଗୁଲ୍‌ବୀର ସିଂ ଐତିହାସିକ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ଗତକାଲି ରାତିରେ ଅନୁଷ୍ଠିତ ଏହି ଇଭେଣ୍ଟରେ ଗୁଲ୍‌ବୀର ଶେଷ ୯୦୦ ମିଟରରେ ଅବିଶ୍ୱସନୀୟ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନରେ ଫିନିଶ କରିଥିଲେ । ଏହି ଦୂରତାକୁ ସେ ୨୭ ମିନିଟ ୪୯.୭୮ ସେକେଣ୍ଡରେ ଫିନିଶ କରିଥିଲେ । ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ପୁରୁଷ ୧୦୦୦୦ ମିଟର ରେସରେ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ପୁରୁଷ ଧାବକ ହୋଇଛନ୍ତି । ଏଥିରେ ଅଷ୍ଟ୍ରେଲିଆର କେ ରବିନସନ (୨୭ ମିନିଟ ୪୮.୦୩ ସେକେଣ୍ଡ) ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲେ ।

ଆଇସିସି ଟି-୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍

# ୯୦୦ ରେଟିଂ ପାଇବାରେ ଇଶାନ ୪ର୍ଥ ଭାରତୀୟ



ଦୁବାଇ, ୨୯ ।୭ (ଏଜେନ୍ସି): ଭାରତୀୟ ୱିକେଟ୍‌କିପର ବ୍ୟାଟର ଇଶାନ କିଶାନ ଏକ ସ୍ୱତନ୍ତ୍ର କ୍ଲବରେ ସାମିଲ ହୋଇଛନ୍ତି । ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଟି-୨୦ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ଇଶାନ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି । ତେବେ ତାଙ୍କ ରେଟିଂ ପଏଣ୍ଟ ୯୦୦ ଅତିକ୍ରମ କରି ୯୧୦ରେ ପହଞ୍ଚିଛି । ଫଳରେ ଟି-୨୦ରେ ୯୦୦ କିମ୍ବା ଏହାଠାରୁ ଅଧିକ ରେଟିଂ ହାସଲ କରିବାରେ ଇଶାନ ୪ର୍ଥ ଭାରତୀୟ ବ୍ୟାଟର୍ ହୋଇଛନ୍ତି । ତାଙ୍କ ପୂର୍ବରୁ ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ ଓ ଅଭିଷେକ ଶର୍ମା ଏହି ସ୍ୱତନ୍ତ୍ର କ୍ଲବରେ ସ୍ଥାନ ପାଇସାରିଛନ୍ତି । ଇଶାନ ଚଳିତ ବର୍ଷ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଭାରତ ପାଇଁ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ହୋଇଛନ୍ତି । ସେ ମୋଟ୍ ୨୮ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୩୬.୫୧ ହାରରେ ୯୮୬ ରନ କରିଛନ୍ତି । ଯେଉଁଥିରେ ଦୁଇଟି ଶତକ ଓ ୬ଟି ଅର୍ଦ୍ଧଶତକ ସାମିଲ ରହିଛି ।

## ୨୩୦ଟି ସ୍ଥାନ ଉଠିଲେ ସୂର୍ଯ୍ୟବଂଶୀ

ଅପରପକ୍ଷରେ ଜିମ୍ବାୱେ ବିପକ୍ଷ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ପ୍ରଥମଥର ଲାଗି ବୁଧବାର ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗରେ ସ୍ଥାନ ପାଇଛନ୍ତି । ସେ ଏକାଥରକେ ୨୩୦ଟି ପାହାଚ ଲମ୍ଫ ପ୍ରଦାନ କରି କ୍ୟାରିୟର ଶ୍ରେଷ୍ଠ ୪୮ତମ ସ୍ଥାନ ଲାଭ କରିଛନ୍ତି । ୧୫ ବର୍ଷୀୟ ସୂର୍ଯ୍ୟବଂଶୀ ଜିମ୍ବାୱେ ବିପକ୍ଷ ସିରିଜରେ ୩ଟି ମ୍ୟାଚ୍‌ରେ ମୋଟ୍ ୧୫୧ ରନ ସଂଗ୍ରହ କରି ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ ।

# ବ୍ରାଜିଲରେ ନେମାର ଯୁଗର ଅନ୍ତ



ସାଓ ପାଓଲୋ, ୨୯ ।୭ (ଏଜେନ୍ସି): ବ୍ରାଜିଲ ଫୁଟବଲରେ ନେମାର ଯୁଗର ଅନ୍ତ ଘଟିଛି । ଦୀର୍ଘ ୧୬ ବର୍ଷ ଧରି ବ୍ରାଜିଲ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଥିବା ମହାନ ଫୁଟବଲର୍ ନେମାର ତାଙ୍କ ଅବସରକୁ ନିଶ୍ଚିତ କରିଛନ୍ତି । ସଦ୍ୟ ସମାପ୍ତ ଫିଫା ବିଶ୍ୱକପରେ ବ୍ରାଜିଲ ରାଉଣ୍ଡ ଅଫ୍ ୧୬ରେ ୨-୧ ଗୋଲରେ ନରୱେ ନିକଟରୁ ହାରି ବିଦାୟ ନେଇଥିଲା । ଏହାପରେ ନେମାରଙ୍କ ଅବସରକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା ।

ଏହାର କିଛିଦିନ ପରେ ବୁଧବାର ୩୪ ବର୍ଷୀୟ ଫରୱାର୍ଡ ନେମାର କହିଥିଲେ ଯେ ତାଙ୍କର ଅନ୍ତର୍ଜାତୀୟ କ୍ୟାରିଅର ଏବେ ଶେଷ ହୋଇଯାଇଛି । ସାମ୍ବାଦିକଙ୍କ ସହ ଆଲୋଚନା ସମୟରେ ନେମାର କହିଛନ୍ତି ଯେ ଜାତୀୟ ଦଳ (ବ୍ରାଜିଲ) ସହିତ ମୋର ଯାତ୍ରା ଶେଷ ହୋଇଛି । ମୁଁ ବ୍ରାଜିଲ ପାଇଁ ଇତିହାସ ସୃଷ୍ଟି କରିଛି । ମୁଁ ବହୁତ ଖୁସି ଥିଲି ଯେ ଫୁଟବଲ ପାଇଁ ମୋର ସବୁକିଛି ଦେଇଛି । ସବୁବେଳେ ହଳଦିଆ ଜର୍ସି ପାଇଁ ଲଢ଼ିଥିଲି, କିନ୍ତୁ ମୁଁ ଆଉ ଖେଳିବାକୁ ଚାହୁଁନାହିଁ ବୋଲି ନେମାର କହିଛନ୍ତି । ଉଲ୍ଲେଖଯୋଗ୍ୟ, ନେମାରଙ୍କୁ ବ୍ରାଜିଲର ସର୍ବକାଳୀନ ଶ୍ରେଷ୍ଠ ଫୁଟବଲର୍ ଭାବେ ବିବେଚନା କରାଯାଏ । ଅଗଷ୍ଟ ୧୦ ତାରିଖ ୨୦୧୦ ମସିହାରେ ଆମେରିକା ବିପକ୍ଷରେ ଖେଳି ନେମାର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ । ୧୬ ବର୍ଷର କ୍ୟାରିୟରରେ ସେ ବ୍ରାଜିଲ ପାଇଁ ୧୩୦ଟି ମ୍ୟାଚ୍ ଖେଳି ୮୦ଟି ଗୋଲ୍ ଓ ୫୮ଟି ଆସିଷ୍ଟ କରିଛନ୍ତି । ବ୍ରାଜିଲ ପାଇଁ ସେ ସର୍ବକାଳୀନ ସର୍ବାଧିକ ଗୋଲ୍‌ସ୍କୋରର ରହିଛନ୍ତି । ୭୭ ଗୋଲ୍ ସହ କିମ୍ବଦନ୍ତୀ ଖେଳାଳି ପେଲେ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ନେମାର ତାଙ୍କ କ୍ୟାରିୟରରେ ୪ଟି ଫିଫା ବିଶ୍ୱକପ୍ ଖେଳିଥିଲେ ମଧ୍ୟ ବ୍ରାଜିଲ ଥରେ ହେଲେ ଫାଇନାଲରେ ଫାଇନାଲରେ ପ୍ରବେଶ କରିପାରି ନ ଥିଲା । ୨୦୧୬ ରିଓ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ଜିତିବା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା । କ୍ଲବ୍‌ସ୍ତରରେ, ନେମାର ବର୍ତ୍ତମାନ ବ୍ରାଜିଲ୍ ସାଣ୍ଟୋସ୍ ପାଇଁ ଖେଳୁଛନ୍ତି । ସେ କ୍ଲବ୍ ପାଇଁ ୩୮ ମ୍ୟାଚ୍‌ରେ ୧୭ ଗୋଲ୍ କରିଛନ୍ତି । ରିପୋର୍ଟ ଅନୁଯାୟୀ, ନେମାର ଏହି କ୍ଲବ୍‌ରୁ ପ୍ରତି ମାସରେ ୭ ଲକ୍ଷ ୫୦ ହଜାର ଡଲାର ପାଆନ୍ତି ।

# ପ୍ରି-କ୍ୱାର୍ଟରରେ ଓଡ଼ିଶାର ତନ୍‌ଭୀ



ଭୁବନେଶ୍ୱର, ୨୯।୭ (ସମିସ): ଟାଇଟଲ ଆଶାୟୀ ତଥା ଟପ୍ ସିଡ୍ ଓଡ଼ିଶାର ତନ୍‌ଭୀ ପତ୍ରୀ ଏଠାରେ ଚାଲିଥିବା ଜାତୀୟ ଜୁନିଅର ର‌୍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ତାଙ୍କ ସହ ମିଶ୍ରିତ ଯୁଗଳ ଯୋଡି ଦିବ୍ୟମ କେଜରିୱାଲ ଓ ସ୍ୱିଟିପ୍ରିୟା ପ୍ରଧାନ ମଧ୍ୟ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି । କିନ୍ତୁ ବାଳକ ଏକକରେ ଭାଗନେଇଥିବା ଦିବ୍ୟମ କେଜରିୱାଲ ପ୍ରଥମ ରାଉଣ୍ଡ ଜିତିବା ପରେ ଦ୍ୱିତୀୟ ରାଉଣ୍ଡରେ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି । ବାଳକ ବିଭାଗ ଏକକର ଟପ୍ ସିଡ୍ ମେନ୍ ଡ୍ର ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏଥିରେ ଉଭୟ ବାଳକ ଓ ବାଳିକା ଏକକରେ ୩୨ଜଣ ଲେଖାଏଁ, ଯୁଗଳରେ ୧୬ଟି ଲେଖାଏଁ ଯୋଡି ଓ ମିଶ୍ରିତ ଯୁଗଳରେ ୧୬ ଯୋଡା ଖେଳାଳି ଅଂଶଗ୍ରହଣ କରୁଛନ୍ତି ।

# ରାଜ୍ୟ ବରିଷ୍ଠ ଚେସ୍ ଜିତିଲେ ଫକିର



ଭୁବନେଶ୍ୱର,୨୯।୭(ସମିସ): ରାୟଗଡ଼ା ତଥା କିସ୍‌ର ଛାତ୍ର ଫକିର ମାଝୀ ଏଠାରେ ଚାଲିଥିବା ୬୬ତମ ରାଜ୍ୟ ବରିଷ୍ଠ ଫିଡ଼େ ରେଟିଂ ଚେସ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ଅଲଓଡ଼ିଶା ରାଜ୍ୟ ଚେସ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି । ୯ ରାଉଣ୍ଡ ବିଶିଷ୍ଟ ଏହି ଚାମ୍ପିଅନସିପ୍‌ରେ ଫକିର ଏକାକୀ ସର୍ବାଧିକ ୮ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ । ତାଙ୍କ ପଛକୁ ୩ଜଣ ଖେଳାଳି ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ । ସେମାନେ ହେଲେ ବାଲେଶ୍ୱରର ସିଦ୍ଧେଶ କାମିଲା, ପୁରୀର ଆୟୁଷ୍ମାନ ମହାନ୍ତି ଓ ଖୋର୍ଦ୍ଧାର ସ୍ୱପ୍ନିଲ ପ୍ରିୟଦର୍ଶୀ ଯଥାକ୍ରମେ ଦ୍ୱିତୀୟରୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ୪ଜଣ ଖେଳାଳି ଜାତୀୟ ବରିଷ୍ଠ ଚେସ୍‌ରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ । ଖେଳ ଶେଷରେ ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଇଣ୍ଡିଆନ୍ ଚାମ୍ବର ଅଫ କମର୍ସର ସଭାପତି ରାଜୀବଶେଖର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଚାମ୍ପିଅନ ଫକିରଙ୍କୁ ଟ୍ରଫି ସହ ୨୦,୦୦୦ ଟଙ୍କା, ରନର୍ସ ଅପ୍ ସିଦ୍ଧେଶଙ୍କୁ ଟ୍ରଫି ସହ ୧୫,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା ।

NANDIGHOSHA TV
RECRUITMENT
Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.
POSITION OPEN
1 COPY EDITOR
Educational Qualification: Master's Degree / P.G. Diploma in Journalism
Experience: Minimum 3 years of experience in Digital Media
Key Requirement: • Basic understanding of Digital platform.
2 MULTIMEDIA PRODUCER
Educational Qualification: Master's Degree / P.G. Diploma in Journalism
Experience: Minimum 5 years of experience in Digital Media
Key Requirements: • Experience in Video Production for social media platforms. • Basic understanding of Digital algorithm.
HOW TO APPLY
Interested candidates may send their updated resume to: hr@nandighoshatv.com by 31st July 2026
Note: Only shortlisted candidates will be contacted for the selection process.
Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS